# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୭/୨୦୨୦ (୨୦ ପୃଷ୍ଠା) | Bhubaneswar, Tuesday, March 17/2020 | ★★★★★★

୪୬ଶ ଭାଗ ୧୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-


DSPL-316

Help us to help you



# କରୋନା ଭାଇରସ୍ (COVID-19)



## ନିଜକୁ ଓ ଅନ୍ୟମାନଙ୍କୁ
## କରୋନା ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରଖନ୍ତୁ

### କରନ୍ତୁ ✓

20 SEC

ହାତ ପରିଷ୍କାର ଦେଖାଯାଉଥିଲେ
ମଧ୍ୟ ସାବୁନ୍‌ରେ ବାରମ୍ବାର
ଭଲଭାବରେ ଧୁଅନ୍ତୁ

କାଶ/ଛିଙ୍କ ସମୟରେ ମୁହଁକୁ
କହୁଣି ବା ରୁମାଲ୍/ଟିସୁ ପେପର
ଦ୍ୱାରା ଘୋଡାଇ ରଖନ୍ତୁ

ଜ୍ୱର, କାଶ କିମ୍ବା ସର୍ଦ୍ଦି
ଥିଲେ ଘରେ ଅଲଗା ରୁହନ୍ତୁ

### କରନ୍ତୁ ନାହିଁ ⊗

ସାମାଜିକ ଜନସମାଗମରେ
ଯୋଗ ଦିଅନ୍ତୁ ନାହିଁ

ଆଖି, ନାକ ଏବଂ ପାଟିକୁ
ସ୍ପର୍ଶ କରନ୍ତୁ ନାହିଁ

ସର୍ବସାଧାରଣ ସ୍ଥାନରେ
ଛେପ ପକାନ୍ତୁ ନାହିଁ

### ହାତ ଧୋଇବାର ସଠିକ୍ ଉପାୟ

୧

ହାତକୁ ପାଣିରେ ଓଦାକରି
ସାବୁନ୍‌ରେ ଭଲଭାବରେ
ଘଷି ଫେଣ କରନ୍ତୁ

୨

ଦୁଇ ହାତ ପାପୁଲି ଓ ଆଙ୍ଗୁଠି
ସନ୍ଧିକୁ ସଫା କରନ୍ତୁ

୩

ହାତ ପାପୁଲିର ପଛ ଭାଗକୁ
ଆର ହାତର ପାପୁଲିରେ
ଘଷି ସଫା କରନ୍ତୁ

୪

ଦୁଇ ହାତର ଆଙ୍ଗୁଠିକୁ
ଛନ୍ଦି ଘଷନ୍ତୁ

୫

ଦୁଇ ହାତର ବୁଢ଼ା ଆଙ୍ଗୁଠି
ଓ ସନ୍ଧିକୁ ସଫା କରନ୍ତୁ

୬

ଆଙ୍ଗୁଠି ନଖକୁ ପାପୁଲିରେ
ଘଷି ସଫା କରନ୍ତୁ


ହାତ ଧୋଇବାର ସଠିକ୍ ଉପାୟ


ଅଧିକ ସୂଚନା ପାଇଁ ସ୍ୱାସ୍ଥ୍ୟ ସହାୟତା ଫୋନ୍ ନଂ ୧୦୪ ରେ ଯୋଗାଯୋଗ କରନ୍ତୁ

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

facebook.com/HFWOdisha | http://www.health.odisha.gov.in/ | @HFWOdisha

OIPR-10003/13/0114/1920

**୪ଦିନ ପୋଲିସ ରିମାଣ୍ଡରେ ତାହିର**

ଦିଲ୍ଲୀ ଦଙ୍ଗାବେଳେ ଗୋଇନ୍ଦା ବ୍ୟୁରୋ (ଆଇବି) କର୍ମଚାରୀ ଅଙ୍କିତ୍ ଶର୍ମା ହତ୍ୟାକାଣ୍ଡ ସହ ସମ୍ପୃକ୍ତି ଅଭିଯୋଗରେ କାଉନସିଲର ତାହିର ହୁସେନଙ୍କୁ ଅଦାଲତ ୪ ଦିନ ପାଇଁ ପୋଲିସ ହାଜତକୁ ପଠାଇ ଦେଇଛନ୍ତି। ଗତମାସରେ ଉତ୍ତର-ପୂର୍ବ ଦିଲ୍ଲୀରେ ସାମ୍ପ୍ରଦାୟିକ ଦଙ୍ଗା ବେଳେ ଅଙ୍କିତ୍‌ଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ତାହିର ସମ୍ପୃକ୍ତି ଅଭିଯୋଗ ହେବା ପରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ତାଙ୍କୁ ଦଳରୁ ନିଲମ୍ବନ କରିଥିଲା।

# କମଲନାଥଙ୍କୁ କରୋନା ଆଶ୍ୱସ୍ତି

- ମଧ୍ୟପ୍ରଦେଶ ରାଜନୀତିରେ ନାଟକୀୟ ମୋଡ଼
- ୨୬ ଯାଏ ବିଧାନସଭା ମୁଲତବୀ କଲେ ବାଚସ୍ପତି
- ଆସ୍ଥାଭୋଟ ଦାବିରେ ସୁପ୍ରିମକୋର୍ଟ ଗଲା ଭାଜପା

ନୂଆଦିଲ୍ଲୀ/ଭୋପାଳ, ୧୬।୩

ମଧ୍ୟପ୍ରଦେଶ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ୨୨ କଂଗ୍ରେସ ବିଧାୟକଙ୍କ ଇସ୍ତଫା ପରେ ସଂଖ୍ୟାଲଘୁରେ ପରିଣତ ହୋଇଥିବା କମଲନାଥ ସରକାରଙ୍କୁ ସୋମବାର ଆସ୍ଥାଭୋଟର ସମ୍ମୁଖୀନ ହେବା ଲାଗି ରାଜ୍ୟପାଳ ଲାଲ୍‌ଜୀ ଟଣ୍ଡନ ନିର୍ଦ୍ଦେଶ ଦେଇଥିଲେ। ତେବେ କରୋନା ଭାଇରସ୍ ଆଳ ଦେଖାଇ ବାଚସ୍ପତି ଏନ୍.ପି. ପ୍ରଜାପତି ବିଧାନସଭାକୁ ମାର୍ଚ୍ଚ ୨୬ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି। ଫଳରେ କମଲନାଥ ସରକାରକୁ ସାମୟିକ ଆଶ୍ୱସ୍ତି ମିଳିଛି। ବାଚସ୍ପତିଙ୍କ ଏଭଳି ଏକପାଖିଆ ନିଷ୍ପତ୍ତିକୁ ଭାଜପା ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଛି।

ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ବିଧାନସଭାରେ ୧୨ ଘଣ୍ଟା ମଧ୍ୟରେ ଭୋଟଗ୍ରହଣ କରାଯିବା ଲାଗି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଶିବରାଜ୍ ସିଂ ଚୌହାନ ଦାବି କରିଛନ୍ତି। ମଙ୍ଗଳବାର ଏନେଇ ସର୍ବୋଚ୍ଚ ଅଦାଲତ ଶୁଣାଣି କରିବାର କାର୍ଯ୍ୟକ୍ରମ ରହିଛି। ତୁରନ୍ତ ଆସ୍ଥାଭୋଟ ଲାଗି ମୁଖ୍ୟମନ୍ତ୍ରୀ, ବିଧାନସଭା ବାଚସ୍ପତି ଓ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ଲାଗି ଅନୁରୋଧ କରାଯାଇଛି। ଭାଜପା ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ ବରିଷ୍ଠ ଓକିଲ ସୌରଭ ମିଶ୍ର। ବରିଷ୍ଠ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିବା ବେଳେ ତାଙ୍କ ସମର୍ଥକ ୨୨ କଂଗ୍ରେସ ବିଧାୟକ ଇସ୍ତଫା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଇସ୍ତଫାପତ୍ର ବାଚସ୍ପତି ଗ୍ରହଣ କରିସାରିଛନ୍ତି। ଫଳରେ କୁହୁକ ସଂଖ୍ୟା ୧୧୨କୁ ହ୍ରାସ ପାଇଛି। ବିଧାନସଭାରେ ଭାଜପାର ୧୦୭ ବିଧାୟକ ଥିବାବେଳେ ରାଜ୍ୟରେ ସରକାର ଗଠନ ଲାଗି ପ୍ରୟାସ ଜାରି ରଖିଛି। ଘୋଡ଼ାବେପାର ଏଡାଇବା ପାଇଁ କଂଗ୍ରେସ ତା'ର ବିଧାୟକମାନଙ୍କୁ ଜୟପୁରରେ ରଖିଥିବାବେଳେ ଭାଜପା ହରିୟାଣାର ମାନେସାରରେ ରଖିଥିଲା। ଅଧିବେଶନ ପାଇଁ ସେମାନେ ଭୋପାଳ ଫେରିଥିଲେ। ଅନ୍ୟପକ୍ଷରେ ଇସ୍ତଫା ଦେଇଥିବା ବିଦ୍ରୋହୀ ବିଧାୟକମାନେ ବେଙ୍ଗାଲୁରୁରେ ରହିଛନ୍ତି।

ବିଧାନସଭା ମୁଲତବୀ ହେବା ପରେ ଭାଜପା ଏହାର ବିଧାୟକମାନଙ୍କୁ ନେଇ ରାଜ୍ୟପାଳଙ୍କ ସମ୍ମୁଖରେ ପରେଡ କରାଇଥିଲା। କମଲନାଥ ସରକାର ନୈତିକ, ଆଇନଗତ, ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଭାବେ କ୍ଷମତାରେ ରହିବାର ଅଧିକାର ହରାଇଛି। ଜାଣିଶୁଣି ବିଧାନସଭାକୁ ବନ୍ଦକରି ଘୋଡ଼ାବେପାର ଲାଗି କ୍ଷେତ୍ର ପ୍ରସ୍ତୁତ କରାଯାଉଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ତୁରନ୍ତ ବିଧାନସଭାରେ ଆସ୍ଥାଭୋଟ କରାଯିବାର ଆବଶ୍ୟକତା ରହିଛି ବୋଲି ଆବେଦନରେ ଭାଜପା ଦର୍ଶାଇଛି। ପ୍ରକାଶଥାଉ କି, ଶନିବାର ରାତିରେ ରାଜ୍ୟପାଳ ଟଣ୍ଡନ ମୁଖ୍ୟମନ୍ତ୍ରୀ କମଲନାଥଙ୍କୁ ଚିଠିଲେଖି ସୋମବାର ଆସ୍ଥାଭୋଟର ସମ୍ମୁଖୀନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବାଚସ୍ପତି ଏହାକୁ ଅଣଦେଖା କରି ରାଜ୍ୟପାଳଙ୍କ ଅଭିଭାଷଣ ପରେ ଗୃହକୁ ମାର୍ଚ୍ଚ ୨୬ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବା ସମ୍ଭାବନା ରହିଛି।


ବିଧାନସଭା ମୁଲତବୀ ପରେ ମୁଖ୍ୟମନ୍ତ୍ରୀ କମଲନାଥ ଓ କଂଗ୍ରେସ ବିଧାୟକ ଖୁସିବ୍ୟକ୍ତ କରୁଛନ୍ତି।


ଏନ୍.ପି. ପ୍ରଜାପତି

## ଆଜି ଆସ୍ଥାଭୋଟ ଲାଗି ସାନି ନିର୍ଦ୍ଦେଶ


ଲାଲ୍‌ଜୀ ଟଣ୍ଡନ

**ଭୋପାଳ,୧୬।୩:** ମଙ୍ଗଳବାର ସୁଦ୍ଧା ବିଧାନସଭାରେ ଆସ୍ଥାଭୋଟର ସମ୍ମୁଖୀନ ହେବା ଲାଗି ରାଜ୍ୟପାଳ ଲାଲ୍‌ଜୀ ଟଣ୍ଡନ ସୋମବାର ମୁଖ୍ୟମନ୍ତ୍ରୀ କମଲନାଥଙ୍କ ପାଇଁ ସାନି ସମୟସୀମା ଧାର୍ଯ୍ୟ କରିଛନ୍ତି। ଯଦି ସରକାର ଶକ୍ତି ପରୀକ୍ଷାର ସମ୍ମୁଖୀନ ନ ହୁଅନ୍ତି ତେବେ ଏହା ଆସ୍ଥା ହରାଇଥିବା ବିବେଚନା କରାଯିବ ବୋଲି ରାଜ୍ୟପାଳ କହିଛନ୍ତି। ବାଚସ୍ପତି ଏନ୍.ପି. ପ୍ରଜାପତି କରୋନା ଭୂତାଣୁ ସଂକ୍ରମଣ ଆଳରେ ଗୃହକୁ ୧୦ ଦିନ ପାଇଁ ମୁଲତବୀ ଘୋଷଣା କରିଥିଲେ। ୨୬ରେ ରାଜ୍ୟ ସଭା ନିର୍ବାଚନ ଥିବାରୁ ସେଦିନ ଗୃହକାର୍ଯ୍ୟ ଆରମ୍ଭ କରିବାକୁ ବାଚସ୍ପତି କହିଥିଲେ। ପରେ ରାଜ୍ୟପାଳ ସାନି ସମୟସୀମା ଧାର୍ଯ୍ୟ କରିଛନ୍ତି।

## ରଞ୍ଜନ ଗୋଗୋଇ ରାଜ୍ୟ ସଭାକୁ ମନୋନୀତ

ନୂଆଦିଲ୍ଲୀ, ୧୬।୩ (ପି.ଟି.)



ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କୁ ସରକାର ରାଜ୍ୟ ସଭାକୁ ମନୋନୀତ କରିଛନ୍ତି। ଏନେଇ ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୮୦ର ଧାରା (୧)ର ଉପଧାରା (କ)ରେ ପ୍ରଦତ୍ତ କ୍ଷମତାର ପ୍ରୟୋଗ ବଳରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଜଷ୍ଟିସ୍ ଗୋଗୋଇଙ୍କୁ ରାଜ୍ୟ ସଭାକୁ ମନୋନୀତ କରିଥିବା ଏଥିରେ କୁହାଯାଇଛି। କେ.ଟି.ଏସ୍. ତୁଲସୀଙ୍କ ଅବସର ପରେ ରାଜ୍ୟ ସଭାରେ ଗୋଟିଏ ମନୋନୀତ ସଦସ୍ୟ ଆସନ ଖାଲିପଡ଼ିଥିଲା। ସୂଚନାଯୋଗ୍ୟ ଗତବର୍ଷ ନଭେମ୍ବର ୯ରେ ଗୋଗୋଇଙ୍କ ନେତୃତ୍ୱରେ ୫ ଜଣିଆ ସାମ୍ବିଧାନିକ ପୀଠ ଅଯୋଧ୍ୟା ବିବାଦ ମାମଲାରେ ଐତିହାସିକ ରାୟ ପ୍ରଦାନ କରିଥିଲେ।

## ୫୦ ଖିଲାପିଙ୍କ ତାଲିକା ମାଗିଲେ ରାହୁଲ

**ଲୋକ ସଭାରେ ଅନାଦେୟ ଋଣ ପ୍ରସଙ୍ଗ**

ନୂଆଦିଲ୍ଲୀ, ୧୬।୩

ଲୋକ ସଭାରେ ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅନାଦାୟ ଋଣ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ। ସବୁଠାରୁ ଅଧିକ ଋଣ ଖିଲାପ କରି ଜାଣିଶୁଣି ଶୁଝୁ ନ ଥିବା ୫୦ ଜଣଙ୍କ ତାଲିକା ସରକାର ଦେବା ଲାଗି ସେ ଦାବି କରିଥିଲେ। ରାହୁଲଙ୍କୁ ଅନ୍ୟ ଏକ ପ୍ରଶ୍ନ ପ୍ରଚାରିବାର ସୁଯୋଗ ନ ଦେଇ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳକୁ ଶେଷ କରିଥିବା ବେଳେ ଏହାକୁ ନେଇ ଦଳ ପକ୍ଷରୁ ହୋ ହଲ୍ଲା କରାଯିବା ପରେ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

ପ୍ରାରମ୍ଭିକ ପ୍ରଶ୍ନରେ ରାହୁଲ କହିଥିଲେ, ବ୍ୟାଙ୍କଗୁଡ଼ିକ ପାଖରେ ଲିଖିତ ଭାବେ ଅନାଦେୟ ଋଣ ତାଲିକା ଓ ଋଣ ଖିଲାପକାରୀଙ୍କ ତଥ୍ୟ ରହିଥିଲେ ସୁଦ୍ଧା ପ୍ରଶ୍ନୋତ୍ତର ବେଳେ ନିର୍ଦ୍ଦିଷ୍ଟ ଉତ୍ତର ମିଳୁନାହିଁ। ବ୍ୟାଙ୍କରୁ ଟଙ୍କା ଏକପ୍ରକାର ଚୋରି ହୋଇଯାଉଛି। ପ୍ରଧାନମନ୍ତ୍ରୀ ଋଣ ଖିଲାପକାରୀ ଓ ଆର୍ଥିକ ପଳାତକଙ୍କୁ ଛଡ଼ାଯିବ ନାହିଁ ବୋଲି କହିଆସୁଛନ୍ତି। ହେଲେ ମୋ ସାମାନ୍ୟ ପ୍ରଶ୍ନର ଉତ୍ତର ମିଳିପାରୁ ନାହିଁ ବୋଲି ରାହୁଲ କହିଥିଲେ।



ମହାରାଷ୍ଟ୍ରର କରୋଡ ସହରରେ ଟ୍ରକ୍‌ରେ ଲାଗିଥିବା ଏଲ୍‌ଇଡି ସ୍କ୍ରିନ୍ ଜରିଆରେ ଲୋକଙ୍କୁ କରୋନା ସଚେତନତା ବାର୍ତ୍ତା ଦିଆଯାଉଛି।

## ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ନ କରିବାକୁ ଟ୍ରମ୍ପଙ୍କ ଆହ୍ୱାନ

ୱାଶିଂଟନ,୧୬।୩(ପି.ଟି.)

ଆମେରିକାରେ କରୋନା ଜନିତ ମୃତ୍ୟୁସଂଖ୍ୟା ୫୦ ଟପିଥିବାବେଳେ ସେଠାରେ ତେଜରାତି ଓ ଅନ୍ୟାନ୍ୟ ସାମଗ୍ରୀ ଆଗକୁ ନ ମିଳିବା ଆଶଙ୍କାରେ ଲୋକେ ତାହାକୁ ଗଚ୍ଛିତ କରି ରଖୁଥିବା ଜଣାପଡ଼ିଛି। ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ନ କରିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଦେଶରେ ଦୈନନ୍ଦିନ ଆବଶ୍ୟକତା ପାଇଁ ସାମଗ୍ରୀର ଅଭାବ ନାହିଁ ବୋଲି ସେ କହିଛନ୍ତି। ରବିବାର ବିଭିନ୍ନ ଖବରକାଗଜ ଓ ନ୍ୟୁଜ୍ ଚ୍ୟାନେଲରେ ପ୍ରକାଶିତ ଫଟୋରେ ବିଭିନ୍ନ ତେଜରାତି ଦୋକାନରେ ସାମଗ୍ରୀ ସବୁ ଖାଲିହୋଇଯାଇଥିବା ଦେଖିବାକୁ ମିଳିଛି। ୟୁରୋପୀୟ ଦେଶ ଇଟାଲି, ସ୍ପେନ୍‌ରେ ଦୋକାନ ବଜାର ବନ୍ଦ ହୋଇଯାଇଛି। ଏହାର ପ୍ରଭାବ ଆମେରିକୀୟଙ୍କ ଉପରେ ପଡ଼ିଥିବା ଦେଖାଯାଇଛି।

## ସୀମା କଟକଣା ଜାରି କଲା ଜର୍ମାନୀ

**ବର୍ଲିନ,୧୬।୩**–କରୋନା ସଂକ୍ରମଣ ରୋକିବା ଲାଗି ଜର୍ମାନୀ ଏହାର ପଡୋଶୀ ଦେଶଗୁଡ଼ିକ ସହ ସୀମାରେ ଲୋକଙ୍କ ପ୍ରବେଶ ଉପରେ କଟକଣା ଜାରି କରିଛି। ଅଷ୍ଟ୍ରିଆ, ଡେନମାର୍କ, ଫ୍ରାନ୍ସ, ଲକ୍ସମବର୍ଗ ଓ ସ୍ୱିଜରଲାଣ୍ଡ ସହ ଥିବା ସୀମାକୁ ଜର୍ମାନୀ ବନ୍ଦ କରିଦେଇଛି।

## ଇଟାଲୀରେ ୨ ହଜାର ଟପିଲା ମୃତ୍ୟୁସଂଖ୍ୟା

ରୋମ,୧୬।୩

ଇଟାଲୀରେ କରୋନା ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ସୋମବାର ୨୧୫୮ରେ ପହଞ୍ଚିଛି। ଚାଇନା ପରେ ଦ୍ୱିତୀୟ ସ୍ଥାନରେ ଥିବା ଇଟାଲୀରେ ସଂକ୍ରମିତଙ୍କ ସଂଖ୍ୟା ୨୭,୯୮୦ ହେଲାଣି। ଦୁଇଦିନରେ ସେଠାରେ ୭୦୦ରୁ ଅଧିକ ପ୍ରାଣ ହରାଇଲେଣି। ଦେଶର ଆର୍ଥିକ ରାଜଧାନୀ କୁହାଯାଉଥିବା ଲୋମ୍ବାର୍ଡିରେ ସର୍ବାଧିକ ୧୪୨୦ ଜଣଙ୍କ ଜୀବନ ଗଲାଣି। ଏହାକୁ ନେଇ ସାରା ଦେଶରେ ଆତଙ୍କ ଖେଳିଯାଇଛି। ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରତିଷେଧକ ପଦକ୍ଷେପ ସତ୍ତ୍ୱେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି।

## ୟୁରୋପରେ ବିଗୁଡ଼ୁଛି କରୋନା ସ୍ଥିତି

ମାଡ୍ରିଡ୍, ୧୬।୩

ପ୍ରାଣଘାତୀ କରୋନା ଭାଇରସ୍ ବିଶ୍ୱବ୍ୟାପୀ ଆତଙ୍କ ଖେଳାଇ ଥିବାବେଳେ ୟୁରୋପରେ ଏହା ସର୍ବାଧିକ ପ୍ରଭାବ ବିସ୍ତାର କରିଛି। ସ୍ପେନ୍‌ରେ ଗତ ୨୪ ଘଣ୍ଟା ମଧ୍ୟରେ ଏକ ହଜାର ଲୋକ ସଂକ୍ରମିତ ହୋଇଥିବା ସୋମବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଛି। ଦେଶରେ ଏବେ ମୋଟ ୨୯୭ ଜଣ କରୋନା ସଂକ୍ରମଣରେ ପ୍ରାଣ ହରାଇଥିବା ବେଳେ ୮,୭୪୪ ସଂକ୍ରମିତ ଥିବା ଜଣାପଡ଼ିଛି।

**ସ୍ପେନ୍‌ରେ ଗଲାଣି ୨୯୭ ଜୀବନ**

ଗତ ଶନିବାର ଓ ରବିବାର ପ୍ରାୟ ୨ ହଜାର ରୋଗୀ ସଂକ୍ରମିତ ହୋଇଥିଲେ। ମାଡ୍ରିଡ୍ ସବୁଠାରୁ ଅଧିକ କରୋନା ପ୍ରଭାବିତ ଥିବା କୁହାଯାଇଛି। ଏଠାରେ ୪,୬୬୫ ବ୍ୟକ୍ତି ସଂକ୍ରମିତ ଅଛନ୍ତି। ସ୍ପେନ୍ ପକ୍ଷରୁ ଏନେଇ ଆଲର୍ଟ ଜାରି କରାଯାଇଥିବା ବେଳେ ଲୋକମାନଙ୍କୁ ଘରେ ରହିବା ଲାଗି ପରାମର୍ଶ ଦିଆଯାଇଛି।

## ଜେଲରେ ପ୍ରତିଷେଧକ ବ୍ୟବସ୍ଥା ନେଇ ରିପୋର୍ଟ ତଲବ

**ନିଜ ଆଡୁ ମାମଲା ଶୁଣାଣି ପାଇଁ ଗ୍ରହଣ କଲେ ସୁପ୍ରିମକୋର୍ଟ**

ନୂଆଦିଲ୍ଲୀ,୧୬।୩(ପି.ଟି.)



କରୋନାକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ସାରା ଦେଶରେ ଥିବା ଜେଲ୍‌ଗୁଡ଼ିକରେ ଅତ୍ୟଧିକ ବନ୍ଦୀଙ୍କୁ ନେଇ ସର୍ବୋଚ୍ଚ ଅଦାଲତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟ ନିଜଆଡୁ ଏହାକୁ ମାମଲା ଭାବେ ଗ୍ରହଣ କରି ଶୁଣାଣି ପାଇଁ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ ଏବଂ ଜଷ୍ଟିସ ଏଲ୍.ଏନ୍. ରାଓଙ୍କୁ ନେଇ ଗଠିତ ଖଣ୍ଡପୀଠ ସବୁ ରାଜ୍ୟର ଜେଲ୍ ମହାନିର୍ଦ୍ଦେଶକ ଓ ମୁଖ୍ୟ ଶାସନ ସଚିବମାନଙ୍କୁ ନୋଟିସ ଜାରି କରି କୋଭିଡ–୧୯ର ପ୍ରତିକାର ପାଇଁ କ'ଣ ପଦକ୍ଷେପ ନିଆଯାଇଛି ୨୦ ତାରିଖ ସୁଦ୍ଧା ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସହାୟତା ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକ ଜଣେ ଲେଖାଏଁ ଅଫିସର ମାର୍ଚ୍ଚ ୨୩ରେ ଡେପୁଟେଶନରେ ପଠାଇବାକୁ ଅଦାଲତ କହିଛନ୍ତି।

କରୋନା ଭୂତାଣୁ ସଂକ୍ରମଣ ପ୍ରତିକାର ପାଇଁ ଅଧିକ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ଦିଲ୍ଲୀ ହାଇକୋର୍ଟ ସୋମବାର କହିଛନ୍ତି।

## ପ୍ରଥମ କରୋନା ଟିକା ପରୀକ୍ଷା କଲା ଆମେରିକା

ୱାଶିଂଟନ,୧୬।୩

କରୋନା ମହାମାରୀ ପ୍ରତିରୋଧ ପାଇଁ ଆମେରିକା ବାହାର କରିଥିବା ଟିକା ସୋମବାର ପ୍ରଥମ ଥର ଲାଗି ମାନବ ଶରୀରରେ ପରୀକ୍ଷା କରାଯାଇଛି। ସିଟଲସ୍ଥିତ କୈସର ପର୍ମାନେଣ୍ଟ ଗବେଷଣା କେନ୍ଦ୍ରରେ ୪୫ ଜଣ ସୁସ୍ଥ ସ୍ୱେଚ୍ଛାସେବୀଙ୍କଠାରେ ଏହାକୁ ପରୀକ୍ଷା କରାଯାଇଥିବା କୁହାଯାଉଛି। ତେବେ ଏହା କିପରି କାର୍ଯ୍ୟ କରୁଛି, ତାହା ଜାଣିବା ଲାଗି ବିଶେଷଜ୍ଞମାନଙ୍କୁ କିଛିମାସ ଅପେକ୍ଷା କରିବାକୁ ପଡ଼ିବ ବୋଲି କୁହାଯାଉଛି। ସାରା ବିଶ୍ୱର ବୈଜ୍ଞାନିକମାନେ ଏହା ଉପରେ ନଜର ରଖିଛନ୍ତି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ଏହି ପରୀକ୍ଷା ପାଇଁ ପାଣ୍ଠି ଯୋଗାଇଦେଇଛି। ତେବେ ପରୀକ୍ଷିତ ପ୍ରକ୍ରିୟାରେ ଉକ୍ତ ଟିକା ପ୍ରସ୍ତୁତ ହୋଇଥିବା ଏହାର ପ୍ରସ୍ତୁତକର୍ତ୍ତା ବାୟୋଟେକ୍‌ନୋଲୋଜି କମ୍ପାନୀ ମଡର୍ନା ଥେରାପ୍ୟୁଟିକ୍ସ କହିଛି।

## ବ୍ରିଟେନ୍, ଇୟୁ, ତୁର୍କୀ ଯାତ୍ରୀଙ୍କୁ ଭାରତ ମନା

ନୂଆଦିଲ୍ଲୀ,୧୬।୩

କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସରକାର ବିଦେଶୀ ଯାତ୍ରୀଙ୍କ ଆଗମନ ଉପରେ ସୋମବାର ଅଧିକ କଟକଣା ଲଗାଇଛନ୍ତି। ମାର୍ଚ୍ଚ ୧୮ରୁ ୩୧ ପର୍ଯ୍ୟନ୍ତ ୟୁରୋପୀୟ ସଂଘ (ଇୟୁ), ବ୍ରିଟେନ୍ ଏବଂ ତୁର୍କୀର ଯାତ୍ରୀଙ୍କ ଭାରତ ଆଗମନ ଉପରେ ନିଷିଦ୍ଧାଦେଶ ଜାରି କରାଯାଇଛି। ୟୁଏଇ, କାତାର, ଓମାନ, କୁଏତ୍‌ରୁ କିମ୍ବା ଏହି ଦେଶ ଦେଇ ଆସିଥିବା ଯାତ୍ରୀଙ୍କୁ ୧୪ ଦିନ ବାଧ୍ୟତାମୂଳକ କ୍ୱାରାଣ୍ଟାଇନରେ ରହିବାକୁ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ସାନିଟାଇଜର୍‌ର ବହୁଳ ବ୍ୟବହାର କ୍ଷତିକାରକ

ନୂଆଦିଲ୍ଲୀ, ୧୬।୩

ସାରା ବିଶ୍ୱରେ କରୋନା ଭାଇରସ ବ୍ୟାପିବାରେ ଲାଗିଛି। ଏ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିବା ବେଳେ ଡାକ୍ତର ଏବଂ ବିଶେଷଜ୍ଞମାନେ ଆରମ୍ଭରୁ ସ୍ୱଚ୍ଛତା ଏବଂ ରକ୍ଷଣାବେକ୍ଷଣ ଉପରେ ପରାମର୍ଶ ଦେଉଛନ୍ତି। ସର୍ବାଧିକ ସଂକ୍ରମଣ ବିସ୍ତାର ହେବାର ଆଶଙ୍କା ହାତରେ ଥିବାରୁ ବାରମ୍ବାର ସାବୁନରେ ହାତ ଧୋଇବାକୁ ପରାମର୍ଶଦିଆଯାଉଛି। ତେବେ ସବୁସ୍ଥାନରେ ହାତ ଧୋଇବା ସମ୍ଭବ ନୁହେଁ। ବିଶେଷକରି କର୍ମକ୍ଷେତ୍ରରେ କିମ୍ବା ଯାତ୍ରା ସମୟରେ। ଏଭଳି ପରିସ୍ଥିତିରେ ଲୋକମାନେ ହ୍ୟାଣ୍ଡ ସାନିଟାଇଜର ବ୍ୟବହାର କରୁଛନ୍ତି। ମାତ୍ର ଏହାର ଅତ୍ୟଧିକ ବ୍ୟବହାର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ହ୍ୟାଣ୍ଡ ସାନିଟାଇଜରର ବ୍ୟବହାର ଆମ ହାତରୁ ଜୀବାଣୁ ସଫାକରି ପାପୁଲିରେ ଏକ ଛୋଟ ସୁଗନ୍ଧ ଛାଡ଼ିଥାଏ। ମାତ୍ର ଏହାର ଅଧିକ ବ୍ୟବହାର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ।

ହ୍ୟାଣ୍ଡ ସାନିଟାଇଜରରେ ଟ୍ରାଇକ୍ଲୋସାନ ନାମକ ଏକ ରାସାୟନିକ ପଦାର୍ଥ ଥାଏ। ଏହା ଚର୍ମକୁ ଶୁଷ୍କ କରିଥାଏ। ଏହାର ଅଧିକ ବ୍ୟବହାର ଦ୍ୱାରା ରାସାୟନିକ ପଦାର୍ଥ ରକ୍ତରେ ମିଶିଥାଏ। ପରେ ଏହା ମାଂସପେଶୀର ନିୟନ୍ତ୍ରଣକୁ କ୍ଷତି ପହଞ୍ଚାଏ। ଏଥିରେ ବେନ୍‌ଜାଲକୋନିୟମ କ୍ଲୋରାଇଡ ମଧ୍ୟ ରହିଥାଏ। ଯାହା ହାତରେ ଜୀବାଣୁକୁ ବାହାର କରିଥାଏ। ମାତ୍ର ଏହାର ଅତ୍ୟଧିକ ବ୍ୟବହାର ଚର୍ମ ପାଇଁ ଭଲ ନୁହେଁ। ଏହାର ଅଧିକ ବ୍ୟବହାର ହାତ କୁଣ୍ଡେଇ ହେବା ଭଳି ସମସ୍ୟା ସୃଷ୍ଟି କରିଥାଏ। ସୁଗନ୍ଧ ପାଇଁ ସାନିଟାଇଜରରେ ଫଥାଲେଟ୍ସ ନାମକ ଏକ ରାସାୟନିକ ପଦାର୍ଥ ବ୍ୟବହୃତ ହୁଏ। ଏହାର ଅଧିକ ବ୍ୟବହାର କ୍ଷତିକାରକ ହେବା ସହ ଅତ୍ୟଧିକ ସୁଗନ୍ଧିତ ସାନିଟାଇଜର ଯକୃତ୍, କିଡ୍‌ନୀ, ଫୁସ୍‌ଫୁସ୍ ଏବଂ ପ୍ରଜନନ ତନ୍ତ୍ର ଉପରେ ପ୍ରଭାବ ପକାଇଥାଏ। ଅନେକ କମ୍ପାନୀର ସାନିଟାଇଜରରେ ମଦର ବ୍ୟବହାର କରାଯାଇଥାଏ। ଏଭଳି ସ୍ଥିତିରେ ଛୋଟପିଲାଙ୍କ ଏହାର ବ୍ୟବହାର କ୍ଷତି କାରକ ହୋଇଥାଏ। ଏହାକୁ ବ୍ୟବହାର କରି କିଛି ଖାଇବା ଫଳରେ ଏହା ପେଟକୁ ଯାଇଥାଏ। ଯାହା ରୋଗ ପ୍ରତିରୋଧକ ଶକ୍ତି ଉପରେ ଖରାପ ପ୍ରଭାବ ପକାଇଥାଏ।



## ବିଶ୍ୱକୁ କ୍ଷତି ୩୭ ଲକ୍ଷ କୋଟି

**ମହାମାରୀ ବର୍ଷକୁ ନେଉଛି ୭.୨୦ ଲକ୍ଷ ଜୀବନ**

- ବିଶ୍ୱ ଜିଡିପିକୁ ୪.୮% ଯାଏ ଝଟକା
- ହେଲ୍‌ଥ କେୟାର ସିଷ୍ଟମ ଉପରେ ପ୍ରଭାବ
- ପର୍ଯ୍ୟଟନ, କାରବାର ଉପରେ ପ୍ରହାର

ନୂଆଦିଲ୍ଲୀ,୧୬।୩

ଚିକିତ୍ସା ବିଜ୍ଞାନର ଦ୍ରୁତ ଅଗ୍ରଗତି ସତ୍ତ୍ୱେ କରୋନା ଭଳି ରୋଗ ମହାମାରୀ ରୂପ ନେଇଥିବା ଦେଖାଯାଇଛି। ଏଭଳି ବିଭିନ୍ନ ମହାମାରୀ ଯୋଗୁ ବିଶ୍ୱ ଅର୍ଥବ୍ୟବସ୍ଥା ବୃହତ୍ କ୍ଷତି ସହୁଛି। ୟୁରୋପୀୟ ପାର୍ଲାମେଣ୍ଟର ଏକ ରିପୋର୍ଟ ମୁତାବକ ଏଭଳି ସମସ୍ୟା ଯୋଗୁ ବୌଦ୍ଧିକ ସ୍ତରରେ ସାରା ବିଶ୍ୱକୁ ବାର୍ଷିକ ୫୦୦ ବିଲିୟନ ଡଲାର ବା ପ୍ରାୟ ୩୬,୯୭,୯୫୦ କୋଟି ଟଙ୍କା କ୍ଷତି ସହିବାକୁ ପଡୁଛି। ବାର୍ଷିକ ମହାମାରୀରେ ୭.୨୦ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି ବୋଲି ବିଶ୍ୱ ବ୍ୟାଙ୍କ ରିପୋର୍ଟରେ ପ୍ରକାଶ କରିଛି।

ରିପୋର୍ଟ ମୁତାବକ, ଇବୋଲା ଭାଇରସ ଯୋଗୁ ୨୦୧୩–୧୬ ମଧ୍ୟରେ ଲାଇବେରିଆ ଭଳି ଦେଶରେ ଜିଡିପି ୮% ଖସିଯାଇଥିଲା। ଗରିବ ଏବଂ ନିମ୍ନ ମଧ୍ୟମ ଆୟକାରୀ ଦେଶଗୁଡ଼ିକ ଏହି ମହାମାରୀ ଯୋଗୁ ଗଭୀର ଭାବେ କ୍ଷତିଗ୍ରସ୍ତ ହେଲେ। ଏଥିଯୋଗୁ ଗରିବ ଏବଂ ମଧ୍ୟମ ଆୟବର୍ଗର ଦେଶଗୁଡ଼ିକର ଅର୍ଥବ୍ୟବସ୍ଥା ୧.୬% ପ୍ରଭାବିତ ହେଉଥିବା ବେଳେ ବିକଶିତ ଦେଶଗୁଡ଼ିକ ଉପରେ ୦.୩% ପ୍ରଭାବ ପରିଲକ୍ଷିତ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏବଂ ବିଶ୍ୱ ବ୍ୟାଙ୍କର ୨୦୧୯ ରିପୋର୍ଟ ମୁତାବକ ମହାମାରୀ ଯୋଗୁ ବିଶ୍ୱ ସ୍ତରରେ ଜିଡିପି ୨.୨%ରୁ ୪.୮% କ୍ଷତିଗ୍ରସ୍ତ ହେଉଛି। ଏଭଳି ସମସ୍ୟା ଯୋଗୁ ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ମୋଟ୍ ୩ ଟ୍ରିଲିୟନ ଡଲାରର କ୍ଷତି ସହିବାକୁ ପଡୁଛି ବୋଲି ଏକ ଆକଳନରେ କୁହାଯାଇଛି। ଉକ୍ତ ସମସ୍ୟା ଫଳରେ ସାହାରା ଏବଂ ଆଫ୍ରିକୀୟ ଦେଶଗୁଡ଼ିକର ଜିଡିପି ୧.୭% କ୍ଷତିଗ୍ରସ୍ତ ହୋଇଛି। ଏହି ଦେଶଗୁଡ଼ିକୁ ୨୮ ବିଲିୟନ ଡଲାର କ୍ଷତି ସହିବାକୁ ପଡ଼ିଛି। ବିଶ୍ୱ ବ୍ୟାଙ୍କର ରିପୋର୍ଟ ଅନୁସାରେ ଇବୋଲା ପୂର୍ବରୁ ଗୁଆନା, ଲାଇବେରିଆ ଭଳି ଦେଶର ଅଭିବୃଦ୍ଧି ସବୁଠାରୁ ଦ୍ରୁତ ରହିଥିଲା। ଏହି ଦେଶଗୁଡ଼ିକରେ ଇବୋଲା ଆସିବା ଯୋଗୁ ସ୍ଥିତି ବିଗାଡି ଦେଲା। ମହାମାରୀ ଯୋଗୁ ହସ୍ପିଟାଲଗୁଡ଼ିକରେ ରୋଗୀଙ୍କ ସଂଖ୍ୟା ବଢ଼ିଯାଏ। ଏଥିଲାଗି ପ୍ରଶାସନିକ ଏବଂ ପରିଚାଳନା ଖର୍ଚ୍ଚ ବଢାଇବାକୁ ପଡେ। ୨୦୧୭ରେ ଜିକା ଭାଇରସ ଯୋଗୁ ଲାଟିନ ଆମେରିକା ଏବଂ କାରିବିଆନ ଦେଶଗୁଡ଼ିକର ମେଡିକାଲ ଖର୍ଚ୍ଚ ୭ରୁ ୧୮ ବିଲିୟନ ଡଲାରକୁ ବଢ଼ିଯାଇଥିଲା। ମହାମାରୀ ଯୋଗୁ ପର୍ଯ୍ୟଟନ କ୍ଷେତ୍ର ଉପରେ ଅଧିକ ପ୍ରଭାବ ପରିଲକ୍ଷିତ ହେଉଛି। ଏହି ସମୟରେ ସପିଙ୍ଗ ମଲଗୁଡ଼ିକୁ ବନ୍ଦ କରି ଦିଆଯାଏ। କମ୍ପାନୀଗୁଡ଼ିକ ସେମାନଙ୍କ ଉତ୍ପାଦନ କମାଇଦିଅନ୍ତି। ଏହାଦ୍ୱାରା ରପ୍ତାନି ଏବଂ ଶ୍ରମଶକ୍ତି ଉପରେ ପ୍ରଭାବ ପରିଲକ୍ଷିତ ହୁଏ। ଗ୍ରାହକଙ୍କ ଖର୍ଚ୍ଚ ଉପରେ ଏହାର ପ୍ରଭାବ ମଧ୍ୟ ପଡିଥାଏ। ୨୦୦୩ର ସାର୍ସ ଭାଇରସ ଯୋଗୁ ହଂକଂ ଏବଂ ସିଙ୍ଗାପୁରରେ ଗ୍ରାହକଙ୍କ ଖର୍ଚ୍ଚ ଅତିମାତ୍ରାରେ ବଢ଼ିଯାଇଥିଲା। କରୋନା ଯୋଗୁ ଚାଇନାରେ ଏବେ ବାଣିଜ୍ୟ କାରବାର ହ୍ରାସ ପାଇଛି। ୧୯୯୭ରେ ରିଫ୍ଟ ଭେଲି ଫିଭର ଯୋଗୁ ସୋମାଲିଆର ଉତ୍ପାଦନ ଏବଂ ବାଣିଜ୍ୟ ୬୦ରୁ ୬୫% କ୍ଷତିଗ୍ରସ୍ତ ହୋଇଥିଲା।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୭/୨୦୨୦ | Bhubaneswar, Tuesday, March 17/2020 | ପୃଷ୍ଠା-୧




**ସେଲ୍‌ଫିକୁ ଅନୁଷ୍କାଙ୍କ ନାପସନ୍ଦ**

ଅଭିନେତ୍ରୀ ତଥା ଲାଜକୁଳି ଝିଅ ଅନୁଷ୍କା ସେଟ୍ଟୀ କ୍ୟାମେରା ସମ୍ମୁଖରେ ନିଜକୁ ଅସହଜ ମନେ କରିଥାନ୍ତି। ତେଣୁ ସେ ସେଲ୍‌ଫି ନେଇ ନ ଥାନ୍ତି କିମ୍ବା ସେଲ୍‌ଫି ପ୍ରତି ତାଙ୍କର କୌଣସି ଆଗ୍ରହ ମଧ୍ୟ ନ ଥାଏ।

୧୨

୧୬

**ବିଦେଶରେ ଅଟକିଛନ୍ତି ବିଶ୍ୱନାଥନ ଆନନ୍ଦ**

କରୋନା ଭାଇରସ୍ ଜନିତ କାରଣରୁ ଭାରତର ଭେଟେରାନ ଚେସ୍ ଖେଳାଳି ବିଦେଶରେ ଅଟକି ରହିଛନ୍ତି।



# ବିଦେଶ ଫେରନ୍ତାଙ୍କ ପାଇଁ ପଞ୍ଜୀକରଣ ବାଧ୍ୟ

■ ହୋମ୍ କ୍ୱାରେଣ୍ଟାଇନ୍ ପାଇଁ ୧୫ହଜାର ଟଙ୍କାର ପ୍ରୋତ୍ସାହନ

■ ଏସ୍‌ଓପି ପାଳନ ନ କଲେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ

■ ଜାରି ହେଲା ଟୋଲ ଫ୍ରି ନଂ.୧୦୪, ଅନ୍‌ଲାଇନ୍ ପୋର୍ଟାଲ୍ 'covid19.odisha.gov.in'

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

ଓଡ଼ିଶାରେ ପ୍ରଥମ କରୋନା ରୋଗୀ ଚିହ୍ନଟ ହେବା ପରେ ସାରା ରାଜ୍ୟରେ କୋକୁଆ ଭୟ ଖେଳିଯାଇଛି। ସକାଳୁ ରାତି ସବୁଠି ଦେଖିବାକୁ ମିଳୁଛି ଆଶଙ୍କା ଓ ଆତଙ୍କର ବାତାବରଣ। ଏହାକୁ ମୁକାବିଲା କରିବା ବଡ଼ ଚ୍ୟାଲେଞ୍ଜ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପକୁ ଆହୁରି ବ୍ୟାପକ କରାଯାଇଛି। ଆକ୍ରାନ୍ତ ଜଣକ ଇଟାଲୀରୁ ଆସିଥିବାରୁ ବିଦେଶ ଫେରନ୍ତାଙ୍କ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ସରକାର ଏକ ଏସ୍‌ଓପି ଜାରି କରିଛନ୍ତି। ବର୍ତ୍ତମାନଠାରୁ ବିଦେଶରୁ ଓଡ଼ିଶାକୁ ଆସିଥିବା ଓ ଆସିବାକୁ ଥିବା ଛାତ୍ର, ବୃତ୍ତିଜୀବୀ କିମ୍ବା ସାଧାରଣ ଲୋକଙ୍କ ପଞ୍ଜୀକରଣ ବାଧ୍ୟତାମୂଳକ ବୋଲି ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ କହିଛନ୍ତି।

ସୋମବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ପଞ୍ଜୀକରଣ ପାଇଁ ଏକ ଟୋଲ ଫ୍ରି ନଂ.-୧୦୪ ସହିତ ଏକ ଅନ୍‌ଲାଇନ୍ ପୋର୍ଟାଲ୍ 'covid19.odisha.gov.in'ର ବ୍ୟବସ୍ଥା କରାଯାଇଛି। ବିଦେଶରୁ ଓଡ଼ିଶାରେ ପହଞ୍ଚିବାର ୨୪ଘଣ୍ଟା ମଧ୍ୟରେ ଏହି ପଞ୍ଜୀକରଣ କରାଯିବା ଆବଶ୍ୟକ। ଏଥିରେ ସେମାନେ ସେମାନଙ୍କ ଆସିବା ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରିବେ। ନାମ, ଠିକଣା, ଇମେଲ ଆଦି ଉଲ୍ଲେଖ କରିବେ। ପହଞ୍ଚିବାର ୧୪ଦିନ ପର୍ଯ୍ୟନ୍ତ ସେମାନେ ନିଜ ଘରେ ସମ୍ପୂର୍ଣ୍ଣ ଅଲଗା ଅର୍ଥାତ୍ ହୋମ୍ କ୍ୱାରେଣ୍ଟାଇନ୍‌ରେ ରହିବେ। ତେବେ ଓଡ଼ିଶାରେ ପହଞ୍ଚିବା ପୂର୍ବରୁ ଆଗୁଆ ପଞ୍ଜୀକରଣ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବ୍ୟକ୍ତି ଓ ପରିସ୍ଥିତିକୁ ଭଲ ଭାବେ ତଦାରଖ କରିବାରେ ଏହା ସହାୟକ ହେବ। ହୋମ୍ କ୍ୱାରେଣ୍ଟାଇନ୍ ସମୟରେ ଠିକ୍ ସମୟରେ ଠିକ୍ ଭାବେ ଯାଞ୍ଚ କରାଯାଇପାରିବ। ନିର୍ଦ୍ଦିଷ୍ଟ ଫୋନ୍ କଲ୍ ଜରିଆରେ ସେମାନଙ୍କ ଉପରେ ନଜର ରଖାଯିବା ସହ ଆବଶ୍ୟକ ଡାକ୍ତରୀ ପରାମର୍ଶ ଦିଆଯିବ। ପ୍ରୋଟୋକଲ ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତି ସ୍ୱତଃପ୍ରବୃତ୍ତ ଭାବେ ନିଜ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରିବେ। ଏ ସମସ୍ତ ଗାଇଡ଼ଲାଇନ୍ ଅନୁପାଳନ କଲେ ରାଜ୍ୟ ସରକାରଙ୍କ ତରଫରୁ ୧୫ ହଜାର ଟଙ୍କାର ଅର୍ଥ ରାଶି ପ୍ରୋତ୍ସାହନ ଆକାରରେ ପ୍ରଦାନ କରାଯିବ। ସେହିପରି ଯେଉଁମାନେ ବିଦେଶରୁ ଚଳିତ ମାସ ୪ ତାରିଖ କିମ୍ବା ତା' ପରଠାରୁ ଓଡ଼ିଶାରେ ପହଞ୍ଚି ସାରିଛନ୍ତି, ସେମାନଙ୍କ ପଞ୍ଜୀକରଣ ନିମନ୍ତେ ୧୭ ତାରିଖ ସକାଳ ୬ଟାରୁ ୧୯ ସକାଳ ୬ଟା ପର୍ଯ୍ୟନ୍ତ ୪୮ ଘଣ୍ଟା ସମୟ ଧାର୍ଯ୍ୟ କରାଯାଇଛି। ☞ପୃଷ୍ଠା-୨

# ଶିକ୍ଷକଙ୍କୁ ସ୍କୁଲ ମନା, ପରୀକ୍ଷା ସ୍ଥଗିତ

■ ଘରେ ରହି ମୋବାଇଲ୍ ଫୋନ୍‌ରେ ଆଲର୍ଟ ରହିବେ ଶିକ୍ଷକ

■ ମାଟ୍ରିକ, ଦ୍ୱାଦଶ ଖାତା ଦେଖା ନିର୍ଦ୍ଧାରିତ ସମୟରେ ହେବ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

'କରୋନା'କୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୋମବାରଠାରୁ ଅଧିକ ପଦକ୍ଷେପ ଗ୍ରହଣ କରାଯାଇଛି। ଶିକ୍ଷକମାନଙ୍କୁ ଆଉ ସ୍କୁଲ୍ ନ ଆସିବାକୁ ନିର୍ଦ୍ଦେଶ ଦିଆଯିବା ସହ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ପୂର୍ବରୁ ରାଜ୍ୟର ସମସ୍ତ ସରକାରୀ, ବେସରକାରୀ ସ୍କୁଲକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ରହିଥିବା କ୍ଲାସ୍ ପରୀକ୍ଷା ଚାଲୁ ରଖିବା ସହ ଶିକ୍ଷକମାନେ ସ୍କୁଲ୍‌ରେ ଉପସ୍ଥିତ ରହିବାକୁ କୁହାଯାଇଥିଲା। ତେବେ ବର୍ତ୍ତମାନର ପରିସ୍ଥିତି ଅନୁଯାୟୀ ବିଭାଗ ସମସ୍ତ ସ୍କୁଲ୍ ଓ ପରୀକ୍ଷାକୁ ବନ୍ଦ କରିଦେଇଥିବାବେଳେ ଶିକ୍ଷକମାନେ ଘରେ ରହି ମୋବାଇଲ୍ ଫୋନ୍ ସହ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପରୀକ୍ଷାକୁ ପରବର୍ତ୍ତୀ ☞ପୃଷ୍ଠା-୨

# ଆଇସିଜେ ଗଲେ ନିର୍ଭୟା ଦୋଷୀ

**ନୂଆଦିଲ୍ଲୀ,୧୬।୩**

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ୪ ଦୋଷୀଙ୍କୁ ଶୁକ୍ରବାର ଫାଶୀ ଦିଆଯିବାକୁ ଥିବାବେଳେ ଏହାର ୪ ଦିନ ପୂର୍ବରୁ ସେମାନେ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ)ର ଦ୍ୱାରସ୍ଥ ହୋଇଛନ୍ତି। ମୃତ୍ୟୁଦଣ୍ଡାଦେଶ ଉପରେ ରହିତାଦେଶ ଜାରି ଲାଗି ଅପରାଧୀ ଅକ୍ଷୟ ସିଂ, ପବନ ଗୁପ୍ତା ଓ ବିନୟ ଶର୍ମା ଆଇସିଜେରେ ଅପିଲ୍ କରିଛନ୍ତି। ସେମାନଙ୍କ ତରଫରୁ ଆଇନଜୀବୀ ଏ.ପି. ସିଂ ଏହି ପିଟିଶନ ଦାଏର କରିଛନ୍ତି। ଅନ୍ୟତମ ଅପରାଧୀ ମୁକେଶ ସିଂଙ୍କ ପିଟିଶନ ସୋମବାର ସୁପ୍ରିମକୋର୍ଟରେ ଖାରଜ ହୋଇଯାଇଛି। ପୂର୍ବତନ ଓକିଲ ବୃନ୍ଦା ଗ୍ରୋଭର ତାଙ୍କୁ ବିଭ୍ରାନ୍ତ କରିଥିବାରୁ ☞ପୃଷ୍ଠା-୨

**ମୁକେଶଙ୍କ ପିଟିଶନ ସୁପ୍ରିମକୋର୍ଟରେ ଖାରଜ**






**ପୁଞ୍ଜି ବଜାରରେ କରୋନା ଆତଙ୍କ**

## ନିବେଶକ ହରାଇଲେ ୭ ଲକ୍ଷ କୋଟି

........୧୫........

**ଆଜିର ସମ୍ପାଦକୀୟ**

## ଯେଉଁ କଥାକୁ ସେଇ କଥା

**ଆଜିର ମନ୍ତବ୍ୟ**

"ରାଜ୍ୟ ସରକାର ସଂଖ୍ୟାଗରିଷ୍ଠ ଅଛି, ଆସ୍ଥାଭୋଟର କୌଣସି ଆବଶ୍ୟକତା ନାହିଁ।

–କମଳନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

ଗତ ୩ ବର୍ଷରେ ଦେଶର ସବୁଜ ଶକ୍ତି କ୍ଷେତ୍ରରେ ୧.୩୪ ଲକ୍ଷ କୋଟି ଟଙ୍କା ନିବେଶ ହୋଇଛି।

– ଶକ୍ତି ମନ୍ତ୍ରଣାଳୟ


Vencobb Fresh Chicken — Taste the difference!

16.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers






ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୭ ମାର୍ଚ୍ଚ, ୨୦୨୦



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଆଦିତ୍ୟ ସାହୁ
ପରିବାରବର୍ଗ


ବିଶାଲ୍
ପରିବାରବର୍ଗ


ଜଗା ବଳିଆ
ପରିବାରବର୍ଗ


ଝିଲି ସାହୁ
ପରିବାରବର୍ଗ


କୁବେର ସାହୁ
ପରିବାରବର୍ଗ


ଗୋବିନ୍ଦ ନାୟକ
ପରିବାରବର୍ଗ


ପଦ୍ମା ସାହୁ
ପରିବାରବର୍ଗ


ତ୍ରିନାଥ ସାହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜାହାଜ କ୍ୟାପ୍‌ଟେନ୍‌ଙ୍କ ଅସ୍ୱାଭାବିକ ମୃତ୍ୟୁ

**ପାରାଦୀପ ବନ୍ଦର**
- କରୋନା ଭୟରେ ସହରାଞ୍ଚଳବାସୀ ଆତଙ୍କିତ
- ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ସନ୍ଦେହ- ପିଏଚ୍‌ଓ

ପାରାଦୀପ, ୧୬।୩ (ସ୍ୱ.ପ୍ର.)

ପାରାଦୀପ ବନ୍ଦର ଆଙ୍କରେଜ ଏରିଆରେ ଥିବା ଏକ ପଣ୍ୟବାହୀ ଜାହାଜର କ୍ୟାପ୍‌ଟେନ୍ ୟୁଦିନ୍ ଭିଟାଲୀ(୪୭)ଙ୍କ ସୋମବାର ପୂର୍ବାହ୍ନ ୧୦ଟା ବେଳେ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ସେ ୟୁକ୍ରେନ୍‌ର ନାଗରିକ ବୋଲି ଜଣାପଡ଼ିଛି। ଏହି ଖବର ଜଣାପଡ଼ିବା ପରେ ପାରାଦୀପ ପୋର୍ଟ ହେଲ୍‌ଥ ଅଫିସ୍ (ପିଏଚ୍‌ଓ) ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଜାହାଜରୁ ମୃତଦେହ ଆଣି ପୋର୍ଟ ମେଡିକାଲ ଶବାଗାରରେ ରଖିଛନ୍ତି। ୟୁଏଇରୁ ଆସିଥିବା ଏହି ଜାହାଜ (ଏମ୍‌ଭି ନିୟୁ ଡେଷ୍ଟିନ୍) ପାରାଦୀପ ବନ୍ଦରରୁ ଲୁହାପଥର ନେଇ ଚାଇନା ଯିବାର ଥିଲା ବୋଲି ଡିଟିଆର୍ (ଡେଲି ଟ୍ରାଫିକ୍ ରିପୋର୍ଟ)ରୁ ଜଣାପଡ଼ିଛି। ବିଦେଶୀ ନାଗରିକଙ୍କ ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ କରୋନା ଭାଇରସ୍‌କୁ ନେଇ ବିଶ୍ୱରେ ଦେଖାଦେଇଥିବା ପରିସ୍ଥିତି ଯୋଗୁ ସ୍ଥାନୀୟ ଲୋକେ ଆତଙ୍କିତ ରହିଛନ୍ତି। ଅନ୍ୟପଟେ କରୋନା ପ୍ରସଙ୍ଗ ଆରମ୍ଭରୁ ପୋର୍ଟ କର୍ତ୍ତୃପକ୍ଷ ଦିନକୁ ୨ ଥର (ସକାଳ ୮ଟା ଓ ରାତି ୮ଟା)ଜାହାଜ ନାବିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ବାଧ୍ୟତାମୂଳକ କରିଛନ୍ତି। ସୋମବାର ସକାଳ ୮ଟାରେ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ମୃତ ବିଦେଶୀ ନାବିକଙ୍କ ଶରୀରରେ କରୋନା ଭୂତାଣୁର କୌଣସି ଲକ୍ଷଣ (ଥଣ୍ଡା, ଜ୍ୱର ବା କାଶ) ନଥିଲା। ହୃଦ୍‌ଘାତରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି ବୋଲି ପିଏଚ୍‌ଓ ପକ୍ଷରୁ କୁହାଯାଇଛି। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପ୍ରକୃତ ତଥ୍ୟ ପଦାକୁ ଆସିବ। ସୂଚନାଯୋଗ୍ୟ, ଉକ୍ତ ପଣ୍ୟବାହୀ ଜାହାଜଟି ଗତ ୭ ତାରିଖରେ ପାରାଦୀପ ବନ୍ଦର ଆଙ୍କରେଜ ଏରିଆରେ ଲାଗିଥିଲା। ସେଥିରେ ଆଉ ୨୩ ଜଣ ନାବିକ ରହିଥିବା ଜଣାଯାଇଛି।

# ଭିଡିଓ କନ୍‌ଫରେନ୍ସିଂରେ ଶୁଣାଣିକୁ ଗୁରୁତ୍ୱ

- ହାଇକୋର୍ଟଙ୍କ ପକ୍ଷରୁ ଆଡ୍‌ଭାଇଜରି ଜାରି
- କୋର୍ଟ ପରିସରରେ ଭିଡ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଉ
- ସବୁ କୋର୍ଟ କମ୍ପ୍ଲେକ୍ସରେ ଗଠନ ହେବ ସ୍ୱତନ୍ତ୍ର ଟିମ୍

କଟକ ଅଫିସ, ୧୬।୩

କରୋନା ଭୂତାଣୁକୁ ନେଇ ହାଇକୋର୍ଟ ପକ୍ଷରୁ ସୋମବାର ଏହା ଅଧୀନସ୍ଥ ତଳକୋର୍ଟଗୁଡ଼ିକ ପାଇଁ ସ୍ୱତନ୍ତ୍ର ଆଡ୍‌ଭାଇଜରି ଜାରି କରାଯାଇଛି। କେଉଁ ପଦକ୍ଷେପ ନିଆଗଲେ ଭୂତାଣୁ ବ୍ୟାପିବାକୁ ରୋକାଯାଇପାରିବ ସେ ସମ୍ପର୍କରେ ଉକ୍ତ ଆଡ୍‌ଭାଇଜରିରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦିଆଯାଇଛି। ବିଶେଷକରି ଜେଲ୍‌ରୁ ଭିଡିଓ କନ୍‌ଫରେନ୍ସି ଜରିଆରେ ବିଚାରାଧୀନ କଏଦୀ(ୟୁଟିପି)ଙ୍କ ଶୁଣାଣି ଉପରେ ଗୁରୁତ୍ୱ ଦିଆଯାଇଛି। କୋର୍ଟରେ ବିଚାରାଧୀନ କଏଦୀମାନଙ୍କ ବ୍ୟକ୍ତିଗତ ଉପସ୍ଥିତିକୁ ଏଡାଇ ଦିଆଯାଉ। ଯଥାଶୀଘ୍ର ଭିଡିଓ କନ୍‌ଫରେନ୍ସି ବ୍ୟବସ୍ଥା କରିବା ଓ ଜେଲ୍ କୋଠରିର ପରିମଳ ବ୍ୟବସ୍ଥା ଉପରେ ମଧ୍ୟ ଏହି ଆଡ୍‌ଭାଇଜରିରେ ହାଇକୋର୍ଟଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।

ଏହି ଆଡ୍‌ଭାଇଜରିରେ ମୋଟ୍ ୯ଟି ବିଷୟରେ ଉଲ୍ଲେଖ କରାଯାଇଛି। ଭୂତାଣୁ ବ୍ୟାପିବା ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ସମସ୍ତ ଜିଲା ଏବଂ ଦୌରାଜଜ୍‌ମାନେ ପାଳନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ, ଭିଡକୁ କମାଇବା ପାଇଁ କୋର୍ଟ କମ୍ପ୍ଲେକ୍ସଗୁଡ଼ିକରେ ମକଦ୍ଦମାକାରୀ ଏବଂ ସାଧାରଣ ଜନତାଙ୍କ ପ୍ରବେଶକୁ ଯଥା ସମ୍ଭବ ନିୟନ୍ତ୍ରଣ କରାଯାଉ ଓ ଏଥିରେ ସମସ୍ତ ଜିଲା ଓକିଲ ସଂଘଙ୍କ ସହଯୋଗ ପାଇଁ ଅନୁରୋଧ କରାଯାଉ, ଆବଶ୍ୟକ ସ୍ଥଳେ ମକଦ୍ଦମା ପକ୍ଷଭୁକ୍ତମାନଙ୍କ ଉପସ୍ଥିତି ଉପରେ ଗୁରୁତ୍ୱ ଦିଆଯାଉ, ଯଥା ସମ୍ଭବ ମୌଖିକ ଯୁକ୍ତି ପରିମାଣକୁ ହ୍ରାସ କରାଯାଉ, ଜରୁରୀ ବିଷୟରେ ହିଁ ମଧ୍ୟସ୍ଥତା ପ୍ରକ୍ରିୟାର ସାହାଯ୍ୟ ନିଆଯାଉ, ଥଣ୍ଡା, କାଶ କିମ୍ବା ଛିଙ୍କରେ ଆକ୍ରାନ୍ତ ହୋଇଥିବା କୋର୍ଟ କର୍ମଚାରୀମାନେ ତୁରନ୍ତ ଡାକ୍ତରୀ ପରାମର୍ଶ ନେବା, କୋର୍ଟ କାର୍ଯ୍ୟାଳୟ ଓ ରୁମ୍ ସହିତ ଏହା ପରିସରରେ ଥିବା ଚେୟାର, ଟେବୁଲ୍ ଏବଂ ଆସବାବପତ୍ରରେ କେମିକାଲ୍ ସିଞ୍ଚନ କରିବା, ପ୍ରତ୍ୟେକ ଜିଲା କୋର୍ଟ କମ୍ପ୍ଲେକ୍ସରେ ଦୈନନ୍ଦିନ ପରିସ୍ଥିତିକୁ ଅନୁଧ୍ୟାନ କରିବା ଏବଂ ପ୍ରତିକାର ପଦକ୍ଷେପ ନେବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଉ। ଏହି ଟିମ୍‌ରେ ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ, ସିଭିଲ୍ କୋର୍ଟର ରେଜିଷ୍ଟ୍ରାର୍, କୋର୍ଟ ମ୍ୟାନେଜର ଏବଂ ଦୁଇଜଣ ବରିଷ୍ଠ କର୍ମଚାରୀ ସଦସ୍ୟ ରହିବେ। ଯଦି ଆବଶ୍ୟକ ହୁଏ ଜିଲା ଜଜ୍‌ମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପରାମର୍ଶ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିପାରିବେ ବୋଲି ଆଡଭାଇଜରିରେ ଉଲ୍ଲେଖ ରହିଛି। ପରିବର୍ତ୍ତୀ ସର୍କୁଲାର୍ ଜାରି ହେବା ପର୍ଯ୍ୟନ୍ତ ଏହି ଆଡଭାଇଜରି ବଳବତ୍ତର ରହିବ ବୋଲି ହାଇକୋର୍ଟ ପକ୍ଷରୁ ଏହା ଅଧୀନ ସମସ୍ତ କୋର୍ଟକୁ ପରାମର୍ଶ ଦିଆଯାଇଛି।

# କରୋନା ଆକ୍ରାନ୍ତ ଯୁବକ ଚିକିତ୍ସିତ ହୋଇଥିବା ଘରୋଇ କ୍ଲିନିକ ବନ୍ଦ

କଟକ ରୋଡ, ୧୬।୩(ଡି.ଏନ୍.ଏ.)

ରାଜଧାନୀର ଜଣେ ଯୁବକଙ୍କ ରକ୍ତ ନମୁନାରେ କରୋନା ଭୂତାଣୁ ଥିବା ଜଣାପଡିବା ପରେ ଲୋକେ ଭୟଭୀତ ହୋଇପଡିଛନ୍ତି। ଯୁବକଜଣକ ଇଟାଲୀରୁ ଭୁବନେଶ୍ୱର ଫେରିବା ପରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଥିବା ଏକ କ୍ଲିନିକରେ ଚିକିତ୍ସିତ ହୋଇଥିବା ଜଣାପଡିବା ପରେ ଉକ୍ତ କ୍ଲିନିକକୁ ୧୪ଦିନ ପାଇଁ ବନ୍ଦ କରିଦିଆଯାଇଛି। ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ କ୍ଲିନିକରେ ପହଞ୍ଚିଥିଲେ। ଥଣ୍ଡା, କାଶ ପାଇଁ ଯୁବକ ଜଣକ ଏଠାରେ ଚିକିତ୍ସା ହୋଇଥିବା ନେଇ କ୍ଲିନିକ ଚଳାଉଥିବା ଡାକ୍ତରଙ୍କୁ ଯୁବକଙ୍କ ସମ୍ପର୍କରେ ପଚରାଉଚରା କରିଥିଲେ। କ୍ଲିନିକରେ ରୋଗୀଙ୍କ ଗହଳି ଦେଖିବା ପରେ ଟିମ ତୁରନ୍ତ କ୍ଲିନିକ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଡାକ୍ତର ଓ ସେଠାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପରାମର୍ଶ ଦେଇଥିଲେ। ଏହା ପରେ ୧୪ଦିନ ପର୍ଯ୍ୟନ୍ତ କ୍ଲିନିକ ବନ୍ଦ ରଖିବା ପାଇଁ କାନ୍ଥରେ ଲେଖିଦିଆଯାଇଥିଲା। ନିକଟରେ ଥିବା ଏକ ମେଡିଶିନ ଦୋକାନୀଙ୍କୁ ମଧ୍ୟ ପଚରାଉଚରା କରିବା ପରେ ଗହଳି କମ୍ କରିବା ପାଇଁ କୁହାଯାଇଥିବା ବ୍ୟବସାୟୀ ଆଶିଷ ପଟ୍ଟନାୟକ କହିଛନ୍ତି।

# ଭିତରକନିକା ୩୧ ଯାଏ ବନ୍ଦ

ରାଜନଗର, ୧୬।୩(ଡି.ଏନ.ଏ.)

କରୋନା ସତର୍କତାକୁ ଦୃଷ୍ଟିରେ ରଖି ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କେନ୍ଦ୍ରାପଡା ଜିଲାର ଭିତରକନିକା ଜାତୀୟ ଉଦ୍ୟାନକୁ ମଙ୍ଗଳବାର ଠାରୁ ବନ୍ଦ ରଖାଯିବ। ଏହା ୧୫ଦିନ ପାଇଁ ଅର୍ଥାତ୍ ୩୧ ତାରିଖ ଯାଏ ବନ୍ଦ ରହିବ। ଏହି ସମୟ ମଧ୍ୟରେ କୌଣସି ପର୍ଯ୍ୟଟକଙ୍କୁ ଛଡାଯିବ ନାହିଁ ବୋଲି ଭିତରକନିକା ରେଞ୍ଜ ଅଫିସର ସୁଶ୍ରୀ ସ୍ୱାତୀ ମହାନ୍ତି ସୂଚନା ଦେଇଛନ୍ତି। କୋଣାର୍କ, ନନ୍ଦନକାନନ ଦୁଇଦିନ ପୂର୍ବରୁ ବନ୍ଦ କରାଯାଇଥିଲେ ମଧ୍ୟ ଭିତରକନିକା ଖୋଲା ରହିଥିଲା।

# ବିଦେଶ ଫେରନ୍ତା ୩ ଜଣଙ୍କୁ ଠାବ କଲା ମେଡିକାଲ ଟିମ୍

ରଘୁନାଥପୁର, ୧୬।୩(ଡି.ଏନ୍.ଏ.)

ବିଦେଶ ଫେରନ୍ତା ୩ ଜଣଙ୍କୁ ସୋମବାର ମେଡିକାଲ ଟିମ ଠାବ କରିଛି। ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଉତ୍ତରକୂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରକୁ ଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଛନ୍ତି। ସୂଚନା ଅନୁଯାୟୀ, ସୁପରିଣ୍ଟେଣ୍ଡେଣ୍ଟ ସୁକାନ୍ତ ଦଳାଇଙ୍କ ନିର୍ଦ୍ଦେଶକ୍ରମେ ଡା. ସ୍ୱାଇଁ ଉତ୍ତରକୂଳସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଏହା ପରେ ସେ ଡା. ଅଯୁଷକାନ୍ତ ମହାନ୍ତି ଓ ୨ଜଣ ମେଲ ୱାର୍କରଙ୍କ ସହ ସ୍ଥାନୀୟ ଚମ୍ପା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପହଞ୍ଚିଥିଲେ। ଉକ୍ତ ବ୍ୟକ୍ତିଜଣଙ୍କ ମାର୍ଚ୍ଚ ୧୧ରେ ଦୁବାଇରୁ ଘରକୁ ଫେରିଥିଲେ। ସେହିପରି ଦୁଇପୁର ଗ୍ରାମର ଜଣେ ବ୍ୟକ୍ତି ମାର୍ଚ୍ଚ ୪ ରେ କେନିଆରୁ ଫେରିଥିଲେ। ମହମ୍ମଦପୁର ଗ୍ରାମର ଜଣେ ବ୍ୟକ୍ତି ଫେବୃୟାରୀ ୨୬ରେ ସାଉଦିଆରବରୁ ଫେରିଥିଲେ। ଏହି ୩ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରି ସଚେତନା କରାଇବା ସହ ପ୍ରଥମ ପର୍ଯ୍ୟାୟ ୧୪ଦିନ ଓ ପରେ ୧୪ଦିନ ଆଇସୋଲେଶନରେ ରହିବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ଦିନ ଏମାନଙ୍କ ସ୍ୱାସ୍ଥ୍ୟ ରିପୋର୍ଟ ନିଆଯିବ। ଯଦି ଏହି ସମୟ ମଧ୍ୟରେ କିଛି ଲକ୍ଷ୍ୟଣ ଦେଖାଯାଏ ଏମାନଙ୍କୁ ଅବଜରଭେଶନରେ ରଖାଯାଇ ଚିକିତ୍ସା ଯୋଗାଇଦିଆଯିବ ବୋଲି ଡା. ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ ଥଣ୍ଡା, କାଶ କିମ୍ବା ଜ୍ୱର ହୋଇ ନ ଥିବା ଉକ୍ତ ସମ୍ପୃକ୍ତ ବ୍ୟକ୍ତିମାନେ ପ୍ରକାଶ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଆଇସିଜେ...

ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ମୁକେଶ ପିଟିଶନ ଦାଏର କରିଥିଲେ। ଏଥିସହିତ ତାଙ୍କୁ ପୁଣିଥରେ ସମସ୍ତ ଆଇନଗତ ସହାୟତା ନେବା ଲାଗି ସୁଯୋଗ ଦେବାକୁ ସେ ଆବେଦନ କରିଥିଲେ। ମୁକେଶଙ୍କର ସମସ୍ତ ଆଇନଗତ ଉପାୟ ଶେଷ ହୋଇଛି ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ପୂର୍ବରୁ ଅପରାଧୀଙ୍କ ରିଭ୍ୟୁ ପିଟିଶନ ଓ କ୍ୟୁରେଟିଭ୍ ପିଟିଶନ ଖାରଜ ହୋଇସାରିଥିବାରୁ ବର୍ତ୍ତମାନର ଆବେଦନ ଶୁଣାଣିଯୋଗ୍ୟ ନୁହେଁ ବୋଲି ଜଷ୍ଟିସ ଅରୁଣ ମିଶ୍ର ଏବଂ ଏମ୍.ଆର୍. ଶାହାଙ୍କ ଖଣ୍ଡପୀଠ କହିବା ସହ ପିଟିଶନକୁ ଖାରଜ କରିଦେଇଛନ୍ତି। ଏଭଳି ସ୍ଥିତିରେ ଆସନ୍ତା ଶୁକ୍ରବାର ସକାଳେ ଦୋଷୀଙ୍କୁ ଫାଶୀ ଦେବା ଏକପ୍ରକାର ନିଶ୍ଚିତ ହୋଇଯାଇଥିବା ଆଇନ ବିଷାରଦମାନେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୨ ଡିସେମ୍ବର ୧୬ ତାରିଖ ରାତିରେ ଦକ୍ଷିଣ ଦିଲ୍ଲୀରେ ଏକ ଚଳନ୍ତା ବସ୍‌ରେ ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ୬ ଜଣ ଗଣବଳାତ୍କାର କରିବା ପରେ ମୁମୂର୍ଷୁ ଅବସ୍ଥାରେ ରାସ୍ତାରେ ଫିଙ୍ଗି ଦେଇଥିଲେ। ୧୫ ଦିନ ମୃତ୍ୟୁ ସହ ସଂଗ୍ରାମ କରିବା ପରେ ପୀଡ଼ିତା ସିଙ୍ଗାପୁରର ଏକ ହସ୍ପିଟାଲରେ ଆଖିବୁଜିଥିଲେ। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିବାବେଳେ ନାବାଳକ ଅଭିଯୁକ୍ତଙ୍କ ବିଚାର ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ କରାଯାଇଥିଲା। ଅନ୍ୟ ୪ ଜଣଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ମୃତ୍ୟୁଦଣ୍ଡାଦେଶ ମିଳିଥିଲା। ତେବେ ସେମାନେ ବିଭିନ୍ନ ଆଳଦେଖାଇ ଫାଶୀଦଣ୍ଡ କାର୍ଯ୍ୟକାରିତାକୁ ଘୁଞ୍ଚାଇ ଚାଲିଛନ୍ତି। ସେମାନଙ୍କର ସବୁ ଉଦ୍ୟମ ଶେଷ ହେବା ପରେ ୨୦ ତାରିଖ ସକାଳ ୫ଟା ୩୦ରେ ଫାଶୀ ଦେବା ପାଇଁ ପଟିଆଲା ହାଉସ କୋର୍ଟ ମୃତ୍ୟୁ ପରୱାନା ଜାରି କରିଥିଲେ। ଅନ୍ୟ ଉପାୟ ନ ପାଇ ଶେଷରେ ୩ ଅଭିଯୁକ୍ତ ଆଇସିଜେଙ୍କ ଦ୍ୱାରସ୍ଥ ହୋଇଛନ୍ତି।

### ଶିକ୍ଷକଙ୍କୁ....

ଆଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସେହିଭଳି ସମସ୍ତ କୋଚିଂ ସେଣ୍ଟର, ଟ୍ୟୁଟୋରିଆଲ, ପ୍ରାଇଭେଟ୍ ଟ୍ୟୁଶନ ବନ୍ଦ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶକୁ ଅବମାନନା କଲେ 'ଓଡ଼ିଶା କୋଭିଡ୍-୧୯ ରେଗୁଲେଶନ ୨୦୨୦' ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଚାଲୁଥିବା ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଜାରି ରହିବ। ସେହିପରି ଦଶମ ଓ ଦ୍ୱାଦଶ ଖାତାଦେଖା ମଧ୍ୟ ଯଥାରୀତି ଚାଲିବ ବୋଲି ସୂଚନା ଦିଆଯାଇଛି।

### ବିଦେଶ ଫେରନ୍ତା...

ବିଦେଶ ଫେରନ୍ତାଙ୍କ ପାଇଁ ମଧ୍ୟ ପରିବାର ସଦସ୍ୟ ଓ ବନ୍ଧୁ ପରିଜନ ପଞ୍ଜୀକରଣ କରିପାରିବେ। ନିର୍ଦ୍ଦେଶନାମା ଉଲ୍ଲଂଘନ କଲେ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ। ଏହି ନିର୍ଦ୍ଦେଶନାମା ଆସନ୍ତା ଏପ୍ରିଲ୍ ୧୫ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଆବଶ୍ୟକ ପଡ଼ିଲେ ସମୟସୀମାକୁ ଆହୁରି ବୃଦ୍ଧି କରାଯିବ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି।

### ୧୨୯ ଜଣଙ୍କ ସଂସ୍ପର୍ଶରେ ଆସିଛନ୍ତି କରୋନା ଚିହ୍ନଟ

ଓଡ଼ିଶାର କରୋନା ଚିହ୍ନଟ ଯୁବକ ଜଣକ ଇଟାଲିରୁ ବିମାନରେ ଆସି ଗତ ୬ ତାରିଖରେ ଦିଲ୍ଲୀରେ ପହଞ୍ଚିଥିଲେ। ସେଠାରୁ ଟ୍ରେନ୍ ଯୋଗେ ୧୨ ତାରିଖରେ ଭୁବନେଶ୍ୱରରେ ପହଞ୍ଚି ୧୩ରେ ଘରୋଇ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ୧୪ ତାରିଖରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଓ ୧୫ ତାରିଖ ବିଳମ୍ବିତ ରାତିରେ ତାଙ୍କର କରୋନା ପଜିଟିଭ୍ ଥିବା ରିପୋର୍ଟ ଆସିଥିଲା। ତେବେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ଦିଲ୍ଲୀରୁ ଭୁବନେଶ୍ୱର ପହଞ୍ଚିବା ପର୍ଯ୍ୟନ୍ତ ସେ ମୋଟ ୧୨୯ଜଣଙ୍କ ସଂସ୍ପର୍ଶରେ ଆସିଛନ୍ତି। ସେଥିମଧ୍ୟରୁ ଟ୍ରେନ୍‌ରେ ୭୬ଜଣ ଓ ଏଠାରେ ୫୩ଜଣ ରହିଛନ୍ତି। ତେବେ ୫୩ଜଣଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି। ସମ୍ପୃକ୍ତ ଯୁବକ ପ୍ରଥମେ ଯେଉଁ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ ତାହାକୁ ବର୍ତ୍ତମାନ ବନ୍ଦ କରାଯାଇଛି। ସମ୍ପୃକ୍ତ ଡାକ୍ତର ଓ ସହଯୋଗୀଙ୍କୁ ମଧ୍ୟ ହୋମ୍ କ୍ୱାରେଣ୍ଟାଇନ୍‌ରେ ରଖାଯାଇଛି ବୋଲି ରାଜ୍ୟ କରୋନା ସଚେତନତା କମିଟିର ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ତଥା ଆଇଇସି କମିଟି ମୁଖ୍ୟ ଅନୁ ଗର୍ଗ, ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଶାଳିନୀ ପଣ୍ଡିତ୍, ସୂଚନା ଓ ଲୋକ ସମ୍ପର୍କ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଡିଏମ୍‌ଇଟି ପ୍ରଫେସର ଡା. ସି.ବି.କେ. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## classifieds Everyday
0674-2580101, 2549302




SALE

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

ଭୁବନେଶ୍ୱର ସୁନ୍ଦରପଦାରେ ଆଜି ଘର କରିବା ଭଳି ପ୍ଲଟ୍ sqft. 900/- investment plot 280/-. 9938016295. D-69307

**ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035.** D-68487

New Bhubaneswar Railway Station ପାଖରେ Dhawa ମୌଜାରେ ଘରବାରି ପ୍ଲଟ୍ ମିଳୁଛି। 9583430150. D-69305

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright)7894433357, 9348232008. D-69111

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68797

**ଭୁବନେଶ୍ୱର ପାତ୍ରପଡା Amber ପଛପଟେ 30'Road ଘରବାରି ପ୍ଲଟ୍ ମିଳୁଅଛି। Direct owner. 6370292040.** D-69106

**ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି patta, boundary plot psqft. 1250/-, 750/- ବିକ୍ରିହେବ। 9439270333.** D-69108

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com




Space suitable for Godowns, Nursing Home and Educational Institute with open area 2 Acre having boundary walls & office at Old Industrial Estate, Jagatpur. Contact: 9437496020, 9437021279. D-17160




Full body herbal massage with refreshment expert therapist. 7381239385, 06742540855. D-69243

Relaxing body massage by trend lady, gents therapist. 9861193818. D-60879

Experience full body massage with us (expert). Call: 7377048581, 06742597822. D-69244

Relaxing body massage by trend lady, gents therapist. 8018656899. D-60880

Herbal full body massage by smart / expert therapist. Contact: 8338067247. D-69245

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69246

Body massage @ 1099 at mystic Unisex Salon and Spa. 9556978408. D-69248

Rejuvenate and Ayurvedic full body massage by smart therapist. 9114402304. D-69247

Ayurvedic full body massage ladies and gents. Contact- 9861064981. D-68796

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ରାଶିର ଶୁକ୍ର ହେତୁ ଆପଣ ମଧୁର ବାକ୍ୟାଳାପ ଦ୍ୱାରା ଅନ୍ୟକୁ ଆପଣାର କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ଆସିବା ବାଟକୁ ଅପେକ୍ଷା କରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ବିବାଦୀୟ ଘଟଣାରେ କୌଣସି ପକ୍ଷ ସମର୍ଥନ କରିବା ଠିକ୍ ହେବନାହିଁ। ସାହିତ୍ୟ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ**

ଚନ୍ଦ୍ର ପାପଗ୍ରହଯୁକ୍ତ ଯୋଗୁ ଛୋଟ ଛୋଟ କଥାକୁ କେନ୍ଦ୍ରକରି ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା କାରଣରୁ କଳହ ଲାଗିପାରେ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଧାର କରିବାକୁ ବାଧ୍ୟ ହୋଇପାରନ୍ତି। ଅଯଥା ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରି ସମାଲୋଚିତ ହେବାର ସୂଚନା ରହିଛି।

**ମିଥୁନ**

ଚତୁଃଗ୍ରହ ମଧ୍ୟରେ ଧନାଧିପ ଯୋଗୁ ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ରକରି କଳହ ଘଟିପାରେ। କାର୍ଯ୍ୟବ୍ୟସ୍ତତା ଭିତରେ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ କରି ରଖିବ। ଆରଦ୍ରା ନକ୍ଷତ୍ରର ସମ୍ପର୍କୀୟ ବ୍ୟକ୍ତିମାନଙ୍କ ସକାଶେ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ। ବ୍ୟବସାୟ ଓ ପରିବହନ ପାଇଁ କୌଣସି ସମସ୍ୟା ରହିବ ନାହିଁ।

**କର୍କଟ**

ବୁଧ ଦୁଃସ୍ଥାନସ୍ଥ ଯୋଗୁ ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବା ବଦଳରେ ସ୍ୱାର୍ଥହାନି ଆଶଙ୍କାରେ ଦୂରେଇଯିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, କିନ୍ତୁ ସହଜ ଓ ସୁବିଧାରେ ନୁହେଁ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। କଳା, ସାହିତ୍ୟ, ପ୍ରେସ୍ ଓ ପବ୍ଲିକେଶନ କ୍ଷେତ୍ର ଭଲ ରହିବ।

**ସିଂହ**

ପାପଗ୍ରହଯୁକ୍ତ ମଙ୍ଗଳଜନିତ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ନେଇ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହା ଅଯଥା ସମ୍ପର୍କକୁ ତିକ୍ତ କରିବ। ବ୍ୟବସାୟରେ ମନମୁତାବକ ସୁଫଳ ପାଇବେ।

**କନ୍ୟା**

ଚାରୋଟି ଗ୍ରହ କର୍ମକ୍ଷେତ୍ରକୁ ଦେଖୁଥିବାରୁ କର୍ମକ୍ଷେତ୍ରରେ ବ୍ୟସ୍ତତା ବୃଦ୍ଧି ପାଇବ। ଆର୍ଥିକ ଅଭାବ ସାଙ୍ଗକୁ ପ୍ରତ୍ୟେକ କାମ ବିଳମ୍ବରେ ସମ୍ପନ୍ନ ହେବାର ସୂଚନା ରହିଛି। ଆତ୍ମୀୟଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଟଣାଓଟରା ଲାଗିଯିବ। ସାଧାରଣ କଥାରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ତୁଳା**

ଆଜିର ଗ୍ରହ ସ୍ଥିତି କେତେକାଂଶରେ ଅନୁକୂଳ ଥିବାରୁ କାର୍ଯ୍ୟସିଦ୍ଧି ଓ ପାରିବାରିକ ସ୍ଥିରତା ଅକ୍ଷୁଣ୍ଣ ରହିବ। ଆଲୋଚନା କ୍ଷେତ୍ରରେ ଅପ୍ରିୟ ସତକଥା ପ୍ରକାଶ କରି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ବ୍ୟୟଭାର କ୍ରମଶଃ କମି କମି ଆସିବ ଏବଂ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା**

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସମାଧାନ ସହ କାର୍ଯ୍ୟସିଦ୍ଧିଜନିତ ମନ ପ୍ରଫୁଲ୍ଲ ରହିବ। ବିଶାଖା ନକ୍ଷତ୍ରର କାମର ଚାପ କ୍ରମଶଃ ବୃଦ୍ଧି ପାଇବା କାରଣରୁ କିଛିଟା ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହୋଇପାରେ। ଅନୁରାଧା ଆଜି ଯେମିତି ଛାହୁଁଛନ୍ତି କିମ୍ବା ଭାବୁଛନ୍ତି ଠିକ୍ ସେପରି ଫଳ ହାତେ ହାତେ ମିଳିଯିବ।

**ଧନୁ**

ଶନି ଧନଭାବରେ ସ୍ୱଗୃହୀ ଯୋଗୁ ଆଇନ ସହାୟତା, ଇଲେକ୍‌ଟ୍ରୋନିକ୍ସ, ବିବାଦୀୟ ପରିସ୍ଥିତିରେ ସଫଳତା ପାଇବେ। କୌଣସି କାର୍ଯ୍ୟ ସକାଶେ ଅର୍ଥର ଆବଶ୍ୟକତାକୁ ନେଇ ଦୂର ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଭ୍ରମଣ, ରାଜନୀତି, ପ୍ରଶାସନ ଓ ଆନୁଷ୍ଠାନିକ କାମ ସକାଶେ ଦିନଟି ବହୁତ ଭଲ।

**ମକର**

ପ୍ରତ୍ୟେକ କାମ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ, କିନ୍ତୁ ଘାତବାର ହେତୁ ପ୍ରତ୍ୟେକ କ୍ଷେତ୍ରରେ ସାବଧାନତା ଜରୁରୀ। ଆନୁଷ୍ଠାନିକ, ସାଂଗଠନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହୋଇଯିବ। ମାଲିମକଦ୍ଦମାରେ ସଫଳତା ହାସଲ କରିବେ ଏବଂ ଆର୍ଥିକ ସ୍ଥିତି ଭଲ ରହିବ। ଯାତ୍ରା ସମୟରେ ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କୁମ୍ଭ**

ରବିଙ୍କ ପ୍ରଭାବରେ ଯୁକ୍ତିସଂଗତ କଥାବାର୍ତ୍ତା କରି ସାମାଜିକ ସ୍ତରରେ କିମ୍ବା ପ୍ରଶାସନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଜମିଜମା କାରବାର, ସରକାରୀ ସୂତ୍ରରୁ ଅର୍ଥ, ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। କିନ୍ତୁ ବାଣିଜ୍ୟ, ବ୍ୟବସାୟ, ପରିବହନକୁ କେନ୍ଦ୍ରକରି ବାଦବିବାଦରେ ଆପୋସ ସମାଧାନ ଘଟିବ।

**ମୀନ**

ବନ୍ଧୁମାନଙ୍କ ସାହାଯ୍ୟ ଲାଭକରି ମାନସିକ ସ୍ଥିତି କ୍ରମଶଃ ସୁସ୍ଥ ହୋଇଯିବ। ଫଳରେ ଆଜି ଯାହା ଓ ଯେମିତି ଭାବୁଛନ୍ତି ଠିକ୍ ସେହିପରି ହିଁ ପାଇବେ। କିନ୍ତୁ କର୍ମକ୍ଷେତ୍ରରେ ଅପରାହ୍ନରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କ୍ରୀଡ଼ା, କଳା କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ସମସ୍ୟା ସୃଷ୍ଟିର କାରଣ ହେବ।

ଆଜି ଚୈତ୍ର କୃଷ୍ଣ ନବମୀ ମଙ୍ଗଳବାର, ମାର୍ଚ୍ଚ ୧୭ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୧୨।୩୭ମି. ଗତେ ପୂର୍ବାଷାଢ଼ା/ଧନୁ, ମକର ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୮।୨୦ମି. ଗତେ ଘ.୧୦।୪୩ମି. ମଧ୍ୟେ, ଘ.୧।୦୬ମି. ଗତେ ଘ.୨।୪୨ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦।୧୯ମି. ଗତେ ଘ.୧୧।୪୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୨।୫୪ମି. ଗତେ ଘ.୪।୨୩ମି. ମଧ୍ୟେ ରାହୁକାଳ।


LOVED IN 70 COUNTRIES
BAJAJ
THE WORLD'S FAVOURITE INDIAN
pulsar 125
ରୋମାଞ୍ଚ ର ଲାଇସେନ୍ସ
₹73 952/-*
ବଞ୍ଚାନ୍ତୁ ₹6 500/-** BS4 ପ୍ରକାରରେ
ନ୍ୟୂନ ଡାଉନ୍ ପେମେଣ୍ଟ ₹8 078/-#
5 ବର୍ଷର ୱାରେଣ୍ଟୀ##
pulsar
DEFINITELY MALE
Call: 72198 21111
www.bajajauto.com
*ଏକ୍ସ-ଶୋରୁମ୍ ମୂଲ୍ୟ, ଓଡ଼ିଶା – ପଲ୍ସର୍ 125 ଡିସ୍କ ବ୍ରେକ୍ ପ୍ରକାର । **ପ୍ରଦର୍ଶିତ ସଂଖ୍ୟା ହେଉଛି ପଲ୍ସର୍ 125 ଡିସ୍କ ବ୍ରେକ୍ ପ୍ରକାର'ର BS4 ଓ BS6 ପ୍ରକାର ମଧ୍ୟରେ ଥିବା ମୂଲ୍ୟ ପାର୍ଥକ୍ୟ । ମୂଲ୍ୟ ପାର୍ଥକ୍ୟ ଅନ୍ୟାନ୍ୟ ବଜାଜ ମଡେଲ ସକାଶେ ବି ପ୍ରଯୁଜ୍ୟ, BS4 ଷ୍ଟକ୍ ଥିବା ପର୍ଯ୍ୟନ୍ତ । ବାଛିଥିବା ମଡେଲ ଉପରେ ନିର୍ଭର କରି ମୂଲ୍ୟ ପାର୍ଥକ୍ୟ ବଦଳିପାରେ । #ଡାଉନ୍ ପେମେଣ୍ଟ ପଲ୍ସର୍ 125 ସକାଶେ ହିସାବ କରାଯାଇଛି, 31 ମାର୍ଚ୍ଚ 2020 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ନ୍ୟୂନ ଡାଉନ୍ ପେମେଣ୍ଟ ଅନ୍ୟାନ୍ୟ ବଜାଜ ମଡେଲ ସକାଶେ ବି ମିଳୁଛି । DCC ଓ ପ୍ରୋସେସିଙ୍ଗ ଫୀ ଯଥାପ୍ରଯୁଜ୍ୟ ଅତିରିକ୍ତ । କ୍ରେଡିଟ୍ ପାରାମିଟର୍ସ ଅନୁସାରେ । ##ସବୁ ବଜାଜ ବାଇକ୍ ସକାଶେ 5 ବର୍ଷର ୱାରେଣ୍ଟୀ । ଫାଇନାନ୍ସିଅର୍ ଙ୍କ ସ୍ୱ-ବିବେଚନା ଅନୁସାରେ ଫାଇନାନ୍ସ ହୋଇପାରେ । ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କୁ ସୁଧାରିବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖୁଛି । ସର୍ତ୍ତ ଓ ନିୟମାବଳୀ ଲାଗିବ ।
Authorised Dealers for Bajaj Auto Ltd.: Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Puri GRAND BAJAJ 9438421344 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Keonjhar JR BAJAJ 9439008692 / 06766254999• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. Authorised Service Centre: Balianta 9937144926, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 8917443937, Tangi 8984562569, Sakhigopal 9853942290, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhyanagar 9437079287, Parajang 9178061624, 06768261573, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Mahidharpur 7978559852/9937183086 Bidanasi 943787762222, Athgarh 9937289417, Bidharpur 7008503281, Banki 8895278126, Rambha 7381099445.


MARUTI SUZUKI ARENA
ଡ୍ରାଇଭ୍ କରିବା ସହଜ।
ପ୍ରେମ କରିବା ସହଜ।
CELERIO
ରିଭୋଲ୍ୟୁସନାରୀ ଅଟୋ ଗିୟର ସିଫ୍ଟ
ଏକ୍ସକ୍ଲୁସିଭ୍ ଡୁଆଲ ଟୋନ୍ ଇଣ୍ଟେରିୟର୍
ଡୁଆଲ ଏୟାରବ୍ୟାଗ୍ସ
ଜେନେରୋସ କ୍ୟାବିନ ସ୍ପେସ୍
ଷ୍ଟାଇଲିସ୍ ଏଲୟସ
SAVE UP TO ₹55 000*
CELERIO
To book a test drive, SMS 'CELERIO' to 53636 | CALL 1800 102 1800 | www.marutisuzuki.com/celerio | For bulk orders, mail at: Karthik.M@maruti.co.in
ODYSSEY MOTORS
ANGUL: 7752076136, 9776901481.
PALLAHARA: 7873565435, 9437831123.
SKY AUTOMOBILES
BHUBANESWAR: 9776645711.
CUTTACK: 9776677771, 7381873818.
DHENKANAL: 9776900005.
JAJPUR: 9776900777.
JYOTE MOTORS
BHUBANESWAR: LEWIS ROAD: 9776615020, 8338033883, 9776615032.
NAYAPALLI: 7381355999, 7381366999. KEONJHAR: 8599019854, 7064493469. BARIPADA: 9437102597. BHADRAK: 7381064240.
NAYAGARH: 7381028515. BALASORE: 7064499108.
NARAYANI MOTORS
BHUBANESHWAR: 7381094890/ 0674-2588474 0674-2588475, 0674-2588473.
PURI: 9583022035.
PARADEEP: 9583022034/ 06722-228044.
TUSHI MOTORS
CUTTACK: 9078076450.
*Offer includes consumer offer, exchange bonus and corporate offer (wherever applicable). Terms and conditions apply. The terms and conditions are subject to change without any prior notice. All offers are brought to you by Maruti Suzuki dealers only. Offers may vary from city to city and variant to variant for all models. Parts and accessories shown may not be a part of standard equipment. Colors shown may vary from actual body color due to printing on paper. Images used are for illustration purposes only. Offers valid till 31st March 2020.

# ଯେଉଁ କଥାକୁ ସେଇ କଥା

ଜମ୍ମୁ ଓ କଶ୍ମୀରକୁ ଦିଆଯାଇଥିବା ସ୍ୱାୟତ୍ତତାକୁ ୫ ଅଗଷ୍ଟ ୨୦୧୯ରେ କେନ୍ଦ୍ର ସରକାର ହଟାଇ ଦେଇଥିଲେ। ପରେ ଏହି ରାଜ୍ୟକୁ ଭାଗ କରାଯାଇ ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଗଢ଼ାଯାଇଥିଲା। ଏନ୍‌ଡିଏ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଇତିମଧ୍ୟରେ ୭ ମାସ ପୂରିଗଲାଣି। ଏପରି ପଦକ୍ଷେପ ନେବା ପୂର୍ବରୁ କେନ୍ଦ୍ର ସରକାର ଜମ୍ମୁ ଓ କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା, ଓମାର ଅବଦୁଲ୍ଲା ଏବଂ ପିଡିପି ମୁଖ୍ୟ ମେହବୁବା ମୁଫ୍‌ତିଙ୍କ ସମେତ ଅନେକ ନେତାଙ୍କୁ ଗୃହବନ୍ଦୀ କରିଥିଲେ। ନିକଟରେ ଫାରୁକ୍ ଅବଦୁଲ୍ଲାଙ୍କୁ ମୁକ୍ତ କରାଯାଇଛି। ଅନ୍ୟପକ୍ଷରେ ପିଡିପିର ପୂର୍ବତନ ମନ୍ତ୍ରୀ ତଥା ନୂତନ ଭାବେ ଗଢ଼ି ଉଠିଥିବା 'ଜମ୍ମୁ କଶ୍ମୀର ଅପ୍‌ନି ପାର୍ଟି' ଅଧ୍ୟକ୍ଷ ଅଲ୍‌ତାଫ୍ ବୁଖାରୀ ଏକ ୨୪ ଜଣିଆ ପ୍ରତିନିଧି ଦଳର ନେତୃତ୍ୱ ନେଇ ୧୪ ମାର୍ଚ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୧୫ ମାର୍ଚ୍ଚରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟି କଶ୍ମୀର ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଜମ୍ମୁ ଓ କଶ୍ମୀରରୁ ସ୍ୱାୟତ୍ତତା ହଟିବା ପରେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହ ବୁଖାରୀଙ୍କ କଥାବାର୍ତ୍ତାକୁ ରାଜନୈତିକ ମହଲରେ ଗୁରୁତ୍ୱ ଦିଆଯାଉଛି। କାରଣ ଜମ୍ମୁ ଓ କଶ୍ମୀରକୁ ପୁନଶ୍ଚ ରାଜ୍ୟ ମାନ୍ୟତା ଦିଆଯିବା ନେଇ ଶାହା ପ୍ରତିଶ୍ରୁତି ଦେଇଥିବା କୁହାଯାଉଛି। ଏନ୍‌ଡିଏ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯିବାରେ ଆଚମ୍ବିତ ହେବାର ନାହିଁ। ଜମ୍ମୁ ଓ କଶ୍ମୀରରୁ ସ୍ୱାୟତ୍ତତା ହଟେଇ ଦିଆଯିବା ପରେ କୁହାଯାଇଥିଲା ଯେ, ସେଠାରେ ସ୍ୱାଭାବିକତା ଫେରିଆସିଲେ କେନ୍ଦ୍ର ନିଷ୍ପତ୍ତିରେ ପରିବର୍ତ୍ତନ କରିପାରେ। କିନ୍ତୁ ସେଠାରେ କେଉଁ ଧରଣର ପରିବର୍ତ୍ତନ ଘଟିଛି, ତାହା ସ୍ପଷ୍ଟ କରାଯାଉ ନ ଥିବାରୁ କେନ୍ଦ୍ର ସରକାରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ସାଧାରଣତଃ ସମ୍ବିଧାନ ଅନୁଯାୟୀ ରାଜ୍ୟର ମାନ୍ୟତା ବିଭିନ୍ନ ଭୌଗୋଳିକ ଅଞ୍ଚଳକୁ ଦିଆଯାଇଥିବା ବେଳେ ଅନ୍ୟ କେତେକ କ୍ଷୁଦ୍ର ଅଞ୍ଚଳକୁ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ଦିଆଯାଇଛି। ଏହା କୌଣସି ନେତାଙ୍କ ନିଦ୍ରାଭଙ୍ଗ ପର ବିଳିବିଳେଇବା ଅନୁସାରେ ଘଟେ ନାହିଁ। ନିଦରେ ଶୋଇଥିବା ବେଳେ କଡ଼ ଲେଉଟାଇଲା ଭଳି ଦେଶ ଚଳାଇଲେ ତାହା ଅଧିକ ସମସ୍ୟା ସୃଷ୍ଟି କରିବ। କାରଣ ପ୍ରତ୍ୟେକ ନିଷ୍ପତ୍ତି ବଦଳାଇବାର ଅର୍ଥ ହେଉଛି ତାହା ପରବର୍ତ୍ତୀ ସମୟ ପାଇଁ ଉଦାହରଣ ଭାବେ ବ୍ୟବହୃତ ହେବାର ସୁଯୋଗ ସୃଷ୍ଟି କରୁଛି।

ଜମ୍ମୁ ଓ କଶ୍ମୀରର ସର୍ବାଙ୍ଗୀନ ଉନ୍ନତି କେନ୍ଦ୍ରର ଦାୟିତ୍ୱ ବୋଲି ସେତେବେଳେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ବାରମ୍ବାର କହିଥିବା ବିଷୟ ସମସ୍ତଙ୍କ ମନେଥିବ। ବାସ୍ତବତା ଦେଖିଲେ ଅଦ୍ୟାବଧି ଭିତ୍ତିଭୂମିର ଉନ୍ନତି ସହ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରି ନାହିଁ। ସେହିପରି ପର୍ଯ୍ୟଟନ କ୍ଷେତ୍ରରେ ପର୍ଯ୍ୟାପ୍ତ ପୁଞ୍ଜି ବିନିଯୋଗ ନେଇ ଦିଆଯାଇଥିବା ଡକରାରେ ଅନେକେ ସାମିଲ ହୋଇପାରୁ ନାହାନ୍ତି। ସ୍ୱାଭାବିକ ଅବସ୍ଥା ଫେରିପାରି ନ ଥିବାରୁ ଶିଳ୍ପପତି ଓ ବ୍ୟବସାୟୀମାନେ ସେଠାକାର ବ୍ୟବସ୍ଥାକୁ ଭରସି ପାରୁନାହାନ୍ତି। ଯଦିଓ କିଛି ମାସ ତଳେ ଇଣ୍ଟରନେଟ୍ ଓ ମୋବାଇଲ ଫୋନ୍ ସେବାକୁ ପୁନଃ ସ୍ଥାପିତ କରାଯାଇପାରିଛି, ତଥାପି ସେଠାକାର ବାସିନ୍ଦା ଭୟମୁକ୍ତ ହୋଇପାରୁନାହାନ୍ତି। ଅସଂଖ୍ୟ ଲୋକଙ୍କୁ ଗୃହବନ୍ଦୀ କରି ରଖାଯିବା ଓ ବାକ୍ ସ୍ୱାଧୀନତାକୁ ସଙ୍କୁଚିତ କରାଯିବା ନେଇ ଅଭିଯୋଗ ମଧ୍ୟ ବାରମ୍ବାର ଶୁଣିବାକୁ ମିଳୁଛି। ଜମ୍ମୁ ଓ କଶ୍ମୀରକୁ ନେଇ କେନ୍ଦ୍ର ସରକାର କରିଥିବା ପରୀକ୍ଷଣ ଅନ୍ତର୍ଜାତିକୀକରଣ ହୋଇଥିବା ବେଳେ ଅନେକ ବିଶ୍ୱମଞ୍ଚରେ ଭାରତକୁ କଠୋର ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଛି। ପୂର୍ବାପେକ୍ଷା ସୀମାନ୍ତରେ ଉତ୍ତେଜନା କମିଛି ବୋଲି ଯାହା କୁହାଯାଉଛି, ତାହାର କୌଣସି ପ୍ରମାଣ ମିଳିପାରୁ ନାହିଁ। କେନ୍ଦ୍ର ଓ ଉପତ୍ୟକାର ଅଧିବାସୀଙ୍କ ମଧ୍ୟରେ ବିଶ୍ୱାସର ସଙ୍କଟ ଦେଖାଦେଇଥିବାରୁ ଆଜି ପରିସ୍ଥିତି ସ୍ୱାଭାବିକ ହୋଇପାରୁ ନାହିଁ ବୋଲି ଅନେକେ ବୁଝିପାରୁଛନ୍ତି। କିନ୍ତୁ କେହି ପାଟି ଖୋଲିବାକୁ ଚାହୁଁନାହାନ୍ତି। କାରଣ ସେଠାରେ ନିୟୋଜିତ ପର୍ଯ୍ୟାପ୍ତ ସେନା ସେମାନଙ୍କ ପାଇଁ ଭୟ ସୃଷ୍ଟି କରିଚାଲିଛି। ସେଥିପାଇଁ ଜମ୍ମୁ ଓ କଶ୍ମୀରରୁ ଭାରତୀୟ ସେନା ହଟିଯାଉ ବୋଲି ଯୁବବର୍ଗ ଚାହୁଁଥିବା କେତେକ ସର୍ଭେରୁ ଜଣାପଡ଼ିଛି।

ଏଭଳି ସ୍ଥଳେ କେନ୍ଦ୍ର ସରକାର ଜମ୍ମୁ ଓ କଶ୍ମୀରରେ ଅଟକ ରହିଥିବା ନେତାମାନଙ୍କୁ ମୁକ୍ତ କରିଦେଇ ଏକ ଶାନ୍ତି ଆଲୋଚନାକୁ ଆସିବା ଦରକାର। ଶତ ଚେଷ୍ଟା ସତ୍ତ୍ୱେ ଯେହେତୁ ଉକ୍ତ ଅଞ୍ଚଳକୁ କେନ୍ଦ୍ର ନିୟନ୍ତ୍ରଣ ମଧ୍ୟକୁ ଆଣିପାରି ନାହିଁ, ତେଣୁ ଜନସାଧାରଣଙ୍କ ମତକୁ ପ୍ରାଧାନ୍ୟ ଦିଆଯିବା ଦରକାର। କିନ୍ତୁ ଯେଉଁ ବେଗରେ ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି କଶ୍ମୀର ଉପରେ ଚଢ଼ାଉ କରାଯାଇଥିଲା ଏବଂ ସେଥିରୁ ରାଜନୈତିକ ମଲେଇ ଖାଇବାର ଉଦ୍ୟମ କରାଗଲା, ତାହା ଯୋଗୁ ଏବେକାର ପଟ ପରିବର୍ତ୍ତନ ସେହି ରାଜ୍ୟବାସୀଙ୍କ ନିକଟରେ ଏକ ଭାରତ ବିରୋଧୀ ଚିନ୍ତାଧାରା ଛିଡ଼ା କରାଇଥାଇପାରେ। ପୂର୍ବରୁ ଏଭଳି ଦମନ ଯୋଗୁ କଶ୍ମୀରବାସୀ ଭାରତ ବିରୋଧୀ ପାଲଟିଥିଲେ। ୨୦୧୯ ଅଗଷ୍ଟଠାରୁ ସେହି ଚଢ଼ାଉର ମାତ୍ରା ବୃଦ୍ଧି ପାଇଥିଲା। ସେଥିପାଇଁ ବିରୋଧ ମଧ୍ୟ ଅନୁରୂପ ବଢ଼ିଥିବ ବୋଲି ଆଶଙ୍କା କରାଯାଇପାରେ। ପରିସ୍ଥିତି ଅସମ୍ଭାଳ ହେଉଥିବା ବେଳେ ଖବରକୁ ଦମନ କରାଯାଇପାରେ, କିନ୍ତୁ ସାଧାରଣ ନାଗରିକଙ୍କୁ ଅତ୍ୟଧିକ ଲମ୍ବା ସମୟ ମୌନ ରଖାଯିବା ଆଧୁନିକ ଯୁଗରେ କଷ୍ଟକର। ବ୍ରିଟେନ୍‌ର ସାଂସଦଙ୍କୁ ପ୍ରବେଶ ନିଷେଧ କରିବା ସହଜ ହୋଇପାରେ, କିନ୍ତୁ ମାନସିକ ଘୃଣାଭାବକୁ ପ୍ରବେଶରୁ ନିଷିଦ୍ଧ କରିବା ଅସମ୍ଭବ। ଆଗାମୀ ଦିନରେ କଶ୍ମୀର ସମସ୍ୟା ବୃଦ୍ଧି ପାଇବାର ସବୁ ସଂକେତ ମିଳୁଛି। ଯଦି ତାହା ହୁଏ, ତେବେ ଭାରତ ପାଇଁ ସାମରିକ ଖର୍ଚ୍ଚ ବହୁ ମାତ୍ରାରେ ବଢ଼ିଯିବ। ଶେଷରେ ଯେଉଁ କଥାକୁ ସେଇ କଥା।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ମାର୍ଚ୍ଚ ୧୯୯୫

- ନେପାଳ ଏବଂ ଭାରତ ମଧ୍ୟରେ ଜଳବଣ୍ଟନ ସମସ୍ୟାର ସମାଧାନ ଲାଗି ଏଠାରେ ଚାଲିଥିବା ଦ୍ୱିପାକ୍ଷିକ ବୈଠକ ବିଫଳ ହୋଇଯାଇଛି।
- ବିଶିଷ୍ଟ ଆଇନଜୀବୀ ଇନ୍ଦ୍ରଜିତ ରାୟ ଓଡ଼ିଶାର ନୂତନ ଆଡଭୋକେଟ ଜେନେରାଲ ନିଯୁକ୍ତ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | | 5 | 3 | | | A | C | | | | 4 | 0 | |
| | | | 8 | A | 2 | | | | | | 4 | 7 | | |
| | | | | | | 9 | | 1 | | | | | 2 | D |
| | 8 | 0 | D | | 4 | | | | | | | | | |
| | | | | | | | | E | | 2 | B | 6 | 1 | 3 |
| | 6 | 4 | 7 | | | 2 | | | | | | | 3 | |
| | | A | | 9 | | | | 7 | C | | | B | | |
| | D | 1 | C | | | B | | 5 | 9 | | | 2 | | 0 |
| | | 7 | | | | | 9 | | 2 | | 5 | E | | |
| | B | | | 0 | A | 6 | 4 | 3 | 8 | | | | | 1 |
| | 2 | 8 | | 5 | | | 6 | A | 1 | E | | C | | |
| | | | 4 | E | C | | D | 2 | | | | 0 | | |
| B | | | 0 | | | | | | | | 6 | | | E |
| | 5 | | | | | 0 | | 9 | 7 | C | | | | |
| 3 | | 6 | | 7 | | | | | | | D | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | D | 5 | 4 | 9 | 7 | C | 2 | 1 | A | 0 | 8 | E | B | 3 |
| 8 | E | A | 3 | C | 5 | 9 | D | 4 | 7 | 2 | B | 1 | 6 | 0 |
| B | 1 | C | 6 | 0 | E | 8 | A | 3 | D | 9 | 5 | 7 | 2 | 4 |
| 9 | 7 | 0 | 8 | 2 | 1 | B | 5 | E | 6 | 3 | 4 | A | D | C |
| 4 | 2 | 3 | D | A | B | 0 | 7 | 6 | C | E | 1 | 8 | 9 | 5 |
| A | 8 | 7 | B | 6 | D | 2 | E | 9 | 4 | 5 | C | 3 | 0 | 1 |
| D | B | 9 | E | 5 | 3 | 1 | 8 | C | 2 | 6 | 0 | 4 | 7 | A |
| 2 | 4 | 6 | 9 | 1 | 0 | 3 | B | 5 | E | 7 | A | C | 8 | D |
| 3 | 0 | E | C | 8 | 4 | 7 | 6 | A | B | 1 | D | 9 | 5 | 2 |
| C | 5 | 1 | A | 7 | 2 | 4 | 0 | D | 9 | 8 | 3 | 6 | E | B |
| E | A | B | 7 | 4 | 6 | 5 | C | 2 | 1 | D | 9 | 0 | 3 | 8 |
| 1 | 3 | 8 | 2 | D | C | E | 4 | 7 | 0 | B | 6 | 5 | A | 9 |
| 0 | 6 | 4 | 5 | E | A | D | 9 | 8 | 3 | C | 2 | B | 1 | 7 |
| 7 | 9 | D | 1 | B | 8 | A | 3 | 0 | 5 | 4 | E | 2 | C | 6 |
| 5 | C | 2 | 0 | 3 | 9 | 6 | 1 | B | 8 | A | 7 | D | 4 | E |

ଗତକାଲିର ଉତ୍ତର

# ନାଗରିକତା ବନାମ ମାନବିକତା



ବୈକୁଣ୍ଠନାଥ ମିଶ୍ର

ନାଗରିକତ୍ୱ ସଂଶୋଧନ ଆଇନ ପ୍ରଣୀତ ହେବା ଦିନଠାରୁ ଅନେକ ଆଲୋଚନା, ପର୍ଯ୍ୟାଲୋଚନା, ତର୍କ, ବିତର୍କ, ସପକ୍ଷ ଓ ବିପକ୍ଷବାଦୀଙ୍କ ଆନ୍ଦୋଳନ ଭାରତର ରାଜନୈତିକ ଆକାଶକୁ ଧୂମାଚ୍ଛନ୍ନ କରି ରଖିଛି। ଏହି ଆନ୍ଦୋଳନକୁ ଦେଖି ମନେହୁଏ ଏହା ଅଧିକ ରାଜନୈତିକ ଓ କମ୍ ସାମାଜିକ। ଯଦି ଉକ୍ତ ଆଇନ ଦ୍ୱାରା ମାନବିକତାର ହନନ ହେଉଥାଏ ତେବେ ଏହା ବିରୋଧରେ ଅହିଂସାତ୍ମକ ପ୍ରତିବାଦ ସ୍ୱାଗତଯୋଗ୍ୟ। କିନ୍ତୁ କେବଳ ରାଜନୀତି ପାଇଁ ଉଦ୍ଦିଷ୍ଟ ହୋଇଥିଲେ ଏହା ଆଦୌ ଶୁଭଙ୍କର ନୁହେଁ। ଉକ୍ତ ଆଇନରେ ଦର୍ଶାଯାଇଛି ଯେ ଆମର ତିନିଗୋଟି ପଡୋଶୀ ଦେଶ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶର ସଂଖ୍ୟାଲଘୁ ସମ୍ପ୍ରଦାୟ ଯଥା-ହିନ୍ଦୁ, ପାର୍ସି, ଶିଖ୍, ବୌଦ୍ଧ, ଜୈନ ଓ ଖ୍ରୀଷ୍ଟିଆନ ଯଦି ସେ ଦେଶରେ ଧାର୍ମିକ ଉତ୍ପୀଡନର ଶିକାର ହୋଇ ୨୦୧୪ ଡିସେମ୍ବର ୩୧ ସୁଦ୍ଧା ଭାରତରେ ଶରଣାର୍ଥୀଭାବେ ଜୀବନ ଜିଉଥାନ୍ତି, ତେବେ ସେମାନଙ୍କୁ ଆଇନସମ୍ମତ ଭାବେ ନାଗରିକତ୍ୱ ପ୍ରଦାନ କରାଯିବ। ଏଥିରେ ମୁସଲମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ, ଯେଉଁଥିପାଇଁ ବିଦ୍ରୋହର ସ୍ୱର ତୀବ୍ର ହେବାରେ ଲାଗିଛି।

ସାଧାରଣତଃ ଚାରିପ୍ରକାର ଲୋକ ଗୋଟିଏ ଦେଶରୁ ଯାଇ ଅନ୍ୟ ଦେଶରେ ବେଆଇନ ବସବାସ କରନ୍ତି। ପ୍ରଥମତଃ ଯେଉଁମାନେ ଧାର୍ମିକ ବିଦ୍ୱେଷର ଶିକାର ହୋଇ ନିର୍ଯାତିତ ହେଉଥିବେ ଓ ନିଜ ଦେଶରେ ଦୁଃଖମୟ ଜୀବନ ଯାପନ କରୁଥିବେ। ଦ୍ୱିତୀୟତଃ ବ୍ୟବସାୟ ବାଣିଜ୍ୟ ଉଦ୍ଦେଶ୍ୟରେ ଅନ୍ୟ ଏକ ଦେଶକୁ ଯାଇ କ୍ରମେ ସେ ଦେଶର ଅଧିବାସୀଙ୍କ ସହ ଘନିଷ୍ଠ ସମ୍ପର୍କ ରଖି ସେଠାରେ ରହିଯାନ୍ତି ଓ ଆଉ ମୂଳ ଦେଶକୁ ଫେରିବାକୁ ଇଚ୍ଛା କରନ୍ତି ନାହିଁ। ତୃତୀୟତଃ ଅଜ୍ଞତାବଶତଃ ନିଜ ଦେଶର ଜଳ ଓ ସ୍ଥଳସୀମା ଅତିକ୍ରମ କରି ଅନ୍ୟ ଦେଶରେ ପ୍ରବେଶ କରନ୍ତି ଓ ଆନ୍ତର୍ଜାତିକ ସୀମା ଆଇନ ବଳରେ ସେମାନଙ୍କୁ ଅଟକ ରଖାଯାଏ। ବିଚାର ପ୍ରକ୍ରିୟା ଶେଷ ହେଲା ବେଳକୁ ବହୁଦିନ ଲାଗେ ଓ ସେମାନେ ସେହି ଦେଶର ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରି ରହିଯାନ୍ତି। ଚତୁର୍ଥତଃ କିଛି ଲୋକ ମନ୍ଦ ଉଦ୍ଦେଶ୍ୟ ରଖି ପଡୋଶୀ ଦେଶରେ ପ୍ରବେଶ କରି ସେ ଦେଶରେ ଆତଙ୍କମୟ ବିଭୀଷିକା ସୃଷ୍ଟି କରନ୍ତି। ଏମାନଙ୍କ ମଧ୍ୟରୁ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ବିଦେଶୀଙ୍କୁ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନର ସୁଯୋଗ ସୃଷ୍ଟି କରାଯିବା ଆବଶ୍ୟକ। ଚତୁର୍ଥ ଶ୍ରେଣୀଭୁକ୍ତ ବିଦେଶୀ ହେଉଛନ୍ତି ଅନୁପ୍ରବେଶକାରୀ। ସେମାନଙ୍କ ପ୍ରତି କଠୋରତା ଅବଲମ୍ବନ ଏକାନ୍ତ ଅପରିହାର୍ଯ୍ୟ। କେବଳ ପ୍ରଥମ ଶ୍ରେଣୀଭୁକ୍ତଙ୍କ ପ୍ରତି ଦୟା, କରୁଣା ଓ ମାନବିକତା ପ୍ରଦର୍ଶନ ପୂର୍ବକ ଜାତିଧର୍ମ ନିର୍ବିଶେଷରେ ସେମାନଙ୍କୁ ଥଇଥାନ କରାଯିବା ଉଚିତ।

ଇତିହାସ ପୃଷ୍ଠାରୁ ଜଣାଯାଏ ଯେ, ବିଭାଜନ ସମୟରେ ମୁସଲିମ୍ ଲିଗ୍‌ର ତତ୍ତ୍ୱ ଅନୁସାରେ ଯେଉଁ ହିନ୍ଦୁମାନେ ପାକିସ୍ତାନରେ ରହିବେ ଏବଂ ଯେଉଁ ମୁସଲମାନମାନେ ଭାରତରେ ରହିବେ ସେମାନେ ସମ୍ପୃକ୍ତ ଦେଶର ପ୍ରାକୃତିକ ଅଧିବାସୀ ଭାବେ ପରିଗଣିତ ହେବେ। ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ଜିଦ୍ ଯୋଗୁ ପାକିସ୍ତାନ ନୂତନ ଦେଶର ମାନ୍ୟତା ଲାଭ କଲାବେଳେ ଆଶା କରାଯାଉଥିଲା ଯେ ଉକ୍ତ ଦୁଇ ଦେଶରେ ଉଭୟ ଧର୍ମାବଲମ୍ବୀଙ୍କୁ ସମାନ ମର୍ଯ୍ୟାଦା ପ୍ରଦାନ କରାଯିବ। ୧୯୪୭ ଅଗଷ୍ଟ ୧୧ ତାରିଖରେ ସମ୍ବିଧାନ ସଭାକୁ ଉଦ୍‌ବୋଧିତ କରି ଜିନ୍ନା କହିଥିଲେ, ''ଆମେ ଏପରି ଏକ ପାକିସ୍ତାନ ଗଠନର ସଙ୍କଳ୍ପ ନେବା, ଯେଉଁଠି ସଂଖ୍ୟାଲଘୁ ଓ ସଂଖ୍ୟାଗରିଷ୍ଠଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ରହିବ ନାହିଁ। ଜଣେ ମସଜିଦ୍ ଯାଇ ଯେପରି ସ୍ୱାଧୀନ ଭାବେ ପ୍ରାର୍ଥନା କରିପାରିବ, ଆଉ ଜଣେ ମନ୍ଦିର ଯାଇ ପରମ୍ପରା ମତେ ଉପାସନା କରିପାରିବ। କୌଣସି ସାମ୍ପ୍ରଦାୟିକ ଭେଦଭାବ ରହିବ ନାହିଁ। ଏହି ଆଦେଶକୁ ପାକିସ୍ତାନ ଯଦି ପାଳନ କରିବାକୁ ସକ୍ଷମ ହୁଏ, ତେବେ ଭବିଷ୍ୟତରେ ପାକିସ୍ତାନ ପାଇଁ କେହି ହିନ୍ଦୁ କିମ୍ବା କେହି ମୁସଲମାନ ନୁହନ୍ତି। ସମସ୍ତେ ପାକିସ୍ତାନର ଅଧିବାସୀ।'' କିନ୍ତୁ ୧୯୪୮ରେ ଜିନ୍ନାଙ୍କ ମୃତ୍ୟୁ ସହିତ ତାଙ୍କ ସ୍ୱପ୍ନର ମଧ୍ୟ ମୃତ୍ୟୁ ଘଟିଲା। ପାକିସ୍ତାନର ପ୍ରଥମ ପ୍ରଧାନମନ୍ତ୍ରୀ ଲିୟାକତ୍ ଅଲ୍ଲୀ ଖାଁଙ୍କ ସମୟରୁ ହିଁ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ଆରମ୍ଭ ହୋଇଗଲା। ସେତେବେଳେ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ପାକିସ୍ତାନ ପ୍ରତିପକ୍ଷ ଲିୟାକତ୍‌ଅଲ୍ଲୀଙ୍କୁ ଭାରତକୁ ଆମନ୍ତ୍ରଣ କରି ଆଲୋଚନା କଲେ। ଆଲୋଚନା ୬ ଦିନ ଧରି ଚାଲିଲା। ଉଭୟଙ୍କ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହେଲା ଯେ ଉଭୟ ଦେଶ ସଂଖ୍ୟାଲଘୁଙ୍କ ସୁରକ୍ଷା ସୁନିଶ୍ଚିତ କରିବେ। କିନ୍ତୁ ଲିୟାକତ୍ ଭାରତରୁ ଯାଇ ପାକିସ୍ତାନ ମାଟିରେ ପାଦ ଦେବା ସଙ୍ଗେ ସଙ୍ଗେ ଦ୍ୱିପାକ୍ଷିକ ରାଜିନାମା ତା'ର ଗୁରୁତ୍ୱ ହରାଇଲା। ସଂଖ୍ୟାଲଘୁ ବିଶେଷକରି ହିନ୍ଦୁଙ୍କ ଉପରେ ଅତ୍ୟାଚାର ଆରମ୍ଭ ହୋଇଗଲା।

ପ୍ରସିଦ୍ଧ ଲେଖିକା 'ଏଡିଥ୍ ପାରଜେଟର' ତାଙ୍କ ପ୍ରବନ୍ଧ 'ଏ ଗ୍ରେନ୍ ଅଫ୍ ମଷ୍ଟାର୍ଡ ସିଡ୍‌'ରେ ବିଭାଜନ ସମୟରେ ତାଙ୍କ ପରିବାରକୁ କିପରି ନିର୍ଯାତିତଭାବେ ପାକିସ୍ତାନରୁ ବିତାଡିତ କରାଯାଇଥିଲା, ତା'ର ଲୋମହର୍ଷକ ଅନୁଭୂତି ବର୍ଣ୍ଣନା କରିଛନ୍ତି। ତାଙ୍କ ପିତା ଥିଲେ ପାକିସ୍ତାନର ଜଣେ ଧନାଢ୍ୟ ବ୍ୟକ୍ତି ଓ ଲାହୋରରେ ତାଙ୍କର ଥିଲା ଏକ ବିଶାଳ ଅଳଙ୍କାର ପ୍ରତିଷ୍ଠାନ। ତାଙ୍କ ପରିବାରକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଗଲା ଯେ ପରଦିନ ପ୍ରଭାତରେ ଅମୃତସର ଅଭିମୁଖେ ଛାଡୁଥିବା ଟ୍ରେନରେ ସେମାନଙ୍କୁ ପାକିସ୍ତାନ ଛାଡି ସବୁଦିନ ପାଇଁ ଭାରତ ଚାଲିଯିବାକୁ ହେବ। ନିଜର ପିନ୍ଧା ବସନ ବ୍ୟତୀତ ସୋରିଷ କଣାଟିଏ ବି ସାଙ୍ଗରେ ନ ନେବାକୁ କଡା ହୁକୁମ ଦିଆଗଲା। ଲେଖିକା କହନ୍ତି, ତାଙ୍କ ବାସଭବନଠାରୁ ରେଳଷ୍ଟେଶନ ପର୍ଯ୍ୟନ୍ତ କେବଳ ମୁସଲମାନଙ୍କର ଗହଳି ଯେଉଁମାନେ ହିନ୍ଦୁମାନଙ୍କୁ ତନ୍ନ ତନ୍ନ କରି ପରୀକ୍ଷା କରୁଥାନ୍ତି। ଜନଗହଳି ମଧ୍ୟରେ ଥାନ୍ତି ତାଙ୍କ ପରିବାରର ଶୁଭେଚ୍ଛୁ ବନ୍ଧୁଗଣ ଓ ତାଙ୍କର ଅତିପ୍ରିୟ ଗ୍ରାହକମାନେ। ସେମାନଙ୍କ ଅସ୍ୱାଭାବିକ ଆଚରଣ ତାଙ୍କୁ ସ୍ତବ୍ଧ କରିଦେଉଥାଏ। ସମସ୍ତେ ବାପାଙ୍କ ପକେଟ ଅଣ୍ଡାଳୁଥାନ୍ତି କାଳେ ସେ କିଛି ନେଉନାହାନ୍ତି ତ? ଅନେକ ବିଧାଚାପୁଡା ମଧ୍ୟ ତାଙ୍କୁ ଖାଇବାକୁ ହୋଇଛି। ଲେଖିକା କହନ୍ତି, ସେତେବେଳେ ସେ ଅତି ସାନ ଥିବାରୁ ଏସବୁର ରହସ୍ୟ ବୁଝିବାରେ ଅସମର୍ଥ ଥିଲେ। କିନ୍ତୁ ଏତେ ସବୁ ଭିତରେ ଗୋଟିଏ ଘଟଣା ତାଙ୍କ ପିତାଙ୍କୁ ଢେର ଆଘାତ ଦେଇଥିଲା, ଯାହା ପରେ ତାଙ୍କ ପରିବାର ପାଇଁ ଶୁଭଙ୍କର ପ୍ରମାଣିତ ହୋଇଥିଲା। ମହନ୍ଦର ଇକ୍‌ବାଲ ନାମକ ବାପାଙ୍କର ଜଣେ ଘନିଷ୍ଠ ବନ୍ଧୁ ଟ୍ରେନ ଚଢିବା ସମୟରେ ବାପାଙ୍କ ପଛରୁ ଏକ ଶକ୍ତ ଧକ୍କା ଦେଇ ତାଙ୍କ ପକେଟ ଅଣ୍ଡାଳି ପକାଇଲା। ଏହାଥିଲା ବାପାଙ୍କ ପାଇଁ ସର୍ବବୃହତ୍ ମାର୍ମିକ ଓ ଶାରୀରିକ ଆଘାତ। ଧକ୍କା ସହି ନ ପାରି ବାପା ଟ୍ରେନ୍ ଭିତରେ କଚାଡି ହୋଇପଡିଲେ ଓ ତାଙ୍କ ଚଷମା ଭାଙ୍ଗି ଚୂରମାର ହୋଇଗଲା। ଟ୍ରେନ ଅମୃତସରରେ ପହଞ୍ଚିଲା ପରେ ବାପା ତାଙ୍କ ପକେଟରୁ ଆବିଷ୍କାର କଲେ ଏକ ରୁମାଲବନ୍ଧା ପୁଡିଆ, ଯେଉଁଥିରେ ଥିଲା ୧୫୦୦ ଟଙ୍କା ଓ ଇକ୍‌ବାଲଙ୍କର ଏକ ହାତଲେଖା ଚିଠି। ଚିଠିରେ ଲେଖାଥିଲା, ''କ୍ଷମା କରିବ ବନ୍ଧୁ! ଏପରି କରିବା ଛଡ଼ା ମୋ ପାଖରେ ଅନ୍ୟ ଉପାୟ ନ ଥିଲା। ମୁଁ ଯଦି ପ୍ରକାଶ୍ୟରେ ତୁମ ପ୍ରତି ସେ ପ୍ରକାର ବ୍ୟବହାର କରିଥାନ୍ତି ତେବେ ତୁମେ ଓ ମୁଁ ଉଭୟେ ବିପଦକୁ ବରଣ କରିଥାନ୍ତେ। ଭାରତରେ ସୁଖରେ ରୁହ। ଏହି ଅର୍ଥର ବିନିଯୋଗରେ ସେଠାରେ ଜୀବନ ଜୀବିକାର ମାର୍ଗ ସ୍ଥିର କରିନେବ। ଏହା ମୋର ଦାନ ନୁହେଁ। ବ୍ୟବସାୟ ପାଇଁ ତୁମଠାରୁ ଆଣିଥିବା ଋଣ ପରିଶୋଧର କିୟଦଂଶ ମାତ୍ର। ବାପାଙ୍କର ହୃଦ୍‌ବୋଧ ହେଲା ଇକ୍‌ବାଲ ଜଣେ ସଚ୍ଚା ମଣିଷ ଓ ତାଙ୍କ ମାନବିକତାର ପଟାନ୍ତର ନାହିଁ।

ଉକ୍ତ କାହାଣୀର ସାରାଂଶ ଅନୁଯାୟୀ ମୁସଲମାନମାନେ ଯେ ହିନ୍ଦୁଙ୍କର ଶତ୍ରୁ ଏପରି ଏକ ଧାରଣା ପୋଷଣ କରିବା ଠିକ୍ ନୁହେଁ। ଭାରତମାତା ସବୁ ଧର୍ମର ସନ୍ତାନଙ୍କୁ କୋଳରେ ଧାରଣ କରିଛି। ସମ୍ବିଧାନର ଧାରା ୧୪, ୧୫ ଓ ୧୬ରେ କୌଣସି ଧର୍ମର ପକ୍ଷପାତିତା ନ କରିବାର ପ୍ରତିବଦ୍ଧତା ପ୍ରତିପାଦିତ ହୋଇଛି। ନାଗରିକତ୍ୱ ଆଇନକୁ ସମର୍ଥନ କରିବା ସମୟରେ ଆମ ମୁଖ୍ୟମନ୍ତ୍ରୀ ମୁସଲମାନ ପ୍ରତିନିଧିଙ୍କୁ ଏହା ସ୍ପଷ୍ଟ କରିଛନ୍ତି ଯେ, ଓଡ଼ିଶାର ମୁସଲମାନଙ୍କ ଉପରେ କୌଣସି ବିପଦର ସମ୍ଭାବନା ନାହିଁ। ସେଥିପାଇଁ ନାଗରିକତ୍ୱ ଆନ୍ଦୋଳନର ତୀବ୍ରତା ଓଡ଼ିଶା ମାଟିରେ ପରିଦୃଷ୍ଟ ନୁହେଁ। ରାଜଧାନୀ ଦିଲ୍ଲୀରେ ଏହି ଆନ୍ଦୋଳନ ଉଗ୍ର ରୂପ ଧାରଣ କରିବା ସହ ବିପୁଳ ଧନଜୀବନର କ୍ଷତି ଘଟିଛି। ଏଠାରେ ସ୍ୱାଭାବିକ ପ୍ରଶ୍ନ ଉଠେ ଯେ, ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତରେ ବସବାସ କରୁଥିବା ଓ ନାଗରିକତ୍ୱ ପ୍ରାପ୍ତ ହୋଇ ନ ଥିବା ମୁସଲମାନଙ୍କର ଭାଗ୍ୟ କ'ଣ ହେବ? ଭାରତ ଭୂଖଣ୍ଡରୁ ବିତାଡିତ ହୋଇ ସେମାନେ କୁଆଡେ ଯିବେ? ୧୯୯୦ରେ କଶ୍ମୀର ଉପତ୍ୟକାରୁ ବାସ୍ତୁହରା ହୋଇଥିବା କଶ୍ମୀର ପଣ୍ଡିତଙ୍କ ପରି ସେମାନଙ୍କର ଅବସ୍ଥା ହେବନାହିଁ ତ? ଭାରତ ସରକାରଙ୍କ ତଥ୍ୟ ଅନୁସାରେ ସେହି ବିତାଡିତ ହିନ୍ଦୁ ପଣ୍ଡିତଙ୍କ ସଂଖ୍ୟା ସାଢେ ତିନି ଲକ୍ଷରୁ ଅଧିକ। ଭାରତ ସରକାର ପ୍ରତିବର୍ଷ ବଜେଟରେ ସେମାନଙ୍କ ପାଇଁ କିଛି ଅର୍ଥ ଆବଣ୍ଟନ କରୁଛନ୍ତି। ସେହିପରି ନାଗରିକତ୍ୱରୁ ବଞ୍ଚିତ ମୁସଲମାନମାନେ ଭାରତରୁ ବିତାଡିତ ହେବା ପରେ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶରେ ଆଶ୍ରିତ ଜୀବନ ବିତାଇବାକୁ ଧାଇଁ ଯିବେ। ସେମାନଙ୍କୁ ସେଠାରେ ଆଶ୍ରୟ ମିଳିବାର କୌଣସି ନିଶ୍ଚିତତା ନାହିଁ। ଯଦି ଆଶ୍ରୟ ନ ମିଳେ ତେବେ ସେମାନଙ୍କର କ'ଣ ହେବ? ଏହା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଧାର୍ମିକ ଦୃଷ୍ଟିକୋଣରୁ ବିଚାର ନ କରି ମାନବିକତା ଦୃଷ୍ଟିକୋଣରୁ ବିଚାର କରାଯିବା ବିଧେୟ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ-୯୯୩୭୪୫୦୫୪୦

# ପ୍ରବୁଦ୍ଧ ମହାପୁରୁଷଗଣ ଶରଣ୍ୟ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ପୂର୍ବ ପ୍ରବନ୍ଧରେ (ଧରିତ୍ରୀ୯।୧) ଆମେ ଆର୍ଯ୍ୟ ପଞ୍ଚବର୍ହିଃ ବା ମୌଳିକ ହିନ୍ଦୁ ଦର୍ଶନର ପ୍ରଥମ ଶ୍ଳୋକଟି ବିଷୟରେ ଆଲୋଚନା କରିଛୁ। ଏହାର ଦ୍ୱିତୀୟ ଶ୍ଳୋକଟି ହେଲା-ପୂର୍ବେଷାମାପୂରୟିତାରଃ ପ୍ରବୁଦ୍ଧା ଋଷୟଃ ଶରଣମ୍, ଅର୍ଥାତ୍ ପୂର୍ବପୂରଣକାରୀ ପ୍ରବୁଦ୍ଧ ଋଷିଗଣଙ୍କର ଶରଣ ନେଉଅଛି। ସାଧାରଣତଃ ଋଷି କହିଲେ ଆମେ ବୁଝୁ ଜଣେ ଗେରୁଆ ବସ୍ତ୍ରପିନ୍ଧା, ଜଟାଜୁଟଧାରୀ, ସଂସାରତ୍ୟାଗୀ ସନ୍ନ୍ୟାସୀଙ୍କୁ। ଏଠାରେ କିନ୍ତୁ ଋଷି କୁହାଯାଉଛି ସେହି ସାଧକୋତ୍ତମ, ତତ୍ତ୍ୱଦର୍ଶୀ ମହାପୁରୁଷମାନଙ୍କୁ, ଯେଉଁମାନେ ସଂସାର ମଧ୍ୟରେ ଥାଇ ମଧ୍ୟ ଜୀବନଧର୍ମର କୌଶଳଗୁଡିକୁ ଅଧିଗତ କରି, ନିଜ ଜୀବନରେ ଆଚରଣ କରି ଜନସାଧାରଣଙ୍କୁ ଶିକ୍ଷା ଦେଇଥାନ୍ତି। ସେମାନେ ପ୍ରତ୍ୟେକଙ୍କର ଏକାନ୍ତ ଅନୁସରଣୀୟ। ଋଷି ଯାଜ୍ଞବଲ୍କ୍ୟ, ବ୍ୟାସ, ବଶିଷ୍ଠ, ବିଶ୍ୱାମିତ୍ରଙ୍କଠାରୁ ଆରମ୍ଭ କରି ଜଗତର ବିଭିନ୍ନ ସ୍ଥାନରେ ଆବିର୍ଭୂତ ଅବତାର ପୁରୁଷ, ଯେପରି କି ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଯିଶୁ, ମହମ୍ମଦ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ ପ୍ରମୁଖ ସମସ୍ତଙ୍କୁ ଋଷି ପର୍ଯ୍ୟାୟଭୁକ୍ତ କରାଯାଇଛି। ସେମାନେ ମାନବଜାତିର ପ୍ରୟୋଜନରେ ଜଗତର ବିଭିନ୍ନ ସ୍ଥାନରେ ଆବିର୍ଭୂତ ହୋଇ ନିଜର ଆଚରଣ ମାଧ୍ୟମରେ ପ୍ରତିଟି ମଣିଷକୁ ବାସ୍ତବ ଧର୍ମଜ୍ଞାନ ଶିକ୍ଷା ଦେଇଛନ୍ତି। ସେମାନଙ୍କର ଅନ୍ୟ ବୈଶିଷ୍ଟ୍ୟ ହେଲା- ସେମାନେ ସମସ୍ତେ ପୂର୍ବାପୂରକ, ଅର୍ଥାତ୍ ପୂର୍ବବର୍ତ୍ତୀଙ୍କୁ ପୂରଣ କରନ୍ତି- ବିରୋଧ କରନ୍ତି ନାହିଁ- ଭେଦ ସୃଷ୍ଟି କରନ୍ତି ନାହିଁ କିମ୍ବା ସମ୍ପ୍ରଦାୟ ସୃଷ୍ଟି କରନ୍ତି ନାହିଁ। ସେମାନଙ୍କ ତିରୋଧାନ ପରେ ଅଜ୍ଞାନ ଅନୁସରଣକାରୀମାନେ ସେମାନଙ୍କ ନାମରେ ସମ୍ପ୍ରଦାୟ ସୃଷ୍ଟି କରି ମାନବ ସମାଜରେ ବିଚ୍ଛିନ୍ନତା ଆଣନ୍ତି। ଅବତାରପୁରୁଷଗଣ ସମସ୍ତେ ସେହି ଏକ ଏବଂ ଅଦ୍ୱିତୀୟ ଈଶ୍ୱରଙ୍କର ବାର୍ତ୍ତାବାହୀ, ପୂର୍ବପୂରୟମାଣ ଏବଂ ମାନବ ସମାଜର ପରମ ମଙ୍ଗଳାକାଂକ୍ଷୀ।

ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି- ପୂରୟମାଣ ପ୍ରେରିତ ବା ମହାପୁରୁଷଙ୍କ ଭିତରେ ଭେଦଚକ୍ଷୁ ଆଣ ନାହିଁ- ଜଣକୁ ସମର୍ଥନ, ଅପରକୁ ଅବଜ୍ଞା ମାନେ ସମସ୍ତଙ୍କୁ ଅବଜ୍ଞା କରିବା। (ଶାଶ୍ୱତୀ-୨୪୫)। ସେମାନେ ଧୂଳିମାଟିର ଦୁନିଆରେ ଈଶ୍ୱରଙ୍କର ମୂର୍ତ୍ତ ବିଗ୍ରହ ସଦୃଶ- ମିଳନର ବାର୍ତ୍ତାବାହୀ। ସେମାନଙ୍କ ଆଗମନରେ ମାନବଜୀବନରେ ନବୀନ ଉନ୍ମେଷ ଜାଗିଉଠେ- ନବୀନ ସଭ୍ୟତାର ଅଭ୍ୟୁଦୟ ଘଟେ। ବେଦ-ଉପନିଷଦ ଯୁଗର ମହାନ ଋଷିମାନଙ୍କଠାରୁ ଆରମ୍ଭ କରି ଶ୍ରୀରାମ, ଶ୍ରୀକୃଷ୍ଣ, ତଥାଗତ ବୁଦ୍ଧ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ ଏବଂ ଆଚାର୍ଯ୍ୟ ଶଙ୍କରଙ୍କ ଭଳି ମହାପୁରୁଷମାନେ ଆବିର୍ଭୂତ ହୋଇ ଭାରତୀୟ ସଭ୍ୟତା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିଛନ୍ତି। ସେହିପରି ଯିଶୁଖ୍ରୀଷ୍ଟଙ୍କୁ ଅନୁସରଣ କରି ଅନଗ୍ରସର ଇଉରୋପୀୟ ଜାତିମାନେ ଗଢିତୋଳିଲେ ଉନ୍ନତ, ସମୃଦ୍ଧ ପାଶ୍ଚାତ୍ୟ ସଭ୍ୟତା ଏବଂ ହଜରତ ରସୁଲଙ୍କ ଭାବାଦର୍ଶରେ ଅନୁପ୍ରାଣିତ ହୋଇ ମରୁଭୂମିର କୁସଂସ୍କାରାଚ୍ଛନ୍ନ, ବର୍ବର ଆରବମାନେ ସୃଷ୍ଟି କଲେ ସମୁନ୍ନତ ଇସଲାମୀୟ ସଭ୍ୟତା। ଉଦାର ହିନ୍ଦୁ ସଂସ୍କୃତି ଚିରଦିନ ହିଁ ସମ୍ପ୍ରଦାୟ ନିର୍ବିଶେଷରେ ଏହି ବିଶ୍ୱବରେଣ୍ୟ ମହାପୁରୁଷମାନଙ୍କୁ ସ୍ୱୀକାର କରିଛି, ଶ୍ରଦ୍ଧାର ସହିତ ଆପଣାର କରିନେଇଛି।

ପରମ ବିଜ୍ଞାନୀ ଋଷିମାନଙ୍କର ବାସ୍ତବ ଅନୁଭୂତିଲବ୍ଧ ଜ୍ଞାନ ବଳରେ ଭାରତୀୟ ସଂସ୍କୃତି ଏତେ ଉନ୍ନତ ଏବଂ ଆଧ୍ୟାତ୍ମ ବିଜ୍ଞାନର ଚରମ ଉପଲବ୍ଧି ଦ୍ୱାରା ଦୃଢ଼ୀଭୂତ ଯେ ତାହା ସମୟର ଗତିରେ ଅନେକ ନବୀନ ଭାବଧାରାକୁ ଗ୍ରହଣ ଓ ଆତ୍ମୀକୃତ କରି ମଧ୍ୟ ନିଜତ୍ୱରେ ଅକ୍ଷୁଣ୍ଣ ରହି ଆସିଛି ଏବଂ ନିଜକୁ ଅଧିକ ଋଦ୍ଧିମନ୍ତ ଓ ପ୍ରସାରିତ କରିପାରିଛି। ଭାରତୀୟ ସଂସ୍କୃତିର ଏହି ଆତ୍ମୀକରଣ କ୍ଷମତାର ବର୍ଣ୍ଣନା କରି ସ୍ୱାମୀ ବିବେକାନନ୍ଦ କହିଛନ୍ତି, ''ଭାରତରେ ମତବାଦ ପରେ ମତବାଦର ଅଭ୍ୟୁଦୟ ଘଟି ବୈଦିକ ଧର୍ମର ମର୍ମସ୍ଥଳକୁ ଦୋହଲାଇ ଦେଲା ଭଳି ପ୍ରତୀୟମାନ ହୋଇଛି। କିନ୍ତୁ ଗୋଟିଏ ବିରାଟ ଭୂକମ୍ପରେ ସାଗରବେଳାର ଜଳରାଶି ଭଳି ଏହା ସାମୟିକ ଭାବରେ ଅପସରି ଗଲେ ମଧ୍ୟ ପୁନର୍ବାର ସହସ୍ରଗୁଣ ଶକ୍ତିଶାଳୀ ଏକ ସର୍ବଗ୍ରାସୀ ବନ୍ୟା ଭଳି ପ୍ରତ୍ୟାବର୍ତ୍ତନ କରିଛି ଏବଂ ସଂଘାତର ପରିସମାପ୍ତି ପରେ ସେହି ମତବାଦଗୁଡିକ ସେହି ସୁପ୍ରାଚୀନ ବେଦମାତାଙ୍କ ବିରାଟ କାୟାରେ ଅବଶୋଷିତ, ଗୃହୀତ ଏବଂ ଆତ୍ମୀକୃତ ହୋଇଯାଇଛନ୍ତି। (ଶିକାଗୋ ଭାଷଣ)

ଏହିପରି ଭାବରେ ବୌଦ୍ଧ ଧର୍ମ ହଜାର ହଜାର ବର୍ଷ ଧରି ଏ ଦେଶରେ ତିଷ୍ଠିରହି ଭାରତୀୟ ଧର୍ମଜୀବନକୁ ଶୁଦ୍ଧ କରିଛି, ପୁଷ୍ଟ କରିଛି ଏବଂ ପରିଶେଷରେ ଭାରତୀୟ ସଂସ୍କୃତିର ଉଦାରତା ଓ ବ୍ୟାପକତା ମଧ୍ୟରେ ନିଜକୁ ହଜାଇ ଦେଇଛି। ଭାରତରେ ପ୍ରଚଳିତ ଅନେକ ଧର୍ମମତ ସମ୍ବନ୍ଧରେ ମଧ୍ୟ ସେହି ଏକପ୍ରକାର କଥା କୁହାଯାଇପାରେ। ଜନୈକ ରୁଷୀୟ ଗବେଷକ ଦାବି କରନ୍ତି ଯେ, ଯିଶୁଖ୍ରୀଷ୍ଟ ଜେରୁଜେଲମରେ ଖ୍ରୀଷ୍ଟଧର୍ମ ପ୍ରଚାର କରିବା ପୂର୍ବରୁ ଭାରତବର୍ଷକୁ ଆସି ଧର୍ମଶିକ୍ଷା କରିଥିଲେ ଏବଂ ସେ ପୂର୍ବ ସମୁଦ୍ର ତଟବର୍ତ୍ତୀ ଜଗନ୍ନାଥ ଧାମ ପର୍ଯ୍ୟନ୍ତ ଆସିଥିଲେ। ସେହିପରି ଅନେକ ଗବେଷକଙ୍କ ମତରେ କୋରାନରେ ବିଶୁଦ୍ଧ ବେଦମନ୍ତ୍ରର ସମାବେଶ ରହିଛି- ଯେପରି କି କୋରାନର କଲିମ୍ ଶବ୍ଦ ସହିତ ହିନ୍ଦୁ ଦର୍ଶନର କ୍ଲୀଂ ବୀଜ ଏବଂ କରିମ୍ ଶବ୍ଦ ସହିତ କ୍ରୀଂ ବୀଜମନ୍ତ୍ରର ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଏ। ସ୍ୱାମୀ ବିବେକାନନ୍ଦ ଯଥାର୍ଥରେ କହିଛନ୍ତି ଯେ, ପ୍ରାଚୀନ ଭାରତ ବର୍ଷ ହେଉଛି ପୃଥିବୀର ସମସ୍ତ ଧର୍ମମତର ଜନ୍ମଭୂମି ସଦୃଶ। ମଧ୍ୟଯୁଗରେ ମୁସଲମାନ ଆକ୍ରମଣକାରୀ ଏବଂ ଶାସକବର୍ଗଙ୍କ ନୃଶଂସତା, ଅମାନୁଷିକ ଅତ୍ୟାଚାର ଏବଂ ଉତ୍କଟ ହିନ୍ଦୁ ବିଦ୍ୱେଷ ନୀତି ଯୋଗୁ ପବିତ୍ର ଇସଲାମ ଧର୍ମର ବିଶ୍ୱାସ, ନିଷ୍ଠା ଏବଂ ଆତ୍ମସମର୍ପଣର ଭାବାଦର୍ଶ ଭାରତୀୟ ଜନସାଧାରଣଙ୍କ ନିକଟରେ ଅଜ୍ଞାତ ରହିଗଲା। ତଥାପି ନାନକ, କବୀର, ରାମାନନ୍ଦସ୍ୱାମୀ, ମୌଲାନା ଜଲାଲୁଦ୍ଦିନ ରୁମୀ ପ୍ରମୁଖ ମହାତ୍ମାଗଣ ହିନ୍ଦୁ, ମୁସଲମାନ ପ୍ରଭୃତି ସମସ୍ତ ଧର୍ମମତରେ ସମନ୍ୱୟ ଘଟାଇଛନ୍ତି। କିନ୍ତୁ ବ୍ରିଟିଶ ସାମ୍ରାଜ୍ୟବାଦୀମାନେ ଉଭୟ ସମ୍ପ୍ରଦାୟଙ୍କ ମଧ୍ୟରେ ଯେଉଁ ବିଦ୍ୱେଷର ବୀଜ ବପନ କଲେ ତାହାର ଫଳ ସ୍ୱରୂପ ରକ୍ତାକ୍ତ ସଂଘର୍ଷ ସହିତ ଦେଶ ବିଭାଗ ହେଲା। ଦୁଃଖର କଥା ଦେଶ ସ୍ୱାଧୀନ ହେଲା ପରେ ଜନଜୀବନରେ ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା ପାଇଁ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ ନ କରି କେବଳ ପୋଲିସ ବ୍ୟବସ୍ଥା ଉପରେ ନିର୍ଭର କରି ସାମାଜିକ ଶାନ୍ତିଶୃଙ୍ଖଳା ବଜାୟ ରଖିବାର ଅପଚେଷ୍ଟା ଚାଲିଛି।

ମୋ-୯୪୩୭୨୮୭୯୬୪

## ଏଇ ଭାରତରେ

ସମାଜରେ ଆଧୁନିକତାର ପ୍ରଭାବ ଯେତେ ବଢିଲେ ବି ଉତ୍ତରପ୍ରଦେଶର ଏକ ଗାଁରେ ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର ହୋଇନାହିଁ। ଫତେପୁର ଜିଲା ସାରୋଲି ଗାଁରେ ଜଣେ କୃଷକ ତାଙ୍କ ମଇଁଷି ଛୁଆ ପାଇଁ ମୁଣ୍ଡନ ଉତ୍ସବ ପାଳନ କରିବା ଏହାର ଏକ ସଦ୍ୟତମ ଉଦାହରଣ। ମଇଁଷିର ମଣିଷ ଛୁଆ ପରି ଚୁଟି ନ ଥାଏ ଯେ ତାକୁ ମୁଣ୍ଡନ କରାଯିବ। କିନ୍ତୁ ଅନ୍ଧବିଶ୍ୱାସପୀଡ଼ିତ ଜୟଚନ୍ଦ୍ର ସିଂ ନାମକ ଏହି କୃଷକଙ୍କ ଏଭଳି ଅଜବ ଉତ୍ସବ ପାଳନ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଜୟଚନ୍ଦ୍ର ଏକ ମଇଁଷି ପାଳିଥିଲେ। ସେ ଯେତେ ଛୁଆ ଦେଉଥିଲା ସେମାନେ ମରିଯାଉଥିଲେ। ତେବେ ମଇଁଷି ଛୁଆକୁ ବଞ୍ଚାଇବା ଲାଗି ଗାଁର କେତେଜଣ ମୁଖିଆ ତାଙ୍କୁ ମୁଣ୍ଡନ ଉତ୍ସବ ପାଳନ କରିବା ଲାଗି ପରାମର୍ଶ ଦେଇଥିଲେ ଓ ସେ ଏବେ ସଦ୍ୟ ଜନ୍ମ ନେଇଥିବା ଛୁଆଟିକୁ ବଞ୍ଚାଇବା ପାଇଁ ଏହା ପାଳନ କରିଛନ୍ତି। ଏହି ଅବସରରେ ଜୟଚନ୍ଦ୍ର ଗାଁ ଲୋକଙ୍କୁ ଏକ ଭୋଜି ମଧ୍ୟ ଦେଇଛନ୍ତି। ମଇଁଷି ଛୁଆକୁ ପ୍ରଥମେ ଏକ ଲାଲ୍ କପଡାରେ ଘୋଡାଇ ଦିଆଯାଇଥିଲା। ପରେ ନାପିତ ତା'କୁ ଲଣ୍ଡା କରିଥିଲେ। ଏହି ସମୟରେ ଗାଁର ମହିଳାମାନେ ମଇଁଷି ଛୁଆ ଚାରିପାଖରେ ଠିଆ ହୋଇ ଲୋକଗୀତ ଗାନ କରିଥିଲେ। ସାରୋଲି ଏବଂ ତା' ଆଖପାଖ ଗାଁରୁ ପ୍ରାୟ ୩୦୦ ଲୋକ ଏହି ଉତ୍ସବରେ ଯୋଗଦେଇଥିଲେ।

## ଚିରନ୍ତନୀ

ନିଶୀଥ ନିଜନେ ନୂପୁର ନିକ୍ୱଣ
ରହିଛି ଝିଲ୍ଲୀ ନାଦେ
ଆଦ୍ୟ ଆଷାଢ଼ ଜଳଦ ସହିତ
ଚିକୁର ତାହାର ହୁଏ ଲୀଳାୟିତ
ଗନ୍ଧ ତାହାର କରଇ ମୋହିତ
ମଳୟର ପରମାଦେ
ନିଶୀଥ ନିଜନେ ନୂପୁର ନିକ୍ୱଣ
ରହିଛି ଝିଲ୍ଲୀନାଦେ।
(ମଧୁ-ବିବାହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମୋ ସରକାରଙ୍କୁ ପଦେ

ମହାଶୟ,

ନଗର ଉନ୍ନୟନ ବିଭାଗ ମୋ ସରକାର ଅଧୀନକୁ ଆସିଥିବାରୁ ଆମେ ଖୁସି। ଏହି ବିଭାଗ ଅଧୀନରେ ଆସୁଥିବା ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ପୌର ପରିଷଦଗୁଡ଼ିକରେ ପିସି ବ୍ୟବସ୍ଥା ଏବଂ ରାସ୍ତାଘାଟ କାମରେ ଅନିୟମିତତା ହେଉଥିବା ଦେଖାଯାଉଛି। ଆମ ଜଟଣୀ ପୌର ପରିଷଦ ସେଥିରୁ ଅନ୍ୟତମ। ରାସ୍ତାଘାଟ କାମ ହେଉଥିବା ବେଳେ ମ୍ୟୁନିସିପାଲିଟିର ସମସ୍ତ ନିୟମକୁ ବେଖାତିର କରାଯାଉଛି। ବିନା ବ୍ୟୟ ଅଟକଳ ଫଳକ, ରାତ୍ରି ସମୟ ଏବଂ ରବିବାର କାମ ହେବା ସମୟରେ କେହି ତନଖି କରିବାକୁ ନ ରହିବା, କାମ ହୋଇଥିବା କଂକ୍ରିଟ ରାସ୍ତାରେ ପାଣି ନ ପକାଇବା ଭଳି ଅନେକ ବେନିୟମ କାମ କରାଯାଉଛି। ଏ ବାବଦରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ ଦେଲେ ମଧ୍ୟ ଫଳ ଶୂନ। ଯଦି ମୋ ସରକାର ପ୍ରକୃତରେ ଆମ ସାଧାରଣ ଲୋକମାନଙ୍କ ସରକାର ହୋଇଥାଏ, ତେବେ ଏଥିପ୍ରତି ନିଶ୍ଚିତ ନଜର ଦେବେ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### ବିଚାରପତିଙ୍କ ଅଭାବ

ଆନ୍ତର୍ଜାତିକ ମାନଦଣ୍ଡ ଅନୁସାରେ, ପ୍ରତି ୧୦ ଲକ୍ଷ ଲୋକରେ ୫୦ ଜଣ ବିଚାରପତି ରହିବା କଥା। ମାତ୍ର ଏବେ ଭାରତରେ ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ୧୮ ଜଣ ବିଚାରପତି ଅଛନ୍ତି। ଆବଶ୍ୟକତା ଅନୁସାରେ ଏହା ଅତି ନଗଣ୍ୟ। ଏବେ ଦେଶର ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟଗୁଡ଼ିକରେ ୧ କୋଟିରୁ ଅଧିକ ମାମଲା ବିଚାର ପାଇଁ ପଡ଼ିରହିଛି। ଦେଶବାସୀଙ୍କୁ ସହଜ ଓ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ବିଚାରପତିଙ୍କ ସଂଖ୍ୟା ବଢ଼ିବା ସହ ଅବସରପ୍ରାପ୍ତ ବିଚାରପତିମାନଙ୍କୁ ନିଯୁକ୍ତି ଦେଇ ଏହି ପଦବୀଗୁଡ଼ିକୁ ପୂରଣ କରିବାର ଆବଶ୍ୟକତା ରହିଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସତର୍କତା**

# ବସ୍‌ରେ ଲାଗିଲା କଟକଣା

ଭୁବନେଶ୍ୱର,୧୬।୩ (ବ୍ୟୁରୋ)

- ଯାତ୍ରୀଙ୍କୁ ଛିଡ଼ା କରି ନେଲେ ହେବ କାର୍ଯ୍ୟାନୁଷ୍ଠାନ
- ଆଜି ରାଜ୍ୟ ସରକାର- ବସ୍ ମାଲିକ ସଂଘ ବୈଠକ

କରୋନା ଭୂତାଣୁକୁ ନେଇ ସମଗ୍ର ବିଶ୍ୱ ଆତଙ୍କିତ। ଭାରତରେ ଏହି ଭୂତାଣୁ କାୟା ବିସ୍ତାର କରିଚାଲିଛି। ପରିସ୍ଥିତି ଯେପରି ଅଣାୟତ୍ତ ନ ହେବ ସେ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନେଉଛନ୍ତି। ସାମାଜିକ ମିଳାମିଶାକୁ ନିଷେଧ କରାଯାଇଥିବା ବେଳେ ଶିକ୍ଷାନୁଷ୍ଠାନ, ଶପିଙ୍ଗ୍ ମଲ୍, ସୁଇମିଂ ପୁଲ୍, ସିନେମା ହଲ୍ ଆଦିକୁ ବନ୍ଦ କରାଯାଇଛି। ବସ୍‌ରେ ଦୈନିକ ହଜାର ହଜାର ଯାତ୍ରୀ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଛନ୍ତି। ଗୋଟିଏ ବସ୍‌ରେ ନିର୍ଦ୍ଧାରିତ ସିଟ୍ ଠାରୁ ଢେର୍ ଅଧିକ ଯାତ୍ରୀ ଯିବା ଆସିବା କରୁଛନ୍ତି। କରୋନା ଭୂତାଣୁର ଭୟାବହତାକୁ ଦେଖି ରାଜ୍ୟ ସରକାର ବସ୍‌ଗୁଡ଼ିକରେ ନିର୍ଦ୍ଦିଷ୍ଟ ସିଟ୍ ଠାରୁ ଅଧିକ ଯାତ୍ରୀ ନେବା ଉପରେ କଟକଣା ଜାରି କରିଛନ୍ତି।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, କୌଣସି ବସ୍ ନିର୍ଦ୍ଧାରିତ ସିଟ୍ ଠାରୁ ଅଧିକ ଯାତ୍ରୀ ନେଇ ପାରିବେ ନାହିଁ। କୌଣସି ବସ୍ ମାଲିକ କିମ୍ବା ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏହି କଟକଣାକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କରୋନା (କୋଭିଡ-୧୯)କୁ ଅଧିକ ସମ୍ପ୍ରସାରଣ କରିବାକୁ ନ ଦେବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି। ସରକାରୀ, ଘରୋଇ ଏବଂ (କ୍ୟାପିଟାଲ୍ ରିଜିୟନ ଅର୍ବାନ ଟ୍ରାନ୍ସପୋର୍ଟ) କ୍ରୁଟ୍ ଦ୍ୱାରା ପରିଚାଳିତ ମୋ ବସ୍ ସେବା କ୍ଷେତ୍ରରେ ଏହି କଟକଣା ଲାଗୁ ହେବ। ଏ ନେଇ ଓଡ଼ିଶା ରାଜ୍ୟ ପରିବହନ ନିଗମ, କ୍ରୁଟ୍ କର୍ତ୍ତୃପକ୍ଷ ଏବଂ ଘରୋଇ ବସ୍ ମାଲିକ ସଂଘଗୁଡ଼ିକୁ ଅବଗତ କରାଯାଇଛି । କୌଣସି ବସ୍‌ରେ ଅଧିକ ଲୋକ ଯାଉ ନ ଥିବା ନେଇ ଉଭୟ ସରକାରୀ ଓ ବେସରକାରୀ ବସ୍ ମାଲିକମାନେ ଏ ନେଇ ନିୟମିତ ସୂଚନା ଦେବେ। ବସ୍‌ରେ କୌଣସି ଯାତ୍ରୀ ଛିଡ଼ା ହୋଇ ଯିବେ ନାହିଁ। ବସ୍ ଡ୍ରାଇଭର ଓ କର୍ମଚାରୀମାନେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ବସ୍‌ରେ ଭିଡ଼କୁ କମାଇବାକୁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ବସ୍‌ରେ କରୋନା ପ୍ରତିକାର ନେଇ ଆଉ କ'ଣ କରାଯାଇ ପାରିବ ସେ ନେଇ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପରିବହନ ବିଭାଗ ଏବଂ ରାଜ୍ୟ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ମଧ୍ୟରେ ଆଲୋଚନା ହେବ।

ରାଜ୍ୟରେ ଓଏସ୍‌ଆର୍‌ଟିସି ଅଧୀନରେ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ବସ୍ ଚାଲୁଥିବା ବେଳେ ୧୦ ହଜାରରୁ ଊର୍ଦ୍ଧ୍ୱ ଘରୋଇ ବସ୍ ଚଳାଚଳ କରୁଛି। ବସ୍‌ରେ ସିଟ୍ ଠାରୁ ୧୪ରୁ ୧୬ ଜଣ ଅଧିକ ଯାତ୍ରୀ ପରିବହନ କରିବାକୁ ସରକାର ଅନୁମତି ଦେଇଛନ୍ତି। ସେହି ଅନୁଯାୟୀ ଟିକସ ମଧ୍ୟ ବସ୍ ମାଲିକ ଦେଉଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପକୁ ବସ୍ ମାଲିକ ସଂଘ ସ୍ୱାଗତ କରିଥିବାବେଳେ ସରକାର ଯାତ୍ରୀ ପିଛା ନେଉଥିବା ଟିକସ ଛାଡ଼ କରିବାକୁ ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।




## ସ୍ଥଗିତ ରହିଲା ପଞ୍ଚାୟତସ୍ତରୀୟ ଉପନିର୍ବାଚନ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ରାଜ୍ୟରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ କମିଶନ ସୋମବାର ଆସନ୍ତା ୨୪ରେ କେତେକ ସ୍ଥାନରେ ହେବାକୁ ଥିବା ପଞ୍ଚାୟତସ୍ତରୀୟ ନିର୍ବାଚନକୁ ବନ୍ଦ ରଖିଛନ୍ତି। ଏହି ଦିନ ରାଜ୍ୟର ୨୦ ଜିଲାର ୨ ଜିଲାପରିଷଦ ସଭ୍ୟ, ୬ ସରପଞ୍ଚ, ୮ ସମିତି ସଭ୍ୟ ଏବଂ ୮୪ ୱାର୍ଡ ମେମ୍ବର ପାଇଁ ହେବାକୁ ଥିବା ଉପନିର୍ବାଚନକୁ ସ୍ଥଗିତ ରଖାଯାଇଛି। ଏହି ସବୁ ସ୍ଥାନରେ ଉପନିର୍ବାଚନ ନେଇ ପରବର୍ତ୍ତୀ ସମୟରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କରୋନା ମୁକାବିଲା ପାଇଁ ଗହଳିରୁ ଦୂରେଇ ରହିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ସେହିପରି କେତେକ ଜିଲା ପ୍ରଶାସନ ବିଭିନ୍ନ ସ୍ଥାନରେ ୧୪୪ ଧାରା ଲାଗୁ କରିସାରିଛନ୍ତି। ପଡ଼ୋଶୀ ଆନ୍ଧ୍ରପ୍ରଦେଶ ସରକାର ମଧ୍ୟ ଗତ ରବିବାର ହେବାକୁ ଥିବା ସ୍ଥାନୀୟ ନିର୍ବାଚନଗୁଡ଼ିକୁ ସ୍ଥଗିତ କରିଛନ୍ତି। ଭୋଟ ଗ୍ରହଣକୁ ଶାନ୍ତିପୂର୍ଣ୍ଣଭାବେ କରିବାକୁ ହେଲେ ପୋଲିଂ କର୍ମଚାରୀ, ପୋଲିସ ଫୋର୍ସ ଇତ୍ୟାଦିର ଆବଶ୍ୟକତା ରହିଛି। ରାଜ୍ୟରେ ସ୍ୱାସ୍ଥ୍ୟଜନିତ ବିପତ୍ତି ଜାରି ହୋଇଥିବାରୁ ବର୍ତ୍ତମାନ ସମୟରେ ଏହି ନିର୍ବାଚନକୁ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି।

# ପୁରୀ ଛାଡ଼ିଲେ ବିଦେଶୀ ପର୍ଯ୍ୟଟକ

## ଜଗନ୍ନାଥଙ୍କ କୃପା ରହିଲେ ଭଲରେ ଘରେ ପହଞ୍ଚିବୁ

ପୁରୀ ଅଫିସ,୧୬।୩


ପୁରୀରୁ ଫେରିବା ପୂର୍ବରୁ ଜଣେ ବିଦେଶିନୀ ଜଗନ୍ନାଥଙ୍କୁ ପ୍ରଣାମ କରୁଛନ୍ତି।

କରୋନାକୁ ନେଇ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ପକ୍ଷରୁ ଯେଉଁସବୁ କଟକଣା ଓ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ସ୍ୱାଗତଯୋଗ୍ୟ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଏହାକୁ ସମସ୍ତେ ମାନିବା ଦରକାର ବୋଲି କହିଛନ୍ତି ଲିବାନିଆର ପର୍ଯ୍ୟଟକ। ୧୬ଜଣିଆ ଏହି ବିଦେଶୀ ପର୍ଯ୍ୟଟକ ସୋମବାର ଅପରାହ୍ନରେ ପୁରୀ ଛାଡ଼ିଛନ୍ତି। ଗଲାବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସେମାନେ ରହୁଥିବା ହୋଟେଲ ସମ୍ମୁଖରୁ ମୁଣ୍ଡିଆ ମାରି ଆଶୀର୍ବାଦ କାମନା କରିଛନ୍ତି। ଜଗନ୍ନାଥଙ୍କ କୃପା ରହିଲେ ଭଲରେ ଯାଇ ଘରେ ପହଞ୍ଚିବୁ ବୋଲି ଏହି ବିଦେଶୀ ପର୍ଯ୍ୟଟକମାନେ କହିଛନ୍ତି।

କରୋନର ଭୟାବହତାକୁ ନେଇ ପ୍ରଶାସନ ପକ୍ଷରୁ ଟୁରିଷ୍ଟ ବସ୍ ସେବାକୁ ବନ୍ଦ କରାଯାଇଛି। ସେହିପରି ବେଳାଭୂମି ଉପରେ କଟକଣା ଲଗାଯିବା ସହ ବିଦେଶୀ ପର୍ଯ୍ୟଟକଙ୍କୁ ସର୍ବସାଧାରଣରେ ବୁଲାବୁଲି ନ କରିବାକୁ ପରାମର୍ଶ ଦିଆଯାଇଛି। ଜରୁରୀ କାମ ନ ଥିଲେ ଏବେ ପୁରୀ ନ ଆସିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ବିଦେଶୀ ତଥା ରାଜ୍ୟ ବାହାର ପର୍ଯ୍ୟଟକଙ୍କ ଉପରେ ସତର୍କ ଦୃଷ୍ଟି ରହିଛି। କଟକଣା ଯୋଗୁ ପର୍ଯ୍ୟଟକମାନେ ପୁରୀ ଛାଡ଼ିବା ଆରମ୍ଭ କରିଦେଇଛନ୍ତି। ସୋମବାର ଲିବାନିଆର ୧୬ ଜଣିଆ ଦଳ ପୁରୀ ଛାଡ଼ିବା ବେଳେ ଭାବବିହ୍ୱଳ ହୋଇପଡ଼ିଥିଲେ। ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସହ ଓଡ଼ିଶାର କଳା, ସଂସ୍କୃତିକୁ ବେଶ୍ ପ୍ରଶଂସା କରିଥିଲେ। ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସିନା ଦର୍ଶନ କରିପାରୁନୁ ହେଲେ ସିଂହଦ୍ୱାରରେ ପତିତପାବନଙ୍କ ଦର୍ଶନ ସେମାନଙ୍କୁ ଅଭିଭୂତ କରିଦେଇଛି। ବର୍ତ୍ତମାନ କରୋନାକୁ ନେଇ ସେମାନେ ବି ଚିନ୍ତିତ। ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଥିଲେ ସେମାନେ ପୁଣି ଭଲରେ ଘରକୁ ଫେରିପାରିବେ ବୋଲି କହିଥିଲେ। ସୂଚନାଥାଉ କି, ଏମାନେ ବହୁଦିନ ପୂର୍ବରୁ ଭାରତ ଆସିଥିଲେ। ପ୍ରଥମେ ଦ୍ୱାରିକାରେ ବୁଲାବୁଲି ସାରି ପୁରୀରେ ପହଞ୍ଚିଥିଲେ। ଏଠାରେ ବିଭିନ୍ନ ସ୍ଥାନ ବୁଲି ସାରିବା ପରେ ସୋମବାର ପୁଣି ଦ୍ୱାରକା ଯିବେ ବୋଲି କହିଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ ହଷ୍ଟେଲ ବନ୍ଦ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

କରୋନା ଭାଇରସର ସତର୍କତା ପାଇଁ ପୂର୍ବରୁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରାଯାଇଥିବା ବେଳେ ସୋମବାର ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ ହଷ୍ଟେଲ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ସମସ୍ତ କ୍ଲାସ୍ ବନ୍ଦ କରାଯାଇଥିଲା। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅର୍ଥାତ୍ ୧୭ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ସମସ୍ତ ଛାତ୍ରୀଛାତ୍ରଙ୍କୁ ହଷ୍ଟେଲ ଖାଲି କରିବାକୁ ପଡ଼ିବ ବୋଲି ପିଜି କାଉନସିଲ ଅଧ୍ୟକ୍ଷା ସୂଚନା ଦେଇଛନ୍ତି। ସେହିଭଳି ମଙ୍ଗଳବାର ମଧ୍ୟାହ୍ନ ସୁଦ୍ଧା ହଷ୍ଟେଲର ସମସ୍ତ ମେସ୍ ବନ୍ଦ କରିବାକୁ ରେସିଡେଣ୍ଟସ୍ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ମିଡ୍ ସେମିଷ୍ଟର ପରୀକ୍ଷାକୁ ମଧ୍ୟ କର୍ତ୍ତୃପକ୍ଷ ଘୁଞ୍ଚାଇ ଦେଇଛନ୍ତି। ଯେଉଁ ବିଭାଗଗୁଡ଼ିକର ମିଡ ସେମିଷ୍ଟର ପରୀକ୍ଷା ରହିଛି ତାହାଉପରେ ମାର୍ଚ୍ଚ ୩୧ ତାରିଖ ପରେ ନିଷ୍ପତ୍ତି ନିଆଯିବ। ଏପଟେ ପରିସ୍ଥିତିକୁ ଦୃଷ୍ଟିରେ ରଖି ହଷ୍ଟେଲ କେବେ ଖୋଲିବ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯିବ ବୋଲି କୁହାଯାଇଛି।

## ନବୀନଙ୍କ ପଦକ୍ଷେପକୁ ଅନୁସରଣ କରୁ ପାର୍ଲାମେଣ୍ଟ: ସସ୍ମିତ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ବିଶ୍ୱବ୍ୟାପୀ ପ୍ରଭାବ ବିସ୍ତାର କରୁଥିବା କରୋନାକୁ ମୁକାବିଲା କରିବା ପାଇଁ ସମସ୍ତେ ଚେଷ୍ଟା କରୁଛନ୍ତି। କିଛିଦିନ ତଳେ ଓଡ଼ିଶାରେ କରୋନାକୁ ରାଜ୍ୟ ବିପତ୍ତି ଘୋଷଣା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଥିଲେ। ଏଥିସହିତ ବିଧାନସଭା ପରିସରରେ ଏକ ହାତଧୁଆ କାର୍ଯ୍ୟକ୍ରମ କରାଯାଇ ଜନପ୍ରତିନିଧି ଏବଂ ଅଫିସରମାନଙ୍କୁ ସଚେତନ କରାଯାଇଥିଲା। ଅନୁରୂପଭାବେ ପାର୍ଲାମେଣ୍ଟ ଏମ୍‌ପିମାନଙ୍କ ପାଇଁ ତାହା କରାଯାଉ ବୋଲି ବିଜେଡିର ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ସୋମବାର କହିଛନ୍ତି।

ସେହିଭଳି ଏଟିଏମ୍ ମାଧ୍ୟମରେ ସାନିଟାଇଜର ଏବଂ ଆବଶ୍ୟକ ସାମଗ୍ରୀ ବିତରଣ, ବ୍ୟାପକ ସଂଖ୍ୟାରେ ଯାଞ୍ଚ କେନ୍ଦ୍ର, ଡାକ୍ତରମାନଙ୍କ ପାଇଁ ପିପି ସ୍ୟୁଟ୍, ସମସ୍ତ ବିମାନ ବନ୍ଦରରେ ଯାଞ୍ଚ କରାଯିବା ନେଇ ସସ୍ମିତ ଦାବି କରିଛନ୍ତି। ବର୍ତ୍ତମାନ କେବଳ ଅନ୍ତର୍ଜାତୀୟ ବିମାନ ବନ୍ଦରଗୁଡ଼ିକରେ ଯାଞ୍ଚ କରାଯାଉଥିବା ସସ୍ମିତ ସୂଚନା ଦେଇଥିଲେ। କରୋନା କାରଣରୁ ସାରା ଦେଶର ଏକ ସ୍ୱାସ୍ଥ୍ୟଜନିତ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଦ୍ୱାରା ଦେଶର ଏକ ବିରାଟ ଶ୍ରମଶକ୍ତି ଆର୍ଥିକ ଦୃଷ୍ଟିରୁ ପ୍ରଭାବିତ ହୋଇଛି। ତେଣୁ ସେମାନଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କ ନିକଟରେ ସସ୍ମିତ ଦାବି କରିଛନ୍ତି।

## ରାଜ୍ୟ ସଭା ନିର୍ବାଚନ: ୪ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଭାରତୀୟ ନିର୍ବାଚନ କମିଶନ(ଇସି)ଙ୍କ ବିଜ୍ଞପ୍ତି ଅନୁଯାୟୀ ରାଜ୍ୟ ସଭା ନିର୍ବାଚନ ପାଇଁ ପ୍ରାର୍ଥୀମାନେ ଦାଖଲ କରିଥିବା ନାମାଙ୍କନପତ୍ରର ସୋମବାର ଯାଞ୍ଚ କରାଯାଇଛି। ରିଟର୍ନିଂ ଅଧିକାରୀ ତଥା ବିଧାନସଭା ସଚିବ ଦାଶରଥି ଶତପଥୀ ଏହି ଯାଞ୍ଚ କରିଥିଲେ। ମୋଟ ୮ ଜଣ ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ ହୋଇଥିବା ୧୨ଟି ନାମାଙ୍କନପତ୍ର ସେଟ୍ ଯାଞ୍ଚ କରାଯାଇଥିଲା । ତନ୍ମଧ୍ୟରୁ ବିଜେଡି ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରିଥିବା ମମତା ମହାନ୍ତ, ମୁଜିବୁଲ୍ଲା (ମୁନ୍ନା) ଖାଁ, ସୁଜିତ୍ କୁମାର ଓ ସୁଭାଷ ଚନ୍ଦ୍ର ସିଂଙ୍କର କାଏମ ରହିଛି। ଯାଞ୍ଚ ପ୍ରକ୍ରିୟା ବେଳେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁଶୀଲ କୁମାର ଲୋହାନୀ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ ।

## ଲକ୍ଷେ ଟଙ୍କା ଟପିଲାନି, ସୁନା ରୁପା ଶୂନ

ପୁରୀ ଅଫିସ,୧୬।୩

**ଶ୍ରୀମନ୍ଦିର ହୁଣ୍ଡିରେ କରୋନା ମାଡ଼**

କରୋନାର ପ୍ରଭାବ କେବଳ ଲୋକଙ୍କ ଜୀବନ ଜୀବିକା ଉପରେ ନୁହେଁ, ଶ୍ରୀମନ୍ଦିର ହୁଣ୍ଡିରେ ବି ଏହା ଦେଖିବାକୁ ମିଳିଛି। ବିଶ୍ୱବ୍ୟାପୀ ଘାତକ ସାଜିଥିବା ଏହି ମାରାତ୍ମକ ଭୂତାଣୁର ମୁକାବିଲା ଲାଗି ରବିବାର ଶ୍ରୀମନ୍ଦିର ପାଇଁ କେତେକ କଟକଣା ଜାରି କରାଯାଇଥିଲା। ସୋମବାରଠାରୁ ଏହାକୁ ଲାଗୁ କରାଯାଇଛି। ଏହି କଟକଣା ପରେ ଶ୍ରୀମନ୍ଦିରକୁ ଦର୍ଶନାର୍ଥୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଛି। ଫଳରେ ସୋମବାର ହୁଣ୍ଡି ଅର୍ଥ ଲକ୍ଷେ ଟଙ୍କା ଟପି ନ ଥିବାବେଳେ ସୁନା, ରୁପା ଆଦୌ ବାହାରିନାହିଁ। ଶ୍ରୀମନ୍ଦିର ହୁଣ୍ଡି। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଏଥିରେ ଟଙ୍କା, ସୁନା, ରୁପା ଇତ୍ୟାଦି ପକାଇଥାନ୍ତି। କେହି କେହି ମାନସିକ କରି ହୁଣ୍ଡିରେ ବିଭିନ୍ନ ପ୍ରକାର ବସ୍ତ୍ର ମଧ୍ୟ ପକାଇଥାନ୍ତି। ଏହି ଦାନ ଅର୍ଥ ଏବଂ ସୁନା, ରୁପା ଅଳଙ୍କାର ଆଦି ପ୍ରତିଦିନ ସନ୍ଧ୍ୟାରେ ଗଣତି କରାଯାଇଥାଏ। ଶ୍ରୀମନ୍ଦିର ବେଢା ପରିସର ଶାଖା କାର୍ଯ୍ୟାଳୟରେ ଏହି ଗଣତି ହୁଏ। ପ୍ରତିଦିନ ହୁଣ୍ଡିରୁ କେତେ ଟଙ୍କା ମିଳେ ତାହାକୁ ଶ୍ରୀମନ୍ଦିର ପ୍ରଶାସନ ସର୍ବସାଧାରଣରେ ଅବଗତ କରାଇଥାଏ। ସାଧାରଣ ଦିନଗୁଡ଼ିକରେ ପ୍ରାୟ ୨ଲକ୍ଷରୁ ଊର୍ଦ୍ଧ୍ୱ ଏବଂ ସ୍ୱତନ୍ତ୍ର ପର୍ବପର୍ବାଣି ଦିନରେ ୪/୫ଲକ୍ଷ ଟଙ୍କା ବାହାରେ। ସେହିପରି ପ୍ରତ୍ୟେକ ଦିନ କିଛି ପରିମାଣର ସୁନା, ରୁପା ମଧ୍ୟ ବାହାରିଥାଏ। ହେଲେ ସୋମବାର ହୁଣ୍ଡିରେ ଆଦୌ ସୁନା ଓ ରୁପା ପଡ଼ି ନ ଥିବାବେଳେ କେବଳ ୯୮ହଜାର ୮୭୨ ଟଙ୍କା ବାହାରିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କରୋନା କଟକଣା ଯୋଗୁ ସୋମବାର ଶ୍ରଦ୍ଧାଳୁଙ୍କ ସଂଖ୍ୟା କମିଥିବାରୁ ନୀତିକାନ୍ତି ଶୀଘ୍ର ହେବା ସହ ରାତ୍ର ପହୁଡ ସଅଳ ହୋଇଥିଲା।

## ଅନିଲ ଅମ୍ବାନୀଙ୍କୁ ଇଡି ସମନ୍

ନୂଆଦିଲ୍ଲୀ,୧୬।୩

ୟେସ୍ ବ୍ୟାଙ୍କ ବେଆଇନ ଅର୍ଥ କାରବାର ମାମଲାରେ ଏବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ କରୁଛି। ଏହି ମାମଲାରେ ରିଲାଏନ୍ସ ଗ୍ରୁପ ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କୁ ଇଡି ସୋମବାର ସାନି ନୋଟିସ ଜାରି କରିଛି। ମୁମ୍ବାଇର ବାଲାର୍ଡ ଇଷ୍ଟେଟ ଏରିଆରେ ରହିଥିବା ଇଡି କାର୍ଯ୍ୟାଳୟରେ ହାଜରେ ହେବା ଲାଗି ଅନୀଲଙ୍କୁ ପୂର୍ବରୁ ନୋଟିସ ହୋଇଥିବାବେଳେ କେତେକ ବ୍ୟକ୍ତିଗତ କାରଣ ଯୋଗୁ ସେ ହାଜର ହୋଇ ପାରିନାହାନ୍ତି। ତେଣୁ ମାର୍ଚ୍ଚ ୧୯ରେ ପୁଣି ଥରେ ହାଜର ହେବାକୁ ଅନୀଲଙ୍କୁ ନିର୍ଦ୍ଦେଶ ରହିଛି। କ୍ଷତିଗ୍ରସ୍ତ ୟେସ୍ ବ୍ୟାଙ୍କରୁ ବୃହତ୍ ପରିମାଣର ଋଣ ନେଇଥିବା ସଂସ୍ଥା ମଧ୍ୟରେ ରିଲାଏନ୍ସ କମ୍ୟୁନିକେଶନ ମଧ୍ୟ ରହିଛି। ୟେସ୍ ବ୍ୟାଙ୍କରୁ ନେଇଥିବା ସବୁ ଋଣ ଫେରାଇ ଦିଆଯିବ ବୋଲି ରିଲାଏନ୍ସ ନିକଟରେ ସ୍ପଷ୍ଟୀକରଣ ଦେଇଥିଲା। ଏହାବାଦ ଏସେଲ୍ ଗ୍ରୁପ ପ୍ରମୋଟର ସୁଭାଷ ଚନ୍ଦ୍ରା ଏବଂ ଦେବାଳିଆ ହୋଇ ଯାଇଥିବା ବିମାନ କମ୍ପାନୀ ଜେଟ୍ ଏୟାରୱେଜର ପ୍ରମୋଟର ନରେଶ ଗୋୟଲଙ୍କୁ ମଧ୍ୟ ଇଡି ସମନ କରିଛି। ୟେସ୍ ବ୍ୟାଙ୍କ ଋଣ ସହ ସମ୍ପୃକ୍ତ ଅନ୍ୟ ସଂସ୍ଥା ଏବଂ ବ୍ୟକ୍ତି ବିଶେଷଙ୍କୁ ଇଡି ସମନ ଜାରି କରିବ ବୋଲି ଜଣାପଡ଼ିଛି।

## କଲେଜ ଯିବେନି ଅଧ୍ୟାପକ, କର୍ମଚାରୀ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

- ନିର୍ଦ୍ଧାରିତ ସମୟରେ ହେବ ୬ଷ୍ଠ ସେମିଷ୍ଟର୍ ପରୀକ୍ଷା
- ଚାହିଁଲେ ହଷ୍ଟେଲରେ ରହିପାରିବେ ଛାତ୍ରୀଛାତ୍ର
- ସଚେତନତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ

କରୋନା ସଂକ୍ରମଣ ମୁକାବିଲାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଅଧ୍ୟାପକ ଏବଂ କର୍ମଚାରୀମାନଙ୍କୁ ଶିକ୍ଷାନୁଷ୍ଠାନକୁ ନ ଆସିବାକୁ ବାରଣ କରିଛି ଉଚ୍ଚଶିକ୍ଷା ବିଭାଗ। ପରୀକ୍ଷା କିମ୍ବା ମୂଲ୍ୟାଙ୍କନ ସମ୍ବନ୍ଧୀୟ କାର୍ଯ୍ୟ ନଥିଲେ କଲେଜ ନ ଆସିବାକୁ କୁହାଯାଇଛି। ତେବେ ଜରୁରୀ କିମ୍ବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲେ ଡକାଇବା ମାତ୍ରେ ତୁରନ୍ତ ହେଡ୍‌କ୍ୱାର୍ଟରରେ ଉପସ୍ଥିତ ହେବାକୁ କୁହାଯାଇଛି। ଏନେଇ ସୋମବାର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତି, ମହାବିଦ୍ୟାଳୟଗୁଡ଼ିକର ଅଧ୍ୟକ୍ଷ, ସରକାରୀ ଅନୁଦାନପ୍ରାପ୍ତ ଏବଂ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଶାଶ୍ୱତ ମିଶ୍ର ଚିଠି ଲେଖି ଅବଗତ କରାଇଛନ୍ତି।

ଅନ୍ୟପକ୍ଷରେ ରେସିଡେନ୍ସିଆଲ୍ ହଷ୍ଟେଲଗୁଡ଼ିକରେ ଥିବା ଛାତ୍ରୀଛାତ୍ରମାନେ ଚାହିଁଲେ ସେମାନଙ୍କ ଘରକୁ ଯାଇପାରିବେ। ହେଲେ ଯଦି କିଏ ବି ହଷ୍ଟେଲରେ ରହିବାକୁ ଚାହିଁବ, ସେମାନଙ୍କ ପାଇଁ ହଷ୍ଟେଲ୍ ଓ ମେସ୍ ଖୋଲା ରଖିବା ବାଧ୍ୟତାମୂଳକ। ପ୍ରମୁଖ ସ୍ଥାନରେ କରୋନା ଭୂତାଣୁ ସଂକ୍ରମଣ ଏବଂ ଏହାର ସଚେତନତାମୂଳକ ପଦକ୍ଷେପ ସମ୍ପର୍କରେ ପୋଷ୍ଟର ଆକାରରେ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଖବରକାଗଜରେ ବାହାରୁଥିବା କରୋନା ସମ୍ପର୍କିତ ବିଜ୍ଞାପନକୁ ଇନ୍‌ଫରମେଶନ, ଏଜୁକେଶନ ଆଣ୍ଡ କମ୍ୟୁନିକେଶନ(ଆଇଇସି) ମ୍ୟାଟେରିଆଲ ଭାବେ ବ୍ୟବହାର କରିବାକୁ କୁହାଯାଇଛି। ଆଗକୁ ହେବାକୁ ଥିବା ୬ଷ୍ଠ ସେମିଷ୍ଟର ପରୀକ୍ଷା ଏବଂ ଏହି ସେମିଷ୍ଟରର ବ୍ୟାକ୍ ପେପର ପରୀକ୍ଷା ପୂର୍ବ ସୂଚିତ ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହେବ। ହେଲେ ପରୀକ୍ଷା ପୂର୍ବରୁ ଭଲଭାବେ ଚେୟାର ଓ ଟେବୁଲ୍ ସଫା କରିବା, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆବଶ୍ୟକ ଦୂରତା ରକ୍ଷା କରିବା, ପରୀକ୍ଷା ହଲ୍‌କୁ ପ୍ରବେଶ ପୂର୍ବରୁ ହାତ ସଫା କରିବା ଭଳି ଜରୁରୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି। ତେବେ ଅନ୍ୟ ସେମିଷ୍ଟର୍ ପରୀକ୍ଷାଗୁଡ଼ିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାତିଲ କରାଯାଇଛି।

# ଧାର୍ମିକ ପୀଠ, ପର୍ଯ୍ୟଟନସ୍ଥଳୀରେ ବଢ଼ିଲା କଟକଣା

ଭୁବନେଶ୍ୱର,୧୬।୩(ବ୍ୟୁରୋ)

- ଅଧିକାଂଶ ସ୍ଥାନରେ ୧୪୪ ଧାରା ଜାରି
- ପିପିଲି ଗେଟ୍‌ରେ ଯାଞ୍ଚ, ବିଦା ହେଲେ ପର୍ଯ୍ୟଟକ
- ବାରୁଣୀ ସ୍ନାନ ବାତିଲ, ଭକ୍ତଙ୍କ ପାଇଁ ଥର୍ମାଲ ସ୍କ୍ରିନିଂ


ପୁରୀ ଯାଉଥିବା ସମସ୍ତ ଟୁରିଷ୍ଟ ଗାଡ଼ିକୁ ପିପିଲି ଟୋଲ୍‌ଗେଟରେ ଯାଞ୍ଚ କରାଯାଉଛି।

ରାଜ୍ୟର ପ୍ରଥମ କରୋନା ଭାଇରସ୍ ସଂକ୍ରମଣ ଜଣାପଡ଼ିବା ପରେ ସବୁଠି କଟକଣା ଲାଗୁ କରାଯାଇଛି। କେଉଁଠି ୧୪୪ ଧାରା ଲାଗୁ ହୋଇଛି ତ ଆଉ କେଉଁଠି ମଲ୍‌ରୁ ଆରମ୍ଭକରି ମନ୍ଦିର, ଧାର୍ମିକ ପୀଠ, ପର୍ଯ୍ୟଟନସ୍ଥଳୀ ପର୍ଯ୍ୟନ୍ତ କଟକଣାକୁ ବଢ଼ାଇ ଦିଆଯାଇଛି। ଏପରିସ୍ଥିତିରେ ଭୟଭୀତ ନ ହୋଇ ସତର୍କ ରହି ପରିସ୍ଥିତିର ସାମ୍ନା କରିବାକୁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି। ସମସ୍ତ ଜିଲା ପ୍ରଶାସନ ପକ୍ଷରୁ ସଚେତନତାମୂଳକ ପଦକ୍ଷେପକୁ ତ୍ୱରାନ୍ୱିତ କରାଯାଇଛି। ଅଧିକାଂଶ ଜନଗହଳିପୂର୍ଣ୍ଣ ସ୍ଥାନକୁ ବନ୍ଦ କରିଦିଆଯିବା ସହ ବିଭିନ୍ନ ଉତ୍ସବ, ମହୋତ୍ସବ ଓ ଧାର୍ମିକ କାର୍ଯ୍ୟକୁ ବାତିଲ କରାଯାଇଛି।

କରୋନା ପାଇଁ ସର୍ବାଧିକ ପ୍ରଭାବିତ ହୋଇଛି ପୁରୀ ପର୍ଯ୍ୟଟନ ଶିଳ୍ପ। ଶ୍ରୀମନ୍ଦିରରେ ପ୍ରବେଶ ଲାଗି କଟକଣା ଜାରି କରାଯାଇଥିବାବେଳେ ପୁରୀ ଯାଉଥିବା ସମସ୍ତ ଗାଡ଼ିକୁ ପିପିଲି ଟୋଲ୍‌ଗେଟରେ ଯାଞ୍ଚ କରାଯାଉଛି। ପରିବହନ କର୍ମଚାରୀ, ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ଏହି ଟୋଲ୍‌ଗେଟରେ ଯାଞ୍ଚ କରୁଥିବାବେଳେ ପର୍ଯ୍ୟଟକମାନଙ୍କୁ ନେଇ ପୁରୀ ଯାଉଥିବା ଗାଡ଼ିଗୁଡ଼ିକୁ ଅଟକାଯାଉଛି। ଫଳରେ ସୋମବାର ଶତାଧିକ ଗାଡ଼ି ଟୋଲ୍‌ଗେଟ୍ ନିକଟରୁ ଫେରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପୁରୀରେ ରହିଯାଇଥିବା ପର୍ଯ୍ୟଟକଙ୍କୁ ହୋଟେଲ ଭିତରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କାକଟପୁର ମଙ୍ଗଳା ମନ୍ଦିରରେ ମଧ୍ୟ କରୋନା କଟକଣା ଜାରି କରାଯାଇଛି। ଶ୍ରଦ୍ଧାଳୁଙ୍କୁ ଗର୍ଭଗୃହକୁ ନ ଛାଡ଼ିବାକୁ ମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ପ୍ରସିଦ୍ଧ ହରିରାଜପୁର ମେଳଣରେ ମଧ୍ୟ ୧୪୪ ଧାରା ଜାରି କରାଯାଇଛି। ସେହିଭଳି କରୋନାକୁ ଦୃଷ୍ଟିରେ ରଖି ଯାଜପୁର ଜିଲାରେ ୧୪୪ ଧାରା ଜାରି କରାଯାଇଛି। ଜନସମାଗମକୁ ବନ୍ଦ କରିବାକୁ ଏଭଳି ପଦକ୍ଷେପ ନିଆଯାଇଥିବାବେଳେ ଆସନ୍ତା ୨୧ରେ ବୈତରଣୀ ନଦୀ ଦଶାଶ୍ୱମେଧ ଘାଟରେ ହେବାକୁ ଥିବା ବାରୁଣୀ ସ୍ନାନକୁ ବାତିଲ କରି ଦିଆଯାଇଛି। କେବଳ ଏତିକି ନୁହେଁ, ବରାହନାଥ ପୀଠରେ ହେବାକୁ ଥିବା ବାରୁଣୀ ଯାତ୍ରାକୁ ମଧ୍ୟ ଜିଲା ପ୍ରଶାସନ ବାତିଲ କରିଦେଇଛି। ଏଠାରେ ମଧ୍ୟ ଜିଲା ଭିତରକୁ ବାହାର ପର୍ଯ୍ୟଟକଙ୍କ ଗାଡ଼ି ପ୍ରବେଶ ନ କରାଇବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ସମ୍ବଲପୁରରେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସମସ୍ତ ଶପିଂ ମଲ୍ ଓ ଶୋରୁମ୍ ବନ୍ଦ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବାବେଳେ ସମଲେଇ ମନ୍ଦିରରେ କଟକଣା ଜାରି ହୋଇଛି। ଭକ୍ତଙ୍କ ପାଇଁ ଥର୍ମାଲ ସ୍କ୍ରିନିଂ ବାଧ୍ୟତାମୂଳକ ହୋଇଛି। କରୋନା ଲାଗି ଗଜପତି ଓ ମୟୂରଭଞ୍ଜ ଜିଲାରେ ସିନେମା ହଲ୍ ଓ ମେଳା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ରାଉରକେଲାରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମଲଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଢେଙ୍କାନାଳ ଜିଲାରେ ୧୪୪ ଧାରା ଜାରି ହୋଇଛି। ପ୍ରସିଦ୍ଧ କପିଳାସ ଓ ବଳଦେବଜୀଉ ମନ୍ଦିର ଦର୍ଶନ ପାଇଁ କଟକଣା ଲଗାଯିବା ସହ ଶପିଂ ମଲ ଓ ଡିୟର ପାର୍କକୁ ବନ୍ଦ କରାଯାଇଛି। ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଗଜପତି ଜିଲାର ସମସ୍ତ ମଲ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି କେନ୍ଦ୍ରାପଡ଼ାରେ ମଧ୍ୟ ଜିଲା ପ୍ରଶାସନ କୋଚିଂ ସେଣ୍ଟର ଓ ଶପିଂ ମଲ ବନ୍ଦ ରଖିବାକୁ ଘୋଷଣା କରିଛି।

ଏପଟେ ରାଜ୍ୟ ରାଜଧାନୀରେ କରୋନାର ପ୍ରଭାବ ସବୁଠାରୁ ଅଧିକ ଅନୁଭୂତ ହୋଇଛି। ସହରର ସମସ୍ତ ପର୍ଯ୍ୟଟନସ୍ଥଳୀ ଖାଁ ଖାଁ ଥିବାବେଳେ ମ୍ୟୁଜିୟମ୍‌ରୁ ଆରମ୍ଭକରି ପ୍ଲାନେଟାରିୟମ୍ ପର୍ଯ୍ୟନ୍ତ ସବୁକିଛି ବନ୍ଦ ରହିଛି। ଧଉଳି ଶାନ୍ତିସ୍ତୂପ ସହ ଖଣ୍ଡଗିରି ଓ ଉଦୟଗିରିକୁ ମଧ୍ୟ ବନ୍ଦ କରାଯାଇଛି। ଜିଲା ପ୍ରଶାସନର ନିଷ୍ପତ୍ତିକୁ ପାଳନ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।

**କରୋନା ଲାଗି ୪୫ କୋଟିର ପାଣ୍ଠି**

କରୋନା ସଂକ୍ରମଣ ରୋକିବା ଲାଗି ମହାରାଷ୍ଟ୍ର ସରକାର ୪୫ କୋଟି ଟଙ୍କାର ପାଣ୍ଠି ଘୋଷଣା କରିଛନ୍ତି। କୋଙ୍କଣ ଡିଭିଜନ ଲାଗି ୧୫ କୋଟି, ପୁଣେ ଲାଗି ୧୦ କୋଟି, ଅମରାବତୀ, ନାଗପୁର, ଔରଙ୍ଗାବାଦ, ନାସିକ ଡିଭିଜନ ଲାଗି ୫କୋଟି ଲେଖାଏ ଘୋଷଣା ହୋଇଛି। ଦୁବାଇ, ସୌଦି ଆରବ ଓ ଆମେରିକାରୁ ଆସୁଥିବା ଯାତ୍ରୀଙ୍କୁ ବିମାନବନ୍ଦରରେ ସ୍କ୍ରିନିଂ କରାଯିବ ବୋଲି ଘୋଷଣା କରାଯାଇଛି।



# ଦେଶବ୍ୟାପୀ ଶିକ୍ଷାନୁଷ୍ଠାନ, ମଲ୍ ବନ୍ଦ

**ନୂଆଦିଲ୍ଲୀ, ୧୬।୩(ପି.ଟି.)**

କରୋନା ସଂକ୍ରମଣ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ମଲ୍, ସିନେମା ହଲ, ପର୍ଯ୍ୟଟନ ସ୍ଥଳ ଓ ଧର୍ମାନୁଷ୍ଠାନ ଆଦିକୁ ବନ୍ଦ କରିବା ଲାଗି ଅନୁଷ୍ଠିତ ମନ୍ତ୍ରୀଗୋଷ୍ଠୀ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପିଲାମାନଙ୍କୁ ଘରେ ରହି ପଢ଼ିବାକୁ ପରାମର୍ଶ ଦିଆଯିବା ସହ ଅନ୍‌ଲାଇନ୍ ଶିକ୍ଷାର ପ୍ରସାର ପାଇଁ କୁହାଯାଇଛି। ଭାରତରେ କରୋନା ଭୂତାଣୁ ସଂକ୍ରମିତଙ୍କ ସଂଖ୍ୟା ସୋମବାର ୧୧୪ରେ ପହଞ୍ଚିଛି। ୨ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୩ ଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି। ସଂକ୍ରମିତଙ୍କ ମଧ୍ୟରେ ୧୭ ଜଣ ବିଦେଶୀ ପର୍ଯ୍ୟଟକ ଅଛନ୍ତି। ଓଡ଼ିଶାରେ ରବିବାର ପ୍ରଥମ ରୋଗୀ ଚିହ୍ନଟ ହୋଇଥିବାବେଳେ ଲଦାଖ, ଜମ୍ମୁ-କଶ୍ମୀର ଓ କେରଳରେ ନୂଆ ସଂକ୍ରମିତ ପରୀକ୍ଷାରୁ ଜଣାପଡିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମହାରାଷ୍ଟ୍ରରେ ଆଉ ୪ ଜଣଙ୍କଠାରେ ଏହି ଭୂତାଣୁ ଥିବା ଜଣାପଡିବା ପରେ ସେଠାରେ ମୋଟ ରୋଗୀସଂଖ୍ୟା ୩୭ରେ ପହଞ୍ଚିଛି।

ସମସ୍ତ ପ୍ରକାର ଧର୍ମୀୟ, ପାରିବାରିକ, ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ସମାବେଶ ବନ୍ଦ ରଖିବାକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୋମବାର ଘୋଷଣା କରିଛନ୍ତି। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କୌଣସି ସ୍ଥାନରେ ୫୦ରୁ ଅଧିକ ଲୋକ ଏକାଠି ନ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ରାଜଧାନୀର ସବୁ ହାଟକୁ ବନ୍ଦ କରିଦିଆଯାଇଛି। ସପିଙ୍ଗ ମଲ୍ ଫାଟକରେ ଓ ଷ୍ଟୋରରେ ସାନିଟାଇଜର ରଖିବାକୁ କୁହାଯାଇଛି। ଶାହିନବାଗ୍ ଏବଂ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ବାହାରେ ଚାଲିଥିବା ସିଏଏ ବିରୋଧୀ ବିକ୍ଷୋଭକୁ ନିଷିଦ୍ଧ କରାଯାଇଛି। ସେଠାରେ ୩ ମାସରୁ ଅଧିକ ଦିନ ହେଲା ବିକ୍ଷୋଭ ଚାଲିଥିଲା। ସେହିପରି ୩୧ ପର୍ଯ୍ୟନ୍ତ ରାଜଧାନୀର ସମସ୍ତ ଜିମ୍, ନାଇଟ କ୍ଲବ ଓ ସ୍ପା ବନ୍ଦ ରହିବ।

କରୋନା ସଂକ୍ରମଣ ମୁକାବିଲା ଦିଗରେ କୌଣସି ସୁଯୋଗ ହାତଛଡ଼ା ନ କରିବାକୁ ସରକାର ଚାହୁଁଛନ୍ତି। ଏଥିପାଇଁ ସାମୂହିକ ଉଦ୍ୟମ ଲୋଡ଼ା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସଂକ୍ରମଣ ରୋକିବା ଦିଗରେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମୀମାନଙ୍କ ଉଦ୍ୟମକୁ ମୋଦି ପ୍ରଶଂସା କରିଛନ୍ତି।

ପ୍ରତିକାର ବ୍ୟବସ୍ଥା ସ୍ୱରୂପ ମୁମ୍ବାଇର ପ୍ରସିଦ୍ଧ ସିଦ୍ଧିବିନାୟକ ମନ୍ଦିରକୁ ଭକ୍ତମାନଙ୍କ ଲାଗି ବନ୍ଦ କରିଦିଆଯାଇଛି। ସେହିପରି ମହାରାଷ୍ଟ୍ରର ଅନ୍ୟତମ ଲୋକପ୍ରିୟ ତୀର୍ଥସ୍ଥାନ ତୁଲଜାଭବାନୀ ମନ୍ଦିରକୁ ୩୧ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଘୋଷଣା କରାଯାଇଛି। ପ୍ରସିଦ୍ଧ ଅଜନ୍ତା ଓ ଏଲୋରା ଗୁମ୍ଫା ସମେତ ବିଭିନ୍ନ ଐତିହାସିକ ସ୍ଥଳକୁ ଏପ୍ରିଲ ୭ ପର୍ଯ୍ୟନ୍ତ ବନ୍ଦ ରଖାଯିବ। ସମାବେଶଠାରୁ ଦୂରେଇ ରହିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।



କୋଝିକୋଡେ ରେଳଷ୍ଟେଶନରେ ଯାତ୍ରୀମାନଙ୍କୁ ଯାଞ୍ଚ କରାଯାଉଛି।

- ଭାରତରେ କରୋନା ରୋଗୀସଂଖ୍ୟା ୧୧୪
- ଦିଲ୍ଲୀରେ ୫୦ରୁ ଅଧିକ ଲୋକ ଏକାଠି ନ ହେବାକୁ ନିର୍ଦ୍ଦେଶ
- ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା
- ସିଦ୍ଧିବିନାୟକ ମନ୍ଦିର, ଅଜନ୍ତା ଓ ଏଲୋରା ଗୁମ୍ଫା ବନ୍ଦ

## ପର୍ଯ୍ୟଟକଙ୍କ ଲାଗି ବନ୍ଦହେଲା ତାଜମହଲ



**ନୂଆଦିଲ୍ଲୀ, ୧୬।୩**

କରୋନା ମହାମାରୀ ରୂପ ଧାରଣ କରିଥିବା ବେଳେ ବିଶ୍ୱବ୍ୟାପୀ ଆତଙ୍କ ଖେଳିଯାଇଛି। ଏହି ଭୂତାଣୁ ସଂକ୍ରମଣକୁ ରୋକିବା ଓ ଲୋକଙ୍କୁ ସଚେତନ କରାଇବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ବିଭିନ୍ନ ଶିକ୍ଷାନୁଷ୍ଠାନ, ମଲ୍, ହୋଟେଲ, ସିନେମା ହଲ ଆଦି ବନ୍ଦ କରାଯାଇଥିବା ବେଳେ ବିଶ୍ୱ ଐତିହ୍ୟ ତାଜମହଲକୁ ମଙ୍ଗଳବାରଠାରୁ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ବନ୍ଦ କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଟିକଟ କଟାଯାଉଥିବା ସମସ୍ତ ସ୍ମାରକ ଓ ମ୍ୟୁଜିୟମକୁ ମାର୍ଚ୍ଚ ୩୧ପର୍ଯ୍ୟନ୍ତ ବନ୍ଦ କରାଯିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ପଟେଲ ସୋମବାର କହିଛନ୍ତି।

## ହସ୍ପିଟାଲରୁ ୧୧ କରୋନା ସନ୍ଦିଗ୍ଧ ଫେରାର

**ମୁମ୍ବାଇ, ୧୬।୩**

ଦେଶରେ କରୋନା ଭାଇରସ୍ ସଂକ୍ରମଣ ସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଥିବା ବେଳେ ଏପର୍ଯ୍ୟନ୍ତ ୧୧୫ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଲୋକଙ୍କୁ ସଚେତନ କରାଇବା ସହ ଚିକିତ୍ସା ସୁବିଧା ଯୋଗାଇ ଦେବା ଉପରେ ସରକାର ଜୋର୍ ଦେଇଆସୁଛନ୍ତି। ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ସୋମବାର ମହାରାଷ୍ଟ୍ରର ନଭି ମୁମ୍ବାଇସ୍ଥିତ ଏକ ହସ୍ପିଟାଲରୁ ୧୧ କରୋନା ସନ୍ଦିଗ୍ଧ ଫେରାର୍ ହୋଇଯାଇଛନ୍ତି। ଏହି ଦୁବାଇ ଫେରନ୍ତାଙ୍କୁ ପରୀକ୍ଷା କରାଯାଇ ପୃଥକ ଭାବେ ଚିକିତ୍ସା କରାଯାଉଥିଲା। ହେଲେ ରିପୋର୍ଟ ଆସିବା ପୂର୍ବରୁ ସେମାନେ ଫେରାର୍ ହୋଇଯିବା ସରକାରଙ୍କ ଚିନ୍ତା ବଢ଼ାଇଦେଇଛି। ଭୟର ବାତାବରଣ ସୃଷ୍ଟି ସହ ପ୍ରାଣଘାତୀ ରୋଗରେ ପଡ଼ିବା ଯୋଗୁ ସାମାଜିକ କଳଙ୍କକୁ ଡରି ସେମାନେ ଏଭଳି ଫେରାର୍ ହୋଇଯାଇଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। ପ୍ରକାଶଥାଉ କି, ଗତ ସପ୍ତାହରେ ନାଗପୁର ହସ୍ପିଟାଲରୁ ୪ କରୋନା ସନ୍ଦଗ୍ଧ ଫେରାର୍ ହୋଇଯିବା ପରେ ଆତଙ୍କ ଖେଳିଯାଇଥିଲା।

## ପାର୍ଲାମେଣ୍ଟ ଭବନରେ ଥର୍ମାଲ ସ୍କ୍ରିନିଂ ବ୍ୟବସ୍ଥା



**ନୂଆଦିଲ୍ଲୀ, ୧୬।୩(ପି.ଟି.)**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପାର୍ଲାମେଣ୍ଟ ଭବନ ପରିସରକୁ ଆସୁଥିବା ଦର୍ଶକମାନଙ୍କ ପାଇଁ ସୋମବାର ଥର୍ମାଲ ସ୍କ୍ରିନିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପାର୍ଲାମେଣ୍ଟ ଭିତରକୁ ଯାଉଥିବା କର୍ମଚାରୀ ଓ ଖବରଦାତାଙ୍କର ଥର୍ମାଲ ଯାଞ୍ଚ କରାଯିବ। ପାର୍ଲାମେଣ୍ଟ ଅଧିବେଶନ ଦେଖିବା ଲାଗି ଆଗ୍ରହୀ ଲୋକମାନଙ୍କୁ ପାସ୍ ଇସ୍ୟୁ ବନ୍ଦ କରିଦିଆଯାଇଛି।

## ସର୍ବଦଳୀୟ ବୈଠକ ଡାକିବାକୁ କଂଗ୍ରେସର ପରାମର୍ଶ

**ନୂଆଦିଲ୍ଲୀ, ୧୬।୩(ଆଇଏଏନ୍‌ଏସ୍)**

କରୋନା ସ୍ଥିତିକୁ ନେଇ କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡାକିବାକୁ ସୋମବାର କଂଗ୍ରେସ ପରାମର୍ଶ ଦେଇଛି। ପାର୍ଲାମେଣ୍ଟ ଅଧିବେଶନକୁ ମୁଲତବୀ ରଖାଯିବ କିମ୍ବା ଏହା ଆଂଶିକ ଭାବେ କାର୍ଯ୍ୟ କରିବ ସେ ନେଇ ବୈଠକରେ ନିଷ୍ପତ୍ତି ନେବାକୁ କଂଗ୍ରେସ ନେତା ଅଭିଷେକ ମନୁ ସିଙ୍ଘଭି କହିଛନ୍ତି। ଭାଜପା କରୋନା ସ୍ଥିତି ଅପେକ୍ଷା ମଧ୍ୟପ୍ରଦେଶ ଓ ଗୁଜରାଟରେ ଘୋଡ଼ାବେପାରକୁ ଅଧିକ ପ୍ରାଧାନ୍ୟ ଦେଉଥିବା ସେ ଅଭିଯୋଗ କରିଥିଲେ। ରାଜ୍ୟଗୁଡ଼ିକ କରୋନା ସଂକ୍ରମଣ ରୋକିବା ଦିଗରେ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନ୍‌ଫରେନ୍ସ କରିବାକୁ ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ସହ କେନ୍ଦ୍ର ସରକାର ପ୍ରତିକାର ବ୍ୟବସ୍ଥା ନେଇ ଆଲୋଚନା କରିବା ଆବଶ୍ୟକ ବୋଲି କଂଗ୍ରେସ ନେତା କପିଲ ଶିବଲ କହିଛନ୍ତି।

## ପାନ୍-ଆଧାର ସଂଯୋଗର ଶେଷ ତାରିଖ ମାର୍ଚ୍ଚ ୩୧

**ନୂଆଦିଲ୍ଲୀ, ୧୬।୩ (ପି.ଟି.)**

ପାନ୍ ସହ ଆଧାର ନମ୍ବର ସଂଯୋଗ ବାଧ୍ୟତାମୂଳକ ହୋଇଥିବାବେଳେ ଏଥିପାଇଁ ଶେଷ ତାରିଖ ମାର୍ଚ୍ଚ ୩୧ ଧାର୍ଯ୍ୟ ହୋଇଥିବା ଆୟକର ବିଭାଗ ପକ୍ଷରୁ ସୋମବାର କୁହାଯାଇଛି। ଏହାକୁ ହାତଛଡ଼ା ନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ପାନ୍ ସହ ଆଧାର ସଂଯୋଗ ନ ହେଲେ ଏହା ଅକାମୀ ହୋଇଯିବ ବୋଲି ଗତମାସରେ କୁହାଯାଇଥିଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ମେଘୁଆ ରହିବା ସହ ସାମାନ୍ୟ ବର୍ଷା ହେବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୬ | ୨୦.୦ |
| ଚାନ୍ଦବାଲି | ୩୪.୫ | ୨୦.୬ |
| କଟକ | ୩୪.୦ | ୨୧.୦ |
| ପାରାଦୀପ | ୩୦.୫ | ୨୨.୨ |
| ଭୁବନେଶ୍ୱର | ୩୫.୨ | ୨୨.୭ |
| ଗୋପାଳପୁର | ୩୩.୮ | ୨୩.୭ |
| ପୁରୀ | ୩୧.୬ | ୨୨.୬ |
| ଅନୁଗୋଳ | ୩୪.୭ | ୧୮.୬ |
| ବାରିପଦା | ୩୨.୦ | ୨୨.୦ |
| ଝାରସୁଗୁଡ଼ା | ୩୨.୬ | ୨୦.୬ |
| କେନ୍ଦୁଝର | ୩୨.୪ | ୧୯.୫ |
| ସମ୍ବଲପୁର | ୩୩.୬ | ୨୦.୬ |
| ସୁନ୍ଦରଗଡ଼ | ୩୧.୦ | ୧୫.୫ |
| ହୀରାକୁଦ | ୩୨.୫ | ୨୧.୯ |
| ତାଳଚେର | ୩୩.୫ | ୧୯.୩ |
| ଭବାନୀପାଟଣା | ୩୪.୫ | ୨୨.୫ |
| ବଲାଙ୍ଗୀର | ୩୪.୫ | ୨୨.୦ |
| କୋରାପୁଟ | ୩୩.୦ | ୧୮.୬ |
| ଫୁଲବାଣୀ | ୩୨.୪ | ୨୧.୫ |
| ଟିଟିଲାଗଡ଼ | ୩୧.୪ | ୧୬.୫ |
| ମାଲକାନଗିରି | ୩୫.୫ | ୨୦.୪ |
| ସୋନପୁର | ୩୬.୨ | ୧୭.୮ |
| ଦାରିଙ୍ଗିବାଡ଼ି | ୩୦.୦ | ୧୬.୫ |

ଡିଗ୍ରୀ ସେଲ୍‌ସିୟସ୍

## ଇରାନରୁ ଚତୁର୍ଥ ପର୍ଯ୍ୟାୟରେ ଫେରିଲେ ୫୩ ଭାରତୀୟ

**ନୂଆଦିଲ୍ଲୀ, ୧୬।୩(ପି.ଟି.)**

ସର୍ବାଧିକ କରୋନା ପ୍ରଭାବିତ ମଧ୍ୟପ୍ରାଚ୍ୟ ଦେଶ ଇରାନରୁ ଚତୁର୍ଥ ପର୍ଯ୍ୟାୟରେ ସୋମବାର ଆଉ ୫୩ ଭାରତୀୟଙ୍କୁ ଫେରାଇ ଅଣାଯାଇଛି। ମହାନ୍ ଏୟାର ବିମାନରେ ଆସିଥିବା ଏହି ଭାରତୀୟମାନେ ନୂଆଦିଲ୍ଲୀରେ ଅବତରଣ କରିବା ପରେ ସେମାନଙ୍କୁ ଜୟସାଲମେରସ୍ଥିତ ସେନା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ୪ ଥରରେ ଇରାନରୁ ୩୮୯ ଜଣଙ୍କୁ ଫେରାଇ ଅଣାଗଲାଣି। ସୋମବାର ଫେରିଥିବା ୫୩ ଜଣଙ୍କ ମଧ୍ୟରୁ ୫୨ ଛାତ୍ରୀଛାତ୍ର ଥିବାବେଳେ ଜଣେ ଶିକ୍ଷକ ଅଛନ୍ତି। ଏଥିପାଇଁ ଇରାନରେ ଥିବା ଭାରତୀୟ ଟିମ୍ ଏବଂ ଇରାନ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର।

## ଗୁଜରାଟର ୬୭ ବିଧାୟକଙ୍କୁ ଜୟପୁର ନେଲା କଂଗ୍ରେସ

**ଅହମଦାବାଦ, ୧୬।୩**

**ରାଜ୍ୟ ସଭା ନିର୍ବାଚନରେ ଘୋଡ଼ା ବେପାର ଆଶଙ୍କା**

୨୬ରେ ରାଜ୍ୟ ସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ କଂଗ୍ରେସ ନିଜ ୬୭ ବିଧାୟକଙ୍କୁ ଜୟପୁର ନେଇଯାଇଛି। ୧୮୨ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ କଂଗ୍ରେସର ୭୩ ବିଧାୟକ ଥିବାବେଳେ ୫ ଜଣ ସେମାନଙ୍କ ଇସ୍ତଫାପତ୍ର ପ୍ରଦାନ କରିସାରିଛନ୍ତି। ବାଚସ୍ପତି ସେମାନଙ୍କ ଇସ୍ତଫାପତ୍ର ଗ୍ରହଣ ମଧ୍ୟ କରିସାରିଛନ୍ତି। ଜିତୁ ଚୌଧୁରୀ ନାମକ ଜଣେ କଂଗ୍ରେସ ବିଧାୟକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନାହିଁ। ପ୍ରଥମ ପର୍ଯ୍ୟାୟରେ ୪୨ ଓ ପରେ ୨୫ ବିଧାୟକଙ୍କୁ କଂଗ୍ରେସ ଜୟପୁର ନେଇଛି। ରାଜ୍ୟ ବିଧାନସଭା ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ କଂଗ୍ରେସ ରାଜ୍ୟ ସଭା ଭୋଟ ଲାଗି ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଦଳର ମୁଖପାତ୍ର ମନୀଷ ଦୋଷୀ ପ୍ରକାଶ କରିଛନ୍ତି। କ୍ରସ ଭୋଟିଂକୁ ନଜରରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କଂଗ୍ରେସରୁ ଶକ୍ତିସିଂହ ଗୋହିଲ, ଭରତ ସିଂହ ସୋଲାଙ୍କିଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ଭାଜପାରୁ ଅଭୟ ଭରଦ୍ୱାଜ, ନରହରି ଅମିନ୍‌ଙ୍କୁ ପ୍ରାର୍ଥୀ କରାଯାଇଛି। ଭାଜପା ୨ ଆସନ ଓ କଂଗ୍ରେସ ୧ ଆସନରେ ସହଜରେ ଜିତବ ବୋଲି ଜଣାପଡ଼ିଥିବା ବେଳେ ତୃତୀୟ ଆସନ ଲାଗି କ୍ରସ ଭୋଟିଂର ଆଶଙ୍କା ରହିଛି। ଏହାକୁ ଏଡ଼ାଇବା ଲାଗି କଂଗ୍ରେସ ନିଜ ବିଧାୟକମାନଙ୍କୁ ଜୟପୁର ନେଇଥିବା ଜଣାପଡ଼ିଛି।

## ଶିବସେନା ନେତାଙ୍କୁ ହତ୍ୟା

**ମୁମ୍ବାଇ, ୧୬।୩(ପି.ଟି.)**

ମହାରାଷ୍ଟ୍ରର ଅହମଦନଗର ଜିଲାରେ ଶିବସେନାର ଜଣେ କାର୍ଯ୍ୟକର୍ତ୍ତାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ ୬ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ରବିବାର ସନ୍ଧ୍ୟାରେ ଶିବସେନା କୋପାରଗାଁଓ ୟୁନିଟ ଉପଜିଲା ସଭାପତି ସୁରେଶ ଗିର୍ ପାଟିଲଙ୍କ ଘରେ ୬ ଜଣ ପ୍ରବେଶ କରି ତାଙ୍କ ଉପରକୁ ୪ ରାଉଣ୍ଡ ଗୁଳି ଚଳାଇବା ସହ ଛୁରି ଭୁସିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଚିହ୍ନଟ କରାଯାଇଥିବା ପୋଲିସ କହିଛି। ମୃତ ଶିବସେନା ନେତାଙ୍କ ବିରୋଧରେ ହତ୍ୟା ଓ ଦଙ୍ଗା ମାମଲା ଥିଲା।

**ଇତିହାସର ଆଇନାରେ**

### ମାର୍ଚ୍ଚ ୧୭ର ପ୍ରମୁଖ ଘଟଣା

୧୯୮୮ ମାର୍ଚ୍ଚ ୧୭ରେ କଲମ୍ବିଆର ଏକ ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥିବା ସମସ୍ତ ୧୪୩ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା।

୧୯୯୦ ମାର୍ଚ୍ଚ ୧୭ରେ ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହୱାଲ ଜନ୍ମଗ୍ରହଣ କରିଥିଲେ। ବିଶ୍ୱର ଏକ ନମ୍ବର ଖେଳାଳି ମାନ୍ୟତା ପାଇଥିବା ନେହୱାଲ ୨୪ ଅନ୍ତର୍ଜାତୀୟ ଟାଇଟଲ ହାସଲ କରିଛନ୍ତି।


CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କସିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କସିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

BUSINESS

ASTROLOGY

Fusion Microfinance PVT.LTD
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ
ଉପଲବ୍ଧ Online ସୁବିଧା
CONTACT
90783-45815
gmail-fusionmicrofinance2020@gmail.com

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡ଼ା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର: ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାବିନ, ଭୁବନେଶ୍ୱର
9773820765

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୭ ମାର୍ଚ୍ଚ, ୨୦୨୦



## ସଂକ୍ଷେପରେ

### କରୋନା ମୁକାବିଲା: ବିପର୍ଯ୍ୟୟ ପାଣ୍ଠିରୁ ୨୨୫ କୋଟି ମଞ୍ଜୁର

**ଭୁବନେଶ୍ୱର,୧୬।୩(ବ୍ୟୁରୋ):** କରୋନା(କୋଭିଡ-୧୯) ଭୂତାଣୁକୁ ପ୍ରତିହତ କରିବାକୁ ରାଜ୍ୟ ସରକାର ଯଥା ସମ୍ଭବ ପ୍ରୟାସ ଆରମ୍ଭ କରିଛନ୍ତି। ଏହାର ମୁକାବିଲା ପାଇଁ ସରକାର ପ୍ରଥମ ପର୍ଯ୍ୟାୟରେ ୨୨୫ କୋଟି ଟଙ୍କା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଅନୁମୋଦନ କରିଛନ୍ତି । ସୋମବାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ ଏକ୍‌ଜିକ୍ୟୁଟିଭ କମିଟି ବୈଠକରେ ଏହି ଅର୍ଥକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅର୍ଥ କରୋନା ସନ୍ଦିଗ୍ଧ ଏବଂ କରୋନା ଆକ୍ରାନ୍ତଙ୍କୁ ଅଲଗା ରଖିବା, ସେମାନଙ୍କ ରକ୍ତ ଓ ଲାଳ ନମୁନା ପରୀକ୍ଷା,ସ୍କ୍ରିନିଂ, ଅସ୍ଥାୟୀ ବାସସ୍ଥାନ ଯୋଗାଇବା, ଖାଦ୍ୟ, ଔଷଧ, ଚିକିତ୍ସା, ମେଡିକାଲ ଉପକରଣ, ନୂଆ ଲାବୋରେଟୋରି ସ୍ଥାପନ କରିବା ଆଦି କ୍ଷେତ୍ରରେ ଖର୍ଚ୍ଚ କରାଯିବ।

### ବାଇକ-ପିକ୍‌ଅପ୍ ମୁହାଁମୁହିଁ, ୩ ମୃତ

**ମୋହନା,୧୬।୩(ଡି.ଏନ୍.ଏ.):** ଗଜପତି ଜିଲା ମୋହନା ଥାନା ରାଇସିଂ ଘାଟି ତଳେ ଜାତୀୟ ରାଜପଥ ନଂ.୩୨୬ରେ ସୋମବାର ପିକ୍‌ଅପ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କର୍ଚ୍ଚବାଡି ପଞ୍ଚାୟତ ରାମାନାଜୁ ଗ୍ରାମର ସୁଧୀର ମଲ୍ଲିକ, ମେଲ ମଲ୍ଲିକ ଓ ହୁଏରି ଗ୍ରାମର ରାମଚନ୍ଦ୍ର ମଳିକ। ପ୍ରକାଶ ଯେ, ଏକ ବାଇକ (ନଂ.ଓଡି୦୭ଇ-୭୩୩୮)ରେ ସୁଧୀର, ମେଲ୍ ଓ ହୁଏରି ମୋହନାରୁ ରାମନାଜୁ ଫେରୁଥିଲେ। ରାୟଗଡା ପଟୁ ଏକ ପିକ୍‌ଅପ୍ (ନଂ.ଓଡି୦୭ଆର୍-୦୦୮୭) ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ରାଇସିଂ ଘାଟିତଳେ ବାଇକ ଓ ପିକ୍‌ଅପ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ମୋହନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ୩ ଜଣଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁଧୀର, ମେଲ୍ ଓ ହୁଏରିଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ମେଡିକାଲ ନିଆଯାଇଥିବା ଜାଣିବାକୁ ପାଇଥିଲେ। ପୋଲିସ ପରିବାର ଲୋକଙ୍କୁ ଖବର ନଦେବା ପ୍ରତିବାଦରେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ସଡକ ଛକ ଓ ଘଟଣାସ୍ଥଳରେ ଲୋକେ ରାସ୍ତାରୋକୋ କରିଥିଲେ।

# ବ୍ୟବସାୟୀଙ୍କ କ୍ଷତି ଟପିବ ୧ ହଜାର କୋଟି

## ବଜାର ସ୍ଥିତି ବିଗାଡୁଛି କରୋନା

ଭୁବନେଶ୍ୱର,୧୬।୩(ବ୍ୟୁରୋ)

କରୋନା(କୋଭିଡ-୧୯)ର ପ୍ରକୋପ ସମଗ୍ର ବିଶ୍ୱକୁ ଅସ୍ତବ୍ୟସ୍ତ କରି ପକାଇଛି। ଏଥିଯୋଗୁ ବିଶ୍ୱ ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହୋଇଛି। ଏହି ରୋଗ କେବଳ ମଣିଷ ସ୍ୱାସ୍ଥ୍ୟକୁ ଯେ ଗ୍ରାସ କରୁଛି ତାହା ନୁହେଁ, ରାଜ୍ୟର ସାମାଜିକ ଏବଂ ଆର୍ଥିକ ବ୍ୟବସ୍ଥାକୁ ମଧ୍ୟ ଦୋହଲାଇ ଦେଇଛି। ଛୋଟ ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ବଡ଼ ବଡ଼ ମଲ୍ ମାଲିକମାନେ ମଧ୍ୟ ହତାଶ ହୋଇ ପଡିଛନ୍ତି। ଜରୁରୀ ସାମଗ୍ରୀକୁ ଛାଡି ଦେଲେ ବଜାରର ଅନ୍ୟ ସମସ୍ତ ବ୍ୟବସାୟ ଏକ ପ୍ରକାର ବନ୍ଦ ହେବାକୁ ବସିଲାଣି। ଗତ ଦୁଇ ସପ୍ତାହ ମଧ୍ୟରେ ରାଜ୍ୟରେ ପ୍ରାୟ ୧ ହଜାର କୋଟି ଟଙ୍କାର କ୍ଷତି ହେବ ବୋଲି ଅନୁମାନ କରାଯାଇଛି। କରୋନା ଗୁଜବ ଯୋଗୁ କୁକୁଡା ବ୍ୟବସାୟ ଗୁରୁତର ପ୍ରଭାବିତ ହୋଇଛି। ଗୁଜବ ପ୍ରଚାର ହେବା ଯୋଗୁ ଚିକେନ, ଅଣ୍ଡା ବିକ୍ରି ୬୦ ପ୍ରତିଶତ ତଳକୁ ଖସିଯାଇଛି। ରାଜ୍ୟ ସରକାର ବିଜ୍ଞାପନ ଜରିଆରେ ଲୋକମାନଙ୍କ ମନରୁ ଚିକେନ ପ୍ରତି ଭୟ ଦୂର କରିବାକୁ ଚେଷ୍ଟା କଲେ ମଧ୍ୟ ବ୍ୟବସାୟରେ ସେତେଟା ଉନ୍ନତି ପରିଲକ୍ଷିତ ହେଉନାହିଁ ବୋଲି ଚିକେନ ବ୍ୟବସାୟୀ ବାବୁ ଖାନ କହିଛନ୍ତି। କରୋନା ଯୋଗୁ ସମଗ୍ର ରାଜ୍ୟରେ କୁକୁଡା ଚାଷୀ ଓ ଚିକେନ ବ୍ୟବସାୟୀଙ୍କର ପ୍ରାୟ ୩ଶହ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ହେଲାଣି। ଏଭଳି ପରିସ୍ଥିତି ଜାରି ରହିଲେ କ୍ଷତି ଆହୁରି ବଢ଼ିବ ବୋଲି ଆଶଙ୍କା କରାଯାଇଛି। ବଡ ବଡ ମଲ୍, ସିନେମା ହଲ୍, ରେସ୍ତୋରାଁ ବନ୍ଦ କରିବାକୁ ସରକାର ଘୋଷଣା କରିଛନ୍ତି। ଏସବୁ ଉପରେ ନିର୍ଭର କରିଥିବା ମାଲିକ ଓ କର୍ମଚାରୀ ନିଜର ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇ ପଡିଛନ୍ତି। ଦରମା ଓ ଅନ୍ୟାନ୍ୟ ଖର୍ଚ୍ଚ କେମିତି ଉଠାଇବେ ସେ ନେଇ ଚିନ୍ତାରେ ପଡିଛନ୍ତି। ଛୋଟ ଜଳଖିଆ ଓ ଫାଷ୍ଟ ଫୁଡ ବ୍ୟବସାୟୀ ମଧ୍ୟ କରୋନା ଯୋଗୁ କ୍ଷତି ସହିବା ଆରମ୍ଭ କରିଛନ୍ତି। ଲୋକମାନେ ଫାଷ୍ଟ ଫୁଡ ଖାଇବାକୁ ଭୟ କରୁଛନ୍ତି। ଏ ସବୁ ବ୍ୟବସାୟ ୪୦ରୁ ୫୦ ପ୍ରତିଶତ କମିଥିବା ବ୍ୟବସାୟୀମାନେ କହୁଛନ୍ତି। ବିମାନ ସେବା ବନ୍ଦ ହେବା ଯୋଗୁ ରାଜ୍ୟର ପର୍ଯ୍ୟଟନ ଶିଳ୍ପ ପ୍ରଭାବିତ ହୋଇଛି। ଟୁର୍ ଅପରେଟର ଏବଂ ହୋଟେଲ ମାଲିକମାନେ କ୍ଷତି ସହୁଛନ୍ତି। ଗତ ଦୁଇ ସପ୍ତାହ ମଧ୍ୟରେ ରାଜ୍ୟକୁ ୪୦ ପ୍ରତିଶତ ଘରୋଇ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଛି।

# ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ୍ସରେ ଅଭିଷେକ

## ୩୮ ଦିନରେ ୧୦ ହଜାର ପାଣି ବୋତଲ ବାଣ୍ଟିଛନ୍ତି

କଟକ ଅଫିସ,୧୬।୩



ସମାଜରେ ନିଃସ୍ୱାର୍ଥପର ସେବା ପାଇଁ ୱାର୍ଲ୍ଡ ବୁକ୍ ଅଫ ରେକର୍ଡ୍ସ ୟୁକେରେ ସ୍ଥାନ ପାଇଛନ୍ତି କଟକ ଜିଲା ବାଦାମବାଡି ବିକାଶନଗର ଅଞ୍ଚଳର ଅଭିଷେକ ସାହୁ(୧୨)। ସେ ଫନି ବାତ୍ୟା ପରର ଗ୍ରୀଷ୍ମପ୍ରବାହ ସମୟରେ ପୋଲିସ ଏବଂ ଟ୍ରାଫିକ କର୍ମଚାରୀଙ୍କୁ ପାଣି ବୋତଲ ବାଣ୍ଟିଥିଲେ। ନିଜ ପାରିଶ୍ରମିକରୁ ୩୮ ଦିନ ମଧ୍ୟରେ ୧୦ ହଜାର ଥଣ୍ଡାପାଣି ବୋତଲ ବାଣ୍ଟିଥିଲେ। ଫଳରେ ବ୍ରିଟେନର ୱାର୍ଲ୍ଡ ବୁକ୍ ଅଫ ରେକର୍ଡ୍ସ ସଂସ୍ଥା ପକ୍ଷରୁ ଗତ ଫେବୃୟାରୀ ୨୬ରେ ତାଙ୍କୁ ଏହି ରେକର୍ଡରେ ସାମିଲ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ସାର୍ଟିଫିକେଟ୍ ଓ ପଦକ ଉକ୍ତ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଛି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ମିଳିଛି। ଅଭିଷେକ ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲରେ ସପ୍ତମ ଶ୍ରେଣୀରେ ପଢୁଛନ୍ତି। ଭଲ ଛାତ୍ର ସହ ଜଣେ ଡ୍ରମ୍‌ବାଦକ ଭାବେ ମଧ୍ୟ ତାଙ୍କର ନାଁ ରହିଛି। ସେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କରନ୍ତି। ସେଥିରୁ ଯାହାକିଛି ଅର୍ଥ ମିଳେ, ତାହାକୁ ସମାଜସେବାରେ ନିୟୋଜିତ କରିଥାନ୍ତି। ବିଭିନ୍ନ ସମୟରେ ସେ ଅସହାୟ ପିଲାମାନଙ୍କୁ ପୋଷାକ ବାଣ୍ଟିବା, ବୃଦ୍ଧଙ୍କୁ ଖାଦ୍ୟ ଦେବା ଏବଂ ଗଛ ଲଗାଇବା କାର୍ଯ୍ୟ ମଧ୍ୟ କରିଛନ୍ତି। ଏହି ସାମାଜିକ କାର୍ଯ୍ୟ ପାଇଁ ପୂର୍ବରୁ ସେ ୱାର୍ଲ୍ଡ ଗିନିଜ ରେକର୍ଡ ଓ ୱାର୍ଲ୍ଡ ବୁକ୍ ଅଫ ରେକର୍ଡ(ଲଣ୍ଡନ) ଦ୍ୱାରା ମଧ୍ୟ ପୁରସ୍କୃତ ହୋଇଛନ୍ତି। କମିଶନରେଟ୍ ପୋଲିସ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି। ତାଙ୍କୁ ଏହି କାର୍ଯ୍ୟରେ ବାପା ଆଲୋକ ରଞ୍ଜନ ସାହୁ, ମା' ସସ୍ମିତା ସାହୁ, ଭାଇ ଅଭିନିତ୍ ସାହୁ ସହଯୋଗ କରିବା ସହିତ ପ୍ରେରଣା ଦେଉଥିବା ଅଭିଷେକ କହିଥିଲେ।

# ଜିଲା ଚିଠି: ସୁନ୍ଦରଗଡ଼



## କୋଲ୍ କରିଡର

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକରେ ରହିଛି ଏସିଆର ସର୍ବବୃହତ୍ କୋଲ ବ୍ଲକ। ପ୍ରଥମେ ଏମ୍‌ସିଏଲ୍ ତରଫରୁ ବସୁନ୍ଧରା ଓ କୁଲଡା ଖଣିରୁ କୋଇଲା ଉତ୍ତୋଳନ କରାଯାଇ ପଡୋଶୀ ଝାରସୁଗୁଡ଼ା ଜିଲା ଓ ଛତିଶଗଡ଼ ରାଜ୍ୟର ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନକୁ ଯୋଗା ଯାଉଥିଲା। ନିକଟରେ ଏମ୍‌ସିଏଲ ତା'ର ଅନ୍ୟାନ୍ୟ କୋଲବ୍ଲକଗୁଡିକରୁ କୋଇଲା ଉତ୍ତୋଳନ ଆରମ୍ଭ କରିବାକୁ ଯାଉଛି। ଏଥିସହିତ ଏନ୍‌ଟିପିସି, ଓପିଜିସିଏଲ ଓ ଅନ୍ୟାନ୍ୟ କମ୍ପାନୀଗୁଡିକ ମଧ୍ୟ ନିଜର କୋଲ ବ୍ଲକରୁ କୋଇଲା ଉତ୍ତୋଳନ ଆରମ୍ଭ କରିଛନ୍ତି। ଏମ୍‌ସିଏଲ ତରଫରୁ ସଡ଼କପଥରେ କୋଇଲା ପରିବହନ ହେଉଥିବା ବେଳେ ସେହି ରାସ୍ତାଗୁଡିକରେ ଟ୍ରାଫିକ ସମସ୍ୟା ଓ ପରିବେଶ ପ୍ରଦୂଷଣ ମାତ୍ରା ବଢି ଚାଲିଛି। କୋଇଲା ଗୁଣ୍ଡ ଉଡି ରାସ୍ତା ପାର୍ଶ୍ୱରେ ଥିବା ଜନବସତି, ଚାଷଜମି ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଥିବା ବେଳେ କୋଇଲା ବୋଝେଇ ଭାରି ଯାନ ଚଳାଚଳ ଯୋଗୁ ନିୟମିତ ଛୋଟବଡ ଦୁର୍ଘଟଣା ଘଟି ଜୀବନହାନି ଘଟୁଛି। ଅଞ୍ଚଳବାସୀଙ୍କ ତରଫରୁ ଦୀର୍ଘବର୍ଷରୁ କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର କୋଲ କରିଡର ନିର୍ମାଣ ସକାଶେ ଦାବି ହୋଇଥିଲା। ଏମ୍‌ସିଏଲ କର୍ତ୍ତୃପକ୍ଷ ଶେଷରେ କୋଲ କରିଡର ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ହେଲେ ଏହି କୋଲ କରିଡର ନିର୍ମାଣ ମନ୍ଥର ଗତିରେ ଚାଲିଛି। ବସୁନ୍ଧରା-କୁଲଡା କୋଇଲା ଖଣି ନିକଟସ୍ଥ ବଲିଙ୍ଗାଠାରୁ ସୁନ୍ଦରଗଡ଼ ସଦର ବ୍ଲକ ଭେଡାବାହାଲ ପର୍ଯ୍ୟନ୍ତ ୩୦.୮୧୧କିମି ପର୍ଯ୍ୟନ୍ତ ପ୍ରସ୍ତାବିତ ଏହି ସ୍ୱତନ୍ତ୍ର କୋଲ କରିଡର ରାଜ୍ୟ ରାଜପଥ ନଂ.୧୦ ବିଜୁ ଏକ୍ସପ୍ରେସ ୱେକୁ ସଂଯୋଗ କରିବ। ମୋଟ ୪୨୫ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି କୋଲ କରିଡର ନିର୍ମାଣ ପାଇଁ ୧୯ ଗ୍ରାମର ଜମି ଅଧିଗ୍ରହଣ ହେବ। ହେଲେ ବର୍ତ୍ତମାନ ସୁଦ୍ଧା ଜମି ଅଧିଗ୍ରହଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇନାହିଁ। ପ୍ରଥମ ପ୍ୟାକେଜରେ ଏହି ରାସ୍ତାରେ ହେବାକୁ ଥିବା ୫ ବୃହତ୍ ବ୍ରିଜ୍ ଓ ୬ ପୋଲର ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି। ସ୍ୱତନ୍ତ୍ର କୋଲ କରିଡର ନିର୍ମାଣରେ ବିଳମ୍ବ ହେଉଥିବା ଯୋଗୁ ହେମଗିର-ସୁନ୍ଦରଗଡ଼ ରାସ୍ତାରେ ଶହ ଶହ ସଂଖ୍ୟାରେ କୋଇଲା ବୋଝେଇ ମଲ୍ଟି ଏକ୍ସେଲ ଟ୍ରକ ଚଳାଚଳ କରୁଛି। ଏଥିଯୋଗୁ ସାଧାରଣ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଜରୁରୀ ସେବା ପରିସରଭୁକ୍ତ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ ଯାନବାହନଗୁଡିକ ମଧ୍ୟ ରାସ୍ତାରେ ସହଜରେ ଅତିକ୍ରମ କରିପାରୁନାହିଁ। ଏଣୁ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ସ୍ୱତନ୍ତ୍ର କୋଲ କରିଡର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି ହେଉଛି।

– ଜୟନାରାୟଣ ମେଣ୍ଡୁଲି

# ନିଆରା 'ବୁଢ଼ା ସାର୍'

## ବିନା ପାରିଶ୍ରମିକରେ ୪୨ ବର୍ଷ ଶିକ୍ଷାଦାନ

**ପଦ୍ମପୁର,୧୬।୩:** ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଗୋରାମାଟି ଗାଁର ଜଣେ ନିଆରା ମଣିଷ ଗୋଲକ ପ୍ରସାଦ ପାଢ଼ୀ। ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୪୨ବର୍ଷ ଧରି ବିନା ଚାକିରି ବିନା ପାରିଶ୍ରମିକରେ ସେ ଶିକ୍ଷାଦାନ କରିଆସୁଛନ୍ତି। ଏଥିସହ ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରଚାର ପ୍ରସାର କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ତାଙ୍କୁ ସମସ୍ତେ ବୁଢ଼ା ସାର୍ ବୋଲି ଡାକିଥାନ୍ତି।

ଗୋଲକ ନିଜ ଗ୍ରାମରେ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ତିହିଡ଼ି ବ୍ଲକ ପାଳିଆ ଉଚ୍ଚ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ। ସେ ସମୟରେ ଗ୍ରାମରେ ପ୍ରାଥମିକ ଶିକ୍ଷାର ବିଶେଷ ସୁବିଧା ନ ଥିଲା। ସଚେତନତା ଅଭାବ ସାଙ୍ଗକୁ ଲୋକଙ୍କର ଆର୍ଥିକ ସ୍ଥିତି ଭଲ ନ ଥିଲା। ଏହାକୁ ଆଖି ଆଗରେ ରଖି ସେ ନିଜ ଗ୍ରାମରେ ପ୍ରାଥମିକ ଶିକ୍ଷାର ପ୍ରସାର ପାଇଁ ଆଗେଇ ଆସିଥିଲେ। ଚାକିରି ନ ଖୋଜି ଗାଁ ସ୍କୁଲରେ ସ୍ୱେଚ୍ଛାକୃତ ଭାବେ ଶିକ୍ଷାଦାନ ଆରମ୍ଭ କରିଥିଲେ। ୧୯୨୧ରେ ସ୍ଥାପିତ ଏହି ବିଦ୍ୟାଳୟରେ ବର୍ତ୍ତମାନ ୧୨୧ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୫ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ୧୯୭୮ଠାରୁ ଗୋଲକ ଏହି ବିଦ୍ୟାଳୟକୁ ନିୟମିତ ଯାଇ ବିନା ପାରିଶ୍ରମିକରେ ପାଠ ପଢ଼ାଇ ଆସୁଛନ୍ତି। ଇଂଲିଶ, ଗଣିତ ଓ ସାହିତ୍ୟରେ ସେ ବେଶ୍ ଦକ୍ଷ। ଛାତ୍ରୀଛାତ୍ରଙ୍କ ଭଲପାଇବା ଓ ସେମାନଙ୍କ ଜ୍ଞାନ ଅର୍ଜନରେ ସହାୟତା କରି ଗୋଲକ ନିଜ ଅଞ୍ଚଳରେ ବେଶ୍ ଲୋକପ୍ରିୟ ହୋଇପାରିଛନ୍ତି। ଦେହ ଖରାପ ନ ହେଲେ ସେ ଦିନଟିଏ ବି ସ୍କୁଲ ଯିବା ବନ୍ଦ କରି ନ ଥାନ୍ତି। ଶିକ୍ଷାର ପ୍ରସାର ଘଟିଲେ ଗାଁ ଗଣ୍ଡାରେ ବିକାଶ ଆସିବ। ଶିକ୍ଷାର୍ଥୀଙ୍କୁ ଭଲପାଇବା ଦେଇ ଶିକ୍ଷାଦାନ କଲେ ତାହା ସେମାନଙ୍କ ଜୀବନକୁ ଉନ୍ନତ କରି ଗଢ଼ି ତୋଳିବ ବୋଲି ଗୋଲକ କହିଛନ୍ତି।

# ସମସ୍ତ ସହରାଞ୍ଚଳରେ ହେବ ଅସ୍ଥାୟୀ କ୍ୱାରାଣ୍ଟାଇନ୍

## କରୋନା ମୁକାବିଲା: ପ୍ରସ୍ତୁତ ହେଲା ନଗର ଉନ୍ନୟନ ବିଭାଗ

- ପୌରାଞ୍ଚଳ ମୁଖ୍ୟଙ୍କୁ ପଦକ୍ଷେପ ନେବାକୁ ବିଭାଗୀୟ ନିର୍ଦ୍ଦେଶ
- ସମସ୍ତ ପ୍ରକାର ଭିଡ଼, ଗହଳି ମନା
- ଦିନ ୨ଟାରୁ ପାର୍କ ବନ୍ଦ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ରବିବାର ବିଳମ୍ବିତ ରାତିରେ ଜଣେ ୩୩ ବର୍ଷୀୟ ଯୁବକ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ସ୍ପଷ୍ଟ ହୋଇଛି। ତାଙ୍କ ରକ୍ତ ନମୁନା ରିପୋର୍ଟରେ କରୋନା ପଜିଟିଭ୍ ବାହାରିଛି। ତେଣୁ ଏହି ଭୂତାଣୁ ଯେପରି ଅନ୍ୟତ୍ର ନ ବ୍ୟାପେ, ସେଥି ପାଇଁ ସ୍ୱାସ୍ଥ୍ୟ ବିଭାଗଠାରୁ ଆରମ୍ଭ କରି ବିଭିନ୍ନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି କ୍ରମରେ ସୋମବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକାଧିକ ପଦକ୍ଷେପ ନିଆଯାଇଛି। ଏଥିସହିତ କ'ଣ କରାଯିବା ଉଚିତ ଏବଂ କ'ଣ ନୁହେଁ, ସେ ନେଇ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ୍ ଏ ନେଇ ସମସ୍ତ ପୌରପରିଷଦ, ମହାନଗର, ବିଜ୍ଞପିତ ଅଞ୍ଚଳର ମୁଖ୍ୟମାନଙ୍କୁ ଚିଠି ଲେଖିଛନ୍ତି।

ସବୁ ପ୍ରକାର ପରିସ୍ଥିତିର ମୁକାବିଲା କରିବା ନେଇ ପୌର ପ୍ରଶାସନ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଅସ୍ଥାୟୀ ଭାବେ କଲ୍ୟାଣ ମଣ୍ଡପ, ଗୋଷ୍ଠୀ କେନ୍ଦ୍ର, ବାତ୍ୟା ଆଶ୍ରୟ ସ୍ଥଳୀ, ସହରାଞ୍ଚଳ ଆଶ୍ରୟସ୍ଥଳୀ ଏବଂ ଅନ୍ୟାନ୍ୟ ଉପଯୁକ୍ତ ବିଲ୍ଡିଂ(ସରକାରୀ/ବେସରକାରୀ)କୁ କ୍ୱାରଣ୍ଟାଇନ୍ ସେଣ୍ଟର କରିବା ପାଇଁ ନିର୍ଦ୍ଦେଶ ରହିଛି। ଏହି ସବୁ ସ୍ଥାନକୁ ଯେପରି ଅବିରତ ବିଦ୍ୟୁତ୍ ଏବଂ ଆଲୋକ(ପାୱାର ବ୍ୟାକଅପ୍ -ଡିଜି ସେଟ୍)ର ବ୍ୟବସ୍ଥା ଥିବ। ସମସ୍ତ ବିଲ୍ଡିଂ ସମ୍ମୁଖ ଭାଗରେ ଲିଫ୍ଟ ବ୍ୟବସ୍ଥା ସହ ବାହାର ଏବଂ ଭିତର ପାର୍ଶ୍ୱ ଆବଶ୍ୟକ ରଙ୍ଗ କରାଯିବ। ଆବଶ୍ୟକ ହେଲେ ଏ ସମସ୍ତ ବ୍ୟବସ୍ଥା ପରିଚାଳନା କରିବା ପାଇଁ ବିଭିନ୍ନ ଏଜେନ୍ସିକୁ ପ୍ରସ୍ତୁତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେବା ଯୋଗାଇ ଦେବାକୁ ଥିବା ଏଜେନ୍ସିକୁ ତୁରନ୍ତ ଯୋଗାଯୋଗ କରି ଅତିରିକ୍ତ ମାନବସମ୍ବଳ ଯୋଗାଇ ଦେବା ପାଇଁ ଗୁରୁତ୍ୱ ଦିଆଯାଇଛି। ସମସ୍ତ ବିଲ୍ଡିଂକୁ ସାନିଟାଇଜ୍ କରିବା ସହ ସ୍ୱଚ୍ଛତା ଏବଂ ହାଇଜିନିକ୍ ଭାବେ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଏହି ବିଲ୍ଡିଂର ରକ୍ଷଣାବେକ୍ଷଣ ପାଇଁ ଏକ ଉତ୍ସର୍ଗୀକୃତ ଦଳ ପ୍ରସ୍ତୁତ ରହିବ। ଏହାର ଆଖପାଖ ଅଞ୍ଚଳର ସ୍ୱାସ୍ଥ୍ୟାବସ୍ଥା ଏବଂ ସାନିଟାରି ସମ୍ପର୍କିତ ତଥ୍ୟ ଅନୁସନ୍ଧାନ ପାଇଁ ଏକ ଟିମ୍ ପ୍ରସ୍ତୁତ ରହିବ। ପ୍ରତ୍ୟେକ ୱାର୍ଡ ଅଫିସରେ ନିଯୁକ୍ତ ହୋଇଥିବା ଅଫିସର ନିରୀକ୍ଷଣ ଅଧିକାରୀଭାବେ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ବିଭିନ୍ନ ପର୍ଯ୍ୟାୟରେ ପଦକ୍ଷେପ ନିଆଯିବାକୁ ଥିବାରୁ ୱାର୍ଡ ଅଫିସରମାନେ ନିୟମିତ ନିଜ ଅଞ୍ଚଳ ଉପରେ ନଜର ରଖିବାକୁ କୁହାଯାଇଛି।

ସହରାଞ୍ଚଳରେ ସମସ୍ତ ପ୍ରକାର ଭିଡ଼ ଏବଂ ଗହଳି ହେବା ଉପରେ ମଧ୍ୟ ରୋକ୍ ଲାଗିଛି। କଠିନ ବର୍ଜ୍ୟବସ୍ତୁ ପରିଚାଳନା ସହ ନିୟୋଜିତ ସ୍ୱଚ୍ଛ ସାଥୀମାନେ ନିଜ ନିଜ ଅଞ୍ଚଳରେ ରହୁଥିବା ଅଥବା ଗତ ୧୫ ଦିନ ମଧ୍ୟରେ ବିଦେଶରୁ ଫେରିଥିବା ବା ଭ୍ରମଣ ପାଇଁ ଏଠାକୁ ଆସିଥିବା ବିଦେଶୀ ଏବଂ ପ୍ରବାସୀଙ୍କ ସମ୍ପର୍କରେ ସୂଚନା ଦେବେ। ଏହି ସୂଚନା ସେମାନେ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା କମିଶନରଙ୍କୁ ପ୍ରଦାନ କରିବେ। ପରିବେଶଗତ ସ୍ୱଚ୍ଛତାକୁ ଯଥାସମ୍ଭବ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ରହିଛି। ସହରାଞ୍ଚଳରେ ଥିବା ସମସ୍ତ ଶୌଚାଳୟ ଏବଂ ଆହାର କେନ୍ଦ୍ରଗୁଡିକରେ ୨ ଦିନ ମଧ୍ୟରେ ୱାଟର ଜେଟିଙ୍ଗ୍ ମେଶିନ୍ ସୁବିଧା ଉପଲବ୍ଧ କରାଇବାକୁ କୁହାଯାଇଛି। ପୌରାଞ୍ଚଳକୁ ନିୟମିତଭାବେ ସାନିଟାଇଜ୍ କରିବାକୁ ଧୂଆଁ ଏବଂ ସ୍ପ୍ରେ ମେଶିନ୍ ଯୋଗାଇ ଦିଆଯିବ। ଆବଶ୍ୟକତାକୁ ଦେଖି ଏହା କିଣାଯିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସମସ୍ତ ଗୋଷ୍ଠୀ ଶୌଚାଳୟ ଏବଂ ପରିସ୍ରାଗାରକୁ ଯେପରି ଅବିରତ ପାଣି ଯୋଗାଣ କରାଯିବ, ସେଥିପ୍ରତି ଦୃଷ୍ଟି ଦିଆଯିବ। ଏଥିସହିତ ଫେସ୍ ଲିଫ୍ଟ ବ୍ୟବସ୍ଥା ଉପଲବ୍ଧ ହେବ, ସେ ଦିଗରେ ଯତ୍ନବାନ ହେବାକୁ କୁହାଯାଇଛି। ସହରାଞ୍ଚଳରେ ଥିବା ସମସ୍ତ ପାର୍କ ଦିନ ୨ଟାରୁ ବନ୍ଦ କରାଯିବ। ସାମାଜିକ ଗଣମାଧ୍ୟମରେ କରୋନା ସମ୍ପର୍କିତ ଅପପ୍ରଚାରକୁ ରୋକିବାକୁ ପଦକ୍ଷେପ ନିଆଯିବ। ବ୍ୟାପକଭାବେ ଆଇଇସି ଦ୍ୱାରା ପ୍ରଚାର କରାଯିବ। ଭୁଲ୍ ଖବର ପ୍ରଚାର ପ୍ରସାର କରୁଥିବା ସମ୍ପର୍କରେ ପ୍ରଶାସନକୁ ତୁରନ୍ତ ସୂଚନା ଦେବାକୁ କୁହାଯାଇଛି। ପୌର ପ୍ରଶାସକଗୁଡିକ ଏ ସମସ୍ତ କାର୍ଯ୍ୟ ପାଇଁ ଅର୍ଥ କମିଶନ/ରାଜ୍ୟ ପାଣ୍ଠି/ନିଜସ୍ୱ ସମ୍ବଳରୁ ବ୍ୟୟ କରିବେ। ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ନିୟମିତ ଭାବେ ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସହ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି।

# ସମ୍ବଲପୁରରେ ଶପିଂମଲ୍‌କୁ ୫୦ହଜାର ଟଙ୍କା ଜରିମାନା

ସମ୍ବଲପୁର, ୧୬।୩ (ବ୍ୟୁରୋ)

ସମ୍ବଲପୁର ସହରର ଅଇଁଠାପାଲି-ବୁଢ଼ାରଜା ରୋଡ୍‌ରେ ଥିବା ଆନନ୍ଦ ସୁପର ବଜାରକୁ ସୋମବାର ୫୦ ହଜାର ଟଙ୍କା ଜରିମାନା କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ସହରରେ ଥିବା ସବୁ ମଲ୍ ବନ୍ଦ ହୋଇଥିବା ବେଳେ ଆନନ୍ଦ ସୁପରବଜାର ସନ୍ଧ୍ୟା ସୁଦ୍ଧା ଖୋଲା ଥିଲା। ଏହି ଅଭିଯୋଗ ପାଇ ମହାନଗର ନିଗମର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ାଉ କରି ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶନାମାକୁ ବେଖାତିର କରିବା ଯୋଗୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଏନଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି କହିଛନ୍ତି।

**The Sundargarh District Central Cooperative Bank Ltd.,**
REGENT MARKET, SUNDARGARH-700 001
Website : www.sdccbsng.com
Email : sundargarhdccb@gmail.com
Contract No. 9078079906 / 9078079909

**QUOTATION CALL NOTICE**

Ref. No. 6330 Date: 13.03.2020

DETAILED QUOTATIONS ARE INVITED FROM ELIGIBLE FIRMS SEPARATLY FOR :

i) DEVELOPMENT OF CUSTOMIZED SOFTWARE IN SaaS MODELFOR CRCS,
ii) DIGITIZATION OF DATA, SCANNING OF OLD BANK DOCUMENTS WITH DMS & PROVIDING AMC FOR 5 YEARS

| | | |
|---|---|---|
| 1 | Release of RFQ Document | FROM – 13.03.2020<br>TO – 27.03.2020 |
| 2 | Pre-bid Queries | *Shall be online due to Corona -Queries shall be emailed due to Corona – Sundargarhdccb@gmail.com* |
| 3 | Last date for submission of quotation | 27.03.2020 (1.00 PM) |
| 4 | Date, time and place of opening of Tender (Technical & Financial Bid) | 27.03.2020 (3.00 PM) |

Sd/- Chief Executive Officer

**Cuttack Central Co-operative Bank Ltd.**
Head Office, Nimchouri, Cuttack-753002, Email Address: cuttackccb@gmail.com, Phone: (0671) 2509320/ 2509311/ 2509211, Fax: (0671) 2509206

Ref. No. 3875 / Dev/ 2019-20 Dt. 16.03.2020

**Expression of Interest for conduct of written examination**

The Cuttack Central Cooperative Ltd. is intending to recruit Support staff for which objective type Written Test (with multiple choice) in Arithmetic, General Knowledge and Reasoning carrying 50 marks in each subject will be held shortly. The examination will be of class 'X' standard.

Intending registered firms/ institutions dealing with manpower may apply to the Secretary, Cuttack Central Cooperative Bank, Nimchouri, Cuttack-2 quoting their rate per each candidate for setting up of question paper, conduct of written examination, evaluation of answer sheet and preparation of merit list within five days from the date of publication of this notice.

Sd./- Secretary
Cuttack Central Co-operative Bank, Cuttack

**ODISHA JOINT ENTRANCE EXAMINATION - 2020 ( OJEE - 2020 )**

No: OJEE-100 Date: 16.03.2020

**CORRIGENDUM NOTICE**

It is hereby informed to all concerned that the notice No. OJEE-091 dated 12-03-2020 published in newspapers and websites may be read as

**"admission in B.Pharm/ MBA / MCA / M.Tech/ M.Tech (Part Time)/ M.Arch/ M Plan/ M.Pharm/ Int. MBA and Lateral Entry to B.Tech/ B.Pharm Courses"**

**There is no "LATERAL ENTRY TO MCA" Course for the academic year 2020-21.**

Sd/-
CHAIRMAN,
OJEE, Odisha

**ଖୋରଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ. ଖୋରଧା**

**-: ବିଶେଷ ସୂଚନା :-**

ଏତଦ୍ୱାରା ଖୋରଧା କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ ଜମାକାରୀ, ଗ୍ରାହକ, ଋଣୀ ଓ ପୃଷ୍ଠପୋଷକମାନଙ୍କୁ ସୂଚିତ କରାଯାଉଛି ଯେ, ଖୋରଧା କେନ୍ଦ୍ର ସମବାୟ ବ୍ୟାଙ୍କ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଲାଇସେନ୍ସ ପ୍ରାପ୍ତ ଓଡ଼ିଶାର ଦ୍ୱିତୀୟ କେନ୍ଦ୍ର ସମବାୟ ବ୍ୟାଙ୍କ ଭାବେ ୧୯୧୨ ମସିହା ଠାରୁ ଅଦ୍ୟାବିଧି ନିରବଚ୍ଛିନ୍ନ ଭାବେ ସେବା ଯୋଗାଇଦେଇ ଆସୁଅଛି | ଏହି ବ୍ୟାଙ୍କର ସମସ୍ତ ଜମାକାରୀଙ୍କ ଅର୍ଥ ଭାରତୀୟ ରିଜର୍ଭ ବ୍ୟାଙ୍କ ଙ୍କ DICGC ସଂସ୍ଥା ଦ୍ୱାରା ବୀମାଭୁକ୍ତ ଏବଂ ଜମାକାରୀଙ୍କ ସମସ୍ତ ଜମା ଅର୍ଥ ଶତପ୍ରତିଶତ ସୁରକ୍ଷିତ ଓ ବିପଦ ମୁକ୍ତ | ଏଣୁ ଆମ୍ଭର ସମସ୍ତ ଶୁଭେଚ୍ଛୁ ଗ୍ରାହକ ଏବଂ ଜମାକାରୀ ମାନେ କୌଣସି ପରିସ୍ଥିତିରେ ଅସୁବିଧାରେ ସମ୍ମୁଖୀନ ହେବେ ନାହିଁ | ବର୍ତ୍ତମାନ ପରିସ୍ଥିତିରେ YES ବ୍ୟାଙ୍କର ହୋଇଥିବା ଅସୁବିଧା ପାଇଁ ଆମ ବ୍ୟାଙ୍କ ର କେବଳ Cheque Clearing/ RTGS/NEFT ସାମୟିକ ଭାବେ ବାଧାପ୍ରାପ୍ତ ହୋଇଥିଲେ ବି ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ ସେବା ଜାରିରହିଛି | ଆମ୍ଭ ବ୍ୟାଙ୍କର ନୂତନ IFSC Code ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଅନୁମୋଦିତ ହୋଇ ଖୁବ ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଅଛି | ଏତଦ୍ ବ୍ୟତୀତ YES ବ୍ୟାଙ୍କ ର ହୋଇଥିବା ଅସୁବିଧା ସହ ଖୋରଧା କେନ୍ଦ୍ର ସମବାୟ ବ୍ୟାଙ୍କର କୌଣସି ସାମଞ୍ଜସ୍ୟ ବା ସମ୍ପର୍କ ନାହିଁ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ଆମ୍ଭ ପ୍ରତି କୌଣସି ପ୍ରତିବନ୍ଧକ ଲଗାଇ ନାହାନ୍ତି | ଏଣୁ କୌଣସି ପ୍ରକାର ଗୁଜବ ପ୍ରତି ଧ୍ୟାନ ନ ଦେବାକୁ ନିବେଦନ |

ଆମ୍ଭ ପ୍ରତି ଥିବା ଆପଣମାନଙ୍କ ବିଶ୍ୱାସ ଓ ଭରସା ନିମନ୍ତେ ଆମ୍ଭେ ଆପଣମାନଙ୍କ ନିକଟରେ ଚିର କୃତଜ୍ଞ |

ସ୍ୱା- ପ୍ରଶାନ୍ତ କୁମାର ଦାସ
ସଭାପତି,
ଖୋରଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.

ସ୍ୱା/- ସୁବାଷ ଚନ୍ଦ୍ର ମିଶ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ,
ଖୋରଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.

**OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**

Application for the post of Assistant Managers Grade-II, Banking Assistants Grade-II & System Managers in District Central Cooperative Banks (DCCBs) functioning in the State of Odisha is hereby invited online through the link available in the website https://ibpsonline.ibps.in/rscosocjan20 from the resident of the State of Odisha and the applicant intends to apply should indicate the names of the DCCBs in order of preference (Minimum one & Maximum three). Examination for each post shall be held separately through online test.

**Tentative Schedule of Events:**

| Sl. No. | Events | Tentative Dates |
|---|---|---|
| 1. | Online Registration | 20.03.2020 to 15.04.2020 |
| 2. | Payment of Application Fees | 20.03.2020 to 15.04.2020 |
| 3. | Download of call letters for examination | Will be intimated later |
| 4. | Online Examination | Preliminary examination during May 2020 & Main examination during May 2020 & June 2020. |

**Examination Fees/Intimation Charges :**

| Sl. No. | Category of candidates | Fees |
|---|---|---|
| 1. | Each category of post for UR & SEBC candidates | **Rs.1000/-** |
| 2. | Each category of post for SC/ST candidates | **Rs.600/-** |

The eligibility criteria for the posts for Assistant Manager Grade-II, Banking Assistant Grade-II & System Manager and all other details are available in the above website. The candidates may download the details, carefully go through the same and apply for the posts on the basis of their eligibility within the dates specified for online registration alongwith online payment of application fees shown in the portal. The links for the purpose will be available on the specified dates.

Sd./- Registrar
Cooperative Societies, Odisha








କରୋନା ଭୟରେ ରାଜଧାନୀର ୟୁନିଟ୍-୨ ମାର୍କେଟ୍ ବିଲ୍ଡିଂ, ଏସ୍ପ୍ଲାନେଡ୍ ୱାନ୍ ମଲ୍ ଓ ୟୁନିଟ୍-୧ ମାର୍କେଟ୍ ବନ୍ଦ ପଡ଼ିଛି।

# ହୋଟେଲ, ଟ୍ରାଭେଲ ଶିଳ୍ପ ବ୍ୟାପକ କ୍ଷତିଗ୍ରସ୍ତ

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

କରୋନା ପ୍ରଭାବରେ ରାଜ୍ୟର ହୋଟେଲ ଓ ଟ୍ରାଭେଲ ଶିଳ୍ପ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ପ୍ରଳୟଙ୍କରୀ ବାତ୍ୟା ଫନୀ ପରେ ହୋଟେଲ ଶିଳ୍ପକୁ ଆଉଥରେ ଏକ ବଡ଼ ଝଟ୍କା ଲାଗିଛି। ଇନ୍‌ବାଉଣ୍ଡ୍ ଟୁରିଷ୍ଟମାନେ ସେମାନଙ୍କ ବୁକିଂ ବାତିଲ କରୁଥିବାରୁ ଏହାର କ୍ଷତି ହୋଟେଲ ଶିଳ୍ପକୁ ମୁଣ୍ଡାଇବାକୁ ପଡ଼ିଛି। ରାଜ୍ୟର ଅଧିକାଂଶ ହୋଟେଲରେ ପୂର୍ବରୁ ହୋଇଥିବା ବଙ୍କେଟ ବୁକିଂ, ବାହାଘର ଏବଂ ବଡ଼ ବଡ଼ ସମ୍ମିଳନୀ ବୁକିଂକୁ ବାତିଲ କରିଦିଆଯାଇଛି। ଏହାକୁ ନଜରରେ ରଖି ଓଡ଼ିଶା ସରକାର ହୋଟେଲ ଶିଳ୍ପକୁ ସହାୟତାର ହାତ ବଢ଼ାଇବାକୁ ଦାବି କରିଛି ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା(ଏଚ୍‌ଆର୍‌ଏଓ)।

■ ଏସ୍‌ଜିଏସ୍‌ଟି ଉଠାଇବାକୁ ଦାବିକଲା ଏଚ୍‌ଆର୍‌ଏଓ
■ ଋଣରେ କୋହଳ ପାଇଁ ଅନୁରୋଧ
■ 'ଫନୀ'ଠାରୁ ବଳିଗଲା କରୋନା ଦାଉ

ସୋମବାର ଅନୁଷ୍ଠିତ ବୈଠକରେ ଏଚ୍‌ଆର୍‌ଏଓ ଅଧ୍ୟକ୍ଷ ଜେ.କେ. ମହାନ୍ତି କହିଲେ, ଅଧିକାଂଶ ହୋଟେଲ ମାଲିକ ବ୍ୟାଙ୍କ ଋଣରେ ବୁଡ଼ି ରହିଛନ୍ତି। ବାତ୍ୟା ପରଠାରୁ ଋଣ ପରିଶୋଧ କରିବା କଷ୍ଟକର ହୋଇପଡୁଛି। ଏବେ କରୋନା ଚିନ୍ତା ବଢ଼ାଇଛି। ଏଭଳିସ୍ଥଳେ ରାଜ୍ୟ ସରକାର ପରିସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ବ୍ୟାଙ୍କଗୁଡ଼ିକୁ କୋହଳ ନୀତି ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେବା ଉଚିତ୍। ଏହାବ୍ୟତୀତ ଓଡ଼ିଶା ସରକାର ହୋଟେଲ ଶିଳ୍ପ ଉପରୁ ଏସ୍‌ଜିଏସ୍‌ଟି ଉଠାଇ ରାଜ୍ୟର ପର୍ଯ୍ୟଟନ ଓ ହସ୍ପିଟାଲିଟି ଶିଳ୍ପକୁ ସମର୍ଥନ କରିବାକୁ ଆସୋସିଏଶନ ଦାବି ରଖିଛି। ବିଏମ୍‌ସି ହୋଲ୍ଡିଂ ଟ୍ୟାକ୍ସ, ବାର୍ ଲାଇସେନ୍ସ ଫି, ଗ୍ରାଉଣ୍ଡ୍ ୱାଟର ଫି, ଇଲେକ୍ଟ୍ରିସିଟି ଫି ଆଦିକୁ କିଛି ସମୟ ପାଇଁ ଉଠାଇଦେବା ସହ ଆସନ୍ତା ୧ ବର୍ଷ ପର୍ଯ୍ୟନ୍ତ ଟୁରିଜମ୍, ଟ୍ରାଭେଲ ଓ ହସ୍ପିଟାଲିଟି ଶିଳ୍ପରୁ ଜିଏସ୍‌ଟି ସମ୍ପୂର୍ଣ୍ଣଭାବେ ଉଠାଇବାକୁ ଦାବି କରାଯାଇଛି। କର୍ମଚାରୀଙ୍କୁ ଠିକ୍ ସମୟରେ ଦରମା ଦେବା, ସ୍ୱଚ୍ଛତା ଏବଂ ପରିଚ୍ଛନ୍ନତା ବଜାୟ ରଖିବାକୁ ଗୁରୁତ୍ୱ ଦିଆଯାଉଛି। ଏଥିଲାଗି ହୋଟେଲଗୁଡ଼ିକୁ ଅଧିକ ଖର୍ଚ୍ଚ ବୋଝ ମୁଣ୍ଡାଇବାକୁ ପଡୁଛି। ଗତ ମେ' ମାସରେ ହୋଇଥିବା ବାତ୍ୟା ଫନୀରେ ହୋଟେଲ ଶିଳ୍ପ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ହୋଟେଲ ଶିଳ୍ପକୁ ପୁଣିଥରେ ମୁଣ୍ଡଟେକି ଛିଡ଼ା କରାଇବାକୁ ଆସୋସିଏଶନ ସରକାରଙ୍କୁ ସହାୟତା ମାଗିଥିଲା। ହେଲେ କୌଣସି ଗୋଟିଏ ବି ହୋଟେଲ ଏବେସୁଦ୍ଧା କ୍ଷତିପୂରଣ ପାଇ ନ ଥିବା ମହାନ୍ତି କହିଛନ୍ତି।

# ରାଜଧାନୀରେ ବନ୍ଦ ରହିଲା ସବୁ ମଲ୍

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

କଟକ, ଭୁବନେଶ୍ୱର ଟ୍ୱିନ୍‌ସିଟିରେ ସମସ୍ତ ଶପିଂ ମଲ୍‌କୁ ବନ୍ଦ କରିବାକୁ ରବିବାର କମିଶନରେଟ ପୋଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ସୋମବାର ରସୁଲଗଡ଼ ଏସ୍‌ପ୍ଲାନେଡ୍ ମଲ୍‌ରୁ ଆରମ୍ଭକରି ବିଏମ୍‌ସି କେଶରୀ ମଲ୍, ଭବାନୀ ମଲ୍, ସେଣ୍ଟ୍ରାଲ ମଲ୍ ସମେତ ସହରର ସମସ୍ତ ମଲ୍ ବନ୍ଦ ରହିଥିଲା। ମଲ୍ ଆଗରେ ସୁରକ୍ଷା କର୍ମୀ ଉପସ୍ଥିତ ରହି ସେଠାକୁ ଯାଉଥିବା ଗ୍ରାହକଙ୍କୁ ଫେରାଇ ଦେଉଥିଲେ। ଏପଟେ ୧ ନମ୍ବର ହାଟ ସହ ମାର୍କେଟ୍ ବିଲ୍ଡିଂ ମଧ୍ୟ ସମ୍ପୂର୍ଣ୍ଣ ଖାଲି ରହିଥିଲା। ଫୁଟ୍‌ପାଥ୍‌ରେ ଥିବା କିଛି ଦୋକାନୀ ଦୋକାନ ଖୋଲା ରଖିଥିବାବେଳେ ସମସ୍ତ ବଡ଼ ବଡ଼ ଷ୍ଟୋର୍ ବନ୍ଦ ରହିଥିଲା। ହାତଗଣତି କିଛି ଲୋକ ଏହାମଧ୍ୟରେ ବୁଲୁଥିଲେ।




# ଖାଲିପଡୁଛି ରେଷ୍ଟୁରାଣ୍ଟ, ପବ୍

ଭିଡ଼ ଜମୁଥିବା ରେଷ୍ଟୁରାଣ୍ଟ ଓ ପବ୍ ଏବେ ଖାଲିପଡୁଛି। ଗ୍ରାହକଙ୍କ ଅପେକ୍ଷାରେ କର୍ମଚାରୀଙ୍କ ଦିନ କଟୁଛି। କରୋନା ଭୟ ଯୋଗୁ ବିପୁଳ କ୍ଷତିଗ୍ରସ୍ତ ହୋଇଛି ପବ୍ ଓ ରେଷ୍ଟୁରାଣ୍ଟ ଶିଳ୍ପ। ଲୋକ ଘରୁ ବାହାରକୁ ବାହାରୁ ନ ଥିବାରୁ ଆମ୍ୟୁଜମେଣ୍ଟ ଇଣ୍ଡଷ୍ଟ୍ରି ଉପରେ ଏହାର ପ୍ରଭାବ ପଡ଼ିଛି। ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍‌କୁ ମାନି ମଲ୍ ଓ ବାହାରେ ଥିବା ରେଷ୍ଟୁରାଣ୍ଟଗୁଡ଼ିକ ବନ୍ଦ ରହିଛି। ସେହିଭଳି ପବ୍, ଡ୍ୟାନ୍ସ ବାର୍ ଓ ଲାଉଞ୍ଜ୍‌ରେ କମିଶନରେଟ୍ ପୋଲିସ୍ ଲାଉଡ୍ ସ୍ପିକର ବାରଣ କରିଥିବାରୁ ଟ୍ୱିନ୍‌ସିଟିର ସମସ୍ତ ପବ୍‌ରେ ଡ୍ୟାନ୍ସ ଫ୍ଲୋର୍ ବନ୍ଦ ରହିଛି। ଏପରିକି ଶନିବାର, ରବିବାର ମଧ୍ୟ କାଁ ଭାଁ ଲୋକଙ୍କୁ ଏଠାରେ ଦେଖିବାକୁ ମିଳିଥିଲା। ସେହିଭଳି କ୍ୟାଫେ ଶପ୍‌ଗୁଡ଼ିକ ମଧ୍ୟ ଦିନତମାମ ଖାଲିପଡୁଛି। ସୋମବାର ଓଡ଼ିଶାରେ କରୋନା ପଜିଟିଭ୍ ଚିହ୍ନଟ ହେବାପରେ ଭୟ ଆହୁରି ବଢ଼ିଯାଇଛି। ବାହାରକୁ ଯିବା ପରିବର୍ତ୍ତେ ଲୋକେ ଘରେ ରହିବାକୁ ଅଧିକ ଉଚିତ୍ ମଣୁଛନ୍ତି।

# ଖୋଲା ରହିବ ଜରୁରୀ ସାମଗ୍ରୀ ଦୋକାନ

ଭୁବନେଶ୍ୱର, ୧୬।୩ (ବ୍ୟୁରୋ)

ସୋମବାର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କରୋନା ମୁକାବିଲା ପାଇଁ ପୋଲିସ ସେବା ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଥିଲେ। ଏହି ବୈଠକରେ ଡିସିପି ଅନୁପ ସାହୁ, ଟ୍ରାଫିକ୍ ଡିସିପି ସାଗରିକା ନାଥ, ଅଭିଜ୍ଞ ଡାକ୍ତରୀ ଟିମ୍ ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ। କରୋନା ମୁକାବିଲା ପାଇଁ କିଭଳି ରଣନୀତି ପ୍ରସ୍ତୁତ ହେବ ସେନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା।

କଟକ, ଭୁବନେଶ୍ୱରରେ ଥିବା ସମସ୍ତ ମଲ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ କମିଶନରେଟ ପୋଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବା ଉପରେ କଟକଣା ଲଗାଯାଇନାହିଁ। ଓଡ଼ିଶା କୋଭିଡ୍-୧୯ ରେଗୁଲେଶନ ୨୦୨୦ ଅନୁଯାୟୀ କମିଶନରେଟ ପୋଲିସ ପକ୍ଷରୁ ଜନସାଧାରଣ ଏବଂ ବ୍ୟବସାୟିକ ସଂସ୍ଥା ଉପରେ କଟକଣା ଲାଗୁ କରାଯାଇଛି। ଲାଗିଥିବା କଟକଣା ଅନୁଯାୟୀ ଜନସାଧାରଣ କୌଣସି ସ୍ଥାନରେ ଏକତ୍ରିତ ନ ହେବା ପାଇଁ କୁହାଯାଇଛି। ପନିପରିବା, ଫଳମୂଳ, ଗ୍ରୋସରୀ, କ୍ଷୀର ଓ ମେଡିସିନ ସାନିଟାଇଜର ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବା ଉପରେ କୌଣସି କଟକଣା ଲାଗୁ କରାଯାଇ ନାହିଁ।

## ବ୍ୟବସାୟିକ ସଂସ୍ଥା ଉପରେ କଟକଣା

ବ୍ୟବସାୟିକ ସଂସ୍ଥା ଏବଂ ସରକାରୀ ଅଫିସରେ ସଫା ସୁତରା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ଗ୍ରାହକ ଅବା ଅଫିସର କର୍ମଚାରୀ ଅତି କମ୍‌ରେ ପରସ୍ପରଠାରୁ ୬ ଫୁଟ ବ୍ୟବଧାନ ରଖିବାକୁ କହିଛନ୍ତି କମିଶନର ଷଡ଼ଙ୍ଗୀ। ଏଥିସହିତ କର୍ମଶାଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିଯୋଗିତା, ସଭା ତଥା ଅନାବଶ୍ୟକ ବୈଠକ ନ କରିବାକୁ ନିର୍ଦ୍ଦେଶ ରହିଛି। ଏହାଛଡ଼ା ଥଣ୍ଡା, କାଶ, ଜ୍ୱରରେ ପୀଡିତ ଥିବା କର୍ମଚାରୀମାନଙ୍କୁ ଅଫିସ ଭିତରକୁ ନ ପୂରାଇବା ପାଇଁ କଡ଼ା ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶ ସୋମବାରଠାରୁ ଲାଗୁ କରାଯାଇଛି। ନିୟମ ଉଲ୍ଲଂଘନ କରିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



ଚଢ଼ାଦରରେ ମାସ୍କ ଓ ସାନିଟାଇଜର୍ ବିକ୍ରି ରୋକିବାକୁ କମିଶନରେଟ୍ ପୋଲିସ ପକ୍ଷରୁ ଭୁବନେଶ୍ୱରର ଏକ ଔଷଧ ଦୋକାନରେ ଚଢ଼ାଉ।

# ବିଦେଶୀ ପର୍ଯ୍ୟଟକଙ୍କ ଡାଟାବେସ୍ ପ୍ରସ୍ତୁତ ହେବ

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

କରୋନା ସଂକ୍ରମଣକୁ ରୋକିବା ଲାଗି ଅନ୍ୟ ସମସ୍ତ ବିଭାଗ ଭଳି ବ୍ୟାପକ ପ୍ରସ୍ତୁତି କରିଛି ରାଜ୍ୟ ପର୍ଯ୍ୟଟନ ବିଭାଗ। କରୋନା ଭୂତାଣୁ ସଂକ୍ରମଣରେ ଚାଇନା ପରେ ଏବେ ଇଟାଲୀ ସର୍ବାଧିକ ପ୍ରଭାବିତ ହୋଇଛି। ଏପରିସ୍ଥଳେ ଓଡ଼ିଶାରେ ଏବେ ଏକାଧିକ ଇଟାଲୀୟ ପର୍ଯ୍ୟଟକ ଚିନ୍ତା ବଢ଼ାଇଛି। ସେମାନେ ନିଜ ତଥ୍ୟ ଯେପରି ସହଜରେ ଓ ସୁବିଧାରେ ଦେଇପାରିବେ ସେଥିପାଇଁ ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି। ପର୍ଯ୍ୟଟକଙ୍କ ଉପରେ ନଜର ରଖିବାକୁ ସମସ୍ତ ଜିଲାପାଳ, ପର୍ଯ୍ୟଟନ ଅଧିକାରୀ, ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ପୋଲିସକୁ କଡ଼ା ଚେତାବନୀ ଦିଆଯାଇଛି। ଏନେଇ ଭିଡିଓ କନଫରେନ୍ସ ମାଧ୍ୟମରେ ବିଭାଗର ବରିଷ୍ଠ ଅଧିକାରୀମାନେ ଆଲୋଚନା କରିଛନ୍ତି। ସେହିଭଳି ରାଜ୍ୟରେ ରହିଥିବା ସମସ୍ତ ବିଦେଶୀ ପର୍ଯ୍ୟଟକଙ୍କ ଏକ ଡାଟାବେସ୍ ପ୍ରସ୍ତୁତ କରିବାକୁ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

■ ଏବେ ବି ରାଜ୍ୟରେ ଫସିଛନ୍ତି ବହୁ ଇଟାଲୀୟ ପର୍ଯ୍ୟଟକ
■ କମିଲେ ପର୍ଯ୍ୟଟକ, ଗୁରୁତର କ୍ଷତି ସହିବ ପର୍ଯ୍ୟଟନ ଶିଳ୍ପ

ଅନ୍ୟପକ୍ଷରେ କରୋନା ଭୟାବହତା ଲାଗି ମାର୍ଚ୍ଚ ମାସରେ ପର୍ଯ୍ୟଟକଙ୍କ ଆଗମନରେ ବ୍ୟାପକ ହ୍ରାସ ଘଟିଛି। ତେଣୁ ଚଳିତ ବର୍ଷ ପର୍ଯ୍ୟଟନ ଶିଳ୍ପ ଗୁରୁତର କ୍ଷତିର ସମ୍ମୁଖୀନ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ପର୍ଯ୍ୟଟନ ବିଭାଗର ତଥ୍ୟ ଅନୁସାରେ, ଫେବୃୟାରୀ ୧ରୁ ମାର୍ଚ୍ଚ ୧୨ ମଧ୍ୟରେ ରାଜ୍ୟକୁ ପ୍ରାୟ ୫,୦୭୮ ଜଣ ପର୍ଯ୍ୟଟକ ଆସିଛନ୍ତି। ଫେବୃୟାରୀ ମାସରେ କେବଳ ପୁରୀକୁ ୧,୨୦୪ ଜଣ ପର୍ଯ୍ୟଟକ ଆସିଥିବାବେଳେ ମାର୍ଚ୍ଚରେ ମାତ୍ର ୨୩୧ ଜଣ ଆସିଛନ୍ତି। ସେହିଭଳି ଫେବୃୟାରୀରେ ଖୋର୍ଦ୍ଧା ଜିଲାକୁ ୨,୨୬୯ ଜଣ ବିଦେଶୀ ପର୍ଯ୍ୟଟକ ଆସିଥିବାବେଳେ ମାର୍ଚ୍ଚରେ ମାତ୍ର ୨୫୬ ଜଣ ଆସିଛନ୍ତି। କୋଣାର୍କକୁ ୬୩୦ ବିଦେଶୀ ପର୍ଯ୍ୟଟକ ଆସିଥିବା ବେଳେ କୋରାପୁଟ ଓ କନ୍ଧମାଳ ଜିଲାର ବିଭିନ୍ନ ଆଦିବାସୀ ଅଞ୍ଚଳରେ ୨୦୦ ବିଦେଶୀ ପର୍ଯ୍ୟଟକ ବୁଲିଛନ୍ତି। ତେବେ ଅଧିକାଂଶ ବିଦେଶୀ ପର୍ଯ୍ୟଟକ ଇଂଲଣ୍ଡ, ଆମେରିକା, ଜର୍ମାନୀ ସମେତ ବିଭିନ୍ନ ୟୁରୋପୀୟ ରାଷ୍ଟ୍ରରୁ ଆସିଥିବାବେଳେ ପ୍ରାୟ ୨୦୦ ପର୍ଯ୍ୟଟକ ଇଟାଲୀରୁ ଆସିଛନ୍ତି। କରୋନା ମୁକାବିଲା ପାଇଁ ବର୍ତ୍ତମାନ ସୁଦ୍ଧା ପୁରୀ, କୋଣାର୍କ, ଚିଲିକା ଓ ସାତପଡ଼ା ଭଳି ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ଯିବା ଆସିବା ଉପରେ ଅଙ୍କୁଶ ଲଗାଯାଇଛି। ପର୍ଯ୍ୟଟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ବିଭାଗ ପକ୍ଷରୁ ଏକ ଡାକ୍ତରୀ ଦଳ ଗଠନ କରାଯାଇଛି।

# ହରିରାଜପୁର ମେଳଣରେ ଲାଗିଲା ୧୪୪ ଧାରା

ଡେଲାଙ୍ଗ/ ଜଟଣୀ, ୧୬।୩ (ଡି.ଏନ୍.ଏ)

ମହାମାରୀ କରୋନା ବିଶ୍ୱରେ କାୟା ବିସ୍ତାର ଚଳାଇଥିବାବେଳେ ପ୍ରତିଷେଧକ ପାଇଁ ସରକାରଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ରହିଛି। ତେବେ ଓଡ଼ିଶା ପ୍ରସିଦ୍ଧ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ହରିରାଜପୁର ମେଳଣ ମଙ୍ଗଳବାର ଉଦ୍‌ଯାପନୀ ହୋଇଥାନ୍ତା। ଏହି ମେଳଣ ଦେଖିବା ଲାଗି ରାଜ୍ୟର କୋଣ ଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁ ସମାଗମ ହୋଇଥାନ୍ତି। କିନ୍ତୁ ଓଡ଼ିଶାରେ କରୋନା ରୋଗୀ ଚିହ୍ନଟ ହେବାପରେ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ୨ଟା ସମୟରେ ଉକ୍ତ ମେଳଣ ପଡ଼ିଆରେ ୧୪୪ଧାରା ଜାରି କରାଯାଇଛି। ଡେଲାଙ୍ଗ ତହସିଲଦାର ରାଜେନ୍ଦ୍ର କୁମାର ଆଚାରିଆ, ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ, ହରିରାଜପୁର ଫାଣ୍ଡି ଅଧିକାରୀ ଯୁଗଳ ଚରଣ ପ୍ରଧାନ ସମେତ ୧ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ମେଳଣ ପଡିଆକୁ ଜନସାଧାରଣ ନ ଯିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନ୍ୟପକ୍ଷେ ମେଳଣରେ ପଡ଼ିଆକୁ ଆସିଥିବା ଦୋକାନୀମାନଙ୍କୁ ଦୋକାନ ଉଠାଇ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କରୋନା ଭୂତାଣୁଠାରୁ ରକ୍ଷା ପାଇବା ପାଇଁ ଜିଲା ଓ ବ୍ଲକ ପ୍ରସାଶନ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଯୋଗୁ ଜନସାଧାରଣ ପ୍ରସାଶନିକ ଅଧିକାରୀମାନଙ୍କୁ ସାଧୁବାଦ ଜଣାଇଛନ୍ତି।

# ବନ୍ଦ ହେଲା ନିକୋ ପାର୍କ

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

କରୋନା ଆତଙ୍କ ପାଇଁ ବିଡିଏ ସିଟି ସେଣ୍ଟର (ନିକୋ ପାର୍କ)କୁ ବନ୍ଦ କରାଯାଇଛି। ମଙ୍ଗଳବାରଠାରୁ ପାର୍କକୁ ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି ହେବା ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି ବୋଲି ବିଡିଏ ସୂତ୍ରରୁ ଜଣାପଡ଼ିଛି। ରାଜଧାନୀ ଭୁବନେଶ୍ୱରରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ସେହିପରି ପୂର୍ବରୁ ରାଜଧାନୀର ଅନ୍ୟ ପାର୍କଗୁଡ଼ିକୁ ସକାଳ ୬ ଟାରୁ ଖୋଲି ଅପରାହ୍ନ ୨ଟାରେ ବନ୍ଦ କରିବାକୁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପାର୍କକୁ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ କରୋନା ସଚେତନ ବାର୍ତ୍ତା ପ୍ରଦର୍ଶନ କରାଯିବ। ପାର୍କରେ ଥିବା ବ୍ୟାୟାମ ଉପକରଣ ଏବଂ ପିଲାଙ୍କ ପାଇଁ ଥିବା ଖେଳନାଗୁଡ଼ିକର ଉପଯୋଗ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ବିଡିଏ ସିଟି ସେଣ୍ଟରକୁ ପ୍ରତିଦିନ ଅଧିକ ସଂଖ୍ୟକ ଛୋଟ ପିଲାମାନେ ବୁଲିବାକୁ ଆସୁଥିବାରୁ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି।



କରୋନାକୁ ଖାତିର ନ କରି ଭୁବନେଶ୍ୱର ଲୋୟର ପିଏମ୍‌ଜି ନିକଟରେ ଶ୍ରମିକମାନେ ମୁହଁରେ ମାସ୍କ ବାନ୍ଧି କାମ କରୁଛନ୍ତି।




ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଲୋକଙ୍କୁ ମାଗଣାରେ ମାସ୍କ ବଣ୍ଟନ ସହ ସଚେତନ କରାଯାଉଛି।

# କରୋନା ପାଇଁ କଟକଣା ଜାରିକଲେ ଓଏଚ୍‌ଆରସି

ଭୁବନେଶ୍ୱର, ୧୬।୩ (ବ୍ୟୁରୋ)

କରୋନା ଭାଇରସ (କୋଭିଡ୍-୧୯)ର ମୁକାବିଲା କରିବା ପାଇଁ ରାଜ୍ୟ ମାନବାଧିକାର କମିଶନ(ଓଏଚଆରସି) କଟକଣା ଜାରି କରିଛନ୍ତି। ସ୍ଥିତି ସୁଧୁରିବା ପର୍ଯ୍ୟନ୍ତ କେବଳ ଗୁରୁତ୍ୱପୂର୍ଣ୍ଣ ମାମଲା କୋର୍ଟରେ ବିଚାର କରାଯିବ। କୋର୍ଟ ପରିସରରେ ବିଚାରପତି, ମାନବାଧିକାର କର୍ମୀ, ଅଭିଯୁକ୍ତ, ଅଭିଯୋଗକାରୀ ଓ କୋର୍ଟ କାର୍ଯ୍ୟ ପରିଚାଳନା ନେଇ ଆବଶ୍ୟକୀୟ ସଦସ୍ୟ କେବଳ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କମିଶନ ଓ ଓଏଚଆରସି କାର୍ଯ୍ୟାଳୟ ପରିସରରେ ଭିଡ଼ ନ ଜମାଇବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

# କ୍ୟାପିଟାଲ ହସ୍ପିଟାଲରେ କୋକୁଆ ଭୟ

■ କରୋନାକୁ ନେଇ ରୋଗୀ, ସମ୍ପର୍କୀୟ ଛାନିଆ

■ ହସ୍ପିଟାଲ ଛାଡ଼ିବାକୁ ବାହାରିଲେଣି ୱାର୍ଡରେ ଥିବା ରୋଗୀ



ଭୁବନେଶ୍ୱର, ୧୬।୩ (ବ୍ୟୁରୋ)

କରୋନା ଚାଇନା, ଇଟାଲୀ ଆଦି ଦେଶରେ ମୃତ୍ୟୁର ବୀଭିଷିକା ରଚୁଥିବାବେଳେ ଓଡ଼ିଶାରେ ଛନକା ପଶିଥିଲା। ବିଦେଶରେ ବହୁ ଓଡ଼ିଆ ରହୁଥିବାରୁ ରାଜ୍ୟ ସରକାର ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ସହ ଏନେଇ ପ୍ରସ୍ତୁତି ଆରମ୍ଭ କରିଥିଲେ। ଏହି ମାରାତ୍ମକ ଭାଇରସ ଭାରତକୁ ଡେଇଁବା ପରେ ଓଡ଼ିଶାରେ ଛନକା ପଶିଥିଲା। ସମ୍ଭାବନ୍ୟ ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର ଓ ବିଭିନ୍ନ ବିଭାଗ ପକ୍ଷରୁ କଟକଣା ଆରମ୍ଭ ହୋଇଥିଲା। ଏବେ ଦେଶରେ କରୋନାରେ ୨ଦୁଇଜଣଙ୍କ ମୁଣ୍ଡ ନେବା ସହ ଓଡ଼ିଶାକୁ ମଧ ମାଡ଼ି ଆସିଛି। କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଇଟଲୀ ଫେରନ୍ତା ଯୁବକଙ୍କଠାରେ ରବିବାର କରୋନା ଭାଇରସ୍ ଚିହ୍ନଟ କରାଯାଇଛି। ସକାଳେ ଖବର ପ୍ରଚାରିତ ହେବା ପରେ ଦିନତମାମ ହସ୍ପିଟାଲରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ସୋମବାର ହୋଇଥିବାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ କ୍ୟାପିଟାଲ ହସ୍ପିଟାଲକୁ ସକାଳୁ ରୋଗୀଙ୍କ ସୁଅ ଛୁଟିଥିଲା। ହେଲେ କରୋନା ଆକ୍ରାନ୍ତ ହସ୍ପିଟାଲ ପରିସରରେ ଚିକିତ୍ସିତ ହେଉଥିବା ଶୁଣିବାକ୍ଷଣି ସେମାନଙ୍କ ମନରେ ଛନକା ପଶିଯାଇଥିଲା। ରୋଗୀ, ସମ୍ପର୍କୀୟଙ୍କ ମୁହଁରେ ଖାଲି କରୋନା କଥା ଶୁଣିବାକୁ ମିଳୁଥିଲା। କରୋନା କେଉଁଠି, କାହାକୁ ହୋଇଛି ଆଦି ଅନେକ ପ୍ରଶ୍ନ ପରସ୍ପର ମଧ୍ୟରେ ଗୁଞ୍ଜରିତ ହେଉଥିଲା। ଶୀଘ୍ର ଡାକ୍ତରଙ୍କୁ ଦେଖାଇ ଚାଲିଯିବାକୁ ସେମାନଙ୍କ ମଧ୍ୟରେ ବ୍ୟଗ୍ରତା ଓ ଅନାଗତ ଭୟ ଦେଖିବାକୁ ମିଳିଥିଲା। ଟିକେଟ କାଉଣ୍ଟର, ଆଉଟ୍‌ଡୋର୍, ଲାବୋରେଟୋରୀ, ନିରାମୟ କେନ୍ଦ୍ରରେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଅପେକ୍ଷା କରିବା କଷ୍ଟକର ହୋଇପଡିଥିଲା। ଫଳରେ ବହୁ ରୋଗୀ ଅଧା ଚିକିତ୍ସାରୁ ଚାଲିଯାଇଥିବାବେଳେ ଏପଟେ ବିଭିନ୍ନ ୱାର୍ଡରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କ ମନରେ ମଧ ସମାନ ଭୟ ସୃଷ୍ଟି ହୋଇଥିଲା। ସୁସ୍ଥ ହେଉଥିବା ରୋଗୀମାନେ କିପରି ହସ୍ପିଟାଲ ଛାଡ଼ିବେ ସେଥିପାଇଁ ସଜବାଜ ହେଉଥିବା ମଧ ଦେଖିବାକୁ ମିଳିଥିଲା।

## ମୁହଁ ଖୋଲିଲେ ଆକ୍ରାନ୍ତଙ୍କ ପରିବାର

# ରାତି ୯ଟାରେ ନେଗେଟିଭ୍, ରାତି ୧୨ରେ ପଜିଟିଭ

ଅନ୍ୟପକ୍ଷରେ ସ୍ୱାବ୍ ରିପୋର୍ଟ ଓ ଚିକିତ୍ସାକୁ ନେଇ ମୁହଁ ଖୋଲିଚନ୍ତି କରୋନା ଆକ୍ରାନ୍ତଙ୍କ ପରିବାର ଲୋକ। ତାଙ୍କ ଭଉଣୀ କହିଛନ୍ତି, ଭାଇ ଇଟାଲୀର ରୋମରେ ପାଠ ପଢିବା ସହ ପାର୍ଟ ଟାଇମ୍ ଚାକିରି କରୁଥିଲେ। ୬ ତାରିଖରେ ଦିଲ୍ଲୀ ବିମାନ ବନ୍ଦରରେ ଯାଞ୍ଚ କରାଯାଇ ଛଡ଼ାଯାଇଥିଲା। ସେ ଟ୍ରେନ୍ ଆସି ୧୩ ତାରିଖରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଜ୍ୱର ହେବାରୁ ଏକ ଘରୋଇ କ୍ଲିନିକ୍‌ରେ ରକ୍ତ ପରୀକ୍ଷାରୁ ଟାଇଫଏଡ୍ ବାହାରିଥିଲା। ଦେହ ଭଲ ନ ହେବାରୁ ଶନିବାର କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରଙ୍କ ପରାମର୍ଶ ନେଇଥିଲୁ। ରବିବାର ସକାଳେ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ନିଆଯାଇଥିଲା। ରାତି ୯ଟାର ଯୁବକ ଜଣକ ନେଗେଟିଭ୍ ଥିବା ଘରକୁ ଫୋନ୍ କରି ଜଣାଇଥିଲେ। ଡାକ୍ତର ତାଙ୍କୁ ଘରକୁ ପଳାଇଯିବାକୁ ବାଧ କରାଯାଇଥିଲା। ହେଲେ ତାଙ୍କ ସହ ଅନ୍ୟ ଦୁଇଜଣ ସନ୍ଦିଗ୍ଧ ରହିଥିବା ଓ ସେମାନଙ୍କର ରିପୋର୍ଟ ଆସି ନ ଥିବାରୁ ଆଶଙ୍କା କରି ଡାକ୍ତରଙ୍କୁ ଜଣାଇ ରହିଥିଲେ। ହେଲେ ରାତି ୧୨ଟାରେ ଡାକ୍ତର ତାଙ୍କୁ କରୋନା ପଜେଟିଭ ହୋଇଥିବା କହିଥିଲେ। କିଭଳି ଏପରି ହେଲା ବୋଲି ସେ ପ୍ରଶ୍ନ କରି ଭାଇଙ୍କ ଜୀବନ ସହ ଖେଳ ଖେଳାଯାଉଥିବା ସେ ଅଭିଯୋଗ କରିଛନ୍ତି। ଆଉଥରେ ନମୁନା ପରୀକ୍ଷା କରାଯିବାକୁ ସେ ଦାବି କରିଛନ୍ତି।

# ଗର୍ଭଗୃହରେ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ ମନା




ପୁରୁଣା ଭୁବନେଶ୍ୱର, ୧୬।୩(ଡି.ଏନ୍.ଏ.)

ମହାମାରୀ କରୋନା ପାଇଁ ଶ୍ରୀ ଲିଙ୍ଗରାଜଙ୍କୁ ଦର୍ଶନ କରିବାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ କଟକଣା ଜାରି କରାଯାଇଛି। ଶ୍ରୀ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ଯାତ୍ରୀଙ୍କ ପାଇଁ ୭ଟି ଗାଇଡଲାଇନ ବ୍ୟବସ୍ଥା କରାଯାଇଛି। ସେହିପରି ଗର୍ଭଗୃହରେ ଲିଙ୍ଗରାଜଙ୍କୁ ଦର୍ଶନ କରିପାରିବେନି ବୋଲି ସୋମବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକଶ ପାଇଛି। ଯାତ୍ରୀମାନେ ସିଂହଦ୍ୱାରଠାରେ ଥିବା ସାନିଟାଇଜରରେ ହାତ, ଗୋଡ଼ ଧୋଇ ମନ୍ଦିରକୁ ପ୍ରବେଶ କରିବେ। ରେଜିଷ୍ଟରରେ ନାମ ଓ ଠିକଣା ଲେଖିବା, ସମସ୍ତ ସେବାୟତ ମାସ୍କ ପିନ୍ଧିବା, ସିଂହଦ୍ୱାରରେ ପ୍ରବେଶ କରିବା ଓ ଉତ୍ତର ଦ୍ୱାରରେ ପ୍ରସ୍ଥାନ କରିବା, ଜ୍ୱର, କାଶ ଓ ଥଣ୍ଡା ହୋଇଥିବା ବ୍ୟକ୍ତି ପ୍ରବେଶ ନ କରିବା ବାରଣ କରାଯାଇଛି। ବିଏମ୍‌ସି ଓ କ୍ୟାପିଟାଲ ହସ୍ପିଟାଲ ଡାକ୍ତରମାନେ ମନ୍ଦିର ସିଂହଦ୍ୱାରଠାରେ ସଚେତନତା କ୍ୟାମ୍ପରେ ଯୋଗଦେଇ ଯାତ୍ରୀଙ୍କୁ ସଚେତନ କରାଇବା ପାଇଁ ନିଷ୍ପତ୍ତି ହୋଇଥିଲେ ମଧ ଏହାର ବ୍ୟତିକ୍ରମ ହୋଇଥିବା ଦେଖିବାକୁ ମିଳିଥିଲା।

### ସର୍ତ୍ତାବଳୀ ମାନିଲେ ଉତ୍ତରପ୍ରଦେଶ ମନ୍ତ୍ରୀ

କରୋନା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଗାଇଡ ଲାଇନ ପ୍ରସ୍ତୁତ କରାଯାଇଛି। ସୋମବାର ଉପସ୍ଥିତ କର୍ମଚାରୀମାନେ ଯାତ୍ରୀଙ୍କ ଠାରୁ ରେଜିଷ୍ଟରରେ ନାମ ଓ ଠିକଣା ଲେଖି ରଖୁଥିବାବେଳେ ସାନିଟାଇଜର ବ୍ୟବହାର କରାଉଥିଲେ। କିନ୍ତୁ କେତେଜଣ ଯାତ୍ରୀ ସେଥିରୁ ନିବୃତ ରହୁଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ଉତ୍ତର ପ୍ରଦେଶର ମନ୍ତ୍ରୀ ଅନିଲ ରାଜଭାର ରେଜିଷ୍ଟରରେ ନାମ ଓ ଠିକଣା ଲେଖିବା ସହ ମାସ୍କ ପିନ୍ଧି ସାନିଟାଇଜରର ବ୍ୟବସ୍ଥା ଆପଣେଇଥିଲେ। ପରେ ସେ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରିଥିଲେ। ଗାଇଡଲାଇନ ଅନୁସାରେ ପ୍ରସ୍ଥାନ ପଥ ଉତ୍ତର ଦ୍ୱାରା ଥିବାବେଳେ ଅନେକ ଶ୍ରଦ୍ଧାଳୁ ସିଂହଦ୍ୱାରରେ ପ୍ରବେଶ ଓ ସିଂହଦ୍ୱାରରେ ପ୍ରସ୍ଥାନ କରୁଥିବା ଦେଖିବାକୁ ମିଳିଥିଲା। ରେଜିଷ୍ଟର ମୁତାବକ ଅପରାହ୍ଣ ୫ଟା ସୁଧା ୩୭୨ଜଣ ପର୍ଯ୍ୟଟକ ହୋଇଥିବା ଜଣାପଡ଼ିଛି।

### ଖୋଲାରହିଲା ଶ୍ରୀଲିଙ୍ଗରାଜ ହାଟ

ଶ୍ରୀଲିଙ୍ଗରାଜ ମନ୍ଦିର ଦକ୍ଷିଣ ପାର୍ଶ୍ୱକୁ ଥିବା ଲିଙ୍ଗରାଜ ହାଟ ସୋମବାର ଖୋଲା ରହିଥିଲା। ଜନଗହଳି ପାଇଁ କଟକଣା ଥିବାବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ସେଭଳି କୌଣସି ସଚେତନତା ମୂଳକ ପଦକ୍ଷେପ ନିଆଯାଇଥିବା ଦେଖିବାକୁ ମିଳିଥିଲା।

### ବିଏମ୍‌ସି ହସ୍ପିଟାଲରେ ସଚେତନତା ଠପ

ଶ୍ରୀଲିଙ୍ଗରାଜ ମନ୍ଦିର ପଶ୍ଚିମ ପାର୍ଶ୍ୱ ପାଚେରିକୁ ଲାଗିରହିଥିବା ବିଏମ୍‌ସି ହସ୍ପିଟାଲରେ କରୋନା ସମ୍ପର୍କିତ କୌଣସି ସଚେତନତା କାର୍ଯ୍ୟକ୍ରମ ଠପ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ସୋମବାର ହସ୍ପିଟାଲର କୌଣସି କର୍ମଚାରୀ ମାସ୍କ ପିନ୍ଧି ନ ଥିବା ବେଳେ ଆଉଟଡୋରରେ ରୋଗୀଙ୍କ ପାଇଁ କିଛି ବ୍ୟବସ୍ଥା କରାଯାଇ ନ ଥିଲା। କୌଣସି ସରକାରଙ୍କ ପକ୍ଷରୁ ସାନିଟାଇଜର ଯୋଗାଇ ଦିଆଯାଇ ନାହିଁ ବୋଲି କେତେଜଣ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି।

### ଏମାନେ ଯାହା କୁହନ୍ତି

କରୋନା ପାଇଁ ସରକାରଙ୍କ ସଚେତନତା ପଦକ୍ଷେପ ସ୍ୱାଗତ ଯୋଗ୍ୟ। ଯାତ୍ରୀ କମିଲେ ମଧ ଏଭଳି ମହାମାରୀ କବଳରୁ ହୁଏତ ଆମେ ସମସ୍ତେ ବର୍ତ୍ତି ଯାଇପାରିବା।

**- ନରସିଂହ ଖୁଣ୍ଟିଆ, ବରିଷ୍ଠ ସେବାୟତ**

ଶ୍ରୀଲିଙ୍ଗରାଜ ମନ୍ଦିରରେ ସରକାର ଏଭଳି କଟକଣା ଜାରି କରିଥିବାରୁ ସ୍ୱାଗତଯୋଗ୍ୟ। ଧୀରେ ଧୀରେ ସେବାୟତଙ୍କ ସମେତ ଯାତ୍ରୀ, ଭକ୍ତମାନେ ଅଭ୍ୟାସରେ ପଡ଼ିଲେ କରୋନାରୁ ମୁକ୍ତିପାଇପାରିବେ। ଠାକୁରଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା ରହିଛି।

**- ମଣ୍ଟୁ ପଣ୍ଡା, ସେବାୟତ**

ପଦକ୍ଷେପ ସ୍ୱାଗତ ଯୋଗ୍ୟ। ସମସ୍ତ ଯାତ୍ରୀଙ୍କ ପାଇଁ ସାନିଟାଇଜର ବ୍ୟବସ୍ଥା ଉପଲବ୍ଧ କରାଯାଇଛି। ଯାତ୍ରୀ ସଂଖ୍ୟା କମିଲେ ବି ସତର୍କତାମୂଳକଭାବେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ।

**- ଶିବପ୍ରସାଦ ବେହେରା, ସ୍ଥାନୀୟ ବାସିନ୍ଦା**

# ଆରମ୍ଭରୁ ଅବ୍ୟବସ୍ଥା

ଭୁବନେଶ୍ୱର, ୧୬।୩ (ବ୍ୟୁରୋ)

ରାଜ୍ୟରେ କରୋନା ମୁକାବିଲା ପାଇଁ ୨ଶହ କୋଟିର ବ୍ୟୟବରାଦ ରହିଛି। ଚିକିତ୍ସା, ସଚେତନତାଠାରୁ ଆରମ୍ଭ କରି ବ୍ୟାପକ ବ୍ୟବସ୍ଥା କରାଯାଉଥିବା କୁହାଯାଉଛି। ଘନଘନ ନିର୍ଦ୍ଦେଶନାମା ଜାରି କରାଯାଇ କଟକଣା ଲଗାଯାଉଛି। ବିମାନ ବନ୍ଦରରେ କଡ଼ା ଯାଞ୍ଚ, ହସ୍ପିଟାଲରେ ଆସୋଲେଶନ ୱାର୍ଡ ସହ ଡାକ୍ତରୀ ଟିମ୍ ପ୍ରସ୍ତୁତ ହୋଇ ରହିଥିବା ବହୁଦିନ ହେବ କୁହାଯାଉଛି। ହେଲେ କରୋନା ଓଡ଼ିଶା ମାଟି ମାଡ଼ିବାକ୍ଷଣି ସବୁ ପ୍ରସ୍ତୁତି ଫିକା ହେଲା ଭଳି ମନେ ହେଉଛି। ରାଜ୍ୟର ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଚିକିତ୍ସା ଚାଲିଥିବା କ୍ୟାପିଟାଲ ହସ୍ପିଟାଲର ନାନା ଅବ୍ୟବସ୍ଥା ଏବେ ପଦାରେ ପଡିଛି।

ବିଭିନ୍ନ ଆଡୁ ଅଭିଯୋଗ ଆସିବା ପରେ ଆମ ପ୍ରତିନିଧି ସୋମବାର ହସ୍ପିଟାଲରେ ପହଞ୍ଚି ବାସ୍ତବ ସ୍ଥିତି ପରଖିଛନ୍ତି। ହଇଜା ଓ ସଂକ୍ରାମକ ରୋଗ ୱାର୍ଡ ନିକଟ ଜଟିଳ ଯକ୍ଷ୍ମା ଚିକିତ୍ସା କେନ୍ଦ୍ର (ପୁରୁଣା ଆଇଡିଏଚ୍ ୱାର୍ଡ)ରେ ହୋଇଥିବା ଆଇସୋଲେଶନ ୱାର୍ଡରେ ଆକ୍ରାନ୍ତ କରୋନା ରୋଗୀଙ୍କୁ ରଖାଯାଇ ଚିକିତ୍ସା କରାଯାଉଥିବା ଦେଖିବାକୁ ମିଳିଥିଲା। ଫଳରେ ହଇଜା ୱାର୍ଡରେ ଚିକିତ୍ସିତ ହେଉଥିବା ରୋଗୀ ଓ ସମ୍ପର୍କୀୟମାନେ ସଂକ୍ରମଣ ଆଶଙ୍କା କରି ଭୟଭୀତ ଅବସ୍ଥାରେ ରହିଛନ୍ତି। ସବୁଠାରୁ ବଡ଼ କଥା ହେଲା ଆଇସୋଲେଶନ ୱାର୍ଡରେ ଆକ୍ରାନ୍ତ ଓ ସନ୍ଦିଗ୍ଧମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ସେମାନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶୌଚାଳୟର ବ୍ୟବସ୍ଥା ନ ଥିବାବେଳେ ଖାଇବା ଓ ପିଇବାରେ ଅବହେଳା କରାଯାଉଛି। ଡାକ୍ତରୀ ପରାମର୍ଶଠାରୁ ଆରମ୍ଭ କରି ଦେଖାଶୁଣା ମଧ ମନଇଚ୍ଛା କରାଯାଉଥିବା ସେମାନେ କହିଛନ୍ତି। ୱାର୍ଡ ଜଗିବା ପାଇଁ ସୁରକ୍ଷା କର୍ମୀ ନ ଥିବାବେଳେ ଯିଏ ଯେତେବେଳେ ଚାହୁଁଥିଲେ ସେମାନଙ୍କୁ ଭେଟୁଥିବା ଦେଖିବାକୁ ମିଳିଥିଲା। ସେମିତି କଟକଣା ଓ ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବାରୁ ସଂକ୍ରମଣର ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଦୁଇ ସନ୍ଦିଗ୍ଧଙ୍କୁ ରଖାଯାଇଥିବା ୱାର୍ଡରେ ତାଲା ପଡିଥିଲା। ପରିବାର ଲୋକେ ଓ ସମ୍ପର୍କୀୟମାନେ ଝରକା ବାଟେ ବିସ୍କୁଟ ଦେଉଥିବା ଦେଖାଯାଇଥିଲା। ସେମାନଙ୍କୁ ପଚରାଉଚରା ପରେ ଅସନ୍ତୋଷ ପ୍ରକାଶ କରି ହସ୍ପିଟାଲ କର୍ତ୍ତୃପକ୍ଷ ଓ ସରକାରଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ।

ଏନେଇ କ୍ୟାପିଟାଲ ହସ୍ପିଟାଲରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଧନଞ୍ଜୟ ଦାଶ କହିଛନ୍ତି, ହଇଜା ୱାର୍ଡ ନିକଟରେ ରହିଲେ କରୋନା ବ୍ୟାପିବ ନାହିଁ। ଏହା ମିଥ୍ୟା ପ୍ରଚାର। ଏପରିକି ରୋଗୀଙ୍କ ପାଇଁ ସବୁ ସୁବିଧା ଯୋଗାଇ ଦିଆଯାଉଛି।

■ ହଇଜା ୱାର୍ଡ ନିକଟରେ ଆଇସୋଲେଶନ ୱାର୍ଡ

■ ଭୋକ, ଶୋଷରେ କଟୁଛି ଦିନ, ଶୌଚ ପାଇଁ ହଟହଟା




କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ସଂକ୍ରାମକ ରୋଗ ୱାର୍ଡ (ବାମ) ନିକଟରେ ରହିଥିବା କରୋନା ଆଇସୋଲେଶନ ୱାର୍ଡ।

### ଆଇସୋଲେଶନ ୱାର୍ଡ ନିକଟରେ ବିନା ମାସ୍କରେ କାର୍ଯ୍ୟ କରୁଛନ୍ତି ଶ୍ରମିକ

କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ଆଗରୁ ସେପରି ପ୍ରସ୍ତୁତ ରହି ନ ଥିଲେ। ବାହାଘରବେଳେ ବାଇଗଣ ରୁଆ ଭଳି କରୋନା ସଂକ୍ରମଣ ସନ୍ଦିଗ୍ଧ ହସ୍ପିଟାଲରେ ପହଞ୍ଚିବା ପରେ ହଇଜା ୱାର୍ଡ ନିକଟ ଯକ୍ଷ୍ମା ୱାର୍ଡକୁ ସଫାସୁତୁରା କରିବା ସହ ସେଠାରେ ଏସି ଲଗାଇ ଆଇସୋଲେଶନ ୱାର୍ଡ କରିଛନ୍ତି। ଏବେ ଆକ୍ରାନ୍ତ ଚିହ୍ନଟ ହେବା ପରେ ତରବରିଆ ଭାବେ ବେଡ୍ ସଂଖ୍ୟା ବୃଦ୍ଧି କରାଯିବା ସହ ଅଧିକ ୱାର୍ଡ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୋମବାର ହଇଜା ୱାର୍ଡ ନିକଟରେ ଥିବା ଏକ ଘରକୁ କରୋନା ସଂକ୍ରମଣ ରୋଗୀଙ୍କ ପାଇଁ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳିଥିଲା। ହେଲେ ସେଠାରେ ନିର୍ମାଣ କରୁଥିବା ଶ୍ରମିକ ଓ ଠିକାଦାର ବିନା ମାସ୍କରେ କାମ କରୁଥିଲେ। ସେମାନେ କେରୋନା ରୋଗୀ ଥିବା ଘର କାନ୍ଥରେ ଥିବା ବୋର୍ଡରୁ ବିଦ୍ୟୁତ୍ ନେଇ ଲୁହା କଟାକଟି କରୁଥିଲେ।



### ଘରୋଇ କ୍ଲିନିକ୍ ଡାକ୍ତର, କର୍ମଚାରୀ ଓ ଦୁଇ ବିଦେଶ ଫେରନ୍ତାଙ୍କ ସ୍ୱାବ୍ ନମୁନା ନିଆଗଲା

ଇଟାଲି ଫେରନ୍ତା ଭୁବନେଶ୍ୱରର ଯୁବକ ଜଣକ କରୋନାରେ ଆକ୍ରାନ୍ତ ଥିବା ଜଣାପଡିବା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ସେ ଅସୁସ୍ଥ ଅନୁଭବ କରିବାରୁ ଭୁବନେଶ୍ୱର ବୁଦ୍ଧନଗରସ୍ଥିତ ଘରୋଇ କ୍ଲିନିକ୍‌ରେ ଡାକ୍ତରଙ୍କ ପାଖକୁ ଯାଇଥିଲେ। ତେଣୁ ସୋମବାର କ୍ଲିନିକ୍‌ର ଡାକ୍ତର ଓ ଦୁଇଜଣ କର୍ମଚାରୀଙ୍କୁ କ୍ୟାପିଟାଲ ହସ୍ପିଟାଲ ଡକାଯାଇ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି। ହେଲେ ସେମାନେ ମଧ ଅବ୍ୟବସ୍ଥା ଓ ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ହସ୍ପିଟାଲରେ ବସାଇ ରଖାଯାଇଥିଲା। ଫଳରେ ୭୪ବର୍ଷୀୟ ଡାକ୍ତର ଓ ଦୁଇ କର୍ମଚାରୀ ଚେୟାର ଉପରେ ଭୋକରେ ବସି ରହି ହଟହଟା ହୋଇଥିଲେ ମଧ କେହି ଶୁଣି ନ ଥିଲେ କି ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଇ ନ ଥିଲା। ସେମାନେ ପ୍ରତିକ୍ରିୟା ପ୍ରକାଶ କରିବା ପରେ ଅପରାହ୍ଣ ସାଢ଼େ ୪ଟାରେ ସ୍ୱାବ୍ ନିଆଯାଇଥିଲା। ସେହିଭଳି ବିଦେଶରୁ ଫେରିଥିବା କଳାହାଣ୍ଡି ଅଞ୍ଚଳର ଦୁଇ ଯୁବକଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି। ରିପୋର୍ଟ ଆସିବା ପର୍ଯ୍ୟନ୍ତ ଘର ଭିତରେ ରହିବାକୁ ପରାମର୍ଶ ଦିଆଯାଇଛି।

### ସଂକ୍ରମଣ ଆଶଙ୍କାରେ ସନ୍ଦିଗ୍ଧ

ହସ୍ପିଟାଲରେ ଏବେ ଦୁଇଜଣ ସନ୍ଦିଗ୍ଧଙ୍କୁ ଅବ୍‌ଜରଭେଶନରେ ରଖାଯାଇଛଇ। ସେମାନଙ୍କର ନମୁନା ନେଗେଟିଭ ଆସିଛି। ହେଲେ ସେମାନେ କରୋନା ଆକ୍ରାନ୍ତ ଯୁବକଙ୍କ ସହ ଦୁଇଦିନ ରହିଥିବାରୁ ନାନା ଆଶଙ୍କା ମଧ୍ୟରେ କାଳାତିପାତ କରୁଛନ୍ତି। କାରଣ କରୋନା ଆକ୍ରାନ୍ତ ଯୁବକଙ୍କଠାରୁ ଭାଇରସ୍ ଉକ୍ତ ଘରେ ସଂକ୍ରମିତ ହୋଇଥିବ ତେଣୁ ଆଉଥରେ ପରୀକ୍ଷା କରିବାକୁ ସେମାନଙ୍କ ସମ୍ପର୍କୀୟ ଲୋକେ ଦାବି କରିଛନ୍ତି। ଏଥିସହ ପ୍ରତି ସନ୍ଦିଗ୍ଧଙ୍କୁ ଅଲଗା ଅଲଗା ରଖାଯାଉ ବୋଲି ସେମାନେ କହିଛନ୍ତି।

### ଆକ୍ରାନ୍ତଙ୍କ ପରିବାର ଲୋକ, ହସ୍ପିଟାଲ ଡାକ୍ତରଙ୍କ ସ୍ୱାବ୍ ପରୀକ୍ଷା ହେବା ଜରୁରୀ

କରୋନା ଆକ୍ରାନ୍ତ ଯୁବକ ଘରେ ଦୁଇଦିନ ରହିଥିଲେ। ତାଙ୍କ ସହ ପରିବାର ସଦସ୍ୟମାନେ ମିଳାମିଶା କରିଥିବା ଜଣାପଡିଛି। ସେହିଭଳି ସେ କ୍ୟାପିଟାଲ ହସ୍ପିଟାଲକୁ ଆସି ଡାକ୍ତରଙ୍କୁ ମଧ ଦେଖାଇଥିଲେ। ସେହିଭଳି ଅନ୍ୟ ଏକ ଘରୋଇ ହସ୍ପିଟାଲକୁ ମଧ ଆକ୍ରାନ୍ତ ଜଣକ ଯାଇ ଡାକ୍ତରଙ୍କୁ ଦେଖାଇଥିବା ଜଣାପଡିଛି। ସେତେବେଳେ ଯେଉଁ ଡାକ୍ତର ଓ କର୍ମଚାରୀ ସେଠାରେ ତାଙ୍କ ସଂସ୍ପର୍ଶରେ ଆସିଥିଲେ ସେମାନଙ୍କର ମଧ ସ୍ୱାବ୍ ପରୀକ୍ଷା କରାଯିବାର ଆବଶ୍ୟକତା ରହିଛି। ତେଣୁ ସୋମବାର ଏସବୁ କରାଯାଇ ନ ଥିବାରୁ ସଂକ୍ରମଣ ଆଶଙ୍କା ରହିଛି।



# କରୋନା ପାଇଁ ମୋ ବସ୍‌ରେ ସ୍ୱତନ୍ତ୍ର ବିଶୋଧନ

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

କରୋନା ଭାଇରସର ବିସ୍ତାରକୁ ରୋକିବା ପାଇଁ କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ସମସ୍ତ ମୋ ବସ୍ ଓ ବସ ଷ୍ଟପରେ ସ୍ୱତନ୍ତ୍ର ବିଶୋଧନ କରାଯାଇଛି। ମୋ ବସ୍‌ର ସିଟ ତଳ, ଷ୍ଟେରିଙ୍ଗ୍, ହାତ ରଖିବା ସ୍ଥାନ ତଥା ସଂକ୍ରମଣ ଆଶଙ୍କା ରହିଥିବା ସ୍ଥାନଗୁଡିକରେ ଆଲ୍‌କହଲ ଯୁକ୍ତ ବିଶୋଧନରେ ସଫା କରାଯାଉଛି। କରୋନା ଯୋଗୁ ବିଶୋଧନ ପ୍ରକ୍ରିୟାର ମାତ୍ରା ବୃଦ୍ଧି କରାଯାଉଛି। ଏଥିପାଇଁ ନିୟମିତ ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ବିଭିନ୍ନ ପରିବହନ ସେବାର କାର୍ଯ୍ୟକ୍ରମକୁ ତର୍ଜମା କରି ଏକ ସ୍ୱତନ୍ତ୍ର ସଂସ୍ଥାକୁ ଏହି ବିଶୋଧନ କାର୍ଯ୍ୟରେ ବିନିଯୋଗ କରାଯାଇଛି। ଏହାଦ୍ୱାରା ମୋ ବସ୍ ସମ୍ପୂର୍ଣ୍ଣ ରୂପେ ଭୂତାଣୁ ଓ ଜୀବାଣୁ ମୁକ୍ତ ହୋଇପାରିବ ବୋଲି କ୍ରୁଟ୍ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୭ ମାର୍ଚ୍ଚ, ୨୦୨୦



ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା' ଉଦ୍ଦେଶ୍ୟ ବିଷୟରେ ପ୍ରଥମରୁ ସନ୍ଦିହାନ ହେବା ଉଚିତ।
- କଲମ୍ବସ୍



# ସମୁଦ୍ରକୂଳ ଖାଲି କଲା ପୋଲିସ

ପୁରୀ ଅଫିସ,୧୬।୩



ସମୁଦ୍ର ବେଳାଭୂମିରୁ ପର୍ଯ୍ୟଟକଙ୍କୁ ପୋଲିସ କର୍ମଚାରୀ ଡାକି ଆଣୁଛନ୍ତି।

ଓଡ଼ିଶାରେ କରୋନା ଆକ୍ରାନ୍ତ ଚିହ୍ନଟ ପରେ ରାଜ୍ୟବାସୀ ଚିନ୍ତିତ ହୋଇପଡ଼ିଛନ୍ତି। ମାରାତ୍ମକ କରୋନା ଭୂତାଣୁକୁ ମୁକାବିଲା କରିବା ଲାଗି ବିଭିନ୍ନ ପ୍ରକାର ସଚେତନତା ଏବଂ ସତର୍କତାମୂଳକ ନିର୍ଦ୍ଦେଶନାମା ଜାରି ହେଉଛି। ପୁରୀ ଜିଲା ପ୍ରଶାସନ ମଧ୍ୟ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଉଛି। ଯେହେତୁ ପୁରୀକୁ ଦେଶ, ବିଦେଶର ଯାତ୍ରୀ, ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ ଆସୁଛନ୍ତି ତେଣୁ କେତେକ କଟକଣା ବି ଲଗାଯାଇଛି। ଏହି କ୍ରମରେ ସୋମବାର ବେଳାଭୂମିକୁ ଖାଲି କରିଛି ଜିଲା ପୋଲିସ ପ୍ରଶାସନ। ପର୍ଯ୍ୟଟକଙ୍କୁ ବେଳାଭୂମି ନ ଯାଇ ହୋଟେଲ ଭିତରେ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି ବେଳାଭୂମିରେ ଥିବା ଉଠାଦୋକାନଗୁଡ଼ିକୁ ମଧ୍ୟ ବନ୍ଦ କରାଯାଇଛି। ପ୍ରଶାସନର ଏହି ନିର୍ଦ୍ଦେଶକୁ ମାନି ଶଙ୍ଖମାଳି ବ୍ୟବସାୟୀ, ଫାଷ୍ଟଫୁଡ୍ ଦୋକାନୀ ସେମାନଙ୍କ ପସରା ବନ୍ଦ କରିଦେଇଛନ୍ତି। ପର୍ଯ୍ୟଟକ ବେଳାଭୂମି ଛାଡ଼ିଥିବାରୁ ଶୁନଶାନ୍ ହୋଇପଡ଼ିଛି ପୁରୀ ବେଳାଭୂମି। କୋଲକାତାରୁ ଏଠାକୁ ଆସିଥିବା ସୌମ୍ୟା ଦାସ ବର୍ତ୍ତମାନ ପରିସ୍ଥିତିରେ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। କରୋନାର ପ୍ରକୋପ କମିଗଲା ପରେ ସେ ପୁନଶ୍ଚ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ବେଳାଭୂମିର ମଜା ନେବେ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, କରୋନାର ଭୟାବହତାକୁ ଦେଖି ରାଜ୍ୟ ସରକାର ଏହାକୁ ବିପତ୍ତି ଘୋଷଣା କରିଛନ୍ତି।

- ହଟିଲେ ଉଠାଦୋକାନୀ
- ପର୍ଯ୍ୟଟକଙ୍କୁ ବେଳାଭୂମି ମନା
- ହୋଟେଲ ଭିତରେ ରହିବାକୁ ନିର୍ଦ୍ଦେଶ

ଜନସାଧାରଣଙ୍କ ସ୍ୱାର୍ଥ, ସ୍ୱାସ୍ଥ୍ୟ ତଥା ଜୀବନ ରକ୍ଷା ଲାଗି ପୁରୀ ପ୍ରଶାସନ ପକ୍ଷରୁ ମଧ୍ୟ ଅନେକ କଟକଣା ଜାରି କରାଯାଇଛି। ଏହି କଟକଣାକୁ କାର୍ଯ୍ୟକାରୀ କରିବା ଲାଗି ପୋଲିସକୁ ଯେଉଁ ଦାୟିତ୍ୱ ଦିଆଯାଇଛି ତାହା ପାଳନ କରାଯାଉଛି। ବିଭିନ୍ନ ସ୍ଥାନରେ ହେଉଥିବା ଭିଡ଼ ଯଥା ମେଳା, ମହୋତ୍ସବ ଆଦିକୁ ବାରଣ କରାଯାଉଛି। ପୋଲିସ ପକ୍ଷରୁ ସୋମବାର ପର୍ଯ୍ୟଟକଙ୍କୁ ବୁଝାଇ ଏବଂ ଅନୁରୋଧ କରି ବେଳାଭୂମିକୁ ଖାଲି କରାଯାଇଛି। କରୋନା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଯେଉଁ କଟକଣା ଜାରି କରାଯାଉଛି ତାହା ମାନିବାକୁ ଏସ୍‌ପି ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସେହିପରି ଡ୍ୟୁଟି ସମୟରେ ପୋଲିସ କର୍ମଚାରୀମାନେ ମାସ୍କ ପିନ୍ଧିବେ, ସାମାଜିକ ଦୂରତା ଏବଂ ନିଜ ସ୍ୱାସ୍ଥ୍ୟ ପ୍ରତି ଯାହା ଗାଇଡ୍‌ଲାଇନ ରହିଛି ତାହାକୁ ପାଳନ କରିବେ। ଏଥିସହ ଜନସାଧାରଣଙ୍କୁ ସଚେତନ କରିବେ ବୋଲି ଏସ୍‌ପି ଦାଶ ସୂଚନା ଦେଇଛନ୍ତି।

## ୩୦୦ ପର୍ଯ୍ୟଟକ ଗାଡ଼ିକୁ ପିପିଲିରୁ ଫେରାଇ ଦିଆଗଲା

**ପୁରୀ ଅଫିସ,୧୬।୩:** କରୋନା କଟକଣାକୁ ଆହୁରି କଡ଼ାକଡ଼ି କରିଛି ଜିଲା ପ୍ରଶାସନ। ସୋମବାରଠାରୁ ଭୁବନେଶ୍ୱର, ଖୋର୍ଦ୍ଧା, ଗଞ୍ଜାମ, ଜଗତସିଂହପୁର ଏବଂ କଟକ ପଟୁ ଆସୁଥିବା ଚାରିଚକିଆ ଯାନବାହନ ଉପରେ କଟକଣା ଜାରି ରହିଛି। ପର୍ଯ୍ୟଟକମାନଙ୍କ ଗାଡ଼ିକୁ ପ୍ରବେଶ ପଥରୁ ଫେରାଇ ଦିଆଯିବ। ନିତାନ୍ତ ଆବଶ୍ୟକ ଥିବା ଯାନବାହନକୁ ପୁରୀକୁ ପ୍ରବେଶ ଅନୁମତି ଦିଆଯିବ। ଏ ନେଇ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଭୁବନେଶ୍ୱରରୁ ପୁରୀ ଆସୁଥିବା ପ୍ରାୟ ୩୦୦ ଗାଡ଼ିକୁ ପିପିଲିଠାରୁ ଫେରାଇ ଦିଆଯାଇଛି। ସମୁଦ୍ର କୂଳ ଓ ବଡ଼ଦାଣ୍ଡରେ ବୁଲି ଖାଦ୍ୟ ସାମଗ୍ରୀ ବିକୁଥିବା ବ୍ୟବସାୟୀଙ୍କ ଉପରେ ମଧ୍ୟ କଟକଣା ଜାରି ହୋଇଛି। ହୋଟେଲ ଏବଂ ଟ୍ରାଭେଲ ଏଜେନ୍ସିକୁ ବୁକିଂ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରୁରୀ ପଡ଼ିଲେ ସେବା ଗ୍ରହଣ କରାଯିବ। ବାର୍ ଏବଂ ଡାଇନିଂ ସ୍ଥାନ ଉପରେ ତୁରନ୍ତ କଟକଣା ଜାରି କରିବାକୁ ଜଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ନାଗରିକମାନେ ଯଥାସମ୍ଭବ ଘର ଭିତରେ ରହିବାକୁ ନିବେଦନ କରାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ, ଡିଜେଲ, ପେଟ୍ରୋଲ, ଚାଉଳ ଆଦି ମହଜୁଦ ରଖିବାକୁ ଯୋଗାଣ ଅଧିକାରୀଙ୍କୁ କୁହାଯାଇଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଏଥିରେ ଏସ୍‌ପି ଉମାଶଙ୍କର ଦାଶ, ପିଡି ଡିଆରଡିଏ ବିଶାଲ ସିଂହ, ମୟୂର ସୂର୍ଯ୍ୟବଂଶୀ, ଏଡିଏମ୍ ବିନୟ କୁମାର ଦାଶ ଓ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ପିପିଲି ଚେକ୍ ଗେଟ୍‌ଠାରେ ପୋଲିସ ପକ୍ଷରୁ ବସ୍ ଭିତରେ ଯାତ୍ରୀଙ୍କୁ ଯାଞ୍ଚ କରାଯାଉଛି।

## ବେଳାଭୂମି, ଗାନ୍ଧୀ ପାର୍କରେ ୧୪୪ ଧାରା

**ପୁରୀ ଅଫିସ,୧୬।୩:** କରୋନାକୁ ଦୃଷ୍ଟିରେ ରଖି ପୁରୀ ବେଳାଭୂମି ଏବଂ ଗାନ୍ଧୀ ପାର୍କରେ ସୋମବାର ରାତିଠାରୁ ପ୍ରଶାସନ ୧୪୪ ଧାରା ଜାରି କରିଛି। ଏଣିକି କୌଣସି ପର୍ଯ୍ୟଟକ କିମ୍ବା ସହରବାସୀ ଏହି ଦୁଇ ସ୍ଥାନକୁ ଯାଇପାରିବେ ନାହିଁ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। କୌଣସି ଗୋଟିଏ ସ୍ଥାନରେ ଗହଳି ବା ଏକାଠି ହେବା ଉପରେ କଟକଣା ରହିଛି। ଏହାକୁ ଦୃଷ୍ଟିରେ ରଖି ବେଳାଭୂମି ଓ ଗାନ୍ଧୀ ପାର୍କରେ ୧୪୪ ଧାରା ଜାରି କରାଯାଇଛି। ସେହିପରି କରମଳା ମଠ, କଣାସ ତହସିଲ ଅଞ୍ଚଳରେ ହେବାକୁ ଥିବା ଅପେରା ପରିବେଷଣ, ଚନ୍ଦ୍ରଭାଗା ବେଳାଭୂମି, କୃଷ୍ଣପ୍ରସାଦ ମାଲୁଦ ଅଞ୍ଚଳର ଦୋଳ ମେଳଣରେ ୧୪୪ ଧାରା ଜାରି ହୋଇଛି।

## ଗଣମାଧ୍ୟମକୁ ସରକାରଙ୍କ ଚେତାବନୀ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ):** ଯେପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କରୋନାକୁ ନେଇ ସୂଚନା ଦିଆଯାଇ ନାହିଁ ସେ ପର୍ଯ୍ୟନ୍ତ କୌଣସି ଗଣମାଧ୍ୟମ ଖବର ପ୍ରସାରଣ କରିବେ ନାହିଁ। ଯଦି କରିବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କରୋନା ସଚେତନତା କମିଟି ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ସୋମବାର ଗୀତ ଗୋବିନ୍ଦ ସଦନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଗ୍‌ଚୀ ଗଣମାଧ୍ୟମକୁ ଦାୟିତ୍ୱସମ୍ପନ୍ନ ହେବାକୁ ପରାମର୍ଶ ଦେଇଛନ୍ତି। ସେ କହିଲେ, କରୋନା ମୁକାବିଲା ଆମ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ। ଆମକୁ ମନେ ରଖିବାକୁ ହେବ 'ଏଇଟା ବ୍ରେକିଂ ନ୍ୟୁଜ୍‌ର ସମୟ ନୁହେଁ, ବ୍ରେକିଂ ନେଶନର ସମୟ'। ଭିଡିଓ କ୍ୟାମେରା ନେଇ ହସ୍ପିଟାଲରେ ପହଞ୍ଚିଲେ ଆମେ ଚିକିତ୍ସା ବ୍ୟବସ୍ଥାକୁ ଅସ୍ତବ୍ୟସ୍ତ କରିଦେବା। ସାରା ବିଶ୍ୱରେ ହସ୍ପିଟାଲ କର୍ମଚାରୀମାନେ ମନ, ପ୍ରାଣ ଦେଇ କରୋନା ମୁକାବିଲା ପାଇଁ ବିପଦପୂର୍ଣ୍ଣ କାର୍ଯ୍ୟ କରୁଛନ୍ତି। ଏହି ସମୟରେ ଯଦି ଆମେ ସେମାନଙ୍କୁ ଅସ୍ତବ୍ୟସ୍ତ କରିବା ତେବେ ଏହା ବିପଦସଙ୍କୁଳ ପରିସ୍ଥିତି ସୃଷ୍ଟି ହେବ। ତେଣୁ ମଣିଷପଣିଆ ରଖି ଏହାକୁ ମୁକାବିଲା କରିବା। ଯଦି ଦାୟିତ୍ୱ ସମ୍ପନ୍ନ ଭାବେ ଏହି ଆପାତ୍ତକାଳୀନ ପରିସ୍ଥିତିକୁ ପରିଚାଳନା ନ କରିବା ତେବେ ଆଇନ ମୁତାବକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଗ୍‌ଚୀ କହିଛନ୍ତି।

# ପକେଟ୍ ଖର୍ଚ୍ଚରୁ ଚାଲିଛି ଫଟୋଗ୍ରାଫି ନିଶା







## ଚର୍ଚ୍ଚିତ ନୋମାଡିକ୍ ବଡିଜ୍

କଟକ ଅଫିସ,୧୬।୩

ଫଟୋଗ୍ରାଫି ନିଶାରେ ପଡିଛନ୍ତି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୩ ଜଣ ଛାତ୍ରୀଛାତ୍ର। ସେମାନେ ହେଲେ ଆୟୁଷ୍ମାନ ଦାଶ, ସୂର୍ଯ୍ୟକାନ୍ତ ବେହେରା ଓ ପ୍ରଲିପ୍ତା ନାୟକ। ୩ ଜଣ ଯାକ ଭୂଗୋଳ ସ୍ନାତକ ପାଠ୍ୟକ୍ରମର ଶେଷ ବର୍ଷରେ ଅଧ୍ୟୟନ କରୁଛନ୍ତି। ହେଲେ ଫଟୋଗ୍ରାଫି ନିଶା ସେମାନଙ୍କୁ ଦେଶର ବିଭିନ୍ନ ସ୍ଥାନକୁ ଟାଣି ନେଉଛି। ପର୍ଯ୍ୟଟନସ୍ଥଳୀର ଭିଡିଓ ଉତ୍ତୋଳନ କରି ୟୁ-ଟ୍ୟୁବ୍‌ରେ ଅପ୍‌ଲୋଡ କରିବା ସହ ବ୍ଲଗ୍ ଲେଖୁଛନ୍ତି। ୟୁ-ଟ୍ୟୁବ୍‌ରେ ଅପ୍‌ଲୋଡ ହେଉଥିବା ଛୋଟ ଭିଡିଓକୁ ସାଧାରଣତଃ ଭ୍ଲଗ୍ କୁହାଯାଏ। ଏମାନଙ୍କ ବ୍ଲଗ୍ ଓ ଭ୍ଲଗ୍‌କୁ ସୋସିଆଲ ମିଡିଆରେ ବିପୁଳ ପ୍ରଶଂସା ମିଳିଛି। ଏହି ୩ଜଣଙ୍କୁ ନେଇ ଗଠିତ ହୋଇଥିବା ଟିମ୍‌ର ନାଁ ହେଲା 'ନୋମାଡିକ୍ ବଡିଜ୍'।

ଇଂଲିଶ ଶବ୍ଦ ନୋମାଡିକ୍‌ର ଆକ୍ଷରିକ ଓଡ଼ିଆ ଅର୍ଥ ହେଉଛି ଯାଯାବର। ଯେଉଁମାନେ ଭ୍ରମଣଶୀଳ ତଥା ବିଭିନ୍ନ ସ୍ଥାନ ଭ୍ରମଣ କରିବାକୁ ପସନ୍ଦ କରନ୍ତି। ଭ୍ରମଣପ୍ରିୟ ସାଙ୍ଗମାନଙ୍କୁ ନେଇ ହୋଇଥିବା ଏହି ଟିମ୍‌ର ନାଁ ନୋମାଡିକ୍ ବଡିଜ୍ ଦିଆଯାଇଛି। ୨୦୧୮ ଠାରୁ ଏହି ଟିମ୍ ଫଟୋଗ୍ରାଫି ଦିଗରେ ଅନେକ ଆକର୍ଷଣୀୟ କାର୍ଯ୍ୟ କରି ଚାଲିଛି। ନିକଟ ଅତୀତରେ ଦେଓଘରକୁ ନେଇ ଏକ ଚମତ୍କାର ଭ୍ଲଗ୍ ନୋମାଡିକ୍ ବଡିଜ୍‌ର ଅଫିସିଆଲ ୟୁ-ଟ୍ୟୁବ୍ ଚ୍ୟାନେଲରେ ଅପ୍‌ଲୋଡ ହୋଇଛି। ଏହି ଟିମ୍ ଦ୍ୱାରା ପ୍ରସ୍ତୁତ ମେଘାଳୟର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ କଲିକତାର ଦୁର୍ଗାପୂଜା ଭିଡିଓ ସବୁଠାରୁ ଅଧିକ ପ୍ରଶଂସା ସାଉଁଟିଛି। ଏହାଛଡା ଓଡ଼ିଶାର ବିଭିନ୍ନ ସ୍ଥାନକୁ ନେଇ ଏମାନେ ବ୍ଲଗ ଲେଖିବା ଜାରି ରଖିଛନ୍ତି। ଭୁବନେଶ୍ୱର, ପୁରୀ, କୋଣାର୍କ, ଯାଜପୁରର ବିଭିନ୍ନ ମନ୍ଦିର ସମେତ ପ୍ରସିଦ୍ଧି ଲାଭ କରିଥିବା ସ୍ଥାନଗୁଡ଼ିକର ଇତିହାସ ଏମାନେ ନିଜର ବ୍ଲଗ୍‌ରେ ଉପସ୍ଥାପନ କରୁଛନ୍ତି। ପାଠ ପଢୁଥିବା ଏହି ୩ଜଣ ଫଟୋଗ୍ରାଫି ପ୍ରେମୀ ପକେଟ୍ ଖର୍ଚ୍ଚରୁ ବିଭିନ୍ନ ସ୍ଥାନକୁ ଯାତ୍ରା ଖର୍ଚ୍ଚ ବହନ କରନ୍ତି ବୋଲି କହିଥିଲେ।

> ୨୦୧୮ରୁ ମୁଁ ଏହି ଟିମ୍‌ରେ ରହିଛି। ପିଲାବେଳୁ ଫଟୋଗ୍ରାଫି ପ୍ରତି ମୋର ଦୁର୍ବଳତା ଥିଲା। ସୁଶାନ୍ତ କୁମାର ନାୟକ ଓ ପୁଷ୍ପଲତା ନାୟକଙ୍କ ଝିଅ ହେଉଛନ୍ତି ପ୍ରଲିପ୍ତା। ଟିମ୍ ସହ ବିଭିନ୍ନ ସ୍ଥାନକୁ ଯାଇ ଫଟୋ ଉତ୍ତୋଳନ କରିବାକୁ ମୋତେ ଆନନ୍ଦ ଲାଗେ।
> - ପ୍ରଲିପ୍ତା ନାୟକ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ରୀ






> ଅମରେନ୍ଦ୍ର କୁମାର ଦାଶ ଓ ମମତା ଦାଶଙ୍କ ପୁଅ ଆୟୁଷ୍ମାନଙ୍କ ଘର କଟକରେ। ୨୦୧୮ ମାର୍ଚ୍ଚ ୧୧ରେ ଆୟୁଷ୍ମାନ ଏହି ଟିମ୍ ଗଠନ କରିଥିଲେ। ଫଟୋଗ୍ରାଫିକୁ ପସନ୍ଦ କରୁଥିବା ସାଙ୍ଗମାନଙ୍କୁ ଏକ୍‌ଜୁଟ କରି କାର୍ଯ୍ୟ ଆରମ୍ଭ କରିଥିଲେ। ଚିଲିକା, ଦାର୍ଜିଲିଂ, ମେଘାଳୟ, କଲିକତାରେ ରହି ଭିଡିଓ ଉତ୍ତୋଳନ କରିବା ଅନୁଭୂତି ସ୍ମରଣୀୟ ରହିଛି। ଭାରତର କୋଣ ଅନୁକୋଣର ସ୍ଥାନକୁ ନେଇ ଭିଡିଓ କରିବା ଓ ବ୍ଲଗ ଲେଖିବା ଆମ ଟିମ୍‌ର ମୁଖ୍ୟ ଲକ୍ଷ୍ୟ।
> - ଆୟୁଷ୍ମାନ ଦାଶ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ର

> ବାସୁଦେବ ବେହେରା ଓ ମିତା ବେହେରାଙ୍କ ପୁଅ ସୂର୍ଯ୍ୟକାନ୍ତ ଏବେ ଖୋର୍ଦ୍ଧାରେ ରହୁଛନ୍ତି। ୨୦୧୯ରେ ମୁଁ ଏହି ଟିମ୍‌ରେ ଯୋଗ ଦେଇଥିଲି। ଏବେସୁଦ୍ଧା ହୋଇଥିବା ଅନେକ ଭିଡିଓରେ ମୋର ଅବଦାନ ବହୁତ ରହିଛି।
> - ସୂର୍ଯ୍ୟକାନ୍ତ ବେହେରା, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ର



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


ଶିବଦତ୍ତ


ସାଇଦୀପ


ଦୀପ୍ତି


ବାବୁଲି


ଦୀପ୍ତିପ୍ରଭା


ମଳୁ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## 'କରୋନା' ଗୀତ ଗାଇ ଟ୍ରୋଲ ହେଲେ ହ୍ୟୁମାନ ସାଗର

ଭୁବନେଶ୍ୱର, ୧୬।୩(ବ୍ୟୁରୋ)/ କଟକ ଅଫିସ

### ସୋସିଆଲ ମିଡିଆରେ ସମାଲୋଚନା, ଥାନାରେ ଏତଲା

'ଝିଅ ନୁହେଁ ତୁ କରୋନା ଭାଇରସ୍'। ଏହି ଗୀତକୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି। ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଏହି ଗୀତକୁ ଗାଇ ଟ୍ରୋଲ ହୋଇଛନ୍ତି। ଏହି ଗୀତରେ କରୋନା ଭାଇରସକୁ ଝିଅ ସହ ତୁଳନା କରାଯାଇଛି। କରୋନା ଭାଇରସକୁ ନେଇ ସାରା ବିଶ୍ୱରେ ଲୋକେ ମୁକାବିଲା କରୁଥିବାବେଳେ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଏପରି ଗୀତ ଗାଇଥିବାରୁ ସୋସିଆଲ ମିଡିଆରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଗୀତଟି ଗତ ୭ ତାରିଖରେ ୟୁଟ୍ୟୁବରେ ଅପଲୋଡ୍ ହୋଇଥିଲା। ଗୀତର ଷ୍ଟୁଡିଓ ଭର୍ସନରେ ହ୍ୟୁମାନ ସାଗର ଏ ଗୀତକୁ କମେଡି ବୋଲି କହିବା ସହିତ ଗୀତର ଲେଖାକୁ ଅତି ସୁନ୍ଦର ବୋଲି କହୁଛନ୍ତି। ବର୍ତ୍ତମାନ ଏହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏ ଗୀତକୁ ନେଇ ଅନେକ ବୁଦ୍ଧିଜୀବୀ ଓ ସୋସିଆଲ ମିଡିଆ ୟୁଜର୍ସ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ଅଧ୍ୟାପକ ଜ୍ୟୋତିପ୍ରକାଶ ମହାପାତ୍ର ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ହ୍ୟୁମାନ ସାଗରଙ୍କ ଏହି ଗୀତ ସମାଜ ପାଇଁ ଏକ ଅପମାନ କହିବା ସହିତ ତାଙ୍କର ଟିମକୁ ସେ ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ସୋମବାର କଣ୍ଠଶିଳ୍ପୀଙ୍କ ନାଁରେ କଟକ ମହିଳା ଥାନାରେ ଏତଲା ଦିଆଯାଇଛି। ଉକ୍ତ ଗୀତରେ ନାରୀମାନଙ୍କୁ ଅସମ୍ମାନିତ କରାଯାଇଥିବା ଅଭିଯୋଗ କରି ସାମାଜିକ କର୍ମୀ ସସ୍ମିତା ଦାସ ଏହି ଅଭିଯୋଗ କରିଛନ୍ତି। ଏତଲା ଦିଆଯିବା ସମୟରେ ପୁଷ୍ପାଞ୍ଜଳି ଦାସ, ଦୀପକ ସାମନ୍ତରାୟ, ପ୍ରଣବ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ସଚିବଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

### ବାପାଙ୍କ ଅନ୍ତିମକ୍ରିୟା ସାରି କାର୍ଯ୍ୟରେ ଯୋଗଦେଲେ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ):** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ରବିବାର କରୋନା ମୁକାବିଲା ପାଇଁ ଯେଉଁ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କସରତ ଚାଲିଥିଲା ସେହି ସମୟରେ ସଚିବ ଧଳଙ୍କ ପିତା ସୁଖଦେବ ଧଳ (୯୨)ଙ୍କ ମୃତ୍ୟୁ ଖବର ପାଇଥିଲେ। ହେଲେ ସେ ନିଜ କାର୍ଯ୍ୟ ନିର୍ବାହ କରି ନିଜ ଘର ବିଞ୍ଝାରପୁରକୁ ଯାଇଥିଲେ। ତେବେ ଅନ୍ତିମ କ୍ରିୟା ସାରି ସୋମବାର ସଚିବ ପୁଣି ଅଫିସରେ ଯୋଗଦେଇଥିଲେ। ଏହାଦେଖି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ କହିଛନ୍ତି, ନିକୁଞ୍ଜ ଧଳ ଆମ ସମସ୍ତଙ୍କ ପାଇଁ ଜଣେ କର୍ତ୍ତବ୍ୟପରାୟଣ ବ୍ୟକ୍ତି। ମୋ ତରଫରୁ ଓ ରାଜ୍ୟବାସୀଙ୍କ ତରଫରୁ ଆନ୍ତରିକତା ଧନ୍ୟବାଦ ଜଣାଇବା ସହିତ ସ୍ୱର୍ଗତ ପିତାଙ୍କ ପାଇଁ ପ୍ରାର୍ଥନା କରୁଛି। ମୁଖ୍ୟମନ୍ତ୍ରଙ୍କ ଏହି ପ୍ରଶଂସା ସମ୍ପର୍କରେ ସୋମବାର ଗୀତ ଗୋବିନ୍ଦ ସଦନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କରୋନା ସଚେତନ କମିଟି ମୁଖ୍ୟ ମୁଖପାତ୍ର ସୁବ୍ରତ ବାଗ୍‌ଚୀ କହିଛନ୍ତି।



ଯେଉଁମାନଙ୍କ ବିଚାରବୁଦ୍ଧି ସବୁଠାରୁ କମ୍,
ସେଇମାନେ ହିଁ ସବୁଠାରୁ ବେଶି କଥା କୁହନ୍ତି।
-ପ୍ଲାଟୋ



## ସଂକ୍ଷେପରେ

### କରୋନା ଲାଗି ସଚେତନତା ଶିବିର

**ବାଲିଅନ୍ତା,୧୬।୩(ଡି.ଏନ.ଏ):** କରୋନା ଭୂତାଣୁକୁ ମୁକାବିଲା ପାଇଁ ବାଲିଅନ୍ତା ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଏକ ସଚେତନତା ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ କେ.ପି ସାହୁଙ୍କ ସଭାପତିତ୍ୱରେ ବିଭିନ୍ନ ପଞ୍ଚାୟତର ନିର୍ବାଚନ ଲୋକ ପ୍ରତିନିଧି, ବ୍ଲକ ପ୍ରଶାସନ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଓ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ। ପ୍ରତି ପଞ୍ଚାୟତରେ ସରପଞ୍ଚଙ୍କ ଅଧକ୍ଷତାରେ ଆଶା, ଅଙ୍ଗନୱାଡ଼ି କର୍ମୀ ଓ ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ କମିଟି ଗଠନ କରାଯିବ। ଏହି କମିଟି ପଞ୍ଚାୟତ ସ୍ତରରେ ଲୋକଙ୍କୁ ସଚେତନ କରିବେ ଓ ସଜାଗ ରହିବେ। ବିଦେଶ ତଥା ରାଜ୍ୟ ବାହାରୁ ଆସୁଥିବା ବ୍ୟକ୍ତିଙ୍କ ପ୍ରତି ନଜର ରଖିବା ସହ ଆବଶ୍ୟକସ୍ଥଳେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ସନ୍ଦେହ ଉପୁଜିଲେ ତାଙ୍କୁ ୧୪ଦିନ ପାଇଁ ପ୍ରତି ପଞ୍ଚାୟତରେ ଅସ୍ଥାୟୀ ଭାବେ ଖୋଲାଯାଇଥିବା ଆଇସୋଲଶନ ୱାର୍ଡରେ ୧୪ଦିନ ପାଇଁ ଅବଜରଭେଶନରେ ରଖାଯିବ। ସଂକ୍ରମିତ ବ୍ୟକ୍ତିର ଯେଭଳି ଅନ୍ୟକୁ ସଂକ୍ରମିତ ନ ହେବ ସେଥିପ୍ରତି ଏହି କମିଟି ସ୍ୱତନ୍ତ୍ର ଦୃଷ୍ଟି ଦେବା ଉପରେ ଆଲୋଚନା ହୋଇଥିଲା।

### କ୍ୟାପିଟାଲ ହସ୍ପିଟାଲରେ ବିଦେଶୀ ନାଗରିକ

**ଭୁବନେଶ୍ୱର,୧୬।୩(ବ୍ୟୁରୋ):** ଜଣେ ୬୫ବର୍ଷୀୟ ବିଦେଶୀ ନାଗରିକ ସୋମବାର ରାତି ପ୍ରାୟ ୯ଟାରେ ଭୁବନେଶ୍ୱର ରେଲଷ୍ଟେଶନ ନିକଟ ଅଞ୍ଚଳରେ ବୁଲୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ତାଙ୍କୁ କରୋନା ଆକ୍ରାନ୍ତ ଭାବି ଅଟକାଇ ପଚରାଉଚରା କରିଥିଲେ। ଏଥିସହ ଖାରବେଳ ନଗର ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଡାକ୍ତର ତାଙ୍କର ସ୍ୱାବ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇବା ସହ ତାଙ୍କୁ ଅବ୍‌ଜରଭେଶନରେ ରଖାଯାଇଛି। ସେ ଚେକ୍ ରିପବ୍ଲିକର ନାଗରିକ ବୋଲି ଜଣାପଡ଼ିଛି। ସେ କେବେ ଏଠାକୁ ଆସିଲେ ଏବଂ ପୂର୍ବରୁ କେଉଁ କେଉଁ ସ୍ଥାନରେ ବୁଲାବୁଲି କରିଛନ୍ତି ସେ ନେଇ ପୋଲିସ ପଚରାଉଚରା କରୁଛି। ସ୍ୱାବ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପୋଲିସ କହିଛି।

### ହୋଲ୍ଡିଂ ଟ୍ୟାକ୍ସ ପୈଠ ନ କଲେ ଗିରଫ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଉତ୍ତର ମଣ୍ଡଳ ଡେପୁଟି କମିଶନର ତଥା ସ୍ପେଶିଆଲ୍ ସାର୍ଟିଫିକେଟ୍ ଅଫିସର ପ୍ରମୋଦ କୁମାର ପୃଷ୍ଟି ୧୮ ଜଣ ହୋଲ୍ଡିଂ ଟ୍ୟାକ୍ସ ଖିଲାପକାରୀଙ୍କୁ ସ୍ୱତନ୍ତ୍ର ନୋଟିସ୍ ଦେଇଛନ୍ତି। ଏହି ନୋଟିସ୍ ମ୍ୟୁନିସିପାଲ୍ ଆଇନ୍ ଭାଗ-୩୭ର ୧ ଏବଂ ୨ ଆଧାରରେ କରାଯାଇଛି। ନୋଟିସ୍ ପାଇବା ପରେ ଚଳିତ ମାର୍ଚ୍ଚ ୨୦ତାରିଖ ସୁଦ୍ଧା ବକେୟା ପୈଠ ନ କଲେ ସେମାନଙ୍କ ନାମରେ ୱାରେଣ୍ଟ୍ ଆରେଷ୍ଟ ନୋଟିସ୍ ଦିଆଯିବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୧୮ଜଣ ଖିଲାପକାରୀଙ୍କଠାରେ ୧୩କୋଟି ୬୭ ଲକ୍ଷ ୪ ହଜାର ୧୧ ଟଙ୍କାର ବକେୟା ହୋଲ୍ଡିଂ ଟ୍ୟାକ୍ସ ରହିଛି। ଯାହାପାଇଁ ସୋମବାର ବିଏମ୍‌ସି ଉତ୍ତର ଜୋନ ଅଧିକାରୀ ଏହି ନୋଟିସ୍ ଜାରି କରିଛନ୍ତି। ଚିଠିକୁ କଡ଼ାକଡ଼ି ଅନୁପାଳନ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

# ‘ଭୟଭୀତ ନୁହେଁ ସଚେତନ ହୁଅ’




ବୈଠକରେ ଉପସ୍ଥିତ ମନ୍ତ୍ରୀ ଅଶୋକ ପଣ୍ଡା, ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଓ ଅନ୍ୟମାନେ।

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

କରୋନା ସଂକ୍ରମଣକୁ ରୋକିବାକୁ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ବଡ଼ ପଦକ୍ଷେପ ନେଉଛନ୍ତି। ପ୍ରାଥମିକ ସ୍ତରରେ ଗହଳି ସ୍ଥାନକୁ ବନ୍ଦ କରିବା ସହ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତେଣୁ କରୋନା ପାଇଁ ଭୟଭୀତ ନ ହୋଇ ସଚେତନ ହେବା ଆବଶ୍ୟକ ବୋଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି।

ସୋମବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟରେ ଅନୁଷ୍ଠିତ ମନ୍ଦିର ପରିଚାଳକ ସଂଘ ତଥା ଧାର୍ମିକ ନେତା, ଆରଟିଓ, ବସ୍, ଅଟୋ ଏବଂ ଟ୍ୟାକ୍ସି ମାଲିକ ସଂଘ ସହ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା ପ୍ରକାଶ କରିଛନ୍ତି। ଅଟୋ, ବସ୍ ଏବଂ ଟ୍ୟାକ୍ସି ମାଲିକମାନେ ସଚେତନ ହେବା ସହ ସଂକ୍ରମଣକୁ ଏଡ଼ାଇବା ପାଇଁ ପଦ୍ଧତି ଆପଣାଇବା ଜରୁରୀ। ଅଧିକାଂଶ ଜନସାଧାରଣ ଅଟୋ, ବସ୍ ଏବଂ ଟ୍ୟାକ୍ସିରେ ଯାତାୟାତ କରୁଥିବାବେଳେ ବର୍ତ୍ତମାନ ସମୟରେ କମ୍ ଯାତ୍ରୀଙ୍କୁ ନେବା ସହ ନିଜେ ମାସ୍କ ପିନ୍ଧିବା ଓ ଯାତ୍ରୀଙ୍କୁ ସଚେତନ କରିବା ପାଇଁ ସେ ଅନୁରୋଧ କରିଛନ୍ତି।

ସେହିପରି ମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ମନ୍ଦିର ପରିସରରେ ହାତ ଧୋଇବା ପାଇଁ ସୁବିଧା କରିବା ସହ କରୋନା ସଚେତନତା ବୋର୍ଡ ଲଗାଇବା ପାଇଁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ପ୍ରତି ଧ୍ୟାନ ଦେବା, ମନ୍ଦିର ପରିସର ନିୟମିତ ସଫା କରିବା ଓ କାଶ, ଜ୍ୱର ପୀଡ଼ିତଙ୍କୁ ମନ୍ଦିରରୁ ଦୂରେଇ ରଖିବା ସହ ଡାକ୍ତରଙ୍କୁ ଜଣାଇବା ପାଇଁ ସେ କହିଛନ୍ତି। ଏଥିସହ ଆରଟିଓ ଅଧିକାରୀଙ୍କୁ ବସକୁ ସଫା ରଖିବା ସହ ଆବଶ୍ୟକୀୟ ସମସ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ କୁହାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ବିଏମ୍‌ସି ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ୍, ପରିମଳ ବିଭାଗ ଦାୟିତ୍ୱରେ ଥିବା ଡେପୁଟି କମିଶନର ଶୁଭେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମେଡିସିନ୍ ଦୋକାନୀଙ୍କୁ ଚେତାବନୀ

ବିଏମ୍‌ସିର ସ୍ୱତନ୍ତ୍ର ସ୍କ୍ୱାଡ ସୋମବାର ସମସ୍ତ ମେଡିସିନ୍ ଦୋକାନ ଯାଞ୍ଚ କରିଛି। ଜୋନ୍ ସ୍ତରରେ ଗଠିତ ହୋଇଥିବା ଏହି ସ୍କ୍ୱାଡର ପରିଚାଳନା ଦାୟିତ୍ୱ ବିଏମ୍‌ସି ଓ ବିଡିଏର ଆଡିଶନାଲ କମିଶନରମାନଙ୍କୁ ଦିଆଯାଇଥିବା ବେଳେ ପ୍ରଥମ ଦିନରେ ସ୍କ୍ୱାଡ ପକ୍ଷରୁ କେବଳ ମେଡିସିନ୍ ଦୋକାନରେ ଆବଶ୍ୟକୀୟ ମାସ୍କ, ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଅଛି କି ନାହିଁ ଏବଂ କଳାବଜାର ହେଉଛି କି ନାହିଁ ତଦାରଖ କରାଯାଇଛି। ମଙ୍ଗଳବାରଠାରୁ ସମସ୍ତ ମେଡିସିନ୍ ଦୋକାନୀ ନିଜ ଦୋକାନରେ ଉପଲବ୍ଧ ଉପରୋକ୍ତ ସମସ୍ତ ସାମଗ୍ରୀ ଦାମ ବିଷୟରେ ଏକ ବୋର୍ଡରେ ଲେଖିମାରିବେ। ନଚେତ୍ ଏକ ଡିଜିଟାଲ ବୋର୍ଡରେ ସେଗୁଡ଼ିକୁ ପ୍ରଦର୍ଶନ କରିବେ। ଏଥିସହ ସେମାନଙ୍କ ପାଖରେ ଥିବା ସମସ୍ତ ସାମଗ୍ରୀକୁ ଲୋକଙ୍କୁ ବିକ୍ରି କରିବେ ଏବଂ ଯେଭଳି ସାମଗ୍ରୀ ଲୋକଙ୍କୁ ନ ଫେରାଇବେ ସେନେଇ ଚେତାବନୀ ଦିଆଯାଇଥିବା କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

### ଏସ୍‌ଓପି ନ ମାନିଲେ ଭୋଗିବେ ଦଣ୍ଡ

ବିଏମ୍‌ସି ରବିବାର ହୋଟେଲ, ଘରୋଇ ହସ୍ପିଟାଲ ଓ ଶିକ୍ଷାନୁଷ୍ଠାନ, କୋଚିଂ ଉପରେ ଏସ୍‌ଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସ୍ୟୁଜର) ଜାରି କରିଥିବାବେଳେ ସୋମବାର ମଲ୍, ହାଟ, ମନ୍ଦିର, କଲ୍ୟାଣମଣ୍ଡପ, ପାର୍କ, ଖାଦ୍ୟ ଦୋକାନ, ରେଷ୍ଟୁରାଣ୍ଟ ଓ ଡ୍ୟାନ୍ସ ବାର, କର୍ପୋରେଟ୍ ସେକ୍ଟରକୁ ଭିନ୍ନ ଏସ୍‌ଓପି ଜାରି କରିଛି। ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ ୨୦୦୩ର ଏକ୍ସଏକ୍ସଆଇଆଇ ଚ୍ୟାପ୍ଟର ଅଧୀନ ୫୮୩ ଓ ୫୯୯ରେ ଏହି ଏସ୍‌ଓପି ଜାରି କରାଯାଇଛି। ଉକ୍ତ ଏସ୍‌ଓପିକୁ ଯଦି କେଉଁ ଅଂଶଗ୍ରହଣକାରୀ ନ ମାନିଲେ ତେବେ ସେମାନଙ୍କୁ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

# କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲିବ ବିଏମ୍‌ସି

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

ସନ୍ଦିଗ୍ଧ କରୋନା ରୋଗୀଙ୍କୁ ନଜରରେ ରଖିବା ପାଇଁ କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲିବ ବିଏମ୍‌ସି। ଏ ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ବିଏମ୍‌ସି ଅଧୀନରେ ଥିବା କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର ଓ ସ୍କୁଲ୍ ଆଦିରେ ଏହି କ୍ୱାରେଣ୍ଟାଇନ ସେଣ୍ଟର ଖୋଲିବାକୁ ଯୋଜନା କରାଯାଉଛି। ଏଥିପାଇଁ ୱାର୍ଡ ଅଫିସରମାନଙ୍କୁ ଆବଶ୍ୟକସ୍ଥଳେ ଯାଞ୍ଚ କରି ରିପୋର୍ଟ ଦେବା ପାଇଁ କୁହାଯାଇଥିବାବେଳେ ଖୁବଶୀଘ୍ର ଏହା କାର୍ଯ୍ୟକାରୀ କରାଯିବ। କରୋନା ସନ୍ଦିଗ୍ଧଙ୍କୁ ୧୪ଦିନ ଆଇସୋଲେଶନ୍‌ରେ ରଖିବା ପାଇଁ ଡାକ୍ତର ପରାମର୍ଶ ଦେଉଥିବାରୁ ଏଥିପାଇଁ ଅଧିକ ସଂଖ୍ୟକ କ୍ୱାରେଣ୍ଟାଇନ୍ ସେଣ୍ଟର ଆବଶ୍ୟକ ହେଉଛି। ଫଳରେ ବିଏମ୍‌ସି ଏହି ପଦକ୍ଷେପ ନେବାକୁ ଯାଉଛି। ଏହି ସେଣ୍ଟରରେ କରୋନା ସନ୍ଦିଗ୍ଧଙ୍କୁ ଆଇସୋଲେଶନରେ ରଖାଯିବା ସହ ଡାକ୍ତରମାନେ ଆସି ଏଠାରେ ପରୀକ୍ଷା କରି ସ୍ଥିତି ବୁଝିବେ। ସେହିପରି ଏଠାରେ ସରକାରଙ୍କ ପକ୍ଷରୁ ସେମାନଙ୍କ ପାଇଁ ଖାଇବା ପିଇବା ବ୍ୟବସ୍ଥା କରାଯିବା ସହ ସବୁ ଦାୟିତ୍ୱ ବହନ କରାଯିବ ବୋଲି ଜଣାପଡ଼ିଛି।

# ଜ୍ୱରାକ୍ରାନ୍ତ ଯୁବକଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଗଲା

**ବାଲିପାଟଣା,୧୬।୩(ଡି.ଏନ୍.ଏ.)**

ବାଲିପାଟଣା ଅଞ୍ଚଳର ଜଣେ ଜ୍ୱରାକ୍ରାନ୍ତ ଯୁବକଙ୍କ ରକ୍ତ ପରୀକ୍ଷା ପାଇଁ ସୋମବାର କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିବା ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡ.ମନୋରଞ୍ଜନ ହାତୀ କହିଛନ୍ତି। ତାଙ୍କ ଠାରେ କରୋନାର ସେପରି କିଛି ଲକ୍ଷଣ ନ ଥିଲେ ମଧ୍ୟ ରାଜ୍ୟ ବାହାରୁ ଆସୁଥିବାରୁ ସନ୍ଦେହ ଦୂର ପାଇଁ ପଠାଯାଇଛି। ଏଥିପାଇଁ କେହି ଭୟଭୀତ ନ ହେବାକୁ ସ୍ଥାନୀୟ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସୂଚନା ମୁତାବକ, ଯୁବକ ଜଣକ ପଣ୍ଡିଚେରୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ବିଶ୍ୱରେ କରୋନାର ଆତଙ୍କକୁ ଦୃଷ୍ଟିରେ ରଖି ସେ ଘରକୁ ଫେରି ଆସିଥିଲେ। ରବିବାର ତାଙ୍କୁ ଜ୍ୱର ହେବାରୁ ପରିବାରଲୋକ ତାଙ୍କୁ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା କରାଇ ଘରକୁ ଫେରି ଆସିଥିଲେ। ବାଲିପାଟଣା ଅତିରିକ୍ତ ତହସିଲଦାର ସ୍ନେହଲତା ଆଚାର୍ଯ୍ୟ ଓ ଥାନା ଅଧିକାରୀ ରାଧାକାନ୍ତ ସାହୁ ପ୍ରମୁଖ ବୁଝାଶୁଝା କରିବା ପରେ ଯୁବକଙ୍କୁ ସୋମବାର ଅଠାନ୍ତର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀଙ୍କ ପାଇଁ ସାନିଟାଇଜର ସହିତ ଅନ୍ୟାନ୍ୟ ସୁବିଧା ନ ଥିବାରୁ ଜରୁରୀ କାଳୀନ ସେବା ବ୍ୟାହତ ହେବ ବୋଲି ଜଣେ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି।

# ଆର୍ଯ୍ୟବିହାର କଲୋନୀରେ କରୋନା ଆତଙ୍କ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

ଓଡ଼ିଶାରେ କରେନା ରୋଗୀ ଚିହ୍ନଟ ହେବା ପରେ ସମସ୍ତଙ୍କ ମନରେ ଭୟ ସୃଷ୍ଟି କରିଛି। ଉକ୍ତ ଯୁବକଙ୍କ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ଚାଲିଥିବାବେଳେ ଏବେ ଚନ୍ଦ୍ରଶେଖରପୁରସ୍ଥିତ ଆର୍ଯ୍ୟ ବିହାରରେ ଆଉ ଜଣେ କରୋନା ଆକ୍ରାନ୍ତ ଥିବା ନେଇ କଲୋନୀବାସୀ ଆତଙ୍କିତ ହୋଇଯାଇଛନ୍ତି। ଗତ ୧୩ ତାରିଖ ଦିନ କତାରରୁ ଜଣେ ଡାକ୍ତର ଆସି କଲୋନୀରେ ରହୁଥିବା ଜଣାପଡିଲା ପରେ ଭୟଭୀତ ହୋଇପଡ଼ିଛନ୍ତି। ଆଶ୍ଚର୍ଯ୍ୟର କଥା ଏହା ଯେ, ଏହି ଡାକ୍ତର ଜଣଙ୍କ କଲୋନୀ ବାସିନ୍ଦାଙ୍କ କଥାରେ ସୋମବାର କ୍ୟାପିଟାଲ ହସ୍ପିଟାଲକୁ ଯାଇଥିଲେ ବି ଡାକ୍ତର ତାଙ୍କୁ ନିୟମ ଅନୁଯାୟୀ ଅବଜରଭେଶନ ରୁମରେ ରଖିବା ବଦଳରେ ଛାଡିଦେଇଛନ୍ତି।

### ଦସ୍ତଖତ କରି ଛାଡ଼ିଲା କ୍ୟାପିଟାଲ ହସ୍ପିଟାଲ

ସୂଚନାଯୋଗ୍ୟ, ଗତ ୧୩ତାରିଖରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଆର୍ଯ୍ୟବିହାର ପ୍ଲଟ ନଂ ଏମଆଇଜି-୫/୬ ରହୁଥିବା ବୈଦନାଥ ଦାସ କତାରରୁ ଫେରିଥିଲେ। ବୈଦନାଥଙ୍କ କହିବା ଅନୁଯାୟୀ ସେ କତାର ଓ ଦିଲ୍ଲୀରେ ତାଙ୍କ ଶରୀର ଯାଞ୍ଚ କରାଇଥିଲେ। କିନ୍ତୁ ସେ ବିଦେଶରୁ ଫେରିଥିବା ଜାଣି କଲୋନୀ ବାସିନ୍ଦା ଆତଙ୍କିତ ଅବସ୍ଥାରେ ନିଜ ଘରୁ ବାହାରି ନ ଥିଲେ। ଫଳରେ କଲୋନୀ ସଭାପତି ବସନ୍ତ ସ୍ୱାଇଁ ତାଙ୍କୁ ପୁନର୍ବାର କ୍ୟାପିଟାଲ ହସ୍ପିଟାଲରେ ଯାଞ୍ଚ ପାଇଁ ପରାମର୍ଶ ଦେଇଥିଲେ। ବୈଦନାଥ ହସ୍ପିଟାଲକୁ ଯାଇଥିଲେ ବି ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ କେବଳ ଏକ ଫର୍ମରେ ଦସ୍ତଖତ କରାଇ ଛାଡି ଦେଇଥିଲେ। ଯାହାକୁ ନେଇ କଲୋନୀ ବାସିନ୍ଦା ଅସନ୍ତୋଷ ବ୍ୟକ୍ତ କରିବା ସହ ବର୍ତ୍ତମାନ ସୁଦ୍ଧା ଆତଙ୍କିତ ଅବସ୍ଥାରେ ଥିବା ସେ କହିଛନ୍ତି। ତେବେ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଦେଶରୁ ଆସୁଥିବା ଲୋକଙ୍କୁ ସର୍ବନିମ୍ନ ୧୫ ଦିନ ଯାଞ୍ଚ କରାଯିବାର ପ୍ରାଧାନ୍ୟ ଥିବାବେଳେ ବୈଦନାଥଙ୍କୁ କାହିଁକି ଛାଡି ଦିଆଗଲା ସେନେଇ କଲୋନୀବାସୀ ପ୍ରଶ୍ନ କରିଛନ୍ତି।




କରୋନା ପ୍ରଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଖାଁ ଖାଁ ପଡ଼ିଛି ମଧୁସୂଦନ ଛାତ୍ରାବାସ ।

# ୨୦ ଲକ୍ଷ ବଟି ମାଗି ୬ ଗିରଫ

**ଭୁବନେଶ୍ୱର,୧୬।୩ (ବ୍ୟୁରୋ)**

୨୦ ଲକ୍ଷ ଟଙ୍କା ଦାଦାବଟି ମାଗି ହଇରାଣ କରୁଥିବା ୬ ଜଣ ଅଭିଯୁକ୍ତଙ୍କୁ ଶହୀଦନଗର ଥାନା ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ କେସୁରା ଭୋଇ ସାହିର ସୁଶାନ୍ତ ଭୋଇ, ବିରଞ୍ଚି ଭୋଇ, ଶ୍ରୀଧର ଭୋଇ, କେଶବ ଭୋଇ, ନିରଞ୍ଜନ ଭୋଇ ଓ ସୁବାସ ଭୋଇ। ସୂଚନା ମୁତାବକ କୋରଡ଼କଣ୍ଟା ଅଞ୍ଚଳରେ ମହାନାୟକ ସୂର୍ଯ୍ୟନାରାୟଣ ଜେନା ଘର ତିଆରି କରୁଥିଲେ। ଘରକୁ ଯିବାପାଇଁ ରାସ୍ତା ନ ଥିବାରୁ ସରକାରୀ ଜମି ଉପରେ ରାସ୍ତା ତିଆରି କରୁଥିଲେ। ମାତ୍ର ୬ ଅଭିଯୁକ୍ତ ରାସ୍ତା ଛାଡ଼ିବାକୁ ମନା କରିଥିଲେ। ରାସ୍ତା ପାଇଁ ୨୦ ଲକ୍ଷ ଟଙ୍କା ଦାଦାବଟି ଦେବାକୁ ବାଧ କରିଥିଲେ। ନାନାଦି ହଇରାଣ ହରକତ କରିବା ପରେ ମହାନାୟକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୫୮/୨୦ନଂରେ ମାମଲା ରୁଜୁ କରିଛି।

# ଶ୍ରମିକଙ୍କ ମୃତ୍ୟୁ

**ପୁରୁଣା ଭୁବନେଶ୍ୱର,୧୬।୩(ଡି.ଏନ୍.ଏ.)**

ଉତ୍ତରାଫାଣ୍ଡି ଅଧୀନ କାକୁଡ଼ିକୋସାଙ୍ଗ ଗ୍ରାମରେ ସୋମବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଲ୍ଲିପଡ଼ା ଗ୍ରାମର ବଂଶୀଧର ଭୋଇ। ସେ ଜଣେ ବ୍ୟକ୍ତିଙ୍କ ଘରେ କାମ କରୁଥିଲେ। ମଧ୍ୟାହ୍ନରେ ସେ କାମ ସାରି ଖାଉଥିବାବେଳେ ହଠାତ୍ ତଳେ ପଡିଯାଇଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

# ବେଆଇନ ନିର୍ମାଣକୁ ଯାଞ୍ଚ କଲା ଜିଏ, ବିଡିଏ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ):** ଗତ ଶନିବାର ଧରିତ୍ରୀ ଦ୍ୱାରା ପ୍ରସାରିତ ହୋଇଥିବା ଖବର ସରକାରୀ ଜମିରେ ୩ମହଲା ପ୍ରକାଶିତ ହେବା ପରେ ଜିଏ ଓ ବିଡିଏ ସଜାଗ ହୋଇଛନ୍ତି। ସୋମବାର ବିଡିଏ ଓ ଜିଏର ଅଧିକାରୀମାନେ ତତ୍ପରତା ଦେଖାଇ ଘଟଣାସ୍ଥଳକୁ ଆସି ତଦନ୍ତ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟ କର ଘଟଣା ଏହି ଘରକୁ ସେସୁ-୨ ଚନ୍ଦ୍ରଶେଖରପୁର ଡିଭିଜନରୁ ୩ ଫେଜ୍ ବିଦ୍ୟୁତ ସଂଯୋଗ ଦିଆଯାଇଛି। ଏହି ଘରକୁ ଅକ୍ତିଆର କରିଥିବା ବ୍ୟକ୍ତି ଅନ୍ୟ ଏକ ୩ ଫେଜ୍ ଲାଇନ୍ ଆଣିବା ପାଇଁ ଯୋଜନା କରୁଥିବା ମଧ୍ୟ ସେମାବାର ଜଣାପଡ଼ିଛି। ଏ ନେଇ ଚନ୍ଦ୍ରଶେଖରପୁର ସେସୁ ଜେଇ ସ୍ମୃତିରଞ୍ଜନ ବେହେରା କହିଛନ୍ତି, ଜୈନକ ଘର ମାଲିକ ତାଙ୍କୁ ଏକ ପଟାର ନକଲ ପ୍ରଦାନ କରିଛନ୍ତି। ଯାହା ଉପରେ ସେ ସଂଯୋଗ ପ୍ରଦାନ କରିଥିଲେ। କିନ୍ତୁ ଉକ୍ତ ପଟାଟି ସେହି ସ୍ଥାନର ବୋଲି ପଚାରିବାରେ ସେ ଜାଣି ନଥିବା କହିଛନ୍ତି। ସେହିପରି ଯାଞ୍ଚ କରିଥିବା ବିଡିଏ ଅଧିକାରୀ ପ୍ରମୋଦ ପାତ୍ର ଓ ଜିଏ ରେଭିନ୍ୟୁ ସୁପରଭାଇଜର ଅମିୟ ଦାସ କହିଛନ୍ତି, ଘଟଣାସ୍ଥଳକୁ ଯାଇ ନିର୍ମାଣ ହୋଇଥିବା ଜାଗାର ମାପ କରାଯାଇ ଘର ମାଲିକଙ୍କୁ କାଗଜ ପତ୍ର ମାଗିଥିଲେ ବି ସେ କୌଣସି ବୈଧ କାଗଜ ଦେଖାଇ ପାରି ନାହାନ୍ତି। ଏହାକୁ ତର୍ଜମା କରାଯାଇ ୨ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଆହାର କେନ୍ଦ୍ରରେ ସଚେତନ କରୁଛନ୍ତି ସୁରକ୍ଷା କର୍ମୀ

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

କ୍ୟାପିଟାଲ ହସ୍ପିଟାଲରେ ଦୈନିକ ରୋଗୀ ଓ ସମ୍ପର୍କୀୟଙ୍କ ଗହଳି ଲାଗି ରହୁଛି। ରବିବାର ବିଳମ୍ବିତ ରାତିରେ ଏଠାରେ ରାଜ୍ୟର ପ୍ରଥମ କରୋନା ଭାଇରସ୍ ସଂକ୍ରମିତ ରୋଗୀ ଚିହ୍ନଟ ପରେ ଏଠାକାର ସ୍ୱଚ୍ଛତା ଓ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ବିଶେଷକରି ଆହାର କେନ୍ଦ୍ରରେ ସୁରକ୍ଷାକର୍ମୀମାନେ ଲୋକଙ୍କୁ କରୋନାରୁ ରକ୍ଷା ପାଇବା ନିମନ୍ତେ ସଚେତନ କରୁଛନ୍ତି। ଖାଇବା ପୂର୍ବରୁ ଆହାର କେନ୍ଦ୍ର ଭିତରେ ରଖାଯାଇଥିବା ସାନିଟାଇଜରରେ ପ୍ରଥମେ ହାତକୁ ଭଲ ଭାବରେ ଧୋଇ ଖାଇବା ପାଇଁ ଲୋକଙ୍କୁ ପରାମର୍ଶ ଦେଉଛନ୍ତି।

### ନିରାମୟ କେନ୍ଦ୍ରରେ ସଂକ୍ରମଣ ଆଶଙ୍କା

କରୋନା ସଂକ୍ରମଣ ରୋକିବାକୁ ଭିଡ଼ ବା ଗହଳି ଏଡ଼ାଇବାକୁ ସରକାର ଓ ବିଭିନ୍ନ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ହେଲେ ପ୍ରଥମ ସଂକ୍ରମିତ ରୋଗୀ ଚିହ୍ନଟ ହୋଇଥିବା କ୍ୟାପିଟାଲ ହସ୍ପିଟାଲରେ ସୋମବାର ଦେଖିବାକୁ ମିଳିଥିଲା ଏହାର ବ୍ୟତିକ୍ରମ। କରୋନା ପାଇଁ ନିରାମୟ କେନ୍ଦ୍ରରେ ସେପରି କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ଔଷଧ ନେବାକୁ ରୋଗୀ ଓ ସମ୍ପର୍କୀୟଙ୍କର ପ୍ରବଳ ଗହଳି ଲାଗି ରହିଥିଲା। ପୂର୍ବଭଳି ସେମାନେ ଖୁନ୍ଦାଖୁନ୍ଦି ହୋଇ ଧାଡ଼ିରେ ରହିଥିଲେ। ପରସ୍ପରଠାରୁ ଦୂରରେ ରହି ଔଷଧ ନେବା ଓ କାଉଣ୍ଟରରେ ବାରମ୍ବାର ହାତ ନ ଲଗାଇବାକୁ ପରାମର୍ଶ ଦେବାକୁ କେହି ନ ଥିଲେ। ଲୋକେ ମଧ୍ୟ ସଚେତନ ନ ହୋଇ ଔଷଧ କିଣୁଥିବା ଦେଖିବାକୁ ମିଳିଥିଲା। ହାତଗଣତି କେଇଜଣଙ୍କ ମୁହଁରେ ମାସ୍କ ରହିଥିଲା। ଏପରି କି ନିରାମୟ କେନ୍ଦ୍ରରେ ମାସ୍କ ମିଳୁ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରୁଥିଲେ। ସେହିଭଳି ଆଉଟ୍‌ଡୋର୍ ଓ ଅନ୍ୟ କେତେକ ସ୍ଥାନରେ ସେଭଳି ସ୍ଥିତି ଲାଗି ରହିଥିଲା।

# ଗୋଟିଏ ଦିନରେ ମାଉସୀମା’ ମନ୍ଦିରରେ ଲାଗିବ ରଥ

### ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା
### ମନ୍ଦିର ପ୍ରଶାସନର ନୀତି ନିର୍ଘଣ୍ଟ ପ୍ରସ୍ତୁତ

**ପୁରୁଣା ଭୁବନେଶ୍ୱର,୧୬।୩(ଡି.ଏନ୍.ଏ.)**

ଅଶୋକାଷ୍ଟମୀରେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା। ଏ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ନବଦିନାତ୍ମକ ହୋଇଥିବାବେଳେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଞ୍ଚଦିନାତ୍ମକ ହୋଇଥାଏ। କାଳକ୍ରମେ ଠାକୁରଙ୍କ ଏହି ରଥଯାତ୍ରା ମାଉସୀ ମା’ମନ୍ଦିରରେ ପହଞ୍ଚିବା ଏବଂ ବାହୁଡ଼ାଯାତ୍ରା ସମାପନ ପାଇଁ ଏବେ ୭ଦିନ ଲାଗିଯାଉଛି। କରୋନା ପାଇଁ କେତେଜଣ ସେବାୟତ ଓ ବୁଦ୍ଧିଜୀବୀ ବିରୋଧ କରୁଛନ୍ତି। ଚଳିତବର୍ଷ ମନ୍ଦିର ପ୍ରଶାସନ ଏହି ବ୍ୟତିକ୍ରମରେ ସୁଧାର ଆଣିବା ପାଇଁ ରଥଯାତ୍ରା ଓ ବାହୁଡ଼ା ପୂର୍ବଭଳି ୫ଦିନରେ ସୀମିତ ରଖିବାପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ନିଷ୍ପତ୍ତି ହୋଇଛି। ଗୋଟିଏ ଦିନରେ ମାଉସୀ ମା’ ମନ୍ଦିରରେ ରଥ ପହଞ୍ଚିବା ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଚେଷ୍ଟା କରାଯିବ। ଏହାକୁ କେତେଜଣ ସେବାୟତ କରୋନା ପାଇଁ ସ୍ୱାଗତ କରୁଥିବା ବେଳେ କେତେଜଣ ବିରୋଧ କରୁଛନ୍ତି। ଅପରାହ୍ନ ୩ଟା ୩୦ରେ ରଥ ଟଣା ଆରମ୍ଭ ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ଭୋର ୫ଟାରୁ ୫ଟା ୩୦ପର୍ଯ୍ୟନ୍ତ ମଙ୍ଗଳ ଆଳତି ଅବକାଶ, ୫ଟା ୩୦ରୁ ୬ଟା ୩୦ ସାହାଣ ମେଲା ଦର୍ଶନ କରାଯାଇ ୬ଟା ୩୦ରୁ ୭ଟା ମଧ୍ୟରେ ଛାମୁ ପରିଷ୍କାର କରାଯିବ। ଶ୍ରୀ ଜୀଉଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବା ସହ ସକାଳ ୯ଟା ୪୫ରୁ ୧୦ଟା ୪୫ ଭୋଗ ମଣ୍ଡପ ଓ ଅନ୍ୟାନ୍ୟ ନୀତି ହୋଇ ମଧ୍ୟାହ୍ନ ୧୨ଟାରୁ ୧୨ଟା ୩୦ପର୍ଯ୍ୟନ୍ତ ଯାତ୍ରା ପୂଜା ହେବ। ୧୨ଟା ୩୦ରୁ ୧ଟା ୩୦ ମଧ୍ୟରେ ରଥାରୂଢ଼ ହେବା ସହ ୧ଟା ୩୦ରେ ରଥରେ ପୂଜାପାଇଁ ସମୟ ନିର୍ଘଣ୍ଟ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ନୀତି ନିର୍ଘଣ୍ଟକୁ ବିଭିନ୍ନ ନିଯୋଗ ପ୍ରମୁଖ ଏବଂ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯିବ। ସମସ୍ତଙ୍କ ସହମତି କ୍ରମେ ଚଳିତବର୍ଷ ୩.୩୦ରେ ରଥଟଣା କାର୍ଯ୍ୟ ଆରମ୍ଭ କରିବାପାଇଁ ଏକ ବୃହତ୍ ପଦକ୍ଷେପ ମନ୍ଦିର ପ୍ରଶାସନ ନେଇପାରିବ ବୋଲି କୁହାଯାଇଛି।

### ଏମାନେ କୁହନ୍ତି...

ରଥ ଟଣା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ସମୟ ପାଇଁ ସମସ୍ତେ ତତ୍ପରତା ପ୍ରକାଶ କରିବା ଦରକାର। ରଥରେ ୧୪ ଭୋଗ ରହିଛି। ତେଣୁ ଦିଅଁ ବିଜେ ନୀତି ଶୀଘ୍ର ହେବା ଦରକାର। ଏହା ସହିତ ରଥରେ ପୂଜା କାର୍ଯ୍ୟ ଶୀଘ୍ର ହେବା ଦରକାର। ସେବାୟତ ଏବଂ ପ୍ରଶାସନର ତତ୍ପରତା ସହ ସହଯୋଗର ଆବଶ୍ୟକତା ରହିଛି। ଅପରାହ୍ନ ୩ଟା ୩୦ରେ ଖରା ଯୋଗୁ ଶ୍ରଦ୍ଧାଳୁ ରଥ ଟାଣି ପାରିବେ ନାହିଁ । କେବଳ ପୋଲିସ ପ୍ରଶାସନ ଅଧିକାରୀମାନେ ରଥ ଟାଣିବେ।

**– ନରସିଂହ ଖୁଣ୍ଟିଆ, ବରିଷ୍ଠ ସେବାୟତ**

ରଥରେ ୧୧ପୂଜା ରହିଛି। ପ୍ରତ୍ୟେକ ପୂଜାପାଇଁ ୧୫ମିନିଟ୍ ଲେଖାଏ ଲାଗିବ। ସେହପରି ମଠ ପୂଜା ରହିଛି ପ୍ରତ୍ୟେକ ପୂଜା ୨୦ମନିଟ୍ ଲେଖାଏ ସମୟ ନେବ। ତେବେ ଅପରାହ୍ନ ୩ଟା ୩୦ରେ ରଥଟଣା କାର୍ଯ୍ୟ ହୋଇପାରିବ ନାହିଁ। ଶିବରାତ୍ରି କଥା ଅଲଗା ଥିବାରୁ ତାହା ନର୍ଦ୍ଧାରିତ ସମୟ ପୂର୍ବରୁ ଅନୁଷ୍ଠିତ ହୋଇପାରିଥିଲା।

**–କାଶୀନାଥ ପୂଜାପଣ୍ଡା, ପୂଜାପଣ୍ଡା ନିଯୋଗର ସଭାପତି**

ମନ୍ଦିର ପ୍ରଶାସନ ପକ୍ଷରୁ ଅପରାହ୍ନ ୩ଟା ୩୦ରେ ଧାର୍ଯ୍ୟ ସମୟ ବିରୋଧରେ ଆମର କିଛି ଆପତ୍ତି ନାହିଁ। କରୋନା ପାଇଁ ୭ଦିନ ଧରି ରଥଦାଣ୍ଡରେ ଭିଡ଼ କମେଇବାକୁ ଆଶା ରଖିଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସମୟ ସାରଣୀକୁ ସ୍ୱାଗତ କରୁଛୁ। ଅନୁରୂପଭାବେ ବାହୁଡ଼ା ଦିନ ମଧ୍ୟ ଓଲଟା ରଥଟଣା କାର୍ଯ୍ୟ ୩ଟା ୩୦ ପରିବର୍ତ୍ତେ ସଅଳ କରିପାରିଲେ ଗୋଟିଏ ଦିନରେ ରଥ ଶ୍ରୀ ଲିଙ୍ଗରାଜ ମନ୍ଦିରେ ଲାଗିପାରିବ।

**–କମଳାକାନ୍ତ ବଡୁ, ବଡୁ ନିଯୋଗ ସମ୍ପାଦକ**

ରଥଯାତ୍ରାର ପୂର୍ବଦିନ ଅର୍ଥାତ୍ ରଥ ପ୍ରତିଷ୍ଠା, ନେତ୍ର ଉତ୍ସବ, ନୀତିକାନ୍ତି ସଅଳ ଏବଂ ଯଥାରୀତି ସମ୍ପନ୍ନ ହୋଇପାରିବ ତେବେ ରଥଟଣା ପାଇଁ ଧାର୍ଯ୍ୟ ନୀତି ନିର୍ଘଣ୍ଟରେ ରଥଟଣା ହୋଇପାରିବ। ଏଥିରେ କୌଣସି ଆମର ଆପତ୍ତି ନାହିଁ।

**–ବିରଞ୍ଚି ନାରାୟଣ ପତି, ବ୍ରାହ୍ମଣ ନିଯୋଗ ସମ୍ପାଦକ**



"ପାଞ୍ଚ ପାଞ୍ଚଟା ବୟ୍‌ଫ୍ରେଣ୍ଡ୍ ରଖିବା ଗୋଟେ ଝିଅର ଇଚ୍ଛା ଉପରେ ନିର୍ଭର କରେ। ଏହାକୁ ବିରୋଧ କରାଯିବା ଠିକ୍ ନୁହେଁ।"
- ନେହା ଧୁପିଆ, ଅଭିନେତ୍ରୀ



# ଦାମ୍ପତ୍ୟ ଜୀବନ ବିଗାଡୁଛି 'କରୋନା'



**ବେଜିଂ/ରୋମ୍:** କରୋନା। ବିଶ୍ୱବାସୀଙ୍କ ପାଇଁ ଆତଙ୍କ ପାଲଟିଛି ଏହି ଭୟଙ୍କର ଭାଇରସ। ଏହାର ପ୍ରଭାବରେ ଦୋହଲି ଯାଇଛି ବିଶ୍ୱ ଅର୍ଥନୀତି। ଗୁରୁତର ଭାବେ ପ୍ରଭାବିତ ହୋଇଛି ପର୍ଯ୍ୟଟନ କ୍ଷେତ୍ର। କେବଳ ଏତିକି ନୁହେଁ, କରୋନା ପାଇଁ ବିଶ୍ୱବ୍ୟାପୀ ଲକ୍ଷାଧିକ ପରିବାର ଗୃହବନ୍ଦୀ ଜୀବନ କାଟିବାକୁ ବାଧ ହେଉଛନ୍ତି। ସମସ୍ତଙ୍କ ନିଦ ହଜାଇ ଦେଇଥିବା ଏହି ଭୂତାଣୁ ଏବେ ଦାମ୍ପତ୍ୟ ଜୀବନକୁ ଉଜାଡ଼ିବାରେ ଲାଗିଛି।

ଚାଇନାର ସିଚୁଆନ ପ୍ରଦେଶରେ ଏକମାସ ମଧ୍ୟରେ ୩୦୦ରୁ ଊର୍ଦ୍ଧ୍ୱ ଦମ୍ପତି ଛାଡ଼ପତ୍ର ପାଇଁ ଆବେଦନ କରିଛନ୍ତି। ସ୍ଥାନୀୟ ମିଡିଆ ରିପୋର୍ଟ ଅନୁଯାୟୀ, କରୋନା ଭାଇରସ ଭୟରେ ଅନେକ ପରିବାର ଘର ଭିତରେ ନିଜକୁ କଏଦ କରି ରଖିବାକୁ ବାଧ ହେଉଛନ୍ତି। ଏହାକୁ ନେଇ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ତେଣୁ ସେମାନେ ପରସ୍ପରଠାରୁ ଛାଡ଼ପତ୍ର ନେବାକୁ ଆବେଦନ କରୁଛନ୍ତି। ଡାଝୋଓର ମ୍ୟାରେଜ ରେଜିଷ୍ଟ୍ରି କରୁଥିବା ମ୍ୟାନେଜର ଲୁ ସିଜୁନ କହିଛନ୍ତି, ଶତାଧିକ ଦମ୍ପତି ଏବେ ନିଜକୁ ଦାମ୍ପତ୍ୟ ଜୀବନରୁ ମୁକ୍ତ କରିବା କଥା ବିଚାର କରୁଛନ୍ତି। ତେଣୁ ବହୁ ସଂଖ୍ୟାରେ ଛାଡ୍ରପତ୍ର ଆବେଦନ ହେଉଛି। ଗୋଟିଏ ଘରେ ବନ୍ଦ ହୋଇ ରହିବା କାରଣରୁ ସ୍ତ୍ରୀ-ସ୍ୱାମୀ ଆବଶ୍ୟକତାଠାରୁ ଅଧିକ ସମୟ ପରସ୍ପର ସହ ଅତିବାହିତ କରୁଛନ୍ତି। ଏହା ସେମାନଙ୍କ ମଧ୍ୟରେ ଚିଡ଼୍‌ଚିଡ଼ା ପଣ ବଢ଼ାଉଛି। ଫଳସ୍ୱରୂପ ମାନସିକ ସନ୍ତୁଳନ ହରାଇ ଅନେକେ ପୃଥକ୍ ହେବାକୁ ଚାହୁଁଛନ୍ତି। ଅନ୍ୟପଟେ କରୋନା ଭାଇରସ ଯୋଗୁ ମାସେ ହେଲା ଅଫିସ୍ ବନ୍ଦ ଅଛି। ଏହି କାରଣରୁ ଛାଡ଼ପତ୍ର ମାମଲାର ଶୁଣାଣି ହୋଇପାରୁନାହିଁ। ତେଣୁ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି।

କରୋନା ଭାଇରସରେ ସର୍ବାଧିକ ପ୍ରଭାବିତ ଦେଶ ମଧ୍ୟରେ ରହିଛି ଇଟାଲି। ଚାଇନାକୁ ବାଦ୍‌ଦେଲେ ସଂକ୍ରମଣ ମାମଲାରେ ଦ୍ୱିତୀୟ ସ୍ଥାନରେ ରହିଛି ପୃଥିବୀର ଅନ୍ୟତମ ସମୃଦ୍ଧିଶାଳୀ ଏହି ଦେଶ। ଭାଇରସ ଭୟରେ ଏଠାରେ ମଧ୍ୟ ଲକ୍ଷାଧିକ ଲୋକ ଘର ଭିତରେ ବନ୍ଦୀ ହୋଇ ରହିଛନ୍ତି। ବାହ୍ୟ ମନୋରଞ୍ଜନର ସମସ୍ତ ମାର୍ଗ ବନ୍ଦ ହୋଇଯାଇଥିବାବେଳେ ଇଣ୍ଟରନେଟ୍ ସାଜିଛି ଲୋକମାନଙ୍କ ଅବସର ବିନୋଦନର ମାଧ୍ୟମ। ଏହି କାରଣରୁ ଗତ କିଛି ଦିନ ମଧ୍ୟରେ ଲୋକମାନଙ୍କ ଇଣ୍ଟରନେଟ ବ୍ୟବହାର ୭୦% ବଢ଼ିଛି। ଲୋକମାନେ ୱେବ୍‌ସିରିଜ୍, ଅନ୍‌ଲାଇନ ଗେମିଂରେ ସମୟ ଅତିବାହିତ କରୁଛନ୍ତି। ଦେଶରେ ଇଣ୍ଟରନେଟ କନେକ୍ସନର ଆବେଦନ ମଧ୍ୟ ବଢ଼ିବାରେ ଲାଗିଛି ବୋଲି ସରକାରୀ ଭାବେ କୁହାଯାଇଛି।

# ସେଲ୍‌ଫିକୁ ଅନୁଷ୍କାଙ୍କ ନାପସନ୍ଦ



**ମୁମ୍ବାଇ:** ସୁପରହିଟ୍ ଫିଲ୍ମ 'ବାହୁବଳୀ'ରେ ଦେବସେନା ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ଅଭିନେତ୍ରୀ ହେଉଛନ୍ତି ଅନୁଷ୍କା ସେଟ୍ଟୀ। ତେବେ ଏହି ଅଭିନେତ୍ରୀଙ୍କ ସବୁଠାରୁ ଭଲ ବନ୍ଧୁ ହେଉଛନ୍ତି ଅଭିନେତା ପ୍ରଭାସ। କୌଣସି ଅସୁବିଧା ହେଲେ ରାତିରେ ମଧ୍ୟ ସେ ତାଙ୍କୁ ଫୋନ୍‌କରି ନିଜ ଅସୁବିଧା ବିଷୟରେ କହିପାରିବେ। ନିକଟରେ ଏକ ସାକ୍ଷାତ୍‌କାରରେ ଅନୁଷ୍କା ଏହା କହିଛନ୍ତି। ଆହୁରି ମଧ୍ୟ ସେ କହିଛନ୍ତି ଯେ, ୨୦୦୫ ମସିହାରେ ଯେତେବେଳେ ସେ ଡେବ୍ୟୁ ଫିଲ୍ମ 'ସୁପର' ର ଶୁଟିଂ ଆରମ୍ଭ ହୋଇଥିଲା, ସେତେବେଳେ ସେ ଶୁଟିଂ ଛାଡ଼ି ପଳାଇଯିବାକୁ ଚାହୁଁଥିଲେ। କାରଣ ସେ ସେତେବେଳେ କିଛି ବୁଝିପାରୁ ନ ଥିଲେ। ଏହା ବୁଝିବାକୁ ତାଙ୍କ ପ୍ରାୟ ୨ ବର୍ଷ ସମୟ ଲାଗିଥିଲା। ଲାଜକୁଳି ଝିଅ ଅନୁଷ୍କା କ୍ୟାମେରା ସମ୍ମୁଖରେ ନିଜକୁ ଅସହଜ ମନେ କରିଥାନ୍ତି। ଏହି କାରଣରୁ ସେ ସେଲ୍‌ଫି ନେଇ ନ ଥାନ୍ତି କିମ୍ବା ସେଲ୍‌ଫି ପ୍ରତି ତାଙ୍କର ଆଗ୍ରହ ମଧ୍ୟ ନାହିଁ। ଏହି କାରଣରୁ ସୋସିଆଲ ମିଡିଆରେ ଅନ୍ୟମାନଙ୍କ ପରି ସେତେଟା ଆକ୍ଟିଭ୍ ନୁହନ୍ତି ବୋଲି ସେ କହିଛନ୍ତି।

# କୁକୁଡ଼ା ବର୍ଷା



**ପାଟ୍‌ନା:** ଘରର ଛାତ ଉପରୁ କୁକୁଡ଼ା ବର୍ଷା। ଗୋଟିଏ କି ଦୁଇଟି ନୁହେଁ, ଏକାବେଳକେ ୫ହଜାର କୁକୁଡ଼ା ଛାତ ଉପରୁ ତଳକୁ ପଡ଼ିଥିଲା। ହଠାତ୍ କୁକୁଡ଼ା ବର୍ଷା ହେଉଥିବା ଖବର ପାଇ ଗାଁ ଲୋକେ ଜମା ହୋଇ କୁକୁଡ଼ା ଲୁଟିବାରେ ବ୍ୟସ୍ତ ହୋଇ ପଡ଼ିଥିଲେ। କଥାଟା ଶୁଣିବାକୁ ଅଜବ ଲାଗୁଥିଲେ ବି ଏମିତି ଏକ ଘଟଣା ଦେଖିବାକୁ ମିଳିଥିଲା ବିହାର ରାଜ୍ୟ ପାଟନାର ଖୋଖଡ଼ି ଗାଁରେ। ଏଇ ଗାଁର ଏକ କୁକୁଡ଼ା ଫାର୍ମର ମାଲିକ ଜିତେନ୍ଦ୍ର ସିଂହ ନିଜ ଫାର୍ମରେ ଥିବା କୁକୁଡ଼ାଗୁଡ଼ିକୁ ଘରର ଛାତ ଉପରକୁ ନେଇ ତଳକୁ ଫିଙ୍ଗି ଦେଇଥିଲେ।

ପ୍ରକୃତ କଥା ହେଉଛି, କରୋନା ପ୍ରଭାବରୁ ଲୋକେ ଏବେ ମାଂସ ଖାଇବାକୁ ଭୟ କରୁଛନ୍ତି। ବିଶେଷକରି ଚିକେନ୍ ଖାଇଲେ କରୋନା ବ୍ୟାପିବ ବୋଲି ଲୋକେ ଆଶଙ୍କା କରୁଛନ୍ତି। ସେଥିପାଇଁ ଏବେ ସବୁଠୁ ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି ଚିକେନ୍ ବ୍ୟବସାୟୀ। ଏହି କାରଣରୁ ପ୍ରବଳ କ୍ଷତି ସହି ବିରକ୍ତ ହୋଇ ପଡ଼ିଥିଲେ କୁକୁଡ଼ା ଫାର୍ମର ମାଲିକ ଜିତେନ୍ଦ୍ର।

କୁକୁଡ଼ା ଫାର୍ମରେ ବହୁ ସଂଖ୍ୟାରେ କୁକୁଡ଼ା ଥିଲେ ବି କେହି ବି ବ୍ୟବସାୟୀ ନେବାକୁ ପ୍ରସ୍ତୁତ ନ ଥିଲେ। କୁକୁଡ଼ା ବେଶୀ ବଡ଼ ହୋଇଗଲେ ସେଗୁଡ଼ିକୁ ବି କେହି ନେବେ ନାହିଁ। ଏହା ସହିତ ଏତେ ସଂଖ୍ୟାରେ କୁକୁଡାଙ୍କୁ ଖାଦ୍ୟ ଦେବା ପାଇଁ ବି ସେ ଅଯଥାରେ ଖର୍ଚ୍ଚାନ୍ତ ହେଉଥିଲେ। ତେଣୁ ରାଗରେ ତାଙ୍କ ଫାର୍ମରେ ଥିବା ୫ହଜାର କୁକୁଡ଼ାଙ୍କୁ ଛାତ ଉପରକୁ ନେଇ ଗୋଟି ଗୋଟି କରି ତଳକୁ ଫିଙ୍ଗି ଦେଇଥିଲେ। ଜିତେନ୍ଦ୍ରଙ୍କ ଛାତ ଉପରୁ କୁକୁଡା ପଡୁଥିବାର ଖବର ମାତ୍ର କେଇ ମିନିଟରେ ପୂରା ଗାଁ ସାରା ବ୍ୟାପୀ ଯାଇଥିଲା। ଫଳରେ କୁକୁଡ଼ା ନେବା ପାଇଁ ଗାଁ ଲୋକେ ରୁଣ୍ଡ ହୋଇ ଯାଇଥିଲେ।

# ୨ ଦିନରେ ୨୦୦୦ ମାସ୍କ ତିଆରି କଲେ କଏଦୀ

**ଭୋପାଳ:** କରୋନା ଭୂତାଣୁ ସଂକ୍ରମଣକୁ ଏଡ଼ାଇବା ପାଇଁ ମଧ୍ୟପ୍ରଦେଶର ଭୋପାଳ ସେଣ୍ଟ୍ରାଲ ଜେଲରେ ଥିବା କଏଦୀମାନେ ମାସ୍କ ତିଆରି କରିଛନ୍ତି। ୨ ଦିନରେ ଏଠାରେ ୨୦୦୦ ମାସ୍କ ପ୍ରସ୍ତୁତ କରାଯାଇଛି। ଜେଲ ପରିଚାଳନା କର୍ତ୍ତୃପକ୍ଷ କହିଛନ୍ତି, ଏହି ମାସ୍କଗୁଡ଼ିକ ମଧ୍ୟରୁ କିଛି ଅନ୍ତେବାସୀଙ୍କୁ ବଣ୍ଟନ କରାଯିବ। ବାହାରେ ଚାହିଦା ଅନୁଯାୟୀ ଆହୁରି ଅଧିକ ମାସ୍କ ତିଆରି ହେବ। ସେଣ୍ଟ୍ରାଲ ଜେଲ ଅଧୀକ୍ଷକ ଦୀନେଶ ନାର୍ଗେଭଙ୍କ ସୂଚନା ଅନୁଯାୟୀ, ଜେଲ୍‌ରେ ସଂକ୍ରମଣରୁ ରକ୍ଷା ପାଇବା ଦିଗରେ ଖୁବ୍ ସତର୍କତା ଅବଲମ୍ବନ କରାଯାଉଛି। ଯଦି ବାହାରୁ ଲୋକଙ୍କ ଚାହିଦା ଆସେ, ତେବେ ଅଧିକ ମାସ୍କ ପ୍ରସ୍ତୁତ କରି ଯୋଗାଇ ଦିଆଯିବ। ବର୍ତ୍ତମାନ କେବଳ ଜେଲ୍ ଅନ୍ତେବାସୀଙ୍କ ପାଇଁ ଏହା ପ୍ରସ୍ତୁତି କରାଯାଇଛି। ସେହିପରି ନୂତନ ବନ୍ଦୀମାନଙ୍କୁ ଜେଲ୍‌ରେ ରଖିବା ପାଇଁ ଏକ ଅଲଗା ୱାର୍ଡ ଗଠନ କରାଯାଇଛି। ପାରୋଲ୍‌ରୁ ଫେରୁଥିବା ବନ୍ଦୀମାନଙ୍କୁ କୋର୍ଟଙ୍କ ଦ୍ୱାରା ଦଣ୍ଡିତ ଏବଂ ବିଚାର ବିମର୍ଷ କରାଯିବ। ଏହି କଏଦୀମାନଙ୍କୁ ସ୍ୱତନ୍ତ୍ର ୱାର୍ଡରେ ଅବ୍‌ଜରଭେସନ୍‌ରେ ରଖାଯିବା ପରେ ଅନ୍ୟ ୱାର୍ଡକୁ ସ୍ଥାନାନ୍ତର କରାଯିବ।



# ଆଇସ୍‌କ୍ରିମ ବିକିବେ କାର୍ତ୍ତିକ ଆର୍ଯ୍ୟନ୍



**ମୁମ୍ବାଇ:** ବଲିଉଡ୍ ନାୟକ କାର୍ତ୍ତିକ ଆର୍ଯ୍ୟନ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ। ଅଧିକାଂଶ ସମୟରେ ସେ ସୋସିଆଲ ମିଡିଆରେ ପୋଷ୍ଟ କରୁଥିବା ଫଟୋ ଓ ଭିଡିଓ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥାଏ। ନିକଟରେ ସେ ଏମିତି ଏକ ଭିଡିଓ ଶେୟାର କରିଛନ୍ତି ଯାହା ଦର୍ଶକଙ୍କୁ ପସନ୍ଦ ଆସିଛି। ଏଥିରେ ସେ ଆଇସ୍‌କ୍ରିମ ବିକ୍ରି କରିବା କଥା କହିଛନ୍ତି। ଆଉ ଏହାର ମୂଲ୍ୟ ରହିଛି ୨ ଲକ୍ଷ ଟଙ୍କାରୁ ଅଧିକ। ଏହାକୁ ଦେଖିବା ପରେ ୟୁଜର୍ସ ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି। ଅବଶ୍ୟ ଉକ୍ତ ଆଇସ୍‌କ୍ରିମକୁ ବଲିଉଡ୍ ନିର୍ଦ୍ଦେଶକ କରନ ଜୋହର ତାଙ୍କୁ ଦେଇଥିବା ସେ କହିଛନ୍ତି। ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି ଜଣେ ଡେଲିଭରୀ ବୟ ଏକ ବକ୍ସ ସହ କାର୍ତ୍ତିକଙ୍କ ଘର ସାମ୍ନାରେ ପହଞ୍ଚିଛନ୍ତି। ଆଉ କାର୍ତ୍ତିକ ଆସିବା ପରେ ସେ କହୁଛନ୍ତି, ଏହି ବକ୍ସ ତାଙ୍କ ପାଇଁ କରନ ଜୋହର ପଠାଇଛନ୍ତି। ଏହି କ୍ୟାପଶନ ଅନୁମାନ ଲାଗାଯାଉଛି କି ଏଥିରେ ଆଇସକ୍ରିମ ରହିଛି ଓ କାର୍ତ୍ତିକ ଏହାର ପ୍ରଶଂସା କରିବା ସହ ଏହାକୁ ବିକ୍ରି କରିବାକୁ କହୁଛନ୍ତି। ଆଉ ଏସବୁ ସେ ମଜାଳିଆ ଢଙ୍ଗରେ କହୁଥିବା ଦେଖାଯାଇଛି।

# ଅଶ୍ୱତ୍ଥ ବୃକ୍ଷକୁ ବାହାହେଲେ ତିନି ରୁଷୀୟ ଯୁବତୀ

**ବାରାଣସୀ:** କରୋନା ଭାଇରସ୍ ଭୟ ସାରା ବିଶ୍ୱକୁ ଘାରିଛି। ଇତି ମଧ୍ୟରେ ଭାରତରୁ ବିଦେଶୀମାନେ ତାଙ୍କ ଦେଶକୁ ଫେରିଯିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଦଳେ ରୁଷୀୟ ପର୍ଯ୍ୟଟକ କାଶୀରେ ସାମୂହିକ ରୁଦ୍ରାଭିଷେକ କରିଛନ୍ତି। କେବଳ ଏତିକି ନୁହେଁ, ଏହି ପର୍ଯ୍ୟଟକ ଦଳରେ ସାମିଲ ତିନିଜଣ ଯୁବତୀ ସେମାନଙ୍କ ମଙ୍ଗଳଦୋଷ ନିବାରଣ ପାଇଁ ଅଶ୍ୱତ୍ଥ ବୃକ୍ଷକୁ ବିବାହ କରି ମୋକ୍ଷ କାମନା କରିଛନ୍ତି। ରୁଷର ଏହି ପର୍ଯ୍ୟଟକ ଦଳରେ ୩୭ ଜଣ ରହିଛନ୍ତି ଓ ସମସ୍ତେ ସନାତନ ଧର୍ମ ଗ୍ରହଣ କରିଛନ୍ତି। ସେମାନେ ଦିଲ୍ଲୀରେ ପହଞ୍ଚିବା ପରେ ବୃନ୍ଦାବନ ଯାଇ ସେଠାରେ ଶ୍ରୀରାଧାକୃଷ୍ଣ ମନ୍ଦିରରେ ପୂଜା କରିବାର ଯୋଜନା କରିଥିଲେ। କିନ୍ତୁ ସେଠାକାର ପୂଜକ ମନା କରିଦେବାରୁ ସେମାନେ ବାରାଣସୀରେ ପହଞ୍ଚିଥିଲେ। ସେଠାରେ ମେରି, ଯୋହାନ ଓ ମାର୍କୀ ନାମକ ତିନିଜଣ ଯୁବତୀ ସେମାନଙ୍କ ଜାତକରେ ଥିବା ମଙ୍ଗଳଦୋଷ ଦୂର କରିବା ଲାଗି ଏକ ହୋଟେଲରେ ରୁଦ୍ରାଭିଷେକ କରିବା ପରେ ଅଶ୍ୱତ୍ଥ ବୃକ୍ଷ ସହ ସେମାନଙ୍କ ବିବାହ ଅନୁଷ୍ଠିତ ହୋଇଥିଲା।



## ସଂକ୍ଷେପରେ

### ଛାତ୍ର କଂଗ୍ରେସ ପକ୍ଷରୁ କରୋନା ସଚେତନତା

**ଭୁବନେଶ୍ୱର, ୧୬।୩(ବ୍ୟୁରୋ):** ଛାତ୍ର କଂଗ୍ରେସର ରାଜ୍ୟ ସଂଯୋଜକ ଆଦିତ୍ୟ ପ୍ରୀତମ୍ ଦାସଙ୍କ ସଂଯୋଜନାରେ ସୋମବାର କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ ଶତାଧିକ ଛାତ୍ର କଂଗ୍ରେସ କର୍ମକର୍ତ୍ତା ଓ ବରିଷ୍ଠ ନେତାମାନେ ସଚେତନତା ସ୍ଲୋଗାନ ଦେଇ କଂଗ୍ରେସ ଭବନରୁ ବାହାରି ଥିଲେ। ଏଥି ସହିତ ମାଷ୍ଟରକ୍ୟାଣ୍ଟିନ୍ ଛକରେ ଅଟୋ ଚାଳକ, ମଟର ସାଇକେଲ ଆରୋହୀ ଏବଂ ସାଧାରଣ ଜନତାଙ୍କୁ ମାସ୍କ ପ୍ରଦାନ କରିଥିଲେ। ନିୟମିତ ହାତ ସଫା କରିବା ସହ, ସଂକ୍ରମିତ ରୋଗୀ ଠାରୁ ଦୂରେଇ ରହିବାକୁ ବାର୍ତ୍ତା ଦେଇଥିଲେ।

### ଭୋଜି ଖାଇ ଜଣେ ମୃତ, ୨୪ ଆକ୍ରାନ୍ତ

**ଡାବୁଗାଁ, ୧୬।୩(ଡି.ଏନ.ଏ.):** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଚିକିଲି ଗ୍ରାମରେ ଭୋଜି ଖାଇ ରବିବାର ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୪ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ମୃତକ ଜଣକ ହେଲେ ଚିକିଲି ଗ୍ରାମର ବୁଦେଇ ହରିଜନ (୬୦)। ଚିକିଲି ଗ୍ରାମରେ ରବିବାର ବିବାହ ଭୋଜି ଚାଲିଥିଲା। ଅପରାହ୍ନରେ ଗ୍ରାମର ଲୋକେ ଭୋଜି ଖାଇଥିଲେ। ହଠାତ ସନ୍ଧ୍ୟାରେ ଗ୍ରାମର କେତେ ଜଣଙ୍କ ଝାଡାବାନ୍ତି ହୋଇଥିଲା। ରବିବାର ରାତିରେ ବୁଦେଇ ହରିଜନ (୬୦)ଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ସୋମବାର ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବଦ୍ରୀ ପ୍ରସାଦ ନାୟକ ଏବଂ ଡା. ଶୁଭଲକ୍ଷ୍ମୀ ବାରିକଙ୍କ ସମେତ ୨ ଟି ଡାକ୍ତରୀ ଟିମ୍ ଉକ୍ତ ଗ୍ରାମକୁ ଯାଇଥିଲେ । ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ୧୪ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଅନ୍ୟ ୧୦ ଜଣ ସାମାନ୍ୟ ଆକ୍ରାନ୍ତ ହୋଇଥିବାରୁ ଗ୍ରାମରେ ହିଁ ଚିକିତ୍ସା କରାଯାଇଛି । ତେବେ ଖାଦ୍ୟ ବିଷାକ୍ତ ହୋଇଥିବାରୁ ଏପରି ହୋଇଥିବା ଡାକ୍ତର କହିଛନ୍ତି।

# ରେଳ ଇଞ୍ଜିନରୁ ଛାଡ଼ିଗଲା ବଗି, ଯାତ୍ରୀ ଭୟଭୀତ

**ଚୌଦ୍ୱାର, ୧୬।୩(ଡି.ଏନ.ଏ)**



ଇଞ୍ଜିନରୁ ବଗି ଅଲଗା ହୋଇଯିବା ପରେ ଯାତ୍ରୀମାନେ ଟ୍ରେନ୍‌ରୁ ଓହ୍ଲାଇ ଆସୁଛନ୍ତି।

ଭୁବନେଶ୍ୱରରୁ ମୁମ୍ବାଇ ଅଭିମୁଖେ ଯାଉଥିବା ଲୋକମାନ୍ୟ ତିଲକ ଏକ୍ସପ୍ରେସ୍ ଟ୍ରେନରୁ ସୋମବାର ଇଞ୍ଜିନରୁ କେତୋଟି ବଗି ଅଲଗା ହୋଇଯାଇଥିବା ଜଣାପଡ଼ିଛି। ଏଭଳି ଘଟଣା ଘଟିଛି ଚୌଦ୍ୱାର ନିକଟସ୍ଥ ଶାଳଗାଁ–ବଡ଼ପଦା ଗାଁ ଷ୍ଟେଶନର ପଳାସିଆ ରେଳଧାରଣା ଉପରେ। ଫଳରେ ଟ୍ରେନରେ ଥିବା ଯାତ୍ରୀଙ୍କର କୌଣସି କ୍ଷୟକ୍ଷତି ହୋଇ ନ ଥିବାବେଳେ ଅଟକି ରହିଥିବା ବଗିଗୁଡିକରେ ଉପସ୍ଥିତ ଯାତ୍ରୀମାନଙ୍କ ମଧ୍ୟରେ କିଛି ସମୟ ପାଇଁ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଇଞ୍ଜିନ ୨ଟି ବଗି ସହିତ ଆଗକୁ ମାଡି ଚାଲିଥିବାବେଳେ ବାକି ବଗିଗୁଡିକ ଇଞ୍ଜିନଠାରୁ ୫୦୦ମିଟର ଦୂରତାରେ ରହିଯାଇଥିଲା। ଶାଳଗାଁ ଷ୍ଟେଶନ ଗାର୍ଡ ବଗି ରହିଯାଇଥିବା ଦେଖି ଇଞ୍ଜିନ ପାଇଲଟକୁ ଖବରଦେବାରେ ଗାଡ଼ି ଅଟକି ରହିଥିଲା। ଇଞ୍ଜିନ ପଛକୁ ଫେରିବା ସହିତ ଭ୍ୟାକୁମ୍ ସଜାଡ଼ିବା ପରେ ଗାଡି ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଶାଳଗାଁ ଷ୍ଟେସନ ସୁପରଭାଇଜର ଏଚ୍.କେ.ରାଉତରାୟଙ୍କ ସୂଚନା ଅନୁଯାୟୀ ଟ୍ରେନ ସକାଳ ୮ଟା ୨୨ମିରେ ଶାଳଗାଁ ଷ୍ଟେଶନ ପାସ୍ କରିଥିଲା। ପରେ ଗାର୍ଡଙ୍କ ଠାରୁ ଇଞ୍ଜିନରୁ ବଗି ଖସିଯାଇଥିବା ଖବରପାଇ ୫୦୦ମିଟର ଦୂରରେ ଗାଡ଼ି ଅଟକି ରହିଥିଲା। ବୁଲାଣି ଥିବାରୁ ଗାଡିର ବେଗ ମଧ କମ ଥିଲା। ତୁରନ୍ତ ଷ୍ଟେଶନରେ ଥିବା କର୍ମଚାରୀ ଓ ଟ୍ରେନରେ ଥିବା ମେଣ୍ଟେନାନ୍ସ କର୍ମଚାରୀ ମରାମତି କରି ଗାଡ଼ିକୁ ଛାଡ଼ିଥିଲେ। ଭ୍ୟାକୁମ ପାଇପ ଖସିଥିବା ହେତୁ ଏଭଳି ଘଟଣା ଘଟିଥିବା ସେ କହିଥିଲେ। ମରାମତି ପାଇଁ ଅଧଘଣ୍ଟା ସମୟ ଲାଗିଥିବାବେଳେ ପ୍ରାୟ ୮ଟା ୫୫ମି.ରେ ଗାଡି ପୁନର୍ବାର ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ, ଆଜି ଯେଉଁ ସ୍ଥାନରେ ଏଭଳି ଘଟଣା ଘଟିଲା ମାତ୍ର ହଜାର ମିଟର ପଛରେ ଶାଳଗାଁ ବଜାର ଥିଲା। ଯଦି ଗାଡିଟିର ବେଗ ଅଧିକ ଥାନ୍ତା ତେବେ ଟ୍ରେନ ଯେଭଳି ଭାବରେ ପଛକୁ ଫେରିଲା ନିଶ୍ଚିତ ଭାବରେ ଅନେକ ସମସ୍ୟା ଉପୁଜିଥାନ୍ତା। ବେଗ କମ ଥିବାରୁ ଅଳ୍ପକେ ଯାତ୍ରୀ ବର୍ତ୍ତିଯାଇଥିବା ସହ ଏକ ବଡ଼ ଦୁର୍ଘଟଣାରୁ ସମସ୍ତେ ରକ୍ଷା ପାଇଥିବା ଘଟଣାସ୍ଥଳରେ ଉପସ୍ଥିତ ପ୍ରସନ୍ନ ମହାନ୍ତି, ଶ୍ରୀତମ ମହାନ୍ତି, ଜିତେନ୍ଦ୍ର ସାମଲ, ତପନ ବେହେରା କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେଉଁଠି ଠିକନ୍ତି,**
**ସେଇଠି ଶିଖନ୍ତି ।**

ମଣିଷ ଠିକିଲେ ଶିଖେ। ନିଜ ଭୁଲ୍ ଠିକ୍‌ରୁ ହିଁ ମଣିଷ ଶିକ୍ଷା ଲାଭ କରିବା ସହ ବୁଦ୍ଧି ଓ ଅଭିଜ୍ଞତା ହାସଲ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାଚିଲେ ନ ରୁଚେ ସର ଲବଣୀ,**
**ମାଗି ଖାଉଥାନ୍ତି ଅଇଁଠା ପାଣି ।**

ଆମ ସମାଜରେ ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନ ସମ୍ମାନକୁ ଖାତିର ନ କରି ପର ଆଗରେ ହାତ ପତେଇଥାନ୍ତି। ଅଥଚ ଆଉ କେହି ଭଲଭାବେ ଆଦର ଅଭ୍ୟର୍ଥନା ଦେଖାଇଲେ ମଧ୍ୟ ସେ ତାହାକୁ ଗ୍ରହଣ ନ କରି ନାନା ସମାଲୋଚନା କରିଥାନ୍ତି। ଗୋଡ଼ ଲମ୍ବେଇବା, ବେଶି ଖୁସାମତ ଖୋଜିବା, ପ୍ରକୃତିଛଡ଼ା ବ୍ୟକ୍ତିଙ୍କ ଏପରି ରଙ୍ଗଢଙ୍ଗ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଏମ୍‌କେସିଜିରେ ପୁଣି ୨ କରୋନା ସନ୍ଦିଗ୍ଧ

**ବ୍ରହ୍ମପୁର ଅଫିସ, ୧୬।୩**

ଗଞ୍ଜାମ ଜିଲାରେ ଏବେ କରୋନାକୁ ନେଇ ଭୟର ବାତାବରଣ ଦେଖାଦେଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବ୍ରହ୍ମପୁର ସହର ବୁଲି ବିଭିନ୍ନ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି। ଜିଲାରେ ୧୪୪ ଧାରା ଜାରି ହୋଇଛି। ଏମ୍‌କେସିଜି ମେଡିକାଲରେ ଗତ ୧୪ ତାରିଖରେ ୩ ଜଣ କରୋନା ସନ୍ଦିଗ୍ଧ ଭର୍ତ୍ତି ହୋଇଥିବା ବେଳେ ସୋମବାର ପୁଣି ଜଣେ ୭୦ ବର୍ଷିୟା ବୃଦ୍ଧା ଓ ଇଞ୍ଜିନିୟରିଂ ଛାତ୍ର ଏହି ୱାର୍ଡରେ ଭର୍ତ୍ତି ହୋଇଛନ୍ତି। ବୃଦ୍ଧା ଜଣକ ଦିଗପହଣ୍ଡି ଅଞ୍ଚଳର। ସେ ଫେବୃୟାରୀରେ ମାଉଣ୍ଟଆବୁ ଯାଇ ୫ ଦିନ ତଳେ ଗାଁକୁ ଫେରିଥିଲେ। ସ୍ୱାସ୍ଥ୍ୟ ଖରାପ ଥିବାରୁ ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। କାଶ ନ କମିବାରୁ ତାଙ୍କୁ କରୋନା ୱାର୍ଡରେ ଭର୍ତ୍ତି କରାଯାଇଛି ବୋଲି ଅଧୀକ୍ଷକ ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଆରଏମ୍ଆରସିକୁ ପଠାଯାଇଛି। ସେହିପରି ବ୍ରହ୍ମପୁର ନିକଟ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ଛାତ୍ର ନିକଟରେ କାଜାକସ୍ଥାନରେ ରହୁଥିବା ସମ୍ପର୍କୀୟଙ୍କ ପାଖକୁ ଯାଇ ସେଠାରୁ ଫେରିଥିଲେ। ତାଙ୍କ କାଶ ଛିଙ୍କ ନ କମିବାରୁ ସୋମବାର ସନ୍ଧ୍ୟାରେ ଏମ୍‌କେସିଜି କରୋନା ୱାର୍ଡରେ ଭର୍ତ୍ତି ହୋଇଛନ୍ତି। ସ୍ୱାବ୍ ସଂଗ୍ରହ କରି ମଙ୍ଗଳବାର ଆର୍‌ଏମ୍‌ଆର୍‌ସିକୁ ପଠାଯିବ ବୋଲି ମେଡିକାଲ ସୂତ୍ରରୁ ପ୍ରକାଶ। ପୂର୍ବରୁ ଚିକିଟି ଅଞ୍ଚଳର ଦମ୍ପତି ଦୁବାଇର ଆବୁଧାବିରେ ଶ୍ରମିକ ଭାବେ କାମ କରୁଥିବାବେଳେ ନିକଟରେ ସେମାନେ ଗାଁକୁ ଫେରିଥିଲେ। ତାଙ୍କ କରୋନା ଭାଇରସ୍ ରିପୋର୍ଟ ସେଠାରେ ନେଗେଟିଭ ଥିବାବେଳେ ଗ୍ରାମବାସୀ ତାଙ୍କୁ ପୁଣିଥରେ ପରୀକ୍ଷା ପାଇଁ ଏମ୍‌କେସିଜିରେ ଭର୍ତ୍ତି କରିଥିଲେ।

# ସଂକୀର୍ତ୍ତନକୁ ନୂଆ ରୂପ ଦେଉଛନ୍ତି ମହିଳା

**ଫୁଲବାଣୀ ଅଫିସ, ୧୬।୩**



ନବାଳିକା ଓ ଯୁବତୀମାନେ ସଂକୀର୍ତ୍ତନ ପରିବେଷଣ କରୁଛନ୍ତି।

ପୂର୍ବେ ଗାଁଗଣ୍ଡାର ସାଂସ୍କୃତିକ ପରିଚୟ ଥିଲା ସଂକୀର୍ତ୍ତନ ମଣ୍ଡଳୀ। ଉଚ୍ଚକୋଟୀର ସଂକୀର୍ତ୍ତନ ମଣ୍ଡଳ ଥିବା ଗାଁକୁ ସମସ୍ତେ ଜାଣିଥାନ୍ତି। କାଳକ୍ରମେ ସଂକୀର୍ତ୍ତନ ବନ୍ଦ ହେବାକୁ ବସିଲାଣି। ବିଶେଷକରି ଯୁବପିଢ଼ି ଏଥିପ୍ରତି ଆଗ୍ରହ ରଖୁ ନ ଥିବା ଦେଖାଯାଉଛି। ଏଭଳି ସ୍ଥିତିରେ କେତେକ ସ୍ଥାନରେ ମହିଳାମାନେ ସଂକୀର୍ତ୍ତନ ମଣ୍ଡଳରେ ସାମିଲ ହୋଇ ପ୍ରାଚୀନ ପରମ୍ପରାକୁ ସତେଜ ରଖିବାକୁ ପ୍ରୟାସ ଜାରି ରଖିଛନ୍ତି। କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଆର୍. ନୂଆଗାଁ ଗ୍ରାମର ଓମ୍ ଶ୍ରୀଯଜ୍ଞେଶ୍ୱର କୀର୍ତ୍ତନ ମଣ୍ଡଳ ଏହାର ଏକ ଜ୍ୱଳନ୍ତ ଉଦାହରଣ। ମୋଟ ୮୫ ଜଣଙ୍କୁ ନେଇ ଗଠିତ ଏହି କୀର୍ତ୍ତନ ମଣ୍ଡଳରେ ୨୨ ଜଣ ମହିଳା ରହିଛନ୍ତି। ସେମାନଙ୍କ ମଧ୍ୟରେ ୬ ଜଣ ବିବାହିତା ଓ ଅନ୍ୟମାନେ ପାଠ ପଢୁଛନ୍ତି। ନବାଳିକା ଛାତ୍ରୀଙ୍କଠାରୁ ଆରମ୍ଭ କରି ଯୁକ୍ତ ୩ ପଢୁଥିବା ଯୁବତୀ କୀର୍ତ୍ତନ କରି ଏବେ ଲୋକଙ୍କ ମନ ଜିଣୁଛନ୍ତି।

କନ୍ଧମାଳ ଜିଲାରେ ସଂକୀର୍ତ୍ତନ ମଣ୍ଡଳର ବେଶ ପରିପାଟୀ ଅନ୍ୟମାନଙ୍କଠୁ ନିଆରା। ସମସ୍ତେ ଏକାଭଳି ପୋଷାକ ପିନ୍ଧି କୀର୍ତ୍ତନ ମଣ୍ଡପ ବା କୁଞ୍ଜକୁ ଆସିଥାନ୍ତି। ମୃଦଙ୍ଗର ତାଳେ ତାଳେ ଠାକୁରଙ୍କ ନାମ ନେବା ସହ ନୃତ୍ୟ ପରିବେଷଣ କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାନ୍ତି। ମୁଖ୍ୟତଃ ଓମ୍ ଶ୍ରୀଯଜ୍ଞେଶ୍ୱର କୀର୍ତ୍ତନ ମଣ୍ଡଳ କେତେବେଳେ କୁଞ୍ଜକୁ ଆସିବେ ତାହା ସମସ୍ତେ ଚାହିଁ ରହିଥାନ୍ତି। ଏମାନେ କନ୍ଧମାଳ ସମେତ ବୌଦ୍ଧ, ଗଞ୍ଜାମ, ନୟାଗଡ ଜିଲାର ବିଭିନ୍ନ ସ୍ଥାନକୁ ଯାଇ ବହୁ ସୁନାମ ଅର୍ଜିଛନ୍ତି। ସୁବୁଠୁ ବଡ କଥା, ଏହି କୀର୍ତ୍ତନ ମଣ୍ଡଳର କେହି ବି ପାରିଶ୍ରମିକ ନିଅନ୍ତିନାହିଁ। କୌଣସି ଅନୁଷ୍ଠାନରୁ ଡାକରା ଆସିଲେ ସ୍ୱତଃସ୍ଫୂର୍ତ୍ତ ଭାବେ ସେଠାକୁ ଯାଇଥାନ୍ତି। ଅନୁଷ୍ଠାନକୁ କେବଳ ଗାଡ଼ି ଭଡା ଦେବାକୁ ପଡ଼େ।

ଦଣ୍ଡନାଚ, ଅଷ୍ଟପ୍ରହର ଓ କୀର୍ତ୍ତନ ଆଦି ଦେଖି ଯିବାବେଳେ ଭଗବାନଙ୍କ ପ୍ରତି ସମର୍ପଣ ଭାବ ଦେଖି ମନ ଆନ୍ଦୋଳିତ ହେବାରୁ ଗତ ୩ ବର୍ଷ ତଳେ ଗ୍ରାମର ୩/୪ ଜଣ ଯୁବତୀ କୀର୍ତ୍ତନ କରିବେ ବୋଲି ମନରେ ଦୃଢ଼ ନିଷ୍ପତ୍ତି ନେଇଥିଲେ। ଗ୍ରାମ ଶିବ ମନ୍ଦିରରେ କୀର୍ତ୍ତନ ଶିଖା ଯାଉଥିବାରୁ ସେଠାକୁ ଯାଇ ନାମ ଧରିବା ସହ ନୃତ୍ୟ ଶିଖିଥିଲେ। ବର୍ତ୍ତମାନ ନାବାଳିକା ଓ ଯୁବତୀଙ୍କ ସଂଖ୍ୟା ୨୨ରେ ପହଞ୍ଚିଲାଣି। ପ୍ରତିବର୍ଷ ନୂଆ ପିଲା ଆସୁଛନ୍ତି। କୀର୍ତ୍ତନ କେବଳ ଆତ୍ମସନ୍ତୋଷ ଦେଇନାହିଁ ବରଂ ଆଧ୍ୟାତ୍ମିକ ମାର୍ଗରେ ଚାଲିବା ଶିଖାଇଛି ବୋଲି ମିତା ନାୟକ, ରଶ୍ମୀତା ସେଠୀ, ଟିକି ପ୍ରଧାନ, ପ୍ରଭାସିନୀ କହଁର, ଚିନି ସେଠୀ, ଯମୁନା ପ୍ରଧାନ, ପ୍ରିୟମ୍ବଦା କହଁର, ରୁବିନା କହଁର, ମନିଷା ପ୍ରଧାନ, ଅଞ୍ଜଳି ପ୍ରଧାନ, ସଙ୍ଗୀତା ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି।

# ଜଙ୍ଗଲରେ ଦମ୍ପତିଙ୍କ ଗଳାକାଟି ହତ୍ୟା

**ମୋହନା, ୧୬।୩(ଡି.ଏନ୍.ଏ.)**

ଗଜପତି ଜିଲା ମୋହନା ବ୍ଲକ କରଚବାଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋପଟିମା ଓ କୁଟିଗୁଡା ମଧ୍ୟରେ ଥିବା ଜଙ୍ଗଲରୁ ସୋମବାର ଦମ୍ପତିଙ୍କ ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ଗଳାକାଟି ହତ୍ୟା କରାଯାଇଥିବା ଜଣାପଡିଛି। ସେମାନେ ହେଲେ ଗୋପଟିମା ଗ୍ରାମର ପଟର ମଳିକ (୪୫) ଓ ସ୍ତ୍ରୀ ସବିତା (୩୫)। ନଂ.୧୪/୨୦ରେ ମାମଲା ରୁଜୁକରି ମୋହନା ପୋଲିସ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ପ୍ରତିଦିନ ଭଳି ସୋମବାର ସକାଳୁ ପଟର ଓ ସବିତା ତେନ୍ତୁଳି ତୋଳିବାକୁ ଜଙ୍ଗଲ ନିକଟସ୍ଥ ବଗଡକୁ ଯାଇଥିଲେ। ୨ଜଣ ନାବାଳକ ଦିନ ପ୍ରାୟ ୧୧ଟାବେଳେ ସେହି ରାସ୍ତାଦେଇ ତେନ୍ତୁଳି ତୋଳିବାକୁ ଯାଉଥିବାବେଳେ ୨ଟି ମୃତଦେହ ପଡିଥିବା ଦେଖିଥିଲେ। ଗାଁକୁ ଯାଇ ଏସମ୍ପର୍କରେ କହିବା ପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ସହ ମୋହନା ଥାନାକୁ ଜଣାଇଥିଲେ। ଆର୍.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି, ମୋହନା ଥାନା ଅଧିକାରୀ ସୁଜିତ୍ କୁମାର ନାୟକ ଓ ଛତ୍ରପୁରରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପଟରଙ୍କ ମୃତଦେହ ଠାରୁ ପ୍ରାୟ ୫୦ ମିଟର ଦୂରରେ ସବିତାଙ୍କ ମୃତଦେହ ପଡିଥିଲା। ଘଟଣାସ୍ଥଳରୁ ଲଙ୍କାଗୁଣ୍ଡ ଥିବା ପଲିଥିନ, ୨ ହଳ ଚପଲ, ତେନ୍ତୁଳି ତୋଳିବା ବାଉଁଶ, ପାଣି ବୋତଲ ଜବତ କରିଛି ପୋଲିସ। ଲଙ୍କାଗୁଣ୍ଡ ତଳେ ପଡିଥିବାବେଳେ ଦମ୍ପତିଙ୍କ ମୁହଁରେ ମଧ୍ୟ ଲାଗିଛି। ଦୁର୍ବୃତ୍ତମାନେ ମୁହଁକୁ ଲଙ୍କାଗୁଣ୍ଡ ପକାଇବାପରେ ଗଳା କାଟିଥିବା ପୋଲିସ ଅନୁମାନ କରୁଛି।

ମୃତବ୍ୟକ୍ତିଙ୍କ ସାନପୁଅ ଶିବଙ୍କ କହିବା ପ୍ରକାରେ, ବାପା ଚେରମୂଳି ଦେଇ ଲୋକଙ୍କ ରୋଗ ଭଲ କରୁଥିଲେ। ଏହାକୁ କେତେଜଣ ଲୋକ ସହ୍ୟ କରିପାରୁ ନ ଥିଲେ। ବାପା ଗୁଣିଗାରେଡି କରୁଥିବା ସେମାନେ ଅଭିଯୋଗ କରୁଥିଲେ। ଏହାକୁ ନେଇ ମୋ ବାପା ଓ ମା'ଙ୍କୁ ହତ୍ୟା କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି।

# ସମଲେଇ ମନ୍ଦିରରେ ଗମ୍ଭୀରା ଦର୍ଶନ ବନ୍ଦ

**ସମ୍ବଲପୁର, ୧୬।୩ (ବ୍ୟୁରୋ)**



ସମ୍ବଲପୁର ସମଲେଇ ମନ୍ଦିରର ଗମ୍ଭୀରା ଦର୍ଶନ ମାର୍ଚ୍ଚ ୩୧ ତାରିଖ ଯାଏ ବନ୍ଦ କରି ଦିଆଯାଇଛି। ତେବେ ଶ୍ରଦ୍ଧାଳୁମାନେ ଗମ୍ଭୀରା ବାହାରେ ରହି ମା'ଙ୍କ ଦର୍ଶନ କରିପାରିବେ। କରୋନା ମୁକାବିଲା ପାଇଁ ସୋମବାର ସକାଳେ ମନ୍ଦିର ଟ୍ରଷ୍ଟ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ସୋମବାର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ଅନୁଯାୟୀ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରିବାକୁ ୧ମିଟର ବ୍ୟବଧାନରେ ଲାଇନରେ ଛିଡା ହେବେ। ଏଥିପୂର୍ବରୁ ମନ୍ଦିର ପରିସରରେ ହୋଇଥିବା ବ୍ୟବସ୍ଥା ଅନୁଯାୟୀ ସାବୁନରେ ହାତଧୋଇ ଭିତରକୁ ପ୍ରବେଶ କରିବେ। ମନ୍ଦିରରେ ଭିଡ ନ କରି ଶୀଘ୍ର ଦର୍ଶନ ସାରି ଫେରିବେ। ଭୋଗପରେ ମଧ୍ୟ ପ୍ରସାଦ ସେବନ ସମୟରେ ବ୍ୟବଧାନ ରଖି ବସିବେ। ଶ୍ରଦ୍ଧାଳୁମାନଙ୍କୁ କରୋନାର ସଚେତନ ବାର୍ତ୍ତା ଦିଆଯିବ। ପ୍ଲାଷ୍ଟିକ ଓ ବାଉଁଶ ତିଆରି ଡାଲାରେ ପ୍ରସାଦ ନେବା ଉପରେ କଟକଣା କରାଯାଇଛି। ଭକ୍ତମାନେ କାଗଜ ଠୁଙ୍ଗାରେ ଶୁଖିଲା ଭୋଗ ନେଇ ପାରିବେ। ମନ୍ଦିର କୌଣସି କାର୍ଯ୍ୟକ୍ରମ କରାଯିବ ନାହିଁ। ପୂଜକମାନେ ମଧ୍ୟ ସଚେତନ ରହିବେ। ଆବଶ୍ୟକ ପଡିଲେ ମାକ୍ସ ବ୍ୟବହାର କରିବେ ବୋଲି ନିଷ୍ପତ୍ତି ହୋଇଛି। ଏହି ବୈଠକରେ ପୂଜକ ଓ ଟ୍ରଷ୍ଟ ସଭ୍ୟ ଉପସ୍ଥିତ ରହିଥିଲେ।

# ମାଟ୍ରିକ ପରୀକ୍ଷା: ଅନିଶ୍ଚିତତାରେ ମୂଲ୍ୟାୟନ

**କଟକ ଅଫିସ, ୧୬।୩**

ଆସନ୍ତା ୧୮ରୁ ମାଟ୍ରିକ ପରୀକ୍ଷା ଖାତା ଦେଖା ଆରମ୍ଭ ହେବ। ଏ ନେଇ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ହେଲେ କରୋନା ଭୂତାଣୁ ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ମାଟ୍ରିକ ପରୀକ୍ଷା ମୂଲ୍ୟାୟନ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଏ ପର୍ଯ୍ୟନ୍ତ ବୋର୍ଡ କର୍ତ୍ତୃପକ୍ଷ କୌଣସି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନେଇନାହାନ୍ତି। ଏ ସମ୍ପର୍କରେ ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତି କୁହନ୍ତି, ଏବେ ସୁଦ୍ଧା ସ୍ପଷ୍ଟ ଖବର ନାହିଁ। ମୂଲ୍ୟାୟନ ପାଇଁ ପ୍ରସ୍ତୁତି ଆଗେଇଛି। ମଙ୍ଗଳବାର ଏ ସମ୍ପର୍କରେ ଅଧିକ ମତାମତ ଦିଆଯିବ। ଅନ୍ୟପକ୍ଷରେ ବୋର୍ଡ ସଭାପତି ରାମାଶିଷ ହାଜରାଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ସୂଚନାଥାଉ କି, ୧୮ରୁ ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଖାତା ଦେଖା ଚାଲିବ। ୬୧ଟି ମୂଲ୍ୟାୟନ କେନ୍ଦ୍ରରେ ୧୫ହଜାରରୁ ଊର୍ଦ୍ଧ୍ୱ ମୂଲ୍ୟାୟନକାରୀ ଖାତା ଦେଖା ଦାୟିତ୍ୱରେ ନିୟୋଜିତ ହେବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା।

# ତୃତୀୟ ଟେଣ୍ଡରକୁ ଅପେକ୍ଷା

**ବଲାଙ୍ଗୀର ଅଫିସ, ୧୬।୩**

**ବିଜୟାନନ୍ଦ ସମବାୟ ଚିନିକଳ**
- ୬ ବର୍ଷ ହେଲା ତାଲା ଝୁଲୁଛି
- ଆଶା, ଆଶଙ୍କାରେ କର୍ମଚାରୀ, ଆଖୁଚାଷୀ
- ଖୋଲିବା ପାଇଁ କାହାର ଦରଦ ନାହିଁ

ବଲାଙ୍ଗୀର ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ଦେଓଗାଁ ବ୍ଲକ ସାଗରପାଲିସ୍ଥିତ ବିଜୟାନନ୍ଦ ଚିନିକଳ ଦୀର୍ଘ ୬ ବର୍ଷ ହେଲା ବନ୍ଦ ପଡିଛି। ଏହି ଚିନିକଳରେ ଝୁଲୁଥିବା ତାଲା କେବେ ଖୋଲିବ ତା'ର ଉତ୍ତର କାହା ପାଖରେ ନାହିଁ। ରାଜରାସ୍ତାରୁ ବିଧାନସଭା ସବୁଠି ଏହି ଚିନିକଳ କାର୍ଯ୍ୟକ୍ଷମ କରିବା ତଥା ସହସ୍ରାଧିକ ଆଖୁଚାଷୀଙ୍କୁ ନ୍ୟାୟ ପ୍ରଦାନ କରିବା ଆଲୋଚନା ହୋଇଛି। ମାତ୍ର ସରକାର ଏହାକୁ କାର୍ଯ୍ୟକ୍ଷମ କରିବାରେ ସଫଳ ହୋଇନାହାନ୍ତି। ଚାଷ ଓ ଚାଷୀଙ୍କୁ ଗୁରୁତ୍ୱ ଦିଆଯାଉଥିବା ନେଇ ରାଜ୍ୟ ସରକାର କହୁଥିଲେ ମଧ୍ୟ ବିଜୟାନନ୍ଦ ଚିନିକଳର ଚରମ ଦୁର୍ଦ୍ଦଶା ବଲାଙ୍ଗୀର ଜିଲାର ଆଖୁଚାଷୀଙ୍କ ଦୟନୀୟତାକୁ ବଖାଣୁଛି। ବାସ୍ତବରେ ସରକାର ଏହି ଜିଲାର ଆଖୁଚାଷୀ, ବିଜୟାନନ୍ଦ ସମବାୟ ଚିନିକଳ କର୍ମଚାରୀଙ୍କୁ କେବେ ସଦୟ ହେବେ ତାହା ଏବେ ବି ପ୍ରଶ୍ନ ଘେରରେ ରହିଛି।

ବିଜୟାନନ୍ଦ ସମବାୟ ଚିନିକଳ ଜେନେରାଲ ମ୍ୟାନେଜର ଶତଦଳ ମିଶ୍ରଙ୍କୁ ଏନେଇ ପଚରାଯିବାରୁ ପୂର୍ବରୁ ଦୁଇଥର ଟେଣ୍ଡର ଆହ୍ୱାନ କରାଯାଇଥିଲା। ମାତ୍ର ଏଥିରେ କେହି ଆସିଲେ ନାହିଁ। ଆସନ୍ତା ଏପ୍ରିଲ ମାସରେ ତୃତୀୟ ଥର ସକାଶେ ଟେଣ୍ଡର ଆହ୍ୱାନ କରାଯିବ। ଅନେକ ଅସୁବିଧା ସତ୍ତ୍ୱେ ଖୁବ୍‌ଶୀଘ୍ର ଏହି ଚିନିକଳ କାର୍ଯ୍ୟକ୍ଷମ ହେବ ବୋଲି ଆଶା ରହିଥିବା ସେ କହିଛନ୍ତି। ଦେଓଗାଁ ଚିନିକଳ କର୍ମଚାରୀ ସଂଘ ଉପସଭାପତି ମିତ୍ରଭାନୁ ବାରିକଙ୍କୁ ପଚାରିବାରୁ ଏହି ଚିନିକଳ ଚଳାଇବା ନେଇ ରାଜ୍ୟ ସରକାର, ଜନପ୍ରତିନିଧି ଓ ପ୍ରଶାସକଙ୍କ ଆନ୍ତରିକତା ନାହିଁ। ଏହି କାରଣରୁ ହିଁ ଏହି ଚିନିକଳର ତାଲା ଖୋଲୁନାହିଁ। ଆଖୁଚାଷୀଙ୍କ ଦୁର୍ଦ୍ଦଶା ବୁଝିବାକୁ କେହିନାହାନ୍ତି ବୋଲି ସେ କହିଛନ୍ତି।


**OFFICE OF CDM & PHO, KORAPUT (NCD WING)**
Email id: ncdcellkoraput@gmail.com phone :06852 -252064

No. E-816
Letter No: 42/NCD **Tender Call Notice** Date : 13-03-2020

Sealed tenders are invited from registered Manufacturer/Importer/ Authorised distributor/whole seller agencies for supply of Visual Inspection with Acetic Acid Kit(VIA) , Oral Visual Examination Kit(OVE) & other equipment items for the financial Year 2019 -20 under National Health Mission,Koraput.The detail terms and condition can be available in the district official website: www.koraput.nic.in.The undersigned reserves the right to accept or reject without assigning reason thereof.

Sd./- CDM &PHO,Koraput
OIPR-10077/11/0017/1920

OFFICE OF THE EXECUTIVE ENGINEER A-758
QUALITY CONTROL DIVISION, BARINIPUT, DIST. KORAPUT, ODISHA-764006
EMAIL ID: qualitycontroldivision@yahoo.in
**QUOTATION CALL NOTICE NO 04/2019-20 DT 13.03.2020.**

Sealed quotations are invited from interested reputed service provider for providing **2 (Two)** nos of Non AC Diesel driven vehicle (TUV300/ Bolero/ Sumo Gold/ Ertiga) having sitting capacity not more than ten including driver, which shall conform to the Terms and conditions (Annexure-II) for official use in the office of the **Executive Engineer, Quality Control Division, Bariniput, Dist -Koraput** on monthly rent basis. The bidder (s) can furnish offer for one or more vehicles, but separate application form for individual vehicle should be furnished.

1) The application form of quotation containing General Bid Information & Terms and conditions for hiring of vehicles etc. will be available with the cashier of this office and can be obtained from **17.03.2020 to 27.03.2020 up to 1130 hour** on the working days during working hour on payment of **Rs.100/- (one hundred) only** per set.
2) The completed quotation in all respect should reach the undersigned on or before **27.03.2020** by **1130 hour** and shall be opened on the same day at **1230 hour** in presence of the bidders or their authorized representatives who wish to be present.
3) The authority reserves the rights to reject any or all quotations without assigning any reason thereof.
4) Further details can be seen in the website Govt. of Odisha www.odisha.gov.in

Sd/- (Er. B.B. Mishra), Executive Engineer, Quality Controll Division, Bariniput
OIPR- 32400/11/0001/1920

Email ID – exengerolickpt@gmail.com
**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER, L.I.DIVISION, KORAPUT**
**NOTICE INVITING EXPERSSION OF INTEREST FOR EMPANELMENT OF J.E. CIVIL**

Notice No.431 dated. 12.03.2020
No.CAD-1119 :- Expression of interest is invited from willing retired Civil Junior Engineers having good physique & valid Motor Cycle Driving Licence, to work in Swaviman Anchal of Malkangiri District. The Expression of interest along with anticipating wages & all supporting documentary evidence in a sealed cover should be reached in this office on or before 26.03.2020.

The authority reserves the right to accept or reject any or all EOI without assigning any reason thereof.

Executive Engineer
L.I. Division., Koraput.
OIPR-32173/11/0006/1920

**OFFICE OF THE EXECUTIVE ENGINEER RWSS DIVISION, BHUBANESWAR**
PLOT NO. 1214 (P), AT : TAPOVAN
P.O: KHANDAGIRI, BHUBANESWAR - 30
Tel- (0674) 2384108, E-Mail: eerwss_bbsr@nic.in
**Govt. of Odisha e-Procurement Notice**
**Bid Identification Notice No.54 of 2019-20**

No.O-1263 :- The Executive Engineer, RWS&S Division, Bhubaneswar on behalf of Governor of Odisha invites percentage bid through e-procurement in double cover system according to norm of e-procurement.

1. Nature of Work — Supplying all labour , material T&P for different works in Khordha district.
2. No. of Tender — 04Nos.
3. Tender Paper Cost — Rs. 6000.00 TO 10000.00
4. Value of Work — From 10.27 Lakhs to 109.84 lakhs
5. Class of Contractor — A,B D" C"
6. Date & time of availability of Bid document in portal — 20.03.2020 4.00 P.M. to 30.03.2020 Up to 3.00 P.M.
7. Date & Time of seeking tender clarification — 20.03.2020 4.00 P.M. to 25.03.2020 Up to 3.00 P.M. during office hour
8. Date & Time of opening of tender — 31.03.2020 at 11.00 A.M. in the O/O E.E., RWSS Divn., Bhubaneswar
9. Time of Completion — 60 days TO 240 days
10. The bidders have to participate in online bidding only. Further details can be seen from the website : **https://www.tendersorissa.gov.in.** corrigendum if any shall only be published above website
11. The Bid cost and EMD to be deposited through online

EXECUTIVE ENGINEER
RWS&S DIVISION, BHUBANESWAR
OIPR-25011/11/0021/1920

ସୌନ୍ଦର୍ଯ୍ୟ

# ହୋମ୍‌ମେଡ ଫେସିଆଲ୍



**ଏବେ ବିବାହ ସିଜନ୍ ଚାଲିଛି। ମହିଳାମାନେ ନିଜ ସୌନ୍ଦର୍ଯ୍ୟକୁ ବଢ଼ାଇବାକୁ ହେଲେ ସେମାନେ ପାର୍ଲର ଯିବାକୁ ପସନ୍ଦ କରୁଛନ୍ତି। କିନ୍ତୁ ଆପଣ ଜାଣିଛନ୍ତି କି, ଆପଣ ଘରେ ଏକ ଉପାୟ ଆପଣାଇ ପାର୍ଲର ପରି ଲୁକ୍ ପାଇପାରିବେ। ଆପଣ ହଳଦୀ ଓ ବାଦାମରେ ପ୍ରସ୍ତୁତ ହୋମମେଡ୍ ଫେସିଆଲ୍ ବ୍ୟବହାର କରିପାରନ୍ତି। ହଳଦୀ ଆଣ୍ଟିଅକ୍ସିଡାଣ୍ଟର କାମ କରିଥାଏ ଓ ବାଦାମ ଏହାକୁ ସଫ୍ଟ କରିଥାଏ। ତେବେ ହୋମ୍‌ମେଡ୍ ଫେସିଆଲ ପ୍ରସ୍ତୁତ କରିବାର ଉପାୟ ବିଷୟରେ ଆସନ୍ତୁ ଜାଣିବା..**

**ଆବଶ୍ୟକ ସାମଗ୍ରୀ**

ଏକ ଚାମଚ ହଳଦୀ, ଏକ ଚାମଚ ମହୁ, ଅଧାଚାମଚ ଲେମ୍ବୁରସ, ଅଧାଚାମଚ ଏଲୋଭେରା ଜେଲ୍ ଓ ଏକ ଚାମଚ ଦହିକୁ ନେଇ ଭଲଭାବେ ମିଶାଇ ଦିଅନ୍ତୁ।

**ବ୍ୟବହାର କରିବାର ଉପାୟ**

ଗୋଲ୍ଡ ଫେସିଆଲ ପ୍ରସ୍ତୁତ କରିବା ପୂର୍ବରୁ ଭଲଭାବେ ମୁହଁକୁ ସଫାକରନ୍ତୁ। ମୁହଁକୁ କ୍ଲିନ୍ କରିବାକୁ ହେଲେ କଞ୍ଚାକ୍ଷୀର ବ୍ୟବହାର କରନ୍ତୁ। ଯଦି ଆପଣଙ୍କ ଫେସ୍ ଅଏଲି ହୋଇଥାଏ ତେବେ ଆପଣ ରୋଜ୍ ୱାଟରର ସହାୟତା ନେଇ ମୁହଁକୁ ସଫା କରିପାରିବେ। ଆପଣଙ୍କୁ ଏହି ପ୍ୟାକ୍‌ର ସହାୟତା ନେଇ ମୁହଁକୁ ସ୍କ୍ରବିଂ କରିବାକୁ ହେବ। ଏଥିପାଇଁ ଆପଣ ଏହି ପ୍ୟାକ୍‌ରେ ଚାଉଳଗୁଣ୍ଡ କିମ୍ବା ବେସନ ମିଶାନ୍ତୁ। ସ୍କ୍ରବିଂ ପୂର୍ବରୁ ମୁହଁକୁ ବାଦାମତେଲ ସାହାଯ୍ୟରେ ମସାଜ୍ କରନ୍ତୁ। ମସାଜ୍ ପରେ ସ୍କ୍ରବ୍ କରନ୍ତୁ। ସ୍କ୍ରବିଂ ପରେ ମୁହଁକୁ ନଖଉଷୁମ



ପାଣିରେ ଧୋଇଦିଅନ୍ତୁ। ଏହାପରେ ଲଗାନ୍ତୁ ଫେସ୍‌ପ୍ୟାକ୍। ଏହା ସମ୍ପୂର୍ଣ୍ଣ ଶୁଖିଲା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଶୁଖିବା ପରେ ଏହାକୁ ହାଲ୍‌କା ହାତରେ ଘଷି ମୁହଁରୁ ଛଡ଼ାଇଦିଅନ୍ତୁ। ଆପଣ ମଧ୍ୟ ବାଦାମତେଲ ଦ୍ୱାରା ମୁହଁକୁ ଭଲଭାବେ ମସାଜ୍ କରିପାରିବେ।

# କର୍ମଜୀବୀ ଓ ଫିଟ୍‌ନେସ୍

ଆଜିକାଲି ଅନେକ ମହିଳା ନିଜକୁ ସ୍ୱାବଲମ୍ବୀ କରିବାକୁ ଆଗେଇ ଆସୁଛନ୍ତି। କେତେକେ ନିଜେ କିଛି ରୋଜଗାର କରିବା ସହ ଅନ୍ୟମାନଙ୍କୁ ରୋଜଗାରକ୍ଷମ କରାଇବାରେ ମଧ୍ୟ ସକ୍ଷମ ହୋଇଛନ୍ତି। ତେବେ କର୍ମଜୀବୀମାନେ ବ୍ୟସ୍ତବହୁଳ ଜୀବନ ଭିତରେ ନିଜ ଶରୀର ପ୍ରତି ନଜର ଦେବା ନିହାତି ଜରୁରୀ। କାରଣ ସୁସ୍ଥ ରହିଲେ ହିଁ ଜଣେ ଆଗକୁ ଆଗେଇପାରିବ। ହେଲେ କର୍ମମୟ ଜୀବନରେ କେତେକ କର୍ମଜୀବୀ ନିଜ ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରିଥାଆନ୍ତି। ସକାଳୁ ଉଠି ଘରକାମ ସାରି ଅଫିସ ଯିବା, ସେଠାରେ ନିଜ ଦାୟିତ୍ୱ ତୁଲାଇବା, ପୁଣି ଅଫିସ ଶେଷ ହେବା ପରେ ଘରକୁ ଆସି ଘରକାମରେ ନିଜକୁ ନିୟୋଜିତ ରଖିବା-





ଏସବୁ ସେମାନଙ୍କ ଜୀବନର ନିତିଦିନିଆ ଘଟଣା। ତେବେ ଏପରି କେତେକ ସରଳ ଉପାୟ ରହିଛି, ଯାହାକୁ କର୍ମଜୀବୀ ଆପଣେଇପାରିଲେ ଅନେକାଂଶରେ ସୁସ୍ଥ ରହିପାରିବେ। ଜାଣନ୍ତୁ ଏ ସମ୍ପର୍କରେ ...

**କ'ଣ କରିବେ**

-ନିଜ କାର୍ଯ୍ୟକୁ ନେଇ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସେଥିରୁ କିଛି ସମୟ ବାହାରକରି ରେଷ୍ଟ ନିଅନ୍ତୁ। ସେହି ଅନୁସାରେ ନିଜର ଦୈନନ୍ଦିନ କାର୍ଯ୍ୟତାଲିକା ପ୍ରସ୍ତୁତ କରନ୍ତୁ।

-ସବୁବେଳେ କ'ଣ କରିବେ ସେନେଇ ଆଗରୁ ଯୋଜନା ପ୍ରସ୍ତୁତ କରନ୍ତୁ। ନିଜ ଦୈନିକ କାର୍ଯ୍ୟକୁ ଡାଏରୀରେ ଲେଖିରଖନ୍ତୁ।

-ସକାଳୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ୟାୟାମ ପାଇଁ କିଛି ସମୟ ବାହାର କରନ୍ତୁ। ଅତିକମ୍‌ରେ ଅଧଘଣ୍ଟା ଚାଲନ୍ତୁ। କିଛି ସମୟ ଯୋଗ କରିପାରନ୍ତି। ମାନସିକ ଓ ଶାରୀରିକ ଫିଟ୍‌ନେସ ଲାଗି ଏକ୍ସରସାଇଜ୍ ନିଶ୍ଚିତ କରନ୍ତୁ।

-ଆଜିକାଲି ଅନେକ ଅଫିସରେ ଯିବା ଆସିବା ପାଇଁ ଲିଫ୍ଟ ବ୍ୟବସ୍ଥା ରହିଛି। ତେବେ ଲିଫ୍ଟ ବଦଳରେ ଶିଡ଼ି ବ୍ୟବହାର କରନ୍ତୁ।

-ନିଜ କାର୍‌କୁ ପାର୍କରେ ରଖି କିଛି ସମୟ ଚାଲି ଚାଲି ଅଫିସ୍ ଭିତରକୁ ଯାନ୍ତୁ।

-ଲଞ୍ଚ ପାଇଁ ଘରେ ପ୍ରସ୍ତୁତ ଖାଦ୍ୟକୁ ନେଇ ଯାନ୍ତୁ। ବାହାର ଖାଦ୍ୟଠାରୁ ନିଜକୁ ଦୂରେଇ ରଖନ୍ତୁ।

**ଅଫିସ୍‌ରେ ୱାର୍କଆଉଟ୍‌ର ଫାଇଦା**

-ଅଫିସ୍‌ରେ ୨ ମିନିଟ୍‌ର ୱାର୍କ କରିବା ଦ୍ୱାରା ଏହା ଶରୀର ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ।

-ଆଖି ଓ ମେରୁଦଣ୍ଡ ହାଡ଼କୁ ଆରାମ ମିଳିଥାଏ।

-ଚାଲିବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଭଲ ହୋଇଥାଏ।

-ଚାଲିବା ସମୟରେ ଶରୀର ଫୁର୍ତ୍ତି ଲାଗିଥାଏ।

-ୱାର୍କଆଉଟ୍ କରିବା ଦ୍ୱାରା ଦିନସାରା ମୁଡ୍ ଭଲ ରହିଥାଏ।

-ବ୍ୟାୟାମ ଦ୍ୱାରା ମାନସିକ ଓ ଶାରୀରିକ ଶାନ୍ତି ମିଳେ।

**କାମ ସହ ୱାର୍କଆଉଟ୍**

-ଅଫିସ୍‌ରେ ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ବସି କାମ କରିବା ବ୍ୟତୀତ ଆପଣ ନିଜକୁ ଫିଟ୍ ମଧ୍ୟ ରଖିପାରିବେ। କିଛି ଏମିତି ଏକ୍ସରସାଇଜ୍ ଅଛି, ଯାହାକୁ ଅଫିସ୍ କାମ ସହିତ କରିପାରିବେ।

-ଅଫିସ୍‌ରେ ଲଗାତର ବସି କାମ କରିବାକୁ ପଡ଼ିଥାଏ। ଭଲ ସ୍ୱାସ୍ଥ୍ୟ ପାଇଁ ପ୍ରତି ଘଣ୍ଟାରେ ଦୁଇ ମିନିଟ୍ ୱାକ୍ କରନ୍ତୁ।

-ଅଫିସ୍‌ରେ ନିଜ ଫାଇଲ୍ ରେଜିଷ୍ଟର ଆଦିକୁ ନିଜେ ଉଠାଇ ରଖନ୍ତୁ।

-ପିଇବା ପାଣି ନିଜେ ଯାଇ ଆଣନ୍ତୁ। ନିଜ ସିଟ୍ ପର୍ଯ୍ୟନ୍ତ ଆସିବା ଲାଗି ଲମ୍ବା ରାସ୍ତା ଆପଣାନ୍ତୁ।

-ଲଞ୍ଚ କରିବା ପରେ କିଛି ସମୟ ଚାଲନ୍ତୁ।

-କମ୍ପ୍ୟୁଟରରେ କାମ କରି କରି ଥକି ପଡ଼ିଥିଲେ ଚେୟାର ଉପରେ ବିଶ୍ରାମ ଦାୟକ ମୁଦ୍ରାରେ ବସନ୍ତୁ। ନିୟମିତ ସମୟ ଅନ୍ତରାଳରେ ମୁହଁ ଧୁଅନ୍ତୁ। ଏହାଦ୍ୱାରା ନିଜକୁ ଫ୍ରେସ୍ ଲାଗିବା ସହ ଆଖି ଉପରେ କାମର ପ୍ରଭାବ ପଡ଼ି ନ ଥାଏ।

-ଅଧିକ ସମୟ ଚେୟାରରେ ବସିବା ବଦଳରେ ଅଧିକରୁ ଅଧିକ ଫିଜିକାଲ୍ ମୁଭ୍‌ମେଣ୍ଟ କରନ୍ତୁ।

-ଚେୟାର ଉପରେ ବସି ଆପଣ କାନ୍ଧକୁ ୧୦ଥର ପଛକୁ ଏବଂ ପୁଣି ୧୦ ଥର ଆଗକୁ ବୁଲାନ୍ତୁ।

-ଚେୟାର ଉପରେ ବସି ୧୦ଥର ପାଦକୁ ଷ୍ଟ୍ରେଚ୍ କରନ୍ତୁ। ଚେୟାର ହାଇଟ୍‌ର ପାଦକୁ ତଳୁ ଉପରକୁ ଉଠାନ୍ତୁ।

-ଆପଣ ନିଜ ହାତକୁ ପିଠି ଆଡ଼କୁ ନେଇଯାନ୍ତୁ ଓ ଦୁଇ ହାତର ଆଙ୍ଗୁଠିକୁ ଲକ୍ କରି ପଛ ଆଡ଼କୁ ଷ୍ଟ୍ରେଚ୍ କରନ୍ତୁ।

-ନିଜ ଦୁଇ ହାତକୁ କାନ୍ଧ ସମାନକୁ ନେଇଆସନ୍ତୁ। ମୁଠା ବନ୍ଦକରି ୧୦ ଥର ଭିତର ଆଡ଼କୁ ବୁଲାନ୍ତୁ, ପୁଣି ୧୦ଥର ବାହାରକୁ ବୁଲାନ୍ତୁ।





## ଏମାନେ କ'ଣ କରନ୍ତି

**ପ୍ରତି ଘଣ୍ଟାରେ ଥରେ ସିଟ୍‌ରୁ ଉଠି କିଛି ସମୟ ବୁଲାବୁଲି କରିଥାଉ**

**-ଇତି ଦର୍ଶନୀ** *(ଟେକ୍ନୋଲୋଜି ଲିଡ୍, ଖରାଡି, ପୁନେ)*



**କା**ମ ଆରମ୍ଭ କରିବା ପୂର୍ବରୁ ଆମେ ପୋଶ୍ଚର ଉପରେ ଧ୍ୟାନ ଦେଇଥାଉ। ଯେମିତି କି ମନିଟର ମଧ୍ୟଭାଗରେ ରହିଲେ ଆମର ଆଖି ତା' ସହ ପାରାଲାଲ ହୋଇପାରୁଥିବ। ଆମ ଅଫିସରେ ବସିବାକୁ ଆରାମଦାୟକ ଚେୟାର ରହିଛି, ଯାହା ଦ୍ୱାରା ବ୍ୟାକ୍‌ପେନ୍ ହେବାର ଆଶଙ୍କା କମ୍ ଥାଏ। ତଥାପି ଜଣେ କର୍ମଚାରୀ ନିଜ ସୁବିଧା ଅନୁସାରେ କୁସନ ବ୍ୟବହାର କରିଥାଆନ୍ତି। ଏତଦ୍‌ବ୍ୟତୀତ ପ୍ରତି ଘଣ୍ଟାରେ ଥରେ ସିଟ୍‌ରୁ ଉଠି କିଛି ସମୟ ବୁଲାବୁଲି କରିଥାଉ। ପାଣି ପିଇବା ପାଇଁ ସବୁବେଳେ ପାଣି ବୋତଲ ପାଖରେ ରଖିଥାଉ। ଖାସ୍ କଥା ହେଲା, ଅଫିସରେ ଲଞ୍ଚ କରିବା ପରେ କିଛି ସମୟ ଚଲାବୁଲା କରିଥାଉ। ଆମ ଅଫିସରେ ଉଷୁମ ପାଣିର ବ୍ୟବସ୍ଥା ମଧ୍ୟ ରହିଛି।

**ଆରାମରେ କାମ କରିବା ପ୍ରତି ସବୁବେଳେ ଦୃଷ୍ଟି ଦିଏ**

**-ପ୍ରତୀକ୍ଷା ଦାସ** *(ଟ୍ରେନିଂ ମ୍ୟାନେଜର, ସିଡିଏ, କଟକ)*



**ମୁଁ** ଆମ ଅଫିସ୍‌ରେ ଟ୍ରେନର ରୂପେ କାମ କରେ। ପିଲାମାନେ କିପରି କମ୍ଫର୍ଟେବଲ୍ ଭାବେ କାମ କରିବେ ସେଥିପ୍ରତି ଆମେ ଦୃଷ୍ଟି ଦେଇଥାଉ। ଲେଡି ଷ୍ଟାଫ୍‌ମାନେ ଯେମିତିକି କମ୍ଫର୍ଟେବଲ ହୋଇ ବସି କାମ କରିପାରିବେ, ସେଥିପାଇଁ ତାଙ୍କୁ ସ୍ପେଶିଆଲ ଚେୟାର ଦିଆଯାଇଛି। ଆମେ ଯଦି ଠିକ୍ ପୋଶ୍ଚରରେ ବସି ନ ରହିବା ତେବେ ଆମ ଶରୀର ଉପରେ ଏହାର ଖରାପ ପ୍ରଭାବ ପଡ଼ିବ। ଅଲଗା ଅଲଗା କର୍ପୋରେଟ୍ ସେକ୍ଟରରେ ତାଙ୍କ ସିଷ୍ଟମରେ ପାଣି ଆଲାର୍ମ ବ୍ୟବସ୍ଥା ରହିଛି। ଏହା ଦ୍ୱାରା କାମ କରିବାର ଆଗ୍ରହ ଆସିବ। ପ୍ରତି ଏକ ଘଣ୍ଟାରେ ଥରେ ବ୍ରେକ୍ ନେଇପାରିବେ। ଆଖିକୁ ମଝିରେ ମଝିରେ ବ୍ଲିଙ୍କ କରିବା ଆବଶ୍ୟକ। ଏପରି କରିବା ଦ୍ୱାରା ଆଖି ଉପରେ ଏତେଟା ପ୍ରେସର ପଡ଼ିବ ନାହିଁ। ପ୍ରତି ଅଫିସ୍‌ରେ ଗେମ୍‌ଜୋନ୍, ଇନ୍‌ଡୋର ଗେମ୍, ଟେବୁଲ୍‌ଟେନିସ୍ ଆଦି ରହିଲେ ଭଲ। ଏପରି କରିବା ଦ୍ୱାରା ମାଇଣ୍ଡ ରିଫ୍ରେଶ୍‌ମେଣ୍ଟ ରହିବ। କୌଣସି ସ୍ପେଶାଲ ଅକେଜନ୍‌ରେ ମହିଳାଙ୍କୁ ଛୋଟମୋଟ ଗିଫ୍ଟ ଦେବା କିମ୍ବା ଏଥେନିକ୍ ଡ୍ରେସ ସେଲିବ୍ରେଶନ୍ ଆଦି ବିଭିନ୍ନ ଆକ୍ଟିଭିଟି କଲେ ସେମାନେ ବି ମୋଟିଭେଟ୍ ହୋଇପାରିବେ। ମୋଟିଭେଟ୍ ହେଲେ ହିଁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ।

# ଚିତ୍ରାଙ୍କନକୁ ନିଶା ଏବଂ ପେସା ଭାବେ ଗ୍ରହଣ କରିଛି



**ଛଏ ବି ଜଣେ ନାରୀ**

**ମିନର୍ଭା ସାହୁ**

ଇଚ୍ଛା ଏବଂ ଆଗ୍ରହ ବଳରେ ଜଣେ ନିଜର ଲକ୍ଷ୍ୟପଥରେ ଅଗ୍ରସର ହେବା ସହ ସଫଳତା ର ଶିର୍ଷ ପହଁଞ୍ଚିପାରିଥାଏ। ଠିକ୍ ସେହିପରି ମିନର୍ଭା ସାହୁ ନିଜକୁ ଏକାଧାରରେ ଜଣେ ଚିତ୍ରଶିଳ୍ପୀ ଏବଂ ଲେଖିକା ଭାବେ ପରିଚିତ କରାଇବାରେ ସଫଳ ହୋଇଛନ୍ତି। ଯାଜପୁର ଜିଲା ଧର୍ମଶାଳା ଅନ୍ତର୍ଗତ କଳାଣ୍ଡ ଗ୍ରାମରେ ଜନ୍ମିତା ତଥା ବାପା-ଭାବଗ୍ରାହୀ ସାହୁ, ମା'-ପ୍ରମିଳା ସାହୁଙ୍କ ଏହି କନ୍ୟା ପିଲାଟିଦିନରୁ ଚିତ୍ରାଙ୍କନ ପ୍ରତି ଆକର୍ଷିତ ହୋଇଥିଲେ। ଏ ନେଇ ସେ କୁହନ୍ତି, 'ପିଲାଦିନେ ବୋଉ'ଙ୍କ ଝୋଟିଚିତା ଦେଖି ମୋ ମନରେ ଚିତ୍ର ଆଙ୍କିବାର ଆଗ୍ରହ ସୃଷ୍ଟି ହୋଇଥିଲା। ପ୍ରାଥମିକ ବିଦ୍ୟାଳୟରେ ପଢ଼ିବା ସମୟରେ ମୋର ସବୁଠାରୁ ପ୍ରିୟ ବିଷୟ ଥିଲା ଡ୍ରଇଂ। ସେ ସମୟରେ କେବଳ ସ୍କେଚ୍ ପେନ୍‌ମିଳୁଥିଲା, ଏବଂ ତାକୁ ବ୍ୟବହାର କରିବା ଦ୍ୱାରା କାଗଜର ଦୁଇପଟ ଛାପି ଯାଉଥିଲା। ତେଣୁ ଚକ୍‌ରେ ଚଟାଣ ଉପରେ ମୁଁ ବଡ଼ ବଡ଼ ଚିତ୍ର ଆଙ୍କୁଥିଲି, ଯାହା ପରବର୍ତ୍ତୀ ସମୟରେ ମୋତେ ଜଣେ ଚିତ୍ରଶିଳ୍ପୀ ହେବାକୁ ଯଥେଷ୍ଟ ପ୍ରେରଣା ଯୋଗାଇଥିଲା। ଭୁବନେଶ୍ୱରସ୍ଥ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଡିଗ୍ରୀ କରିବା ସମୟରେ ମୁଁ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରିଥିଲି, ଯାହା ମୋ ପାଇଁ ଏକ ନିଆରା ସ୍ମୃତି ହୋଇ ରହିଛି। ବିଶେଷଭାବରେ ଚାରକୋଲ୍ (ଅଙ୍ଗାରଚିତ୍ର), ଅଏଲ ପେଣ୍ଟିଂ (ତୈଳଚିତ୍ର), ୱାଟର ପେଣ୍ଟିଂ (ଜଳ ଚିତ୍ର) ଏବଂ ଆକ୍ରେଲିକ୍‌ରେ ଚିତ୍ର କରିବା ମୋର ପସନ୍ଦ। ହାତରେ ତୂଳୀ ଏବଂ ପାଖରେ ରଙ୍ଗ ଥିବା ବେଳେ ମୋତେ ସତେଯେମିତି ଲାଗେ ମୁଁ ଗୋଟିଏ ଜୀବନ୍ତ ଏବଂ ବାସ୍ତବ ସତ୍ୟକୁ ଉନ୍ମୋଚନ କରିବାକୁ ଯାଉଛି। ଖାସ୍ କଥା ହେଲା, ଚିତ୍ର ଆଙ୍କିବା ସମୟରେ ମୁଁ ନିଜକୁ ତା' ଭିତରେ ସମ୍ପୂର୍ଣ୍ଣ ଭାବେ ହଜାଇଦିଏ। ମୋ ମତରେ ଚିତ୍ରାଙ୍କନକୁ ଜଣେ ପ୍ରଥମେ ନିଶା ଏବଂ ପରେ ପେସା ଭାବେ ଗ୍ରହଣ କଲେ ସେଥିରୁ ହିଁ ସଫଳତା ହାସଲ କରିପାରିବ। ଚିତ୍ରାଙ୍କନରେ ମୁଁ ଆଜି ଯେଉଁଠି ବି ପହଞ୍ଚିଛି, ସେଥିପାଇଁ ମୋର ଗୁରୁ ବ୍ରଜବନ୍ଧୁ ଜେନା, ଗୁରୁ ସୁନୀଲ ଚାୱଲା (ନୋଏଡା) ଏବଂ ମୋ ପରିବାରର ପ୍ରେରଣା ହିଁ ସର୍ବାଗ୍ରେ।' ନିଜର କାଳକୃତୀ ପାଇଁ ତାଙ୍କୁ ମିଳିଛି ମିସ୍ ଆର୍ଟିଷ୍ଟ-ଜୟପୁର, ଆର୍ଟ କୁଇନ୍-ଦିଲ୍ଲୀ, ବେଙ୍ଗଲ ଆର୍ଟ ଫୋରମ ତରଫରୁ ଅନୁଷ୍ଠିତ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ , ଆଦି ଅନେକ ପୁରସ୍କାର । ୟୁନିସେଫ ପକ୍ଷରୁ ଆୟୋଜିତ ଶିଶୁ ଶ୍ରମିକ ମୁକ୍ତି ଉପରେ ଏକ ପ୍ରୋଜେକ୍ଟ କରି ସେ ଉଚ୍ଚ ପ୍ରଂଶସିତ ଏବଂ ପୁରସ୍କୃତ ହୋଇଥିଲେ। ମିନର୍ଭା କେବଳ ଜଣେ ଚିତ୍ରଶିଳ୍ପୀ ନୁହନ୍ତି, ଲେଖାଲେଖିରେ ମଧ୍ୟ ତାଙ୍କର ରୁଚି ରହିଛି। ଗପଠାରୁ ଆରମ୍ଭ କରି କବିତା ଲେଖିବାରେ ତାଙ୍କୁ ଅଧିକ ଆତ୍ମସନ୍ତୋଷ ମିଳେ ବୋଲି କହନ୍ତି ସେ। ବର୍ତ୍ତମାନ ନୂଆଦିଲ୍ଲୀରେ ରହୁଥିବା ମିନର୍ଭାଙ୍କୁ ଅବସର ମିଳିଲେ କବିତା ଲେଖିବା ଏବଂ ଲଙ୍ଗ୍ ଡ୍ରାଇଭିଂ କରିବାକୁ ସେ ଭଲ ପାଆନ୍ତି। ଏ ସବୁ ପଛରେ ବଡ ଭଉଣୀ ପ୍ରତିଭା ସାହୁଙ୍କ ପ୍ରେରଣାକୁ ଏବଂ ସ୍ୱାମୀ ପ୍ରଦୀପ୍ତ ସାହୁଙ୍କ ସହଯୋଗକୁ ସର୍ବାଗ୍ରେ ସ୍ମରଣ କରନ୍ତି ସେ। 'ମୁଁ ସବୁବେଳେ ସମୟକୁ ଗୁରୁତ୍ୱ ଦିଏ। କେତେବେଳେ କ'ଣ କରିବି ତାହା ପୂର୍ବରୁ ପ୍ଲାନିଂ କରିଥାଏ, ତେଣୁ ଯେ କୌଣସି କାମ କରିବା ସମୟରେ ମୁଁ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥାଏ ବୋଲି କହନ୍ତି ଏହି ଚିତ୍ରଶିଳ୍ପୀ। ବର୍ତ୍ତମାନ ସେ ନୋଏଡାରେ ଆର୍ଟ ଶିକ୍ଷା ଦେବା ଜାରି ରଖିଛନ୍ତି ଏବଂ ଭବିଷ୍ୟତରେ ଭୁବନେଶ୍ୱରରେ ଏକ ଆର୍ଟ ସ୍କୁଲ ଖୋଲି ସବୁ ବର୍ଗର ପିଲାମାନଙ୍କୁ ଚିତ୍ରାଙ୍କନ ଶିକ୍ଷା ଦେବା ଏବଂ ସମାଜକୁ ଭଲ ବାର୍ତ୍ତା ଦେଉଥିବା ଚିତ୍ର ଅଙ୍କନ କରି ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ଇଚ୍ଛା ପ୍ରକାଶ କରନ୍ତି ମିନର୍ଭା।







**-ମହାଶ୍ୱେତା ନାୟକ**

ଫ୍ୟାଶନ୍

# ଷ୍ଟାଇଲିଶ୍ ଦୁପଟ୍ଟା



**ଫ୍ୟାଶନ୍ ଟ୍ରେଣ୍ଡ ଏବଂ ଷ୍ଟାଇଲ୍ ଦିନକୁ ଦିନ ବଦଳୁଛି। ଏହାକୁ ଆପଣେଇ ପାରିଲେ ଆପଣ ନିଜକୁ ଆହୁରି ଷ୍ଟାଇଲିଷ୍ଟ କରିପାରିବେ। ଆପଣ ଟ୍ରେଣ୍ଡରେ ଥିବା ଅଲଗା ଅଲଗା ଷ୍ଟାଇଲ୍‌ର ଡିପେଣ୍ଡ କରିଥାଏ ନିଜର ଡ୍ରେସ୍‌ଅପ୍ ଲୁକ୍। କିନ୍ତୁ ଏହାକୁ ଡ୍ରେସ୍ ସହିତ ଟିମ୍‌ଅପ୍ କରିବା ସମୟରେ ଆଲର୍ଟ ନିଶ୍ଚିତ ରୁହନ୍ତୁ। ଜାଣନ୍ତୁ ଡିଫରେଣ୍ଟ ଦୁପଟ୍ଟାର ଟ୍ରେଣ୍ଡ ବିଷୟରେ ...**

**ଲେହେଙ୍ଗା ସହ କ୍ୟାପ୍ ଦୁପଟ୍ଟା :** ଶିୟର କ୍ୟାପ୍ ଦୁପଟ୍ଟାକୁ ଆପଣ କାନ୍ଧରେ କିଛି ଏପରି କ୍ୟାରି କରନ୍ତୁ, ଯାହାକି ଆପଣଙ୍କୁ କ୍ଲାସି ଲୁକ୍ ଦେବ।

**ଫ୍ଲୋରାଲ :** ପୋଲ୍‌କା ପ୍ରିଣ୍ଟ ଦୁପଟ୍ଟା ସହ ପ୍ଲେନ୍ ସାଲ୍‌ୱାର ସୁଟ୍ ସହ ପିନ୍ଧିବାକୁ ଯୁବତୀମାନେ ପସନ୍ଦ କରିଥାନ୍ତି। ଯଦି ଆପଣ ଲୁକ୍‌କୁ ଇଜିଲି ଷ୍ଟାଇଲିଶ୍ କରିବାକୁ ଚାହୁଁଥାନ୍ତି ଏମିତିରେ ପ୍ଲେନ୍‌ସୁଟ୍ ସହ କଣ୍ଟ୍ରାଷ୍ଟିଙ୍ଗ ଫ୍ଲୋରାଲ ପ୍ରିଣ୍ଟ ଦୁପଟ୍ଟା କ୍ୟାରି କରିପାରିବେ। ପ୍ଲେନ୍ ସୁଟ୍ ସହ କଣ୍ଟ୍ରାଷ୍ଟିଙ୍ଗ ଫ୍ଲୋରାଲ ପ୍ରିଣ୍ଟ ଦୁପଟ୍ଟା ଅଫିସ୍ କିମ୍ବା ଫ୍ୟାମିଲି ଫଙ୍କଶନ୍‌ରେ ପିନ୍ଧିକି ବି ଅଲଗା ଲୁକ୍ ପାଇପାରିବେ। ଆପଣ ଫ୍ଲୋରାଲ ପ୍ରିଣ୍ଟ ବ୍ୟତୀତ ପୋଲ୍‌କା ପ୍ରିଣ୍ଟ ଦୁପଟ୍ଟାକୁ ମଧ୍ୟ କ୍ୟାରି କରିପାରିବେ।

**କଶ୍ମୀରୀ ଦୁପଟ୍ଟା :** କଶ୍ମୀରୀ ପଶ୍‌ମୀନା ଶାଲ୍ ଆପଣ ଦେଖିଥିବେ ଏବଂ ପକାଇଥିବେ। କିନ୍ତୁ ଏବେ କଶ୍ମୀରୀ ଦୁପଟ୍ଟାକୁ ନିଜ କପ୍‌ବୋର୍ଡରେ ସାମିଲ କରନ୍ତୁ। କଶ୍ମୀରୀ କାରିଗରିର ଏହି ଦୁପଟ୍ଟାକୁ ସୁଟ୍ କିମ୍ବା ଲେହେଙ୍ଗା ସହ ପିନ୍ଧି କ୍ୟାରି କରିପାରିବେ। ଆପଣ ଏହାକୁ କଲରଫୁଲ ସୁଟ୍ କିମ୍ବା ପ୍ଲେନ୍ ସୁଟ୍ ସହ ପିନ୍ଧିପାରିବେ।

**ଓଢ଼ଣି ପରି :** ଆପଣ ନିଜ ଓଢ଼ଣିକୁ ବି ନିଜର ଓଢ଼ଣା ଆକାରରେ ବ୍ୟବହାର କରିପାରିବେ। ଏହି ଲୁକ୍‌ରେ ଆପଣ ବିଲ୍‌କୁଲ ର୍‌ୟାମ୍ପ୍‌ରେ ଚାଲୁଥିବା କୌଣସି ମଡେଲ୍ ପରି ଲାଗିବେ।



| Dollar | Sensex | Nifty | Gold | Silver |
|---|---|---|---|---|
| 74.25 (50) | 2713.41 ↓ 31,390.07 | 757.80 ↓ 9,197.40 | ₹455 ↑ 41,610.00 | ₹1283 ↓ 40,304.00 |

"ଦେଶର ୬ ଲକ୍ଷ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ପୁନର୍ଗଠିତ କରାଯାଇଛି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସ୍ଥିତିର ସେମାନେ ଲାଭ ଉଠାଇବାକୁ ସକ୍ଷମ ହୋଇ ପାରିବେ।

–ନୀତିନ ଗଡକରୀ, କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ



"୨୦୦୦ ଟଙ୍କିଆ ନୋଟ୍ ପ୍ରିଣ୍ଟ ବନ୍ଦ କରିବା ଲାଗି କୌଣସି ନିଷ୍ପତ୍ତି ହୋଇନାହିଁ। ବ୍ୟାଙ୍କଗୁଡ଼ିକ ଏବେ ଏଟିଏମ୍‌କୁ ବ୍ୟବସ୍ଥିତ କରି ପୁଣି ସୁବିଧା ତ୍ୱରାନ୍ୱିତ କରିବେ।

–ଅନୁରାଗ ଠାକୁର, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ



**ପୁଞ୍ଜି ବଜାରରେ କରୋନା ଆତଙ୍କ**

# ନିବେଶକ ହରାଇଲେ ୭.୬୨ ଲକ୍ଷ କୋଟି

ମୁମ୍ବାଇ,୧୬–୩



କରୋନା ଭାଇରସ ଲଗାତର ଭାବେ ବିଶ୍ୱ ବଜାର ଉପରେ ନକାରାତ୍ମକ ପ୍ରଭାବ ପକାଇ ଚାଲିଛି। ଏହାର ପ୍ରଭାବରେ ଭାରତୀୟ ଶେୟାର ବଜାର ସୋମବାର ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ ସେନ୍‌ସେକ୍ସ ୨,୭୧୩ ପଏଣ୍ଟ ଖସିଥିବା ବେଳେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି ୯,୨୦୦ ପଏଣ୍ଟ ସ୍ତରକୁ ଖସିଆସିଛି। ଫଳରେ ନିବେଶକଙ୍କୁ ୭.୬୨ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି। ୩୦ ଶେୟାର ଭିତ୍ତିକ ବିଏସ୍‌ଇ ସେନ୍‌ସେକ୍ସ ୨,୭୧୩.୪୧ ପଏଣ୍ଟ ବା ୭.୭୮% ନିମ୍ନରେ ରହି କାରବାର ୩୧,୩୯୦.୦୭ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୭୫୭.୮୦ ପଏଣ୍ଟ ବା ୭.୬୧% ଖସିଯିବା ଯୋଗୁ କାରବାର ୯,୧୯୭.୪୦ ପଏଣ୍ଟରେ ବନ୍ଦ ହୋଇଛି।

ଲଗାତର ଭାବେ ଦ୍ୱିତୀୟ ଥର ଲାଗି ଭାରତୀୟ ଶେୟାର ବଜାର ଏଭଳି କ୍ଷତି ସହିଛି। ମାର୍ଚ୍ଚ ୧୨ରେ ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୨୯୧୯.୨୬ ପଏଣ୍ଟ, ୯୮୬.୨୫ ପଏଣ୍ଟ ଖସିଯାଇଥିଲା। ଏସିଆର ପ୍ରମୁଖ ଶେୟାର ବଜାରଗୁଡ଼ିକର କାରବାର ଏହି ସମୟରେ ଲଗାତାର ଭାବେ ଖସୁଛି। ଚାଇନାର ଫ୍ୟାକ୍ଟ୍ରି ଉତ୍ପାଦନ ଏବଂ ରିଟେଲ ବିକ୍ରି ଡାଟା ଆସିଥିବା ବେଳେ ଏଥିରେ ହ୍ରାସ ପରିଲକ୍ଷିତ ହୋଇଛି। କରୋନା ଯୋଗୁ ଅର୍ଥବ୍ୟବସ୍ଥାରେ ମାନ୍ଦାବସ୍ଥାସ୍ଥିତି ମାଡି ଆସିଥିବା ଆଶଙ୍କା ନିବେଶକମାନଙ୍କୁ ଘାରିଛି, ଯାହାର ପ୍ରଭାବ ନିବେଶକଙ୍କ ଉପରେ ପଡିଛି ବୋଲି ବଜାର ବିଶେଷଜ୍ଞ ମାନେ ମତପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ୟୁଏସ୍ ଫେଡେରାଲ ବ୍ୟାଙ୍କ ଦୁଇ ସପ୍ତାହ ରୁ କମ୍ ସମୟ ମଧ୍ୟରେ ଲଗାତର ଭାବେ ସୁଧ ହାର ହ୍ରାସ କରିଛି। ୨୦୦୮ର ଆର୍ଥିକ ମାନ୍ଦାବସ୍ଥା ସମୟରେ ଉକ୍ତ କେନ୍ଦ୍ରୀୟ ବ୍ୟାଙ୍କ ଏଭଳି ପଦକ୍ଷେପ ଗ୍ରହଣ କରିଥିଲା। ଏପ୍ରିଲ ୩ରେ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟି ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଅର୍ଥ ବ୍ୟବସ୍ଥାକୁ ସୁହାଇଲା ଭଳି ବିଭିନ୍ନ ପଦକ୍ଷେପ କେନ୍ଦ୍ରୀୟ ବ୍ୟାଙ୍କ ଗ୍ରହଣ କରିବ ବୋଲି ଆଶା କରାଯାଉଛି।

ସୋମବାର ସେନ୍‌ସେକ୍ସର ସବୁ କମ୍ପୋନେଣ୍ଟ କାରବାର ନକାରାତ୍ମକ ରହିଛି। ଇଣ୍ଡସଇଣ୍ଡ ବ୍ୟାଙ୍କ କାରବାର ଏହି ସମୟରେ ପ୍ରାୟ ୧୭% ଖସିଯାଇଛି। ସେହିଭଳି ଟାଟା ଷ୍ଟିଲ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ ଏବଂ ଆଇସିଆଇସିଆଇ ବ୍ୟାଙ୍କର କାରବାର ଗଭୀର ଭାବେ ପ୍ରଭାବିତ ହୋଇଛି। କରୋନା ଭାଇରସର ପ୍ରଭାବ ଆକଳନଠାରୁ ଅଧିକ ରହିଛି ବୋଲି ସାରା ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମତ ରଖିଛନ୍ତି। ବିଶ୍ୱ ସ୍ତରର ଆର୍ଥିକ କାର୍ଯ୍ୟକଳାପ,ପର୍ଯ୍ୟଟନ, ପରିବହନ ବର୍ତ୍ତମାନ ଠପ୍ ହୋଇଛି ବୋଲି ଜିଓଜିତ ଫାଇନାନ୍ସିଆଲ ସର୍ଭିସେସର ରିସର୍ଚ୍ଚ ମୁଖ୍ୟ ବିନୋଦ ନାୟାର ସୂଚନା ଦେଇଛନ୍ତି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ମେଟାଲ, ବ୍ୟାଙ୍କିଙ୍ଗ, ଫାଇନାନ୍ସ, ରିୟଲ ଇଷ୍ଟେଟ, ଆଇଟି ଏବଂ ଶକ୍ତି ଭଳି କାରବାର ପ୍ରାୟ ୯.୩୦% ଖସିଯାଇଛି। ମିଡ କ୍ୟାପ ଏବଂ ସ୍ମଲ କ୍ୟାପ୍‌ରେ କାରବାର ୫.୯୪% ଖସିଛି। ଏସିଆର ଅନ୍ୟ ପ୍ରମୁଖ ବଜାର ଯଥା– ସାଂଘାଇରେ ଶେୟାର ବଜାର କାରବାର ୩.୪୦%, ହଂକଂ ୪.୦୩%, ସିଓଲ ୩.୧୯%, ଟୋକିଓ ୨.୪୬% କାରବାର ଖସି ଯାଇଛି। ଏହାବାଦ ୟୁରୋପରେ ମଧ୍ୟ ଶେୟାର ବଜାର କାରବାର ୮% ଖସିଛି। ବ୍ରେଣ୍ଟ ଅଶୋଧିତ ତୈଳ ୭.୫୩% ଖସି ବ୍ୟାରେଲ ପିଛା ୩୧.୩୦ ଡଲାର ରହିଛି। ଏହାବାଦ ଦିନ ମଧ୍ୟରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୫୫% ହ୍ରାସ ହେବା ସହ ୭୪.୩୧ ସ୍ତରରେ ପହଞ୍ଚିଥିଲା। ବର୍ତ୍ତମାନ କରୋନା ୬୦୦୦ ଲୋକଙ୍କ ଜୀବନ ନେଇ ସାରିଛି। ଏହି ଭାଇରସ ଦ୍ୱାରା ସାରା ବିଶ୍ୱରେ ଦ୍ୱାରା ୧.୬୨ ଲକ୍ଷ ଲୋକ ଆକ୍ରାନ୍ତ ହୋଇଛନ୍ତି। ଭାରତରେ ୧୧୦ ଜଣ ଲୋକ ଏହି ଭାଇରସ ଦ୍ୱାରା ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି।

- ୨,୭୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ
- ୯,୨୦୦ ପଏଣ୍ଟ ସ୍ତରରେ ନିଫ୍ଟି
- ଶେୟାର ବଜାରରେ ୨ୟ ଥରର ବୃହତ୍ ହ୍ରାସ

# ରେପୋ ହ୍ରାସ ସଙ୍କେତ ଦେଲେ ଶକ୍ତିକାନ୍ତ

ନୂଆଦିଲ୍ଲୀ,୧୬–୩

କରୋନା ଭାଇରସ ଯୋଗୁ ବଜାରରେ ଉପୁଜିଥିବା ସ୍ଥିତିକୁ ସମ୍ଭାଳିବା ଲାଗି ରିଜର୍ଭ ବ୍ୟାଙ୍କ ଏପ୍ରିଲ ୩ରେ ହେବାକୁ ଥିବା ଏହାର ମୁଦ୍ରାନୀତି ସମୀକ୍ଷା ବୈଠକରେ ପଦକ୍ଷେପ ନେବ ବୋଲି ଆଶା କରାଯାଉଛି। କେନ୍ଦ୍ରୀୟ ବ୍ୟାଙ୍କ ସୁଧହାର ହ୍ରାସ କରିବା ନେଇ ଏହାର ଗଭର୍ନର ଶକ୍ତିକାନ୍ତ ଦାସ ସଙ୍କେତ ଦେଇଛନ୍ତି। ବଜାରର ସ୍ଥିତିକୁ ସମ୍ଭାଳିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ବିଭିନ୍ନ ପଦକ୍ଷେପ ରହିଛି। ଏଣୁ ବିଭିନ୍ନ ଯୋଜନା ଗ୍ରହଣ କରିବାକୁ ପ୍ରସ୍ତୁତ ବୋଲି ଶକ୍ତିକାନ୍ତ ପ୍ରତିଶ୍ରୁତି ଦେଇଛନ୍ତି। ସମୟ ଏବଂ ବଜାର ସ୍ଥିତିକୁ ନେଇ ସୁଧହାର ସଂକ୍ରାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଖବରଦାତା କାର୍ଯ୍ୟକ୍ରମରେ ସେ ଉତ୍ତର ରଖିଛନ୍ତି। ବଜାରରେ ଲିକ୍ୟୁଡିଟି ବଢାଇବା ପଦକ୍ଷେପ ଅନ୍ତର୍ଗତ ୨ ବିଲିୟନ ଡଲାରର ରୁପି–ଡଲାର ସ୍ୱାପ ସୁବିଧା ସେ ଘୋଷଣା କରିଛନ୍ତି। ଏହାବାଦ କେନ୍ଦ୍ରୀୟ ବ୍ୟାଙ୍କ ଦୀର୍ଘ ମିଆଦୀ ରେପୋ ଅପରେଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ଯୋଜନା ହାତକୁ ନେବ। ମାତ୍ର ବଜାରର ଆବଶ୍ୟକତା ଅନୁସାରେ ଏହା ଗ୍ରହଣ କରାଯିବ ବୋଲି ସେ ମତ ରଖିଛନ୍ତି।

ଏବେ ଜରୁରୀ ସ୍ଥିତି ଉପୁଜିବା ଯୋଗୁ ଆମେରିକାର ଫେଡେରାଲ ରିଜର୍ଭ ପଲିସି ରେଟ୍‌କୁ ପ୍ରାୟ ଶୂନ ସ୍ତର ଯାଏ ନେଇ ପାରିଛି। ଏହାବାଦ ବ୍ୟାଙ୍କ ଅଫ୍ ଇଂଲଣ୍ଡ ୫୦ ବେସିସ ପଏଣ୍ଟ ସୁଧହାର ହ୍ରାସ କରିଥିବା ବେଳେ ୟୁରୋପିଆନ କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟ ରେପୋରେ ହ୍ରାସ କରିଛି। ରିଜର୍ଭ ବ୍ୟାଙ୍କ ୬୫ ବେସିସ ପଏଣ୍ଟ ସୁଧହାର କମାଇବ ବୋଲି ବଜାର ବିଶେଷଜ୍ଞମାନେ ଗତ ସପ୍ତାହରେ କହିଥିଲେ। କରୋନାର ପ୍ରଭାବ ଅର୍ଥବ୍ୟବସ୍ଥା ଉପରେ କଣ ରହିଛି ତାହା ଏବେ କେନ୍ଦ୍ରୀୟ ବ୍ୟାଙ୍କ ଆକଳନ କରୁଛି। ପରବର୍ତ୍ତୀ ବୈଠକରେ ଏ ନେଇ ସୂଚନା ଦିଆଯିବ ବୋଲି ଶକ୍ତିକାନ୍ତ କହିଛନ୍ତି। ସେ କହିଛନ୍ତି ଯେ, ନିବେଶକ ଏବଂ ବିଦେଶୀ ମୁଦ୍ରା ଭଣ୍ଡାର ଏବଂ ବଣ୍ଡ ମାର୍କେଟ ଏବେ ପ୍ରଭାବ ରହିଛି। ଫେବୃୟାରୀ ୨୦ ପରଠାରୁ ଦେଶର ପୁଞ୍ଜି ବଜାର କାରବାର ୨୦% ଖସିଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ୭୪.୩୫ ସ୍ତର ଛୁଇଁଥିବା ବେଳେ ଏହା ଏବେ ଅସ୍ଥିର ରହିଛି। ଏଭଳି ସ୍ଥିତିରେ ଠିକ୍ ନୀତି ନିର୍ଦ୍ଧାରଣ ହେବାର ଆବଶ୍ୟକତା ଉପରେ ଶକ୍ତିକାନ୍ତ ଗୁରୁତ୍ୱାରୋପ କରିଛନ୍ତି। ଦେଶର ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ସଶକ୍ତ କରି ରଖିବା ଉପରେ ଏବେ ରିଜର୍ଭ ବ୍ୟାଙ୍କ ନଜର ରଖିଛି। ଏହାବାଦ ନିବେଶକଙ୍କ ମନୋଭାବ କିଭଳି ଦୃଢ ରଖାଯିବ ସେ ଉପରେ ଶକ୍ତିକାନ୍ତ ମତ ରଖିଛନ୍ତି।

## ବାଲାନ୍ସ ସିଟ୍ ତର୍ଜମା କରିବେ ବ୍ୟାଙ୍କ

ନୂଆଦିଲ୍ଲୀ,୧୬–୩



ବାଲାନ୍ସ ସିଟ୍, ଆସେଟ୍ କ୍ୱାଲିଟି, ନଗଦ ବ୍ୟବସ୍ଥା ଭଳି ବିଭିନ୍ନ କ୍ଷେତ୍ରରେ କରୋନାର ପ୍ରଭାବ କଣ ରହିଛି ସେ ଦିଗରେ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡିକ ତର୍ଜମା କରିବେ। ରିଜର୍ଭ ବ୍ୟାଙ୍କ ଏ ନେଇ ନିର୍ଦ୍ଦେଶ ଦେଇଛି। ଏବେ କରୋନାର ପ୍ରଭାବ ବଜାର ଉପରେ ପଡିଥିବାରୁ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ରିଜର୍ଭ ବ୍ୟାଙ୍କ ଏଭଳି କହିଛି। ଦେଶର ଫାଇନାନ୍ସିଆଲ ସିଷ୍ଟମରେ ରହିଥିବା ବ୍ୟାଙ୍କ, ଅର୍ବାନ କୋଅପରେଟିଭ ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ ଏବଂ ସ୍ମଲ ଫାଇନାନ୍ସଗୁଡ଼ିକୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି। ଡିଜିଟାଲ ବ୍ୟାଙ୍କିଙ୍ଗ ସୁବିଧା ଗ୍ରହଣ କରିବାକୁ ବ୍ୟାଙ୍କ ସେମାନଙ୍କ ଗ୍ରାହକଙ୍କୁ ଉତ୍ସାହିତ କରିବାକୁ ଆରବିଆଇ ପରାମର୍ଶ ଦେଇଛି। ଜରୁରୀ ସ୍ଥିତିକୁ ବିଚାର କରି ବ୍ୟାଙ୍କ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବାଣିଜ୍ୟିକ ଏବଂ ସାମାଜିକ ଦିଗକୁ ବିଚାର କରିବ କ୍ୱିକ ରେସପନ୍ସ ଟିମ୍ ଗଠନ ହୋଇପାରେ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ମତ ପ୍ରକାଶ ପାଇଛି। ଏହି ଟିମ୍ ନିୟମିତ ଭିତ୍ତିରେ ଅପଡେଟ ସହ ନିୟମିତ ଭିତ୍ତିରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବ।

# ପାଇକାରୀ ମୁଦ୍ରାସ୍ଫୀତି ୨.୨୬% ସ୍ତରରେ

**ନୂଆଦିଲ୍ଲୀ,୧୬–୩:** ଫେବୃୟାରୀରେ ପାଇକାରୀ ମୂଲ୍ୟ ସୂଚୀ (ଡବ୍ଲ୍ୟୁପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ୨.୨୬%କୁ ହ୍ରାସ ଘଟିଛି। ପନିପରିବା ଏବଂ ଖାଦ୍ୟ ସାମଗ୍ରୀ ଦର ଶସ୍ତା ହେବା ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି ସରକାର ସୋମବାର ଜାରି କରିଥିବା ଡାଟାରୁ ଜଣାପଡିଛି। ଜାନୁୟାରୀରେ ପାଇକାରୀ ମୁଦ୍ରାସ୍ଫୀତି ୩.୧% ରହିଥିଲା। ଗତ ବର୍ଷ ଫେବୃୟାରୀରେ ଏହା ୨.୯୩% ସ୍ତରରେ ରହିଥିଲା ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ୨୦୨୦ ଫେବୃୟାରୀରେ ଖାଦ୍ୟ ସାମଗ୍ରୀ ଉପରେ ପାଇକାରୀ ମୁଦ୍ରାସ୍ଫୀତି ୧୧.୫୧%ରୁ ୭.୭୯% ସ୍ତରକୁ ଖସିଛି। ପିଆଜ ଏବଂ ଆଳୁ ଉପରେ ମୂଲ୍ୟ ଯଥାକ୍ରମେ ୧୬୨.୩୦% ଏବଂ ୬୦.୭୩% ଖସିଛି। ଏହା ଜାନୁୟାରୀ ୨୦୨୦ରେ ଯଥାକ୍ରମେ ୨୯୩.୩୭% ଏବଂ ୮୭.୮୪% ରହିଥିଲା। ସେହିଭଳି ଇନ୍ଧନ ଏବଂ ଶକ୍ତି କ୍ଷେତ୍ରରେ ଡବ୍ଲ୍ୟୁପିଆଇ ୩.୩୮% ଏବଂ ଅଣଖାଦ୍ୟ ସାମଗ୍ରୀ ଉପରେ ୬.୮୨% ରେକର୍ଡ କରାଯାଇଛି।

# ୟେସ୍ ବ୍ୟାଙ୍କ ଉପରୁ ବୁଧବାର କଟକଣା ହଟିବ

**ନୂଆଦିଲ୍ଲୀ,୧୬–୩:** ୟେସ୍ ବ୍ୟାଙ୍କ ଉପରେ ରିଜର୍ଭ ବ୍ୟାଙ୍କ ବର୍ତ୍ତମାନ କଟକଣା ଲଗାଇଥିବା ବେଳେ ଏହା ବୁଧବାର ହଟିବାକୁ ଯାଉଛି। ଆର୍‌ବିଆଇ ପକ୍ଷରୁ ୟେସ୍ ବ୍ୟାଙ୍କ ଗ୍ରାହକଙ୍କୁ ଏଭଳି ଭରଷା ଦିଆଯାଇଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ସୋମବାର କହିଛନ୍ତି ଯେ, ୟେସ୍ ବ୍ୟାଙ୍କରେ ପର୍ଯ୍ୟାପ୍ତ ପରିମାଣର ନଗଦ ରହିଛି। ରାଜ୍ୟ ସରକାରଗୁଡ଼ିକ ସେଠାରୁ ନିଜର ଜମା ଅର୍ଥ ନ ଉଠାଇବାକୁ ଗଭର୍ନର ପରାମର୍ଶ ଦେଇଛନ୍ତି। ବ୍ୟାଙ୍କ ଉପରେ ଲାଗିଥିବା ସମସ୍ତ କଟକଣା ବୁଧବାର ହଟିଯିବ ବୋଲି ସେ କହିଛନ୍ତି। ୨୬ ମାର୍ଚ୍ଚରେ ନୂଆ ବୋର୍ଡ କାମ କରିବ। ଆବଶ୍ୟକତା ଭିତ୍ତିରେ ଅଧିକ ପରିମାଣର ଲିକ୍ୟୁଡିଟି ବ୍ୟାଙ୍କକୁ ପ୍ରଦାନ କରାଯିବ। ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର ବ୍ୟାଙ୍କ (ପିଏମ୍‌ସି) ଘଟଣାକୁ ୟେସ୍ ବ୍ୟାଙ୍କ ସହ ତୁଳନା ନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ବ୍ୟାଙ୍କଗୁଡ଼ିକରେ ନଗଦ ଯୋଗାଣ କରିବା ଲାଗି ଦୀର୍ଘମିଆଦି ରେପୋ ଅପେରଶନ ଗ୍ରହଣ କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ବୁଧବାର ସନ୍ଧ୍ୟାଠାରୁ ଗ୍ରାହକ ସବୁ ପ୍ରକାରର ବ୍ୟାଙ୍କ ସେବା ଉଠାଇ ପାରିବେ ବୋଲି ୟେସ୍ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।





GOVT. OF ODISHA, DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
DRAINAGE CIRCLE, UNIT-8, BHUBANESWAR-751012
E-PROCUREMENT NOTICE NO.SEDC-BBSR-02/2019-20
email Id :- sedrainagebbsr12@gmail.com

No. A-760:-

| | | | |
|---|---|---|---|
| 1. | Name of Works | : | Renovation of Bhargavi-Ratnachira drainage system with structures (Partly covered Luna-Ratnachira drainage system) under DIP (Part-III) (Package-1) I. Bhargavi-Ratnachira Drainage Channel- DOAB-VII II. Nuagaon Drainage Channel - DOAB-VI |
| 2. | Total number of Packages | : | 1nos. individual package. |
| 3. | Estimated Cost of Individual Packages | : | Rs.4,30,31,997/- |
| 4. | Bid Identification No. | : | 1. SEDC-BBSR/DD-PURI-04/2019-20 |
| 5. | Period of completion | : | 11(Eleven) Calendar months. |
| 6. | Availability of Tender On-Line | : | 20.03.2020, 10.00 Hours to 07.04.2020, 17.00 Hours. |
| 7. | Date of Opening of Technical Bid. | : | 08.04.2020 at 11.30 hours in the O/o the Superintending Engineer, Drainage Circle, Unit-8, Bhubaneswar. |
| 8. | Date of opening of Financial Bid | : | 17.04.2020 at 11.30 hours in the O/o the Superintending Engineer, Drainage Circle, Unit-8, Bhubaneswar. |
| 9. | Date of Lottery( If Required) | : | 24.04.2020 at 12.00 hours in the O/o the Superintending Engineer, Drainage Circle, Unit-8, Bhubaneswar. |
| 10. | Procurement Officer | : | Superintending Engineer, Drainage Circle, Unit-8, Bhubaneswar-751012. |

Further details can be seen from the Govt. website www.tendersorissa.gov.in.
Sd/- Superintending Engineer, Drainage Circle, Bhubaneswar
OIPR-32375/11/0002/1920

**ତହସିଲ କାର୍ଯ୍ୟାଳୟ, କାଶୀନଗର, ଜିଲ୍ଲା: ଗଜପତି**
ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ
ସଂଖ୍ୟା: ୯୮୬ / ସଇରାତ ତା: ୧୬।୦୩।୨୦୨୦
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କାଶୀନଗର ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ନିଲାମ ଇସ୍ତାହାର ସଂଖ୍ୟା ୯୮୬/ ସଇରାତ ତା: ୧୬।୦୩।୨୦୨୦ ଅନୁଯାୟୀ ନୋଟିସରେ ସଂଲଗ୍ନ ଥିବା କାଶୀନଗର ତହସିଲ ଅଧୀନରେ ଥିବା ସଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଉତ୍ସଗୁଡ଼ିକ ଆଗାମୀ ୫(ପାଞ୍ଚ) ବର୍ଷ (୨୦୨୦–୨୧ ଆର୍ଥିକ ବର୍ଷଠାରୁ ୨୦୨୪–୨୦୨୫) ପାଇଁ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ଦିଆଯିବା ସକାଶେ ଆହ୍ୱାନ କରାଯାଉଛି। ଦରଖାସ୍ତ ଆହ୍ୱାନର ତାରିଖ ତା. ୦୩।୦୪।୨୦୨୦ଠାରୁ ତା. ୨୪।୦୪।୨୦୨୦ରିଖ ଅପରାହ୍ନ ୦୧.୦୦ ଘଟିକା ଧାର୍ଯ୍ୟ କରାଯାଇଅଛି। ଦରଖାସ୍ତ ତନଖି ତା. ୨୭।୦୪।୨୦୨୦ ରିଖ ପୂର୍ବାହ୍ନ ୦୯.୦୦ ଘଟିକା। ସଇରାତ ଉତ୍ସଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ, ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କିମ୍ବା ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି। ଏହା ଗଜପତି ଜିଲ୍ଲା ୱେବ୍‌ସାଇଟ୍ http://gajapati.nic.in ସଇରାତ/ ଟେଣ୍ଡର ଅଧୀନରେ ମଧ୍ୟ ଉପଲବ୍ଧ ହେବ।
ସ୍ୱା./- ତହସିଲଦାର, କାଶୀନଗର

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KANDHAMAL
No.3530/Med — Corrigendum for Walk-in-Interview — Date. 16.03.2020 No. E-815
Applications are invited for eligible retired candidates for selection & engagement on contractual basis of Pharmacist & Staff Nurse, under the administrative control of the CDM&PHO Kandhamal through Walk-in-Interview. The candidates should reach in the district training Unit, DHH, Phulbani, the date & Time as mentioned below. The details are available in the district website: www.kandhamal.nic.in . The advertisement No.3439, dtd.13.03.2020 read as Pharmacist Post are 13 and Staff Nurse post are 22.

| SL No | Name of the post | Number of post | Eligibility Criteria | Monthly consolidated Remuneration per month (in Rs.) | Venue, Date & Time of interview |
|---|---|---|---|---|---|
| 1 | Pharmacist | 13 | Retired Pharmacist from Government Sector. | As per the order No 7022/dated 17/3/2018 of Govt. in Finance Department, Odisha,Bhubaneswar. The retired Govt servant will avail remuneration only in consolidated manner as per remuneration structure in the level pay matrix. C. Level- 11,12,13,14-=Rs. 30,000/- D. Level- 5,6,7,8,9,10 =Rs. 13,000/- | Venue- District Training Unit, DHH, Phulbani, Date- 30/03/2020. Reporting / Registration time 11 AM |
| 2 | Staff Nurse | 22 | Retired Staff Nurse from Government Sector. | | |

Sd/- Chief District Medical & PH Officer, Kandhamal
OIPR-10015/11/0035/1920

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
A GOVT. OF ODISHA UNDERTAKING
OPTCL Lifeline of Orissa
Office Of The Deputy General Manager (Electrical)
EHT (O&M) Division, Chatrapur, At-Puti-Gopalpur, Chatrapur, Dist-Ganjam (Odisha),Pincode-761020 CIN:U40102OR2004SGC007553
Advt. No. 04/2019-20 NOTICE INVITING TENDER
Sealed tenders are invited by the undersigned from the Electrical Contractors having valid License (MV) with I.T. PAN, GST Registration certificate etc. for "Electrical wiring of the control room, ACDC room, Battery room & other premises of 132/33KV Grid sub-station Balugaon under EHT (O&M) Division Chatrapur".Cost of Tender Paper : Rs.2000/- + GST@ 12% (Rs.2240/-), EMD @ 1% of estimated cost : Rs.4450/-, Sale of Tender documents : From Dt.17.03.2020 to Dt. 26.03.2020 up to 5.00PM on working days only. Last date of submission of tender: Dt. 27.03.2020 up to 1.00PM. Date of opening of tender: Dt. 27.03.2020 at 3.30PM For details please visit our web site : www.optcl.co.in. Corrigendum if any will be published in the web site only
Dy.General Manager, EHT(O&M) Div.

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିଃ.
ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧ ୦୦୧
No. LL-48:-
ସୂଚନା
ଏତଦ୍ୱାରା ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ ଗ୍ରାହକ ବନ୍ଧୁମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, YES Bank ରେ ଦେଖାଦେଇଥିବା ଅସୁବିଧା କାରଣରୁ ଭାରତୀୟ ରିଜର୍ଭ ବ୍ୟାଙ୍କ/ ଏନ୍.ପି.ସି.ଆଇ. ସାମୟିକ ସମୟ ପାଇଁ CTS Clearing କୁ ବନ୍ଦ କରିଦେଇଛନ୍ତି ଯାହାକି YES Bank ଦ୍ୱାରା କରାଯାଉଥିଲା । ଏହି ବନ୍ଦ ସାମୟିକ ସମୟ ପାଇଁ ହୋଇଥିବାରୁ, ଅନ୍ୟ ସୁନାମଧନ୍ୟ ବ୍ୟାଙ୍କ ମାଧ୍ୟମରେ ଏହାର ବିକଳ୍ପ ବ୍ୟବସ୍ଥା କରି ଗ୍ରାହକ ମାନଙ୍କୁ Clearing ସୁବିଧା ଯୋଗାଇଦେବା ପାଇଁ ଆମେ ଚେଷ୍ଟା ଜାରି ରଖିଛୁ ଏବଂ ଏହା ଖୁବ୍ ଶୀଘ୍ର ଉପଲବ୍ଧ ହୋଇଯିବ । ଏହି ବ୍ୟବସ୍ଥା ହେବା ପର୍ଯ୍ୟନ୍ତ, ଆମେ ଆମର ପ୍ରିୟ ଗ୍ରାହକ ବନ୍ଧୁମାନଙ୍କୁ ଆମ ବ୍ୟାଙ୍କରେ ଉପଲବ୍ଧ ନିଜସ୍ୱ NEFT / RTGS ଏବଂ IMPS ସେବା ବ୍ୟବସ୍ଥାର ଉପଯୋଗ କରି ଟଙ୍କା ସ୍ଥାନାନ୍ତର / ପ୍ରେରଣ କରିବାକୁ ଅନୁରୋଧ ।
ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଗ୍ରାହକ ମାନଙ୍କର ସମସ୍ତ ଜମାରାଶି ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ସମସ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ନିକଟରେ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛି । ଏହି ସାମୟିକ ଅସୁବିଧା ଅନିଚ୍ଛାକୃତ ଏବଂ ଏଥିପାଇଁ ଆମେ ଗଭୀର ଦୁଃଖିତ ।
ସ୍ୱା/- ସଭାପତି, ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ
OIPR-39012/11/0039/1920

WESCO UTILITY
Headquarters Office : At/Po- Burla, Dist.-Sambalpur-768017, Odisha Ph:0663-2430417
TENDER NOTICE
No- WESCO/WORKS/19-20/ 04 Date: 17.03.2020
For and on behalf of Administrator, WESCO Utility, sealed tenders on two part bidding system are invited from eligible bidders who comply with the terms and conditions laid down in tender documents for the following works.
"Shifting of HT & LT Lines and Conversion of Over Head Line to Underground System at Various Locations Under Sambalpur East Electrical Division on Semi-Turnkey basis."
The tender documents along with tender specifications, terms & Conditions may be downloaded from our website www.wescoodisha.com. The last date / time of submission of tender Documents is 08.04.2020 up to 13.00 Hour. The techno-commercial bid shall be opened on the same day at 16.00 Hour, at WEST BLOCK, Headquarters Office, WESCO Utility, Burla. Corrigendum, if any, pertaining to above tender will be up loaded in the said website. The prospective bidders are requested to visit our website regularly for latest updates.
Sd/- Gen. Manager (Works)

ନେସ୍କୋ ୟୁଟିଲିଟି
NESCO UTILITY
ମୁଖ୍ୟ କାର୍ଯ୍ୟାଳୟ, ଜାନୁଗଞ୍ଜ, ଜିଲ୍ଲା- ବାଲେଶ୍ୱର
ବିଦ୍ୟୁତ୍ ଗ୍ରାହକ ଧ୍ୟାନ ଦିଅନ୍ତୁ !
ଆପଣ ଯଦି ନିଜର ବିଦ୍ୟୁତ୍‌ବିଲ୍ ବକେୟା ରଖିଥାନ୍ତି, ତେବେ ତୁରନ୍ତ ସମସ୍ତ ବକେୟା ଦେୟ ପୈଠକରନ୍ତୁ ଏବଂ "ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ" (Disconnection) ଭଳି ଅପ୍ରୀତିକର ପରିସ୍ଥିତିକୁ ଏଡାଇଯାଆନ୍ତୁ ।
ଆମର ପରାମର୍ଶ
- ଆପଣଙ୍କ ବିଦ୍ୟୁତ୍‌ବିଲ୍‌ରେ କୌଣସି ତୃଟିଥିଲେ ତୁରନ୍ତ ନିକଟସ୍ଥ ନେସ୍କୋର ଜେ.ଇ/ଏସ୍‌ଡିଓଙ୍କୁ ଯୋଗାଯୋଗ କରି ଏହାକୁ ସୁଧାରିନିଅନ୍ତୁ ଏବଂ ସଂଶୋଧିତ ବିଲ୍‌ରାଶି ଅନୁଯାୟୀ ନିଜର ଦେୟ ଯଥାଶିଘ୍ର ପୈଠ କରନ୍ତୁ ।
- ଯଦି ଆପଣ ଏକକାଳୀନ ସମସ୍ତ ବକେୟା ପୈଠପାଇଁ ସମର୍ଥ ହୋଇପାରୁନାହାଁନ୍ତି, ତେବେ ସ୍ଥଳବିଶେଷରେ ବକେୟା ପରିମାଣ ଭିତ୍ତିରେ କିସ୍ତିରେ ପୈଠପାଇଁ ସ୍ଥାନୀୟ, ନେସ୍କୋ ଅଧିକାରୀଙ୍କ ଠାରୁ କିସ୍ତି ମଞ୍ଜୁର କରାଇ ନିଅନ୍ତୁ ଓ ତୁରନ୍ତ ପୈଠ କରନ୍ତୁ ।
- ବିଦ୍ୟୁତ୍‌ଦେୟ ବକେୟା ରଖିଥିବା ଖିଲାପି ଗ୍ରାହକମାନଙ୍କର ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ସ୍ୱତନ୍ତ୍ର **"ଡିସ୍‌କନେକସନ୍ ସ୍କ୍ୱାଡ୍"** ନିଯୁକ୍ତ କରାଯାଇଛି । ଯଦି ଆପଣ ଦେୟ ପୈଠ କରିସାରିଥାନ୍ତି, ତେବେ ଉକ୍ତ ସ୍କ୍ୱାଡ୍‌କୁ ଦେୟ-ପୈଠ ରସିଦ୍ (ମନି ରିସିପଟ୍) ଦେଖାନ୍ତୁ ।
- ବକେୟା ଦେୟ ନେସ୍କୋର ସେକ୍‌ସନ୍/ସବ୍‌ଡିଭିଜନ୍ କାର୍ଯ୍ୟାଳୟ, ବିଲ୍ ଆଦାୟକେନ୍ଦ୍ର, ଅଧିକୃତ ଆଦାୟକାରୀଙ୍କ ଠାରେ ଅଥବା ଆମର ୱେବ୍‌ସାଇଟ www.nescoodisha.com ମାଧ୍ୟମରେ ଅନ୍‌ଲାଇନ୍ ପୈଠ କରିପାରିବେ ।
ସ୍ୱା/- କ୍ଷମତା ପ୍ରାପ୍ତ ଅଧିକାରୀ, ନେସ୍କୋ ୟୁଟିଲିଟି, ବାଲେଶ୍ୱର

“ ରୋହିତ ଶର୍ମା ହେଉଛନ୍ତି ଏକମାତ୍ର ଖେଳାଳି, ଯାହାଙ୍କ ନିକଟରେ ଟି୨୦ ଫର୍ମାଟରେ ଦ୍ୱିଶତକ ହାସଲ କରିବା ସାମର୍ଥ୍ୟ ରହିଛି ।

–ବ୍ରାଡ୍ ହଗ୍, ପୂର୍ବତନ ଅଷ୍ଟ୍ରେଲୀୟ ସ୍ପିନର



“ ଯଦି ମୁଁ ସାବଧାନତା ଅବଲମ୍ବନ କରିଥାନ୍ତି ହୁଏତ କରୋନା ଭାଇରସ୍ ସଂକ୍ରମଣରୁ ନିଜକୁ ରକ୍ଷା କରିପାରିଥାନ୍ତି ।

–ରୁଡି ଗୋବର୍ଟ, ଏନ୍‌ବିଏ ବାସ୍କେଟବଲ ଖେଳାଳି



## ସଂକ୍ଷେପରେ

### ଆଇପିଏଲ୍ କ୍ୟାମ୍ପ ସ୍ଥଗିତ

**ନୂଆଦିଲ୍ଲୀ, ୧୬।୩ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୮ ଫ୍ରାଞ୍ଚାଇଜ୍ ସେମାନଙ୍କ ପ୍ରି-ଟୁର୍ନାମେଣ୍ଟ କ୍ୟାମ୍ପକୁ ସ୍ଥଗିତ କରିଛନ୍ତି। କରୋନା ଭାଇରସ୍ ଆଶଙ୍କା ଲାଗି ବ୍ୟୟବହୁଳ ଇଭେଣ୍ଟକୁ ମାର୍ଚ୍ଚ ୨୯ରୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯିବାର ୩ ଦିନ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଟ୍ରେନିଂ କ୍ୟାମ୍ପ ପୁଣି କେବେଠାରୁ ହେବ ତାହା ପରେ ଖେଳାଳିମାନଙ୍କୁ ଜଣାଇ ଦିଆଯିବ। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ସୋମବାର ସେମାନଙ୍କ କ୍ୟାମ୍ପ ସ୍ଥଗିତ ଘୋଷଣା କରିଛନ୍ତି। ଏହା ମାର୍ଚ୍ଚ ୨୧ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିଲା। ୩ ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ, ଚେନ୍ନାଇ ସୁପର କିଙ୍ଗ୍ସ ଏବଂ କୋଲକାତା ନାଇଟ ରାଇଡର୍ସ ଇତିମଧ୍ୟରେ ସେମାନଙ୍କ କ୍ୟାମ୍ପ ବାତିଲ କରିସାରିଛନ୍ତି। କରୋନା ଭାଇରସ ଆତଙ୍କ ଯୋଗୁ ସରକାରଙ୍କ ଦ୍ୱାରା ଯାତାୟତରେ କଟକଣା ଜାରି କରିବା ସହ ତିନୋଟି ରାଜ୍ୟ ବର୍ତ୍ତମାନ ପରିସ୍ଥିତିରେ ଆଇପିଏଲ୍ ଆୟୋଜନ କରିବା ଲାଗି ରାଜି ନ ହେବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶୁକ୍ରବାର ଆଇପିଏଲ୍‌କୁ ସସ୍‌ପେଣ୍ଡ କରିଥିଲା। ମହେନ୍ଦ୍ର ସିଂ ଧୋନୀ ସହର ଛାଡ଼ି ଚାଲିଯିବା ପରେ ୩ଥର ବିଜେତା ଚେନ୍ନାଇ ସୁପର କିଙ୍ଗ୍ସ ଶନିବାର ଏହାର କ୍ୟାମ୍ପକୁ ସସ୍‌ପେଣ୍ଡ କରିଛି। ପରିସ୍ଥିତିରେ ଯଦି ଉନ୍ନତି ଘଟେ ତେବେ ଏପ୍ରିଲ ୧୫ରେ ଆଇପିଏଲ ଆରମ୍ଭ ହେବ।

### ପି.କେ. ବାନାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

**କୋଲକାତା, ୧୬।୩ (ପି.ଟି.):** କିମ୍ବଦନ୍ତୀ ଭାରତୀୟ ଫୁଟ୍‌ବଲର ତଥା ଦୁଇଥର ଅଲିମ୍ପିଆନ୍ ପି.କେ. ବାନାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ତାଙ୍କ ପରିବାର ସୂତ୍ରରୁ ପ୍ରକାଶ। ପଶ୍ଚିମବଙ୍ଗ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ଅରୂପ ବୋଷ୍ ନର୍ସିଂ ହୋମ୍‌କୁ ଯାଇ ଅସୁସ୍ଥ ଥିବା ପୂର୍ବତନ ଭାରତ ଅଧିନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ୮୩ ବର୍ଷୀୟ ବାନାର୍ଜୀ ପାର୍କିନସନ ରୋଗରେ ପୀଡ଼ିତ। ପୁନଶ୍ଚ ନିମୋନିଆ ଯୋଗୁ ତାଙ୍କ ଶ୍ୱାସ ପ୍ରକ୍ରିୟାରେ ସମସ୍ୟା ଦେଖା ଦେଇଛି। ମାର୍ଚ୍ଚ ୨ ତାରିଖରୁ ସେ ଲାଇଫ୍ ସପୋର୍ଟରେ ରହିଛନ୍ତି।

### ପ୍ଲଙ୍କେଟ ଶିଲ୍ଡ ଟୁର୍ନାମେଣ୍ଟ : ୱେଲିଂଟନ ଚାମ୍ପିୟନ

**ଅକ୍‌ଲାଣ୍ଡ, ୧୬।୩:** କରୋନା ଭାଇରସ ଭୟାବହ ଯୋଗୁ ବହୁ ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟ ବାତିଲ କିମ୍ବା ସ୍ଥଗିତ ହୋଇସାରିଛି। ଏହି ଧାରାରେ ଯୋଡ଼ି ହୋଇଛି ନ୍ୟୁଜିଲାଣ୍ଡର ପ୍ରଥମଶ୍ରେଣୀ କ୍ରିକେଟ ଟୁର୍ନାମେଣ୍ଟ ପ୍ଲଙ୍କେଟ ଶିଲ୍ଡ। ଇଭେଣ୍ଟର ଅନ୍ତିମ ଦୁଇ ରାଉଣ୍ଡ ମ୍ୟାଚ ବାତିଲ କରିଦିଆଯାଇଛି। ଏଥିସହ ୱେଲିଂଟନ ଦଳକୁ ୨୦୧୯-୨୦ ସିଜନର ଚାମ୍ପିୟନ ଘୋଷଣା କରାଯାଇଛି। ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍‌ସି) କାର୍ଯ୍ୟକାରୀ ମୁଖ୍ୟ ଡେଭିଡ ହ୍ୱାଇଟ୍ ମେଡିକାଲ ଦଳର ପରାମର୍ଶ କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କହିଛନ୍ତି। ୱେଲିଂଟନ ଦଳ ପଏଣ୍ଟ ତାଲିକାରେ ଦ୍ୱିତୀୟ ସ୍ଥାନରେ ଥିବା ଦଳଠାରୁ ୨୬ ପଏଣ୍ଟ ଆଗରେ ଥିଲା। ଏଣୁ ଦଳକୁ ଚାମ୍ପିୟନ ଘୋଷଣା କରାଯାଇଛି। ନ୍ୟୁଜିଲାଣ୍ଡ କ୍ରିକେଟ ପରିବାର ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଜନିତ ସୁରକ୍ଷା ଲାଗି ଇଭେଣ୍ଟର ବଳକା ମ୍ୟାଚ୍ ବାତିଲ କରାଯାଇଛି। ଏହି ଭାଇରସକୁ ଗୁରୁତ୍ୱର ସହ ନେବାକୁ ମେଡିକାଲ ଟିମ୍ ପରାମର୍ଶ ଦେଇଛି ବୋଲି ହ୍ୱାଇଟ୍ କହିଛନ୍ତି।

# ହକି ପ୍ରୋ ଲିଗ୍‌ର ୧୨ ମ୍ୟାଚ ସ୍ଥଗିତ

**ଭୁବନେଶ୍ୱର, ୧୬।୩ (କ୍ରୀଡ଼ା ପ୍ରତିନିଧି)**



କରୋନା ଭାଇରସ ପ୍ରଭାବରେ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଗୁରୁତର ପ୍ରଭାବିତ ହୋଇଛି। ଜାନୁୟାରୀ ୧୮ରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରୁ ଆରମ୍ଭ ହୋଇଥିବା ଏହି ଲିଗ୍ ବିଶ୍ୱର ବିଭିନ୍ନ ସ୍ଥାନରେ ଆୟୋଜିତ ହେବାପରେ ଏଥିରେ ବ୍ରେକ୍ ଲଗାଇଛି କରୋନା ଆତଙ୍କ। ରବିବାର ସ୍ପେନର ଭାଲେନ୍ସିଆଠାରେ ହେବାକୁଥିବା ସ୍ପେନ-ଅଷ୍ଟ୍ରେଲିଆ ମ୍ୟାଚ ସ୍ଥଗିତ ରଖାଯାଇଛି। ଶନିବାର ଏଠାରେ ଏହି ଦୁଇ ଦେଶ ମଧ୍ୟରେ ହେବାକୁଥିବା ମ୍ୟାଚକୁ ମଧ୍ୟ ସ୍ଥଗିତ ରଖାଯାଇଥିଲା। ମାର୍ଚ୍ଚ ୧୪ରୁ ୨୯ ପର୍ଯ୍ୟନ୍ତ ଖେଳାଯିବାକୁଥିବା ୧୨ ମ୍ୟାଚକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖା ଯାଇଛି।

ପରିସ୍ଥିତିକୁ ଦୃଷ୍ଟିରେ ରଖି ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ସମସ୍ତ ମ୍ୟାଚ ସ୍ଥଗିତ ରଖିବାକୁ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ୍) ନିଷ୍ପତ୍ତି ନେଇଛି। ଫଳରେ ଜର୍ମାନୀ-ବେଲଜିୟମ (ମାର୍ଚ୍ଚ-୧୯, ମନଚେସଗ୍ଲାଡ୍‌ବ୍ୟାକ୍), ନେଦରଲାଣ୍ଡ୍ସ-ନ୍ୟୁଜିଲାଣ୍ଡ(ମାର୍ଚ୍ଚ-୨୦, ରୋଟରଡାମ), ଜର୍ମାନୀ-ଅଷ୍ଟ୍ରେଲିଆ (ମାର୍ଚ୍ଚ-୨୧ ଓ ୨୨, ମନଚେନଗ୍ଲାଡବ୍ୟାକ୍), ନେଦରଲାଣ୍ଡ୍ସ-ନ୍ୟୁଜିଲାଣ୍ଡ (ମାର୍ଚ୍ଚ-୨୨, ରୋଟରଡାମ), ଜର୍ମାନୀ-ବେଲଜିୟମ (ମାର୍ଚ୍ଚ-୨୬, ହାମବର୍ଗ), ନେଦରଲାଣ୍ଡ୍ସ-ଅଷ୍ଟ୍ରେଲିଆ (ମାର୍ଚ୍ଚ-୨୭, ଏସ-ହର୍ଟଗେନବୋଶ୍ଚ), ଜର୍ମାନୀ-ନ୍ୟୁଜିଲାଣ୍ଡ(ମାର୍ଚ୍ଚ-୨୮ ଓ ୨୯, ହାମବର୍ଗ), ନେଦରଲାଣ୍ଡ୍ସ-ଅଷ୍ଟ୍ରେଲିଆ (ମାର୍ଚ୍ଚ-୨୯, ଏସ-ହର୍ଟଗେନବୋଶ୍ଚ) ଆଦି ୧୨ଟି ମ୍ୟାଚ ପ୍ରଭାବିତ ହୋଇଛି। ପ୍ରୋ ଲିଗ୍‌ର ପରବର୍ତ୍ତୀ ପର୍ଯ୍ୟାୟ ଏପ୍ରିଲ ୨୫ରୁ ବର୍ଲିନରେ ଆରମ୍ଭ ହେବାର କାର୍ଯ୍ୟସୂଚୀ ରହିଛି। ଏପ୍ରିଲ ୨୫ ଓ ୨୬ରେ ଭାରତ ବର୍ଲିନଠାରେ ଜର୍ମାନୀକୁ ଭେଟିବା କାର୍ଯ୍ୟକ୍ରମ ରହିଛି। ତେବେ ଏହି ମ୍ୟାଚ ହେବ କି ନାହିଁ ଏବଂ ସ୍ଥଗିତ ମ୍ୟାଚଗୁଡ଼ିକ କେବେ ଖେଳାଯିବ କିମ୍ବା ଏ ସମ୍ପର୍କରେ କ'ଣ ନିଷ୍ପତ୍ତି ନିଆଯିବ ତାହା ପରେ ଧାର୍ଯ୍ୟ ହେବ।

ପ୍ରୋ ଲିଗ୍‌ରେ ମାର୍ଚ୍ଚ ୭ ସୁଦ୍ଧା ମୋଟ ୨୮ଟି ମ୍ୟାଚ ଖେଳାଯାଇଛି। ଏଥିରେ ବିଶ୍ୱ ଚାମ୍ପିୟନ ବେଲଜିୟମ ୬ଟି ମ୍ୟାଚ ଖେଳି ୪ ବିଜୟ, ୧ ଶୁଟ୍‌ଆଉଟ ବିଜୟ ଓ ୧ ପରାଜୟ ସହ ୧୪ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ପ୍ରଥମ ସଂସ୍କରଣର ଚାମ୍ପିୟନ ଅଷ୍ଟ୍ରେଲିଆ ୮ ମ୍ୟାଚ ଖେଳିସାରିଥିବାବେଳେ ୩ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୩ ଶୁଟ୍‌ଆଉଟ ପରାଜୟ ଓ ୧ ପରାଜୟ ସହିତ ୧୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ନେଦରଲାଣ୍ଡ୍ସ ୬ ମ୍ୟାଚରୁ ୨ ବିଜୟ, ୨ ଶୁଟ୍‌ଆଉଟ ବିଜୟ, ୧ ଶୁଟ୍‌ଆଉଟ ପରାଜୟ ଓ ୧ ପରାଜୟ ସହିତ ୧୧ ଏବଂ ଭାରତ ୬ ମ୍ୟାଚରୁ ୨ ବିଜୟ, ୨ ଶୁଟ୍‌ଆଉଟ ବିଜୟ ଓ ୨ ପରାଜୟ ସହିତ ୧୦ ପଏଣ୍ଟ ପାଇ ଯଥାକ୍ରମେ ତୃତୀୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି।

ଜାନୁୟାରୀ ୧୮ରେ କଳିଙ୍ଗ ଷ୍ଟାଡିୟମରେ ନେଦରଲାଣ୍ଡ୍ସକୁ ୫-୨ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ୧୯ ତାରିଖ ଦ୍ୱିତୀୟ ମ୍ୟାଚରେ ଶୁଟ୍‌ଆଉଟ୍ ୩-୧ ଗୋଲରେ ନେଦରଲାଣ୍ଡ୍ସକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୩-୩ ଗୋଲରେ ଶେଷ ହୋଇଥିଲା। ଫେବୃୟାରୀ ୮ରେ କଳିଙ୍ଗରେ ଭାରତ ୨-୧ ଗୋଲରେ ବେଲଜିୟମକୁ ହରାଇ ଦେଇଥିଲା। ମାତ୍ର ୯ ତାରିଖରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ବେଲଜିୟମଠାରୁ ଦଳ ୨-୩ ଗୋଲରେ ପରାଜିତ ହୋଇଥିଲା। ଫେବୃୟାରୀ ୨୧ରେ ସେହି କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଭାରତ ୩-୪ ଗୋଲରେ ଅଷ୍ଟ୍ରେଲିଆଠାରୁ ହାରିଯାଇଥିଲା। ତେବେ ୨୨ ତାରିଖରେ ଅନୁଷ୍ଠିତ ୨ୟ ମ୍ୟାଚରେ ଭାରତ ଶୁଟ୍‌ଆଉଟ ୩-୧ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଗୋଲରେ ଶେଷ ହୋଇଥିଲା।

ପ୍ରୋ ଲିଗ୍ ମ୍ୟାଚ ପ୍ରଭାବିତ ହେବାଦ୍ୱାରା ବିଭିନ୍ନ ଦଳର ଅଲିମ୍ପିକ୍ ପ୍ରସ୍ତୁତିରେ ବାଧା ସୃଷ୍ଟି ହୋଇଛି। ଅଲିମ୍ପିକ୍ସ ନିର୍ଦ୍ଧାରିତ ସମୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଉଥିଲେ ହେଁ ବର୍ତ୍ତମାନ ପରିସ୍ଥିତିରେ ଏହା ଉପରେ ଆଶଙ୍କାର ବାଦଲ ଘୋଟି ରହିଛି।

**ପଏଣ୍ଟ ଟେବୁଲ**

| ଦଳ | ଖେଳିଛି | ଜିତିଛି | ଶୁ.ବିଜୟ | ଶୁ.ପରାଜୟ | ପରାଜୟ | ପଏଣ୍ଟ |
|---|---|---|---|---|---|---|
| ବେଲଜିୟମ | ୬ | ୪ | ୧ | ୦ | ୧ | ୧୪ |
| ଅଷ୍ଟ୍ରେଲିଆ | ୮ | ୩ | ୧ | ୩ | ୧ | ୧୪ |
| ନେଦରଲାଣ୍ଡ୍ସ | ୬ | ୨ | ୨ | ୧ | ୧ | ୧୧ |
| ଭାରତ | ୬ | ୨ | ୨ | ୦ | ୨ | ୧୦ |
| ଆର୍ଜେଣ୍ଟିନା | ୮ | ୨ | ୧ | ୨ | ୩ | ୧୦ |
| ନ୍ୟୁଜିଲାଣ୍ଡ | ୮ | ୨ | ୧ | ୦ | ୫ | ୮ |
| ସ୍ପେନ | ୮ | ୨ | ୦ | ୧ | ୫ | ୭ |
| ଜର୍ମାନୀ | ୨ | ୧ | ୧ | ୦ | ୦ | ୫ |
| ଗ୍ରେଟ ବ୍ରିଟେନ | ୪ | ୧ | ୦ | ୨ | ୧ | ୫ |

## ଜର୍ମାନୀରେ ଫସିଲେ ବିଶ୍ୱନାଥନ



**ନୂଆଦିଲ୍ଲୀ, ୧୬।୩**

କରୋନା ପ୍ରକୋପ ଯୋଗୁ ବିଶ୍ୱର ସମସ୍ତ କ୍ରୀଡ଼ା ଇଭେଣ୍ଟ ପ୍ରଭାବିତ ହୋଇଛି। ଏଥିରୁ ଚେସ୍ କ୍ରୀଡ଼ା ମଧ୍ୟ ବର୍ତ୍ତି ପାରିନାହିଁ। ବୁଣ୍ଡେସଲିଗା ଚେସ ଲିଗ୍ ବାତିଲ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଜର୍ମାନୀ ଯାଇଥିବା ପାଞ୍ଚ ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ସେଠାରେ ଫସି ରହିଛନ୍ତି। ତାଙ୍କର ସୋମବାର ଜର୍ମାନୀରୁ ଚେନ୍ନାଇ ଫେରିବାର ଥିଲା। କିନ୍ତୁ ଭାଇରସ ଯୋଗୁ ବିଶ୍ୱନାଥଙ୍କୁ ଜର୍ମାନୀରେ ଅଟକିବାକୁ ପଡ଼ିଛି। ୫୦ ବର୍ଷୀୟ ଆନନ୍ଦ ଫ୍ରାଙ୍କଫର୍ଟ ନିକଟରେ ରହିଛନ୍ତି ବୋଲି ସ୍ତ୍ରୀ ଅରୁଣା କହିଛନ୍ତି। ଚେସ୍ ଆଇକନ ଏବେ ନିଜକୁ ଅନ୍ୟମାନଙ୍କଠାରୁ ଦୂରେଇ ରଖିବେ। ଏହି ସମୟରେ ସେ ରୁଷିଆର ଏକାଟେରିନବର୍ଗଠାରେ ଫିଡେ କ୍ୟାଣ୍ଡିଡେଟ୍ ଟୁର୍ନାମେଣ୍ଟରେ କମେଣ୍ଟ୍ରି କରିବେ। ଏଥିଯୋଗୁ ସେ ବ୍ୟସ୍ତ ରହିବେ। ତାଙ୍କ ଫେରିବା ଯୋଜନା ସମ୍ପର୍କରେ କିଛି ସ୍ପଷ୍ଟ ଜଣାନାହିଁ। ମାତ୍ର ଚଳିତ ମାସ ଶେଷ ଭାଗରେ ସେ ଫେରିପାରନ୍ତି ବୋଲି ତାଙ୍କ ସ୍ତ୍ରୀ ଅରୁଣା କହିଛନ୍ତି। ପରିସ୍ଥିତି ସାଂଘାତିକ। କିନ୍ତୁ ଆମେ ଯୋଗାଯୋଗରେ ଅଛୁ ବୋଲି ସେ କହିଛନ୍ତି।

## ଅଲିମ୍ପିକ୍ସ ଟ୍ରାଏଲ୍‌ରେ ଭାଗନେଲେ ଭାରତୀୟ ଶୁଟର

**ନୂଆଦିଲ୍ଲୀ, ୧୬।୩ (ପି.ଟି.):** କରୋନା ଭାଇରସ୍ ସଂକ୍ରମଣ ଆଶଙ୍କା ସମଗ୍ର ବିଶ୍ୱରେ ଜୀବନଯାତ୍ରା ଉପରେ ପ୍ରଭାବ ପକାଇଥିବା ବେଳେ ଭାରତର ଟପ୍ ଶୁଟରମାନେ ସୋମବାର ଅଲିମ୍ପିକ ସିଲେକ୍ସନ ଟ୍ରାଏଲ୍‌ରେ ଅଂଶଗ୍ରହଣ କରିଛନ୍ତି। ସ୍ଥାନୀୟ କାର୍ଣ୍ଣି ସିଂ ଶୁଟିଂ ରେଞ୍ଜ୍‌ରେ ମନୁ ଭାକର, ଚିଙ୍କି ଯାଦବ, ଅପୂର୍ବି ଚାଣ୍ଡେଲା, ମେହୁଲି ଘୋଷ ଏବଂ ଇଲାଭେନିଲ ଭାଲାରିଭାନଙ୍କ ସମେତ ବହୁ ଶୁଟର ସେମାନଙ୍କ ପିସ୍ତଲ ଓ ରାଇଫଲ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। କରୋନା ଭାଇରସ କାରଣରୁ ଭାରତ ଗତ ମାସରେ ଅନୁଷ୍ଠିତ ନିକୋସିଆ ଶଟ୍‌ଗନ୍ ୱାର୍ଲ୍ଡ କପ୍‌ରୁ ଓହରିଯାଇଥିଲା। ପରେ ଦିଲ୍ଲୀରେ ମାର୍ଚ୍ଚ ୧୫ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌କୁ ମେ ମାସ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଯେଉଁମାନେ ଉପରୋକ୍ତ ଦୁଇ ବିଶ୍ୱକପ୍‌ରେ ଭାଗ ନେବାଲାଗି ମନୋନୀତ ହୋଇଥିଲେ, ସେମାନେ ଫାଇନାଲ ଟ୍ରାଏଲ୍‌ରେ ଭାଗ ନେଇଥିଲେ।



କରୋନା ଭାଇରସ ପ୍ରଭାବ: ବାଂଲାଦେଶରେ ଅନୁଷ୍ଠିତ ଏକ କ୍ରିକେଟ ମ୍ୟାଚ୍ ଅବସରରେ ମହମ୍ମଦୁଲ୍ଲା କରମର୍ଦ୍ଦନ ବଦଳରେ ସାଥୀ ଖେଳାଳିଙ୍କ ସହ କହୁଣି ମିଶାଇ ଖୁସି ମନାଉଛନ୍ତି।

## ଫୁଟ୍‌ବଲ ଭାଷ୍ୟକାରଙ୍କ ଚିକିତ୍ସା ଲାଗି କ୍ରୀଡ଼ାମନ୍ତ୍ରୀଙ୍କ ସହାୟତା

**ନୂଆଦିଲ୍ଲୀ, ୧୬।୩ (ପି.ଟି.):** ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଇ ଗତି କରୁଥିବା ଫୁଟ୍‌ବଲ ଭାଷ୍ୟକାର ତଥା ଐତିହାସିକ ନୋଭି କାପାଡିଆଙ୍କ ଚିକିତ୍ସା ଖର୍ଚ୍ଚ ଲାଗି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ସହାୟତାର ହାତ ବଢ଼ାଇଛନ୍ତି। କାପାଡିଆ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ୪ ଦଶନ୍ଧି କରି ଚାକିରି କରିଥିଲେ ମଧ୍ୟ ତାଙ୍କ ପେନସନ୍ ଫଣ୍ଡ କ୍ଲିୟର ହୋଇପାରି ନ ଥିଲା। 'ଦଶନ୍ଧି ଧରି ନୋଭି କାପାଡିଆ ଭାରତୀୟ କ୍ରୀଡ଼ାକୁ ନିଜର ଅବଦାନ ଦେଇଛନ୍ତି। ଯେତେବେଳେ ମୁଁ ଜାଣିଲି କି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ତାଙ୍କ ପେନସନ୍ ପଡ଼ିରହିଛି ଏବଂ ସେ ଏକ ବିରଳ ସ୍ୱାସ୍ଥ୍ୟା ସମସ୍ୟା ଦେଇ ଗତି କରୁଛନ୍ତି ସେତେବେଳେ ଆମେ ନିଷ୍ପତ୍ତି ନେଲୁ କି ତାଙ୍କୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବୁ। ପେନସନ୍ କିଭଳି ଶୀଘ୍ର କ୍ଲିୟର ହେବ କେନ୍ଦ୍ର ମାନବ ସମ୍ବଳ ବିକାଶ ବିଭାଗ ସହିତ ଯୋଗାଯୋଗ କରିଛୁ' ବୋଲି ରିଜିଜୁ କହିଛନ୍ତି। କ୍ରୀଡ଼ାବିତ୍‌ଙ୍କ ଲାଗି ଉଦ୍ଦିଷ୍ଟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜାତୀୟ କଲ୍ୟାଣ ପାଣ୍ଠିରୁ କାପାଡିଆଙ୍କୁ ୪ ଲକ୍ଷ ଟଙ୍କା ସହାୟତା ଦିଆଯାଇଛି।

## ଜାତୀୟ ହକି ପାଇଁ ନୂଆ କାର୍ଯ୍ୟସୂଚୀ



**ନୂଆଦିଲ୍ଲୀ, ୧୬।୩:** କରୋନା ଭାଇରସ ସଂକ୍ରମଣଜନିତ ଗମ୍ଭୀର ପରିସ୍ଥିତିକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ପକ୍ଷରୁ ଏପ୍ରିଲ ୧୦ରୁ ବିଭିନ୍ନ ଭେନ୍ୟୁରେ ଆରମ୍ଭ ହେବାକୁଥିବା ଜାତୀୟ ଚାମ୍ପିୟନଶିପ୍ (ଜୁନିୟର ଓ ସବ୍‌ଜୁନିୟର, ମହିଳା/ପୁରୁଷ)କୁ ସ୍ଥଗିତ ରଖାଯାଇଛି। ସୋମବାର ହକି ଇଣ୍ଡିଆ କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ ବସି ଏହି ନିଷ୍ପତ୍ତି ହୋଇଛି। ବିଭିନ୍ନ ଟୁର୍ନାମେଣ୍ଟ ପାଇଁ ନୂଆ କାର୍ଯ୍ୟସୂଚୀ ଘୋଷିତ ହୋଇଛି। ତେବେ ହକି ଇଣ୍ଡିଆ ସେତେବେଳେ ଦେଶରେ କରୋନା ସ୍ଥିତିକୁ ଅନୁଧ୍ୟାନ କରିବାପରେ ଖେଳାଳିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଯାହା ନିଷ୍ପତ୍ତି ନେବ ବୋଲି କୁହାଯାଇଛି।

HOCKEY INDIA

"ଖେଳାଳିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ଜୁନିୟର ଓ ସବ୍‌ଜୁନିୟର ସ୍ତରରେ ହେବାକୁଥିବା ସମସ୍ତ ମହିଳା ଓ ପୁରୁଷ ବିଭାଗ ଟୁର୍ନାମେଣ୍ଟକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିଛି। ଯଦିଓ ଏଥିପାଇଁ ନୂଆ ତାରିଖ ଘୋଷଣା ହୋଇଛି ତେବେ କ୍ରମାଗତଭାବେ କରୋନା ସଂକ୍ରମଣ ଜନିତ ପ୍ରଭାବକୁ ଅନୁଧ୍ୟାନ କରାଯାଇ ଟୁର୍ନାମେଣ୍ଟ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଟୁର୍ନାମେଣ୍ଟ ଗୁଡ଼ିକ ଆୟୋଜନ କରିବାକୁ ଯାଉଥିବା ସଦସ୍ୟ ୟୁନିଟ ଗୁଡ଼ିକ ସହଯୋଗ କରୁଥିବାରୁ ଧନ୍ୟବାଦ। ବର୍ତ୍ତମାନ ପାଇଁ ଟୁର୍ନାମେଣ୍ଟ ସ୍ଥଗିତ ରଖିବା ସପକ୍ଷରେ ସମସ୍ତେ ରହିଛନ୍ତି" ବୋଲି ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ ଅହମ୍ମଦ ପ୍ରକାଶ କରିଛନ୍ତି।

### ସ୍ଥଗିତ ଟୁର୍ନାମେଣ୍ଟ ଏବଂ ନୂଆ କାର୍ଯ୍ୟସୂଚୀ

୧- ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍ (ଡିଭିଜନ-ବି) ଝାଡ଼ଖଣ୍ଡର ରାଞ୍ଚିଠାରେ ଏପ୍ରିଲ ୧୦ରୁ ୨୦ ପର୍ଯ୍ୟନ୍ତ ହେବାର ଥିଲା। ନୂଆ କାର୍ଯ୍ୟସୂଚୀ ଅନୁସାରେ ଏହା ଏପ୍ରିଲ ୨୯ରୁ ମେ ୯ ପର୍ଯ୍ୟନ୍ତ ଆୟୋଜିତ ହେବ।

୨- ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍(ଡିଭିଜନ-ବି) ଚେନ୍ନାଇଠାରେ ଏପ୍ରିଲ ୧୫ରୁ ୨୬ ପର୍ଯ୍ୟନ୍ତ ହେବାର ଥିଲା। ଏବେ ଏହା ମେ ୧୪ରୁ ୨୧ ପର୍ଯ୍ୟନ୍ତ ଆୟୋଜିତ ହେବ।

୩- ଜାତୀୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍ (ଡିଭିଜନ-ବି) ହରିୟାଣାର ହିସାରଠାରେ ଏହା ଏପ୍ରିଲ ୧୩ରୁ ୨୪ ପର୍ଯ୍ୟନ୍ତ ହୋଇଥାନ୍ତା। ଏବେ ଏହା ମେ ୩ରୁ ୧୪ ପର୍ଯ୍ୟନ୍ତ ହେବ।

୪- ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍(ଡିଭିଜନ-ଏ) ଚେନ୍ନାଇଠାରେ ଏପ୍ରିଲ ୧୦ରୁ ୧୭ ପର୍ଯ୍ୟନ୍ତ ହେବାର ଥିଲା। ଏବେ ଏହା ମେ ୧୯ରୁ ୩୦ ପର୍ଯ୍ୟନ୍ତ ଆୟୋଜିତ ହେବ।

୫- ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍(ଡିଭିଜନ-ଏ) ରାଞ୍ଚିଠାରେ ଏପ୍ରିଲ ୧୮ରୁ ୨୮ ପର୍ଯ୍ୟନ୍ତ ହେବାର ଥିଲା। ପରବର୍ତ୍ତୀ କାର୍ଯ୍ୟସୂଚୀ ଅନୁସାରେ ମେ ୭ରୁ ୧୭ ପର୍ଯ୍ୟନ୍ତ ଆୟୋଜିତ ହେବ।

୬- ଜାତୀୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍(ଡିଭିଜନ-ଏ) ହରିୟାଣାର ହିସାରଠାରେ ଏପ୍ରିଲ ୨୨ରୁ ମେ ୩ ପର୍ଯ୍ୟନ୍ତ ହେବାର ଥିଲା। ପରବର୍ତ୍ତୀ କାର୍ଯ୍ୟସୂଚୀ ଅନୁସାରେ ମେ ୧୨ରୁ ଜୁନ ୨୩ ପର୍ଯ୍ୟନ୍ତ ଆୟୋଜିତ ହେବ।

୭- ଜାତୀୟ ସବ୍‌ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍(ଡିଭିଜନ-ବି) ମଣିପୁରର ଇମ୍ଫାଲଠାରେ ଏପ୍ରିଲ ୨୬ରୁ ମେ ୩ ପର୍ଯ୍ୟନ୍ତ ହେବାର ଥିଲା। ଏବେ ଏହା ମେ ୨୮ରୁ ଜୁନ ୪ ପର୍ଯ୍ୟନ୍ତ ଆୟୋଜିତ ହେବ।

୮- ଜାତୀୟ ସବ୍‌ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍(ଡିଭିଜନ-ଏ) ମଣିପୁରର ଇମ୍ଫାଲଠାରେ ମେ ୭ରୁ ୧୭ ପର୍ଯ୍ୟନ୍ତ ହେବାର ଥିଲା। ଏବେ ଏହା ଜୁନ ୩ରୁ ୧୩ ପର୍ଯ୍ୟନ୍ତ ଆୟୋଜିତ ହେବ।

## କରୋନା ଭୟ ସତ୍ତ୍ୱେ ଅଲିମ୍ପିକ୍ସ ବକ୍ସିଂ କ୍ୱାଲିଫାୟର ଚାଲିଛି

**ଲଣ୍ଡନ, ୧୬।୩ (ଏଏଫପି):** କରୋନା ଭାଇରସ୍ ଭୟ ସତ୍ତ୍ୱେ ୟୁରୋପ୍ ଫାଇଟରମାନଙ୍କ ଲାଗି ବକ୍ସିଂ କ୍ୱାଲିଫାୟର୍ସ ଲଣ୍ଡନଠାରେ ଯଥାରୀତି ଚାଲିଛି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ବକ୍ସିଂ ଟାସ୍କ ଫୋର୍ସର ନିର୍ଦ୍ଦେଶକ୍ରମେ ଅବଶ୍ୟ ସୋମବାରଠାରୁ ଏହା ରୁଦ୍ଧଦ୍ୱାର ମଧ୍ୟରେ ଅନୁଷ୍ଠିତ ହେଉଛି। କରୋନା ଭାଇରସ୍ ସଂକ୍ରମଣ ଭୟରେ ବିଶ୍ୱବ୍ୟାପୀ ପ୍ରାୟ ଅଧିକାଂଶ କ୍ରୀଡ଼ା ପ୍ରତିଯୋଗିତାକୁ ବର୍ତ୍ତମାନ ପାଇଁ ସସ୍‌ପେଣ୍ଡ କରାଯାଇଛି। କିନ୍ତୁ ଏଠାରେ ଅଲିମ୍ପିକ୍ସ ବକ୍ସିଂ କ୍ୱାଲିଫାୟର 'ଦି ବକ୍ସିଂ ରୋଡ୍ ଟୁ ଟୋକିଓ' ଶନିବାରଠାରୁ ଆରମ୍ଭ ହୋଇଛି। ଏହା ମାର୍ଚ୍ଚ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। କୁପର ବକ୍ସ ଆରେନାରେ ପ୍ରଥମ ଦୁଇ ଦିନ ଏହାର ଦର୍ଶକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ୟୁରୋପର ୧୨ଟି ଦେଶରୁ ପ୍ରାୟ ୩୫୦ ମହିଳା ଓ ପୁରୁଷ ଦର୍ଶକ ଭାଗ ନେଇଛନ୍ତି। ୨୦୨୦ ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିବା କ୍ଷେତ୍ରରେ ୟୁରୋପ ବକ୍ସରମାନଙ୍କ ଲାଗି ଏହା ପ୍ରଥମ ସୁଯୋଗ। ୟୁରୋପିଆନ ବକ୍ସିଂ କନଫେଡେରେଶନ (ଇୟୁବିସି) ସଭାପତି ଫ୍ରାଙ୍କୋ ସଭାପତି ଫାଲସିନେଲି କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ କୌଣସି ପ୍ରତିଯୋଗିତା ଆୟୋଜନ କରିବା ବଡ଼ ରିସ୍କ। ଜଣେ ବକ୍ସର ଭାଇରସ ଦ୍ୱାରା ସଂକ୍ରମିତ ହେବା ସମ୍ଭାବନା ଅଧିକ। ପୁନଶ୍ଚ ବିମାନ ଯାତାୟାତ କଟକଣା ଜାରି ହୋଇଥିବାରୁ ପ୍ରତିଯୋଗୀମାନେ ନିଜ ଘରକୁ ଫେରିବାରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଖବର ଅନୁସାରେ ବ୍ରିଟେନରେ କୋଭିଡ୍-୧୯ ଦ୍ୱାରା ୧,୩୭୨ ସଂକ୍ରମିତ ହୋଇଥିବାବେଳେ ରବିବାର ସୁଦ୍ଧା ୩୫ ଜଣଙ୍କର ମୃତ୍ୟୁ ଘଟି ସାରିଲାଣି। ବକ୍ସିଂ କ୍ୱାଲିଫାୟର୍ସଙ୍କ ଆୟୋଜକଗଣ ସଫେଇ ଦେଇ କହିଛନ୍ତି, ଇଭେଣ୍ଟର ଆରମ୍ଭ ପୂର୍ବରୁ ପ୍ରତିଯୋଗୀମାନଙ୍କ ସୁରକ୍ଷା ଲାଗି ସମସ୍ତ ପ୍ରକାର ପ୍ରତିଷେଧମୂଳକ ପଦକ୍ଷେପ ନିଆଯାଇଛି। ସମସ୍ତ ଟିମ୍‌କୁ ନିୟମିତ ହ୍ୟାଣ୍ଡ୍‌ୱାସ ବ୍ୟବହାର କରିବା ଲାଗି ପରାମର୍ଶ ଦିଆଯାଇଛି। ଯଦି କୌଣସି ବକ୍ସରଙ୍କଠାରେ ଥଣ୍ଡା କିମ୍ବା ଜ୍ୱର ଲକ୍ଷଣ ଦେଖାଯାଏ ତେବେ ତୁରନ୍ତ ସ୍ଥାନୀୟ ଆୟୋଜକଙ୍କୁ ଅବଗତ କରାଇବାକୁ ପଡ଼ିବ। ସମ୍ପୃକ୍ତ ବକ୍ସର କାହା ସହିତ ମିଳାମିଶା ନ କରି ଏକାକୀ ଇନ୍‌ଡୋରରେ ରହିବାକୁ ହେବ। ଏହାଛଡ଼ା ଦୈନିକ ଏକ ଡ଼ାକ୍ତରୀ ଦଳ ଦ୍ୱାରା ବକ୍ସରମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷାର ବ୍ୟବସ୍ଥା କରାଯାଇଛି। ଏଣେ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ଶନିବାର କହିଛନ୍ତି ତାଙ୍କ ଦେଶରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜୁଲାଇ ୨୪ରୁ ଟୋକିଓ ଅଲିମ୍ପିକ୍ସ ଅନୁଷ୍ଠିତ ହେବ।

# ଅଲିମ୍ପିକ୍ସକୁ ନେଇ ଆଶଙ୍କାରେ ଦ୍ୟୁତୀ



**ଭୁବନେଶ୍ୱର, ୧୬।୩ (କ୍ରୀଡ଼ା ପ୍ରତିନିଧି):** କରୋନା ଭାଇରସ ସଂକ୍ରମଣ ପ୍ରଭାବରେ ବିଶ୍ୱସ୍ତରରେ କ୍ରୀଡ଼ା ପ୍ରଭାବିତ ହୋଇଥିବାବେଳେ ବ୍ୟକ୍ତିଗତଭାବେ ତାରକା ଆଥଲେଟ୍‌ମାନେ ବହୁତ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦ୍ୟୁତୀ ଚାନ୍ଦ ମଧ୍ୟ ଏହାର ଶିକାର ହୋଇଛନ୍ତି। ଅଲିମ୍ପିକ୍ସ ଯୋଗ୍ୟତା ନେଇ ଏବେ ଆଶା ଓ ଆଶଙ୍କାରେ ଦ୍ୟୁତୀ। ବିଦେଶ ଯାଇ ବଡ଼ ପ୍ରତିଯୋଗିତାରେ ଭାଗ ନେବାକୁ ସୁଯୋଗ ମିଳୁନାହିଁ। ଭାରତରେ ବଡ଼ ଟୁର୍ନାମେଣ୍ଟ କିଛି ନାହିଁ। ଏପରି ଏକ ସନ୍ଧିକ୍ଷଣରେ ଦୋଦୁଲ୍ୟମାନ ପରିସ୍ଥିତିରେ ରହିଛନ୍ତି ଏହି ଜାତୀୟ ରେକର୍ଡଧାରିଣୀ। "ମୁଁ ଏବେ ଜର୍ମାନୀ ଯାଇ ସେଠାରେ ୩ ମାସ ଟ୍ରେନିଂ ନେବା ସହ ପ୍ରତିଯୋଗିତାରେ ଭାଗନେବା କାର୍ଯ୍ୟକ୍ରମ ରହିଥିଲା। ସେଥିପାଇଁ ମୋତେ ଭିଜା ମଧ୍ୟ ମିଳି ଯାଇଥିଲା। ମାତ୍ର କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଜର୍ମାନୀ ସରକାର ବିଭିନ୍ନ କଟକଣା ଲଗାଇଛନ୍ତି। ସେଠାରେ ବର୍ତ୍ତମାନ କୌଣସି ବଡ଼ ପ୍ରତିଯୋଗିତା ହେବନାହିଁ। ଟ୍ରେନିଂ ପାଇଁ ବାହାର ଦେଶର ଆଥଲେଟଙ୍କୁ ଅନୁମତି ମଧ୍ୟ ନାହିଁ। ଫଳରେ ମୁଁ ଜର୍ମାନୀ ଯାଇ ପାରିଲିନି। ଅଲିମ୍ପିକ୍ସ କ୍ୱାଲିଫାଇଂ ପାଇଁ ହାତରେ ମାତ୍ର ୨ ମାସ ସମୟ। ଭାରତରେ ସେପରି ବଡ଼ ମେଗା ପ୍ରତିଯୋଗିତା ମଧ୍ୟ ନାହିଁ। ଇଣ୍ଡିଆନ ଗ୍ରାଁ ପ୍ରିରେ ମୁଁ ଭାଗ ନେବାକୁଥିବା ୧୦୦ ମିଟର ଇଭେଣ୍ଟରେ ମାତ୍ର ୮ ପ୍ରତିଯୋଗୀ ଅଛନ୍ତି। ତେଣୁ ସେଥିରେ ଭଲ ପ୍ରତିଦ୍ୱନ୍ଦ୍ୱିତା ହେବା ପ୍ରଶ୍ନ ଉଠୁନି। ବଡ଼ ପ୍ରତିଯୋଗିତା କହିଲେ ସିନିୟର ଫେଡେରେଶନ କପ୍। ତାହା ଯାଇ ଏପ୍ରିଲ ୧୦ରେ ହେବାର ଅଛି। ଅଲିମ୍ପିକ୍ କ୍ୱାଲିଫାଇଂ ପାଇଁ ଭାରତରେ ସେପରି ମେଗା ପ୍ରତିଯୋଗିତା କିଛି ନାହିଁ। ୧୦୦ ମିଟର ରେସ୍‌ରେ ୧୧.୧୫ ସେକେଣ୍ଡ ଟାଇମିଂ ହାସଲ କରିବା ଏତେ ସହଜ ନୁହେଁ। ସେଥିପାଇଁ ୧୧ ସେକେଣ୍ଡରୁ କମ୍ ସମୟ ନେଉଥିବା ଆଥ୍‌ଲେଟଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହେବ। ମୋ ପାଇଁ ବହୁତ ବଡ଼ କ୍ଷତି। ଭାରତରେ ବଡ଼ ପ୍ରତିଯୋଗିତା ନ ଥିବାବେଳେ ବାହାର ଦେଶକୁ ମୁଁ ଯାଇ ପାରୁନାହିଁ। ତେଣୁ ମୁଁ ଆଶଙ୍କା ମଧ୍ୟରେ ରହିଛି" ବୋଲି ସମ୍ପ୍ରତି ଭୁବନେଶ୍ୱରରେ ଟ୍ରେନିଂ ଜାରି ରଖିଥିବା ଦ୍ୟୁତୀ ପ୍ରକାଶ କରିଛନ୍ତି।

ମାର୍ଚ୍ଚ ୨୦ରେ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ଗ୍ରାଁ ପ୍ରିରେ ଭାଗନେବେ ବୋଲି ଦ୍ୟୁତୀ କହିଛନ୍ତି। "ଇଣ୍ଡିଆନ ଗ୍ରାଁ ପ୍ରିରେ ଭାଗ ନେବାକୁ ମୁଁ ଏଣ୍ଟ୍ରି ଦେଇଛି। ପଟିଆଲା ଯିବା ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ପ୍ରତିଯୋଗିତା ହେଲେ ନିଶ୍ଚିତ ଭାଗନେବି। କରୋନା ଭାଇରସର ପ୍ରଭାବ ଖେଳ ପଡ଼ିଆ ଭିତରେ ଏବଂ ବାହାରେ ଗୁରୁତର ପ୍ରଭାବ ପକାଇଛି। ଅଲିମ୍ପିକ୍ସ ଯିବାକୁ ଇଚ୍ଛା ରଖିଥିବା ଆଥଲେଟଙ୍କ ପାଇଁ ଦକ୍ଷତା ପ୍ରଦର୍ଶନର ସୁଯୋଗ ନାହିଁ। ଯେଉଁ ପ୍ରତିଯୋଗିତାରେ ଭାଗନେଲେ ଅଲିମ୍ପିକ୍ସ ସୁଯୋଗ ସୃଷ୍ଟି ହେବ ସେଠାକୁ ଯିବାକୁ ଅନୁମତି ନାହିଁ। ତେଣୁ ମୁଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛି। ଟ୍ରେନିଂ ଅନୁସାରେ ମୁଁ ଏପ୍ରିଲ-ମେ' ମଧ୍ୟରେ ଯୋଗ୍ୟତା ପାଇଯିବି ବୋଲି ଆଶା ରଖିଥିଲି। ମାତ୍ର ଏବେ କିଛି ବଡ଼ ପ୍ରତିଯୋଗିତା ହେଉ ନ ଥିବାରୁ ଆଶଙ୍କାରେ ରହିଛି। ଅଧିକ ପ୍ରତିଯୋଗିତାରେ ଭାଗନେଲେ ର୍‌ୟାଙ୍କିଂ ଅନୁସାରେ ମୋତେ ଅଲିମ୍ପିକ୍ସ ଯୋଗ୍ୟତା ମିଳିବା ସମ୍ଭାବନା ଥିଲା। ମାତ୍ର ତାହା ସମ୍ଭବ ହେଉନି। ତେଣୁ ଅଲିମ୍ପିକ୍ସକୁ ନେଇ ମୁଁ ସନ୍ଦିହାନ ବୋଲି ପ୍ରକାଶ କରିଛନ୍ତି" ଏହି ଦ୍ରୁତତମ ଧାବିକା।

## ବିନା ଦର୍ଶକରେ ଇଣ୍ଡିଆନ ଗ୍ରାଁ ପ୍ରି

**ନୂଆଦିଲ୍ଲୀ, ୧୬।୩(ପି.ଟି.):** ଇଣ୍ଡିଆନ ଗ୍ରାଁ ପ୍ରି (ଆଇଜିପି) ସିରିଜର ପ୍ରଥମ ୨ଟି ପ୍ରତିଯୋଗିତା ବିନା ଦର୍ଶକରେ ଅନୁଷ୍ଠିତ ହେବ। କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଆଥଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆ (ଏଏଫଆଇ) ପକ୍ଷରୁ ସୋମବାର ଏହି ନିଷ୍ପତ୍ତି ନିଆ ଯାଇଛି। ଇଣ୍ଡିଆନ ଗ୍ରାଁ ପ୍ରି-୨ ସାଙ୍ଗୁରଠାରେ ହେବାର ଥିଲା। ମାତ୍ର ଏହାକୁ ଏବେ ଏନ୍‌ଆଇଏସ୍ ପଟିଆଲାକୁ ସ୍ଥାନାନ୍ତର କରାଯାଇଛି। "ଆଇଜିପି-୧ ମାର୍ଚ୍ଚ ୨୦ରେ ଏବଂ ଆଇଜିପି-୨ ମାର୍ଚ୍ଚ ୨୫ରେ ଅନୁଷ୍ଠିତ ହେବ। ଉଭୟ ପ୍ରତିଯୋଗିତା ପଟିଆଲାସ୍ଥିତ ସାଇ ଏନଏସ-ଏନଆଇଏସରେ ଆୟୋଜିତ ହେବ ବୋଲି ଏଏଫଆଇ ପକ୍ଷରୁ ପ୍ରକାଶ କରାଯାଇଛି। ଷ୍ଟାଡିୟମ ମଧ୍ୟକୁ କୌଣସି ଦର୍ଶକଙ୍କୁ ପ୍ରବେଶ ଅନୁମତି ମିଳିବ ନାହିଁ।

ଭାଇରସ ସଂକ୍ରମଣକୁ ରୋକିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଗତ ସପ୍ତାହରେ ଭ୍ରମଣ ଉପରେ କଟକଣା ଲଗା ଯାଇଥିଲା। କ୍ରୀଡ଼ା ଇଭେଣ୍ଟ ସମୟରେ ଜନ ସମାବେଶ ବନ୍ଦ କରିବା ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଫେଡେରେଶନକୁ ନିର୍ଦ୍ଦେଶ ଦିଆ ଯାଇଥିଲା। ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଏଏଫଆଇ ପକ୍ଷରୁ କେତେକ ପଦକ୍ଷେପ ନିଆ ଯାଇଛି। ଜାତୀୟ କୋଚିଂ କ୍ୟାମ୍ପ ଅବସରରେ ଆଥଲେଟଙ୍କ ସହିତ ନ ଥିବା ବ୍ୟକ୍ତିଗତ କୋଚ୍, ସପୋର୍ଟ ଷ୍ଟାଫ୍ କିମ୍ବା ପରିବାର ସଦସ୍ୟ, ବନ୍ଧୁବର୍ଗଙ୍କୁ ପ୍ରତିଯୋଗିତା ସ୍ଥାନକୁ ଅନୁମତି ମିଳିବ ନାହିଁ। ଏହା ବ୍ୟତୀତ ବାହାର ରାଜ୍ୟରୁ ଆସୁଥିବା ସମସ୍ତ ଆଥଲେଟ୍ ଏଏଫଆଇ/ସାଇ ମେଡିକାଲ ଟିମ୍‌ଦ୍ୱାରା ଚେକ୍-ଅପ୍ ପରେ ଯାଇ ଏନ୍‌ଏସ୍-ଏନ୍‌ଆଇଏସ୍ କ୍ୟାମ୍ପସ ଭିତରକୁ ପ୍ରବେଶ ସୁଯୋଗ ପାଇବେ। ସମସ୍ତ ଆଥଲେଟଙ୍କୁ ଆକ୍ରିଡିଟେଶନ କାର୍ଡ ଯୋଗାଇ ଦିଆଯିବ। ନିଜ ପ୍ରତିଯୋଗିତା ସରିବା ପରେ ଆଥଲେଟ୍ ଭେନ୍ୟୁ ଛାଡ଼ିବାକୁ ବାଧ୍ୟ। ଆଥଲେଟ୍‌ମାନେ ଏନଏସ-ଏନଆଇଏସ ପ୍ରବେଶ ପଥରୁ ଟ୍ରାକ୍‌କୁ ଯିବେ ଏବଂ ସେଠାରୁ ପ୍ରତ୍ୟାବର୍ତ୍ତନ କରିବେ। ଅନ୍ୟ କେଉଁଆଡ଼େ ବୁଲି ପାରିବେ ନାହିଁ। ଯେଉଁମାନେ ଜାତୀୟ କୋଚିଂ କ୍ୟାମ୍ପରେ ସାମିଲ ନାହାନ୍ତି ସେମାନଙ୍କୁ କୌଣସି ହୋଟେଲ କିମ୍ବା ଗେଷ୍ଟହାଉସକୁ ଯିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଏଏଫଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଏଏଫଆଇ ପକ୍ଷରୁ ଜାରି କରାଯାଇଥିବା ଇଭେଣ୍ଟ ତାଲିକା ଅନୁସାରେ ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ପୁରୁଷ ୨୦୦ମି, ୪୦୦ମି, ୮୦୦ମି, ୫୦୦୦ମି, ୪୦୦ମି, ହର୍ଡଲ୍ସ, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ଶଟ୍‌ପୁଟ ଓ ଜାଭେଲିନ ଇଭେଣ୍ଟ ଥ୍ରୋ ଅନୁଷ୍ଠିତ ହେବ। ମହିଳା ବିଭାଗରେ ୧୦୦, ୨୦୦, ୪୦୦, ୮୦୦, ୫୦୦୦ ମିଟର, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ଶଟ୍‌ପୁଟ ଓ ଜାଭେଲିନ ଥ୍ରୋ ଆୟୋଜିତ ହେବ। ଇଣ୍ଡିଆନ ଗ୍ରାଁ ପ୍ରି-୨ରେ ପୁରୁଷ ୨୦୦, ୪୦୦, ୮୦୦, ୧୫୦୦, ୫୦୦୦ ମିଟର ରେସ୍, ୪୦୦ ମିଟର ହର୍ଡଲ୍ସ, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ଶଟ୍‌ପୁଟ, ଜାଭେଲିନ ଥ୍ରୋ ଏବଂ ମହିଳା ବିଭାଗରେ ୧୦୦, ୪୦୦, ୮୦୦, ୫୦୦୦ ମିଟର ରେସ୍, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ଶଟ୍ ପୁଟ୍ ଓ ଜାଭେଲିନ ଥ୍ରୋ ଅନୁଷ୍ଠିତ ହେବ।

କରୋନା ଭାଇରସ ସଂକ୍ରମଣରେ ବିଶ୍ୱରେ ୬୦୦୦ରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିଥିବାବେଳେ ୧,୬୦,୦୦୦ରୁ ଊର୍ଦ୍ଧ୍ୱ ପୀଡ଼ିତ ହୋଇଛନ୍ତି। ଭାରତରେ ୧୦୦ରୁ ଅଧିକ ବ୍ୟକ୍ତି ସଂକ୍ରମିତ ହୋଇଥିବାବେଳେ ୨ ଜଣ ପ୍ରାଣ ହରାଇଛନ୍ତି। ଏହାର ପ୍ରଭାବରେ ଅଲିମ୍ପିକ୍ ବର୍ଷରେ ବିଶ୍ୱସ୍ତରରେ ଅନେକ କ୍ରୀଡ଼ା ବାତିଲ ହୋଇଛି କିମ୍ବା ସ୍ଥଗିତ ରହିଛି।

## ସଂକ୍ଷେପରେ

### ଛୁରି ଦେଖାଇ ପ୍ରିମିୟର ଲିଗ୍ ଖେଳାଳିଙ୍କ ଘର ଲୁଟିଲେ ଦୁର୍ବୃତ୍ତ



**ଲାହୋର, ୧୬।୩:** ଟୋଟେନହାମ ହଟସ୍‌ପର ଡିଫେଣ୍ଡର ଜାନ ଭର୍ଟଘେନଙ୍କ ପରିବାରକୁ କିଛି ଦୁର୍ବୃତ୍ତ ଛୁରି ଦେଖାଇ ଲୁଟିଛନ୍ତି। ୪ ଜଣ ଦୁର୍ବୃତ୍ତ ମାସ୍କ ପିନ୍ଧି ଭର୍ଟଘେନଙ୍କ ଘରେ ପଶି ଚୋରି କରିଛନ୍ତି। ସେତେବେଳେ ବେଲଜିୟମ ଖେଳାଳିଙ୍କ ଘରେ ସ୍ତ୍ରୀ ସୋଫିଆ ସହ ଦୁଇ ଛୁଆ ଥିଲେ ବୋଲି ବ୍ରିଟେନ ପୋଲିସ ପକ୍ଷରୁ କୁହାଯାଇଛି। ୩୨ ବର୍ଷୀୟ ଖେଳାଳି ଚାମ୍ପିୟନ୍ସ ଲିଗ୍‌ର ପ୍ରିକ୍ୱାର୍ଟର ଫାଇନାଲ ମ୍ୟାଚ୍ ପାଇଁ ଜର୍ମାନୀରେ ଥିଲେ। ଏଭଳି ସମୟରେ ଆମେ ଜାନ ଓ ତାଙ୍କ ପରିବାର ସହ ଛିଡ଼ା ହୋଇଛୁ। ଯଦି କାହା ପାଖରେ କିଛି ତଥ୍ୟ ଅଛି, ତେବେ ପୋଲିସକୁ ତଦନ୍ତରେ ସହାୟତା କରନ୍ତୁ ବୋଲି କ୍ଲବର ପ୍ରବକ୍ତା କହିଛନ୍ତି। ଗତ ୧୦ ତାରିଖରେ ଏହି ଘଟଣା ଘଟିଥିଲା। ୪ ଜଣ ମାସ୍କ ପିନ୍ଧା ଦୁର୍ବୃତ୍ତ ଘରୁ ବିଭିନ୍ନ ବସ୍ତୁ ଚୋରି କରି ନେଇଛନ୍ତି। ଏଥିରେ କେହି ଆହତ ହୋଇନାହାନ୍ତି। ପୋଲିସ ଆସିବା ପୂର୍ବରୁ ଦୁର୍ବୃତ୍ତମାନେ ଚାଲି ଯାଇଥିଲେ। ଏ ଘଟଣାରେ ଜଡ଼ିତ କାହାକୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ। ତଦନ୍ତ ଚାଲିଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ଘରେ ରହି କାର୍ଯ୍ୟ କରିବେ ବିସିସିଆଇ କର୍ମଚାରୀ

**ନୂଆଦିଲ୍ଲୀ, ୧୬।୩ (ପି.ଟି.):** ମୁମ୍ବାଇସ୍ଥିତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମୁଖ୍ୟ କାର୍ଯ୍ୟାଳୟକୁ କହିବାକୁ ଗଲେ ଏକ ପ୍ରକାର ସାମୟିକ ଭାବେ ବନ୍ଦ ରଖାଯାଇଛି। କୋଭିଡ୍-୧୯ ସଂକ୍ରମଣ ପ୍ରତି ସତର୍କତା ଅବଲମ୍ବନ କରିବାକୁ ଯାଇ ଏହି ନିଷ୍ପତ୍ତି ନିଆଯାଇଛି। କର୍ମଚାରୀମାନଙ୍କୁ ଘରେ ରହି କାର୍ଯ୍ୟ କରିବାକୁ କୁହାଯାଇଛି। ତେବେ ଜଣେ ଚାହିଁଲେ ଅଫିସକୁ ଯାଇ ତାଙ୍କ କାର୍ଯ୍ୟ କରିପାରିବେ। ବିସିସିଆଇ ଇତିମଧ୍ୟରେ ଆଇପିଏଲ୍‌କୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛି। ଇରାନୀ କପ୍ ଓ ମହିଳା ଚ୍ୟାଲେଞ୍ଜର ଟ୍ରଫି ସମେତ ଅନ୍ୟ ଘରୋଇ ଟୁର୍ନାମେଣ୍ଟଗୁଡ଼ିକୁ ସ୍ଥଗିତ ରଖିଛି। ବର୍ତ୍ତମାନର ସଂକଟଜନକ ପରିସ୍ଥିତିରେ ଦେଶ ବିଦେଶର ବହୁ କମ୍ପାନୀ ସେମାନଙ୍କ କର୍ମଚାରୀଙ୍କୁ ଘରେ ରହି କାର୍ଯ୍ୟକରିବା ଲାଗି ଉତ୍ସାହିତ କରୁଛି। ଖବର ଅନୁସାରେ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ) ଏହାର ବିଭିନ୍ନ ଜୋନାଲ କ୍ୟାମ୍ପ୍‌କୁ ବନ୍ଦ ରଖିଛି। ବେଙ୍ଗାଲୁରୁ ସେଣ୍ଟରରେ ରିହାବିଲିଟେଶନ କାର୍ଯ୍ୟକ୍ରମ ସୋମବାର ପର୍ଯ୍ୟନ୍ତ ଚାଲିଥିଲା।

## ହୋଟେଲକୁ ମେଡିକାଲ କରିବା ଗୁଜବ

**ଲିସବନ, ୧୬।୩:** କରୋନା ଭାଇରସ ମୁକବିଲା ପାଇଁ ଫୁଟବଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ନିଜର ସମସ୍ତ ହୋଟେଲକୁ ମେଡିକାଲରେ ପରିଣତ କରିବାକୁ ନିଷ୍ପତ୍ତି ନେଇଥିବା ଖବର ଗୁଜବ ବୋଲି ଜଣାପଡ଼ିଛି। ପର୍ତ୍ତୁଗାଲର ଲିସ୍‌ବାନରେ ରହିଥିବା କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ହୋଟେଲର ଷ୍ଟାଫ୍ ଏହାକୁ ଖଣ୍ଡନ କରିଛନ୍ତି। ସାମୟିକ ଭାବେ ସେହିଭଳି କୌଣସି ମେଡିକାଲ କରିବାର ଯୋଜନା ନ ଥିବା ହୋଟେଲ ପକ୍ଷରୁ କୁହାଯାଇଛି। 'ଆମର ହୋଟେଲ ରହିଛି। କିନ୍ତୁ ଏହାକୁ ଆମେ ମେଡିକାଲରେ ପରିଣତ କରିବୁ ନାହିଁ। ହୋଟେଲରେ ଏହା ଅପରିବର୍ତ୍ତିତ ରହିବ' ବୋଲି ହୋଟେଲର ଜଣେ ପ୍ରବକ୍ତା କହିଛନ୍ତି। ଜୁଭେଣ୍ଟସ୍ ତାରକା ରୋନାଲ୍ଡୋ ଏହା ଉପରେ କିନ୍ତୁ କୌଣସି ମତ ରଖିନାହାନ୍ତି। କିନ୍ତୁ ସେ ବିଶ୍ୱର ଅନ୍ୟତମ କରୋନା ପ୍ରଭାବିତ ଦେଶ ଇଟାଲୀରୁ ଘରକୁ ଫେରିଆସିଛନ୍ତି। ଉଲ୍ଲେଖଯୋଗ୍ୟ, ରୋନାଲ୍ଡୋଙ୍କ ହୋଟେଲକୁ ମେଡିକାଲରେ ପରିଣତ କରି ସେଥିରେ କରୋନା ଆକ୍ରାନ୍ତଙ୍କ ଚିକିତ୍ସା କରାଯିବ। ମାଗଣାରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସ୍ପାନିଶ ଖବରକାଗଜ ମାର୍କାର ଏକ ରିପୋର୍ଟରେ ପ୍ରକାଶ ପାଇଥିଲଶ। ମେଡିକାଲର କର୍ମକର୍ତ୍ତା ଓ ଡାକ୍ତରଙ୍କ ଦରମା ବାବଦରେ ରୋନାଲ୍ଡୋ ଖର୍ଚ୍ଚ କରିବେ। ସ୍ପେନର ଅଗ୍ରଣୀ ଖବରକାଗଜ ଏହି ଖବର ପ୍ରକାଶ କରିଥିବାବେଳେ ପର୍ତ୍ତୁଗାଲ ଜର୍ନାଲିଷ୍ଟ ଫିଲିପେ କାଟାନୋ ଏହାକୁ ଉଡ଼ା ଖବର ବୋଲି କହିଥିଲେ। ନିକଟରେ ରୋନାଲ୍ଡୋ ନିଜ ଫ୍ୟାନ ଓ ଜନସାଧାରଣଙ୍କ ଲାଗି ଏକ ଭାବବିହ୍ୱଳ ବାର୍ତ୍ତା ଦେଇଥିଲେ। ସେଥିରେ ସେ ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ଜାରି ନିୟମକୁ ମାନିବାକୁ ଅନୁରୋଧ କରିଥିଲେ।

## ସଚିନଙ୍କ ଶହେ ଶତକକୁ ୮ ବର୍ଷ ପୂରିଲା

**ନୂଆଦିଲ୍ଲୀ, ୧୬।୩**

କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ୮ ବର୍ଷ ପୂର୍ବେ ଅନ୍ତର୍ଜାତୀୟ କ୍ରିକେଟରେ ୧୦୦ତମ ଶତକ ହାସଲ କରି ଇତିହାସ ରଚିଥିଲେ। ୧୬ ମାର୍ଚ୍ଚ ୨୦୧୨ରେ ଏସିଆ କପ୍‌ରେ ସେ ବାଂଲାଦେଶ ବିପକ୍ଷରେ ୧୧୪ ରନ୍‌ର ଇନିଂସ ଖେଳିଥିଲେ, ଯାହାକି ଥିଲା ତାଙ୍କ କ୍ୟାରିୟରର ୧୦୦ତମ ଶତକ। ଦିନିକିଆ ଫର୍ମାଟରେ ଏହା ଥିଲା ସଚିନଙ୍କ ୪୯ତମ ଶତକ। ଅବଶ୍ୟ ମ୍ୟାଚ୍‌ରେ ଭାରତୀୟ ଦଳ ପରାଜିତ ହୋଇଥିଲା। ଫଳରେ ଏସିଆ କପ୍ ଫାଇନାଲରେ ପ୍ରବେଶ କରିପାରି ନ ଥିଲା ଭାରତ। କ୍ୟାରିୟରରେ ୨୦୦ ଟେଷ୍ଟ ଖେଳିଥିବା ସଚିନଙ୍କ ନାମରେ ୫୧ ଶତକ ସହ ୧୫,୯୨୧ ରନ୍ ରହିଛି। ୨୪ ବର୍ଷର ଲମ୍ବା କ୍ୟାରିୟରରେ ସଚିନ ୪୬୩ ଦିନିକିଆ ଖେଳି ୧୮,୪୨୬ ରନ୍ କରିଥିଲେ। ସେ ଏକ ଟି୨୦ ମ୍ୟାଚ୍ ମଧ୍ୟ ଖେଳିଥିଲେ। ମୋଟ ୬୬୪ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩୪,୩୫୭ ରନ୍ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଶତକ ହାସଲ କରିଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ସଚିନ ଶୀର୍ଷରେ ଥିବାବେଳେ ୭୧ ଶତକ ସହ ଅଷ୍ଟ୍ରେଲିଆର ରିକି ପଣ୍ଟିଂ ଦ୍ୱିତୀୟ ସ୍ଥାନ ରହିଛନ୍ତି। ତାଙ୍କ ପଛକୁ ବିରାଟ କୋହଲି (୭୦ ଶତକ) ରହିଛନ୍ତି।



## ଆଇଏସ୍‌ଏଲ୍ ଅଧିକ ପେସାଦାର ହୋଇଛି: ହାବାସ

**ମାରଗାଓ, ୧୬।୩(ପି.ଟି.)**

ଏଟିକେ ଏଫ୍‌ସି ତୃତୀୟଥର ପାଇଁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଟାଇଟଲ ଜିତି ରେକର୍ଡ କରିଛି। ଦଳର ସଫଳତାରେ ବେଶ୍ ଖୁସି ହୋଇଛନ୍ତି ହେଡ୍ କୋଚ୍ ଆଣ୍ଟୋନିଓ ହାବାସ। ସେ ମଧ୍ୟ ଭାରତର ଏହି ଶ୍ରେଷ୍ଠ ଫୁଟବଲ ଲିଗ୍‌କୁ ବେଶ୍ ପ୍ରଶଂସା କରିଛନ୍ତି। ଗତ କେତେବର୍ଷ ମଧ୍ୟରେ ଆଇଏସ୍‌ଏଲ୍ ଅଧିକ ପେସାଦାର ହେବାରେ ସଫଳ ହୋଇଛି। ଅପେକ୍ଷାକୃତ ପ୍ରତିଭା ସମ୍ପନ୍ନ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ବିଭିନ୍ନ କ୍ଲବରେ ସାମିଲ ହେବା ଫଳରେ ଏହା ସମ୍ଭବ ହୋଇପାରିଛି। ପ୍ରଥମ ହେଡ କୋଚ୍ ଭାବେ ହାବାସ ଦୁଇଥର ନିଜ ଦଳକୁ ଆଇଏସ୍‌ଏଲ୍ ଚାମ୍ପିୟନ କରାଇ ବିରଳ ସଫଳତା ଅର୍ଜନ କରିଛନ୍ତି। ଫାଇନାଲରେ ଚେନ୍ନାଇନ୍ ଏଫ୍‌ସି ୩-୧ ଗୋଲରେ ହରାଇ ଏଟିକେ ଟାଇଟଲ ଜିତିଥିଲା। ତେବେ କରୋନା ଭାଇରସ୍ ଆତଙ୍କ କାରଣରୁ ଫାଇନାଲ ମ୍ୟାଚ୍ ସମ୍ପୂର୍ଣ୍ଣ ଫାଙ୍କା ଷ୍ଟାଡିୟମରେ ଖେଳାଯାଇଥିଲା। ଏଟିକେ ଟାଇଟଲ ଜିତିବା ଅପେକ୍ଷା କରୋନା ଭାଇରସ୍ ବିରୋଧରେ ଲଢେଇ ଜାରି ରଖିବା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ସ୍ୱୀକାର କରିଛନ୍ତି।

ଯେତେବେଳେ ଆଇଏସ୍‌ଏଲ୍‌ର ପ୍ରଥମ ସଂସ୍କରଣ ଖେଳାଯାଇଥିଲା ସେତେବେଳେ କଥା ଅଲଗା ଥିଲା। କିନ୍ତୁ ଏବେ ଏହି ଲିଗ୍ ଅଧିକ ପ୍ରଫେଶନାଲ ହୋଇଛି। ଏବେ ଅପେକ୍ଷାକୃତ ଅଧିକ ଭଲ କୋଚ, ଭଲ ଖେଳାଳି ଲିଗ୍‌ରେ ସାମିଲ ହୋଇଛନ୍ତି। ଲିଗ୍‌ରେ ମଧ୍ୟ ଅଧିକ ସଂଖ୍ୟାରେ ଦଳ ସାମିଲ ହୋଇଥିବା ବେଳେ ଅଧିକ ସଂଖ୍ୟାରେ ମ୍ୟାଚ୍ ଖେଳାଯାଉଛି। ଆଇଏସ୍‌ଏଲ୍‌ର ପ୍ରଥମ ଓ ଷଷ୍ଠ ସଂସ୍କରଣ ମଧ୍ୟରେ ତୁଳନା ନେଇ ପ୍ରଶ୍ନ ହେବା ପରେ ସେ ଏହି କଥା କହିଛନ୍ତି। ନିଶ୍ଚିତ ଭାବେ ଏହି ଟାଇଟଲ ଅଧିକ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପ୍ରଥମ ଟାଇଟଲ ମଧ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ଥିଲା। କାରଣ ତାହା ପ୍ରଥମ ଥିଲା। ଲିଗ୍‌ର ୬ ବର୍ଷର ଇତିହାସରେ ଏଟିକେ ସର୍ବାଧିକ ତୃତୀୟ ଟାଇଟଲ ଜିତିଛି। ଏଟିକେ ଏହା ପୂର୍ବରୁ ୨୦୧୪ ଓ ୨୦୧୬ରେ ଚାମ୍ପିୟନ ହୋଇଥିଲା। ସେହିପରି ଚେନ୍ନାଇନ୍ ଏଫ୍‌ସି ୨୦୧୫ ଓ ୨୦୧୭-୧୮ରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା।

ଦଳୀୟ ପ୍ରଦର୍ଶନକୁ ହାବାସ ଶ୍ରେୟ ଦେଇଛନ୍ତି। ଏହି ସଂସ୍କରଣରେ କେତେଜଣ ଆଗଧାଡିର ଖେଳାଳି ଇଞ୍ଜୁରିର ଶିକାର ହୋଇଥିଲେ। ଫଳରେ ଦଳର ଅଭିଯାନରେ ସମସ୍ୟା ସୃଷ୍ଟି ହୋଇଥିଲା। ପଡିଆ ଭିତରେ ଓ ପଡିଆ ବାହାରେ ଆମେ ଗୋଟିଏ ଗ୍ରୁପ୍ ହୋଇ ରହିଥାଉ। କାର୍ଲ ମ୍ୟାକହ୍ୟୁଗ ଓ ଅଗୁସ ଗାର୍ସିଆ ଇନିଗୁଏଜ ଇଞ୍ଜୁରି ହେବା କାରଣରୁ ଫାଇନାଲ ମ୍ୟାଚ୍‌ରେ ସମସ୍ୟା ଦେଖାଦେଇଥିଲା। ରଏ କ୍ରିଷ୍ଣାଙ୍କ ମଧ୍ୟ ସମସ୍ୟା ଥିଲା। ତେବେ ଦଳଗତ ପ୍ରଦର୍ଶନ ଆମକୁ ସଫଳତା ଦେଇଛି ବୋଲି ସେ କହିଛନ୍ତି। କୌଣସି ଖେଳାଳି ବ୍ୟକ୍ତିଗତ ସମସ୍ୟାର ସମ୍ମୁଖୀନ ହେଲେ ଦଳ ତାହାକୁ ମିଳିତ ଭାବେ ସାମ୍ନା କରିଥାଏ। ଏହି ସେସନରେ ଭାରତୀୟ ଓ ବିଦେଶୀ ଖେଳାଳିଙ୍କ ସମନ୍ୱୟ ଓ ସନ୍ତୁଳନ ଅତି ସୁନ୍ଦର ଥିଲା। ତେବେ ଫାଇନାଲ ମ୍ୟାଚ୍‌ରେ ଦଳର ଖେଳାଳିମାନେ ଦ୍ୱିତୀୟାର୍ଦ୍ଧରେ ଚେନ୍ନାଇନ୍ ବିପକ୍ଷରେ ଭଲ ପ୍ରଦର୍ଶନ କରି ନ ଥିଲେ ଓ ନର୍ଭସ ଥିଲେ ବୋଲି ହାବାସ ସ୍ୱୀକାର କରିଛନ୍ତି। ପ୍ରଥମାର୍ଦ୍ଧରେ ଆମର ପ୍ରଦର୍ଶନ ଅପେକ୍ଷାକୃତ ଭଲ ଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ କିଷ୍ଣା ଆହତ ହେବା ପରେ ଦଳ ନର୍ଭସ ହୋଇଯାଇଥିଲା ଓ ଆମର ପ୍ରଦର୍ଶନ ଆଶାନୁରୂପ ହୋଇ ନ ଥିଲା। ତେବେ ଏହା ସତ୍ତ୍ୱେ ଲଢୁଆ ମନୋବୃତ୍ତି ଯୋଗୁ ଜିତିବାରେ ସଫଳ ହେଲୁ।

ଏଟିକେ କ୍ଲବର ଲୋକମାନେ ମୋତେ ଭଲ ପାଆନ୍ତି। ଏଟିକେକୁ ମଧ୍ୟ ମୁଁ ସେତିକି ଭଲ ପାଏ। ପ୍ରଥମ ସଂସ୍କରଣଠାରୁ ଏଟିକେ ସହିତ ମୋର ସମ୍ପର୍କ ସ୍ୱତନ୍ତ୍ର ରହିଆସିଛି ଓ ଏହା ଆଗକୁ ମଧ୍ୟ ଚାଲୁ ରହିବ। ଆମେ ଏକ ପରିବାର ଭଳି। ଏହା ନିଶ୍ଚିତ ଭାବେ ଏକ ବଡ଼ କଥା। ଏହା ହେଉଛି ଏଟିକେର ସଫଳତାର ରହସ୍ୟ ବୋଲି ହାବାସ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି।



ଚାମ୍ପିୟନ ହେବା ପରେ ଏଟିକେ ଖେଳାଳିମାନେ କୋଚ୍ ଆଣ୍ଟୋନିଓ ହାବାସଙ୍କୁ ଟେକି ଧରିଛନ୍ତି।

## କିଟ୍‌ରେ ସାଇର ସ୍ପୋର୍ଟ୍ସ କୋଚିଂ କୋର୍ସ

**ଭୁବନେଶ୍ୱର, ୧୬।୩ (କ୍ରୀଡ଼ା ପ୍ରତିନିଧି):** ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ପଟିଆଲାସ୍ଥିତ ଏହାର ଏନଏନଆଇଏସ ଏକାଡେମିକ୍ ୱିଙ୍ଗ୍ ଜରିଆରେ ମେ ୧୪ରୁ ୨୪ ପର୍ଯ୍ୟନ୍ତ ୬ ସପ୍ତାହ ବିଶିଷ୍ଟ ସ୍ପୋର୍ଟ୍ସ କୋଚିଂ କୋର୍ସ ଆୟୋଜନ କରିବାକୁ ଯାଉଛି। ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟ ଅନୁଷ୍ଠାନ ମାନଙ୍କରେ କାର୍ଯ୍ୟରତ କ୍ରୀଡ଼ା ଶିକ୍ଷକମାନେ ଏହି କୋର୍ସ ପାଇଁ ଆବେଦନ କରିପାରିବେ। ସାଇ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୯ଟି ଖେଳ ବିଭାଗରେ ସ୍ପୋର୍ଟ୍ସ କୋଚିଂ କୋର୍ସ ଆୟୋଜନ କରାଯିବ। ଏହି ଖେଳ ବିଭାଗ ଗୁଡ଼ିକ ହେଲା ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, କ୍ରିକେଟ, ସନ୍ତରଣ, ଭଲିବଲ, ଭାରୋତ୍ତୋଳନ ଓ ଯୋଗ। କୋର୍ସ ପାଇଁ ଆବେଦନ କରିବାକୁ ଇଚ୍ଛୁକ ଶିକ୍ଷକ ମାନଙ୍କର ବୟସ ୨୦୨୦ ମେ ୧୪ ସୁଦ୍ଧା ୨୦ରୁ ୪୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ସେମାନେ ଅତିକମ୍‌ରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବେ ଏବଂ ରାଜ୍ୟ, ଜାତୀୟ ବିଶ୍ୱବିଦ୍ୟାଳୟ ଚାମ୍ପିୟନଶିପ୍‌ରେ ଭାଗ ନେଇଥିବେ। ସ୍ପୋର୍ଟ୍ସ କୋଚିଂ କୋର୍ସ ସମ୍ପର୍କିତ ସବିଶେଷ ତଥ୍ୟ ସାଇ ୱେବସାଇଟ୍‌ରେ ଉପଲବ୍ଧ। ପ୍ରାର୍ଥୀମାନେ ମାର୍ଚ୍ଚ ୩୧ ସୁଦ୍ଧା ଆବଶ୍ୟକ ଦେୟ ଦେଇ ନାମ ପଞ୍ଜୀକରଣ କରିବେ ଏବଂ ଏପ୍ରିଲ ୧୦ରେ ଆବେଦନପତ୍ର ପାଇପାରିବେ ବୋଲି ପ୍ରକାଶ କରାଯାଇଛି।

ଚତୁର୍ଥ ଜନ୍ମବାର୍ଷିକ ଶୁଭେଚ୍ଛା



ଜଗା, ବଳିଆ ମହାରଣା (ଦୁଇ ଜାଆଁଳା ଭାଇ)
ବିଶ୍ୱକର୍ମା ସାହି କୋଳିମାଟି, କେନ୍ଦୁଝର
ତୁମର ଚିନ୍ତାଧାରା ସବୁବେଳେ ପରଉପକାର ପାଇଁ ରହିଥାଉ, ଭବିଷ୍ୟତରେ ଅସୁବିଧାରେ ପଡ଼ିଥିବା ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ସର୍ବଦା ଆଗେଇ ଆସୁଥାଅ ଏବଂ ତୁମର ଭବିଷ୍ୟତରେ ସୁନ୍ଦର ଜ୍ଞାନରେ ପରିପୂର୍ଣ୍ଣ ହେଇଯାଉ ଏହା ସହିତ ପ୍ରତ୍ୟେକ ବର୍ଷ ତୁମ ଜନ୍ମଦିନଟିକୁ ଭଲରେ ପାଳନ କର ବୋଲି ଘଟଗାଁ ମା' ତାରିଣୀଙ୍କ ନିକଟରେ ଭୂମିଷ୍ଠ ପ୍ରଣାମ ଜଣାଉଛୁ।
-:ଶୁଭେଚ୍ଛା ସହ:-
ବାପା ଓ ମା', ବଡ଼ବାପା ଓ ବଡ଼ ମା', ଦାଦା, ଅପା, କେଜେ ମା', କେଜେ ବାପା ଓ ସପରିବାରବର୍ଗ।
ଧ-୧୭୧୭୫

## ମ୍ୟାକ୍ଲିହାନଙ୍କ ପାଇଁ ସ୍ତ୍ରୀ ଛାଡ଼ିଛନ୍ତି ନୋଟ୍




**ଅକ୍‌ଲାଣ୍ଡ, ୧୬।୩:** ନ୍ୟୁଜିଲାଣ୍ଡ ପେସର ମିଚେଲ ମ୍ୟାକ୍ଲିହାନ ପାକିସ୍ତାନ ସୁପର ଲିଗ୍ (ପିଏସଏଲ)ରୁ ଫେରିବା ପରେ ୧୪ ଦିନ ପାଇଁ ନିଜ ଆଡୁ କ୍ୱାରାଣ୍ଟାଇନରେ ରହିଛନ୍ତି। ଏହି ଖେଳାଳି ଟୁଇଟରରେ ଏକ ଫଟୋ ଶେୟାର କରିଛନ୍ତି। ଉକ୍ତ ଫଟୋରେ ମ୍ୟାକ୍ଲିହାନଙ୍କ ଲାଗି ସ୍ତ୍ରୀ ଛାଡ଼ିଥିବା ଲେଟରକୁ ଦେଖିବାକୁ ମିଳୁଛି। ଘରକୁ ଫେରିବା ପରେ ମୋ ସ୍ତ୍ରୀର ମେସେଜ ପାଇଛି। ଘରେ ନିଜକୁ ଅନ୍ୟମାନଙ୍କଠାରୁ ଦୂରେଇ ରଖିଛି। ମୋ ସ୍ତ୍ରୀ କିଛି ସପ୍ତାହ ଲାଗି ପରିବାରବର୍ଗ ସହ ରହିବାକୁ ଯାଇଛି। ୧୪ ଦିନ ପରେ ଦେଖାହେବ ବୋଲି କ୍ୟାପଶନରେ ମ୍ୟାକ୍ଲିହାନ ଲେଖିଛନ୍ତି। ନ୍ୟୁଜିଲାଣ୍ଡ ସରକାର ପ୍ରତ୍ୟେକ ବିଦେଶ ଫେରନ୍ତା ଯାତ୍ରୀଙ୍କ ଲାଗି ବାଧ୍ୟତାମୂଳକ ୧୪ ଦିନ ଅଲଗା ରହିବାକୁ ପରାମର୍ଶ ଦେଇଛନ୍ତି। ସେ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳନ୍ତି।

## ୬୦ ଦିନ ପାଇଁ ସିଏସ୍‌ଏର ସମସ୍ତ ଖେଳ ବନ୍ଦ

**ଜୋହାନ୍ସବର୍ଗ, ୧୬।୩:** କରୋନା ଭାଇରସ୍‌ର ଭୟାବହତାକୁ ନଜରରେ ରଖି କ୍ରିକେଟ୍ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ଅଫିସିଆଲି ଭାବେ ଆଗାମୀ ୬୦ ଦିନ ପର୍ଯ୍ୟନ୍ତ ଏହାର ସମସ୍ତ କ୍ରିକେଟ ପ୍ରତିଯୋଗିତାକୁ ସ୍ଥଗିତ ରଖିଛି। ସିଏସ୍‌ଏର ସଭାପତି ସିରିଲ ରାମପୋସ ସୋମବାର ଏହା ଘୋଷଣା କରିଛନ୍ତି। ଏହି କ୍ରିକେଟ୍ ପ୍ରତିଯୋଗିତା ଗୁଡ଼ିକ ମଧ୍ୟରେ ପ୍ରଥମ ଶ୍ରେଣୀ କ୍ରିକେଟ୍, ଲିଷ୍ଟ-ଏ (ମୋମେଣ୍ଟମ୍ କପ୍), ସମସ୍ତ ସେମି-ପ୍ରଫେଶନାଲ ଏବଂ ଜୁନିୟର ବର୍ଗର କ୍ରିକେଟ ପ୍ରତିଯୋଗିତା ଅନ୍ତର୍ଭୁକ୍ତ ରହିଛି। ସୋମବାର ମୋମେଣ୍ଟମ୍ କପ୍‌ର ଦୁଇ ସେମିଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଥିବାବେଳେ ସିଏସ୍‌ଏ ପକ୍ଷରୁ ଏହା ଘୋଷଣା କରାଯାଇଛି। ଡଲ୍‌ଫିନ୍ସ ଓ ନାଇଟ୍ସ ଏବଂ ଲାୟନ୍ସ ଓ ୱାରିୟର୍ସ ମଧ୍ୟରେ ଯଥାକ୍ରମେ ୨ଟି ଯାକ ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥାନ୍ତା। ଏହି ପ୍ରତିଯୋଗିତାର ବିଜେତା ନାମ ଶୀଘ୍ର ଘୋଷଣା କରାଯିବ ବୋଲି ଜଣାପଡ଼ିଛି।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ କ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8376889657 9971793786

ମନେ ପଡ଼ନ୍ତି
ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସତ୍ୟଭାମା ଦେବୀ
ସ୍ୱାମୀ: ସ୍ୱର୍ଗତ ଶ୍ରୀ ଯାଦବାନନ୍ଦ ପଣ୍ଡା
ବର୍ଷ ପରେ ବର୍ଷ ବିତିଗଲା। ଆଜି ତୁମର ଶ୍ରାଦ୍ଧ ଦିବସ। ଏହି ଦିବସ ଅବସରରେ ତୁମର ସ୍ମୃତିକୁ ମନେ ପକାଇ ଜ୍ଞାପନ କରୁଛୁ ଶ୍ରଦ୍ଧାଞ୍ଜଳି। ତୁମର ଭଗବତ୍ ଚିନ୍ତାଧାରା, ସନ୍ତାନ ବତ୍ସଳତା, ଅତିଥି ପରାୟଣତା ଆଜି ମଧ୍ୟ ସମସ୍ତଙ୍କୁ ପ୍ରେରଣା ଯୋଗାଉଛି। ତୁମେ ଚିରନମସ୍ୟ। ସରଗ ପୁରୀରେ ଥାଇ ଆମ୍ଭମାନଙ୍କୁ ଆଶିଷ ଦେଇ ତୁମେ ଶାନ୍ତିରେ ଥାଅ।
ଇତି:
ତୁମର ପୁତ୍ରଗଣ: ଅମୂଲ୍ୟ, ଅନୀଲ, ନିରଞ୍ଜନ, ଗଣେଶ, ପୁତ୍ରବଧୂ: ରମା, ମିନତୀ, ରଶ୍ମି, ବନଜା, ନାତି: ମନୋରଞ୍ଜନ, ସୁରଞ୍ଜନ, ଚିତରଞ୍ଜନ, ଗୁନ୍‌ପୁନ୍, ଟାଟୁ, କିଟୁ, ନାତୁଣୀ: ଦିପୁ, ଝୁନୁ, ରୁନୁ, ଡେଜି, ଲିଜୁ, ଲୁସି, ରୋଜି, ନାତୁଣୀ ଜ୍ୱାଇଁ:-ବୀର, ସୁଫଲେନ୍ଦୁ, ତନ୍ମୟ, ବିଜୟ, ଜୟଦୀପ, ରାଜୀବ, କାର୍ତ୍ତିକ।
ଧ-୧୭୧୭୬

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୭/୨୦୨୦ Bhubaneswar, Tuesday, March 17/2020

# ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ୪.୮୦ ଲକ୍ଷ ଲୁଟ୍

**ସାଲେପୁର,୧୬ା୩(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ବ୍ୟବସାୟୀ କଟକ ମାଲ୍ ଗୋଦାମକୁ ସାମଗ୍ରୀ ଆଣିବାକୁ ଯାଉଥିବାବେଳେ ଲୁଟ୍‌ର ଶିକାର ହୋଇଛନ୍ତି। କଟକ-ସାଲେପୁର ରାସ୍ତାର ନାନ୍ଦୋଳଗଡ଼ା ବଜାର ପୂର୍ବରୁ ଏକ ନିଛାଟିଆ ସ୍ଥାନରେ ଦୁଇ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ୪ ଲକ୍ଷ ୮୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ସେ ସାଲେପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ-୧୧୨/୨୦ ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ସୋମବାର ରାତି ପ୍ରାୟ ୮ଟାରେ କେନ୍ଦ୍ରାପଡ଼ା ଅନ୍ତାବୁହା ଗ୍ରାମର ବ୍ୟବସାୟୀ ହେମନ୍ତ ସାହୁ(୬୦)ଏକ ପିକ୍‌ଅପ୍ ଯୋଗେ କଟକ ମାଲ୍‌ଗୋଦାମକୁ ଯାଉଥିଲେ। ଏହି ସମୟରେ ୨ ଦୁର୍ବୃତ୍ତ ତାଙ୍କୁ ପିଛା କରି ନାନ୍ଦୋଳଗଡ଼ା ବଜାର ପୂର୍ବରୁ ଏକ ନିଛାଟିଆ ସ୍ଥାନରେ ତାଙ୍କ ଗାଡ଼ି ଉପରକୁ ପାନ ଛେପ ପକାଇଥିଲେ। ଏହାପରେ ଡ୍ରାଇଭର ଗାଡ଼ି ରଖି କ'ଣ ପକାଇଲ ବୋଲି କହିଥିଲେ। ଏହି ସମୟରେ ୨ ଦୁର୍ବୃତ୍ତ ହେମନ୍ତଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ତାଙ୍କ ପାଖରେ ଥିବା ଉପରୋକ୍ତ ଟଙ୍କା ଛଡାଇ ନେଇ ଦ୍ରୁତଗତିରେ କଟକ ଅଭିମୁଖେ ପଳାଇଥିଲେ। ଖବର ପାଇ ସାଲେପୁର ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଛି। ଦୁଇ ଲୁଟେରା ଏକ ଟିଭିଏସ୍ ଆପାଚିରେ ଫେରାର ହୋଇଯାଇଥିବା ଜଣାଯାଇଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶଯୋଗ୍ୟ, କିଛି ଦିନ ତଳେ ସମାନ ଢଙ୍ଗରେ ବୋଦାମୁଣ୍ଡାଇ ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ ଅଟକାଇ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦୁର୍ବୃତ୍ତ ଲୁଟି ନେଇଥିଲେ। ବାରମ୍ୱାର ଏହି ସ୍ଥାନରେ ଲୁଟ୍ ହେଉଥିଲେ ମଧ୍ୟ ପୋଲିସ ଲୁଟେରାଙ୍କୁ କାବୁ କରିବାରେ ସକ୍ଷମ ହୋଇନାହିଁ। ଫଳରେ ଲୁଟେରା ଏହି ସ୍ଥାନରେ ନିର୍ଭୟରେ ଲୁଟ୍‌ତରାଜ ଘଟାଇ ଚାଲିଥିବା ଅଭିଯୋଗ ହୋଇଛି।

# ପିପି କିଟ୍ ଯୋଗାଣ ପାଇଁ ଅଧକ୍ଷଙ୍କୁ ଚିଠି

## କରୋନା ଭୟରେ ଏସ୍‌ସିବି ଡାକ୍ତର

**କଟକ ଅଫିସ,୧୬ା୩**

ଏସ୍‌ସିବି ମେଡିକାଲରେ କରୋନା ସନ୍ଦିଗ୍ଧଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିସହ ପ୍ରତିଦିନ ଅନ୍ୟ ରୋଗୀମାନଙ୍କ ଭିଡ ମଧ୍ୟ ବୃଦ୍ଧି ପାଉଛି। ଏଣୁ କାର୍ଯ୍ୟରତ ଡାକ୍ତରମାନେ କରୋନା ଭୂତାଣୁକୁ ନେଇ ଭୟରେ ଥିବାବେଳେ ସେମାନଙ୍କୁ ପିପି କିଟ୍ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ସଂପ୍ରତି ଏହି ମେଡିକାଲ୍‌ରେ ୭୦୦ ଜୁନିୟର ଏବଂ ୩୦୦ ସିନିୟର୍ ରେସିଡେଣ୍ଟ ଡାକ୍ତର କାର୍ଯ୍ୟ କରୁଛନ୍ତି। ସେମାନେ ଅଧିକ ସମୟ ପର୍ଯ୍ୟନ୍ତ ଚିକିତ୍ସାରେ ନିୟୋଜିତ ହେଉଛନ୍ତି। ଏସ୍‌ସିବିରେ ଭର୍ତ୍ତି ହେଉଥିବା ଅନ୍ୟ ରୋଗୀମାନଙ୍କ ମଧ୍ୟରେ କରୋନା ଭୂତାଣୁ ବ୍ୟାପିବା ଆଶଙ୍କା ରହିଛି। ଫଳରେ ସେମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସୁରକ୍ଷା ପାଇଁ ପିପି କିଟ୍‌ର ଆବଶ୍ୟକତା ରହିଛି। ଡାକ୍ତରଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଜୁନିୟର ଡାକ୍ତର ଆସୋସିଏଶନ ପକ୍ଷରୁ ଏସ୍‌ସିବି ମେଡିକାଲ ଅଧକ୍ଷଙ୍କୁ ଏକ ଚିଠି ଲେଖାଯାଇଥିବା ପୂର୍ବତନ ସଭାପତି ଦୀପକ କୁମାର ସାମଲ କହିଛନ୍ତି। ଡାକ୍ତରଙ୍କ ସୁରକ୍ଷା ପାଇଁ ଏନ୍ ୯୫ ମାସ୍କ, ସାବୁନ, ସାନିଟାଇଜର, ଗ୍ଲୋବ୍‌ସ ଏବଂ ଗାଉନ ମେଡିକାଲରେ ମହଜୁଦ ରଖିବାକୁ ଜୁନିୟର ଡାକ୍ତର ଆସୋସିଏଶନର ରାଜ୍ୟ ସଭାପତି ଡା. ଆଶିଷ କୁମାର ମିଶ୍ର ଦାବି କରିଛନ୍ତି। ଆବଶ୍ୟକ ଉପକରଣଗୁଡ଼ିକ ପ୍ରଦାନ ନ କରାଗଲେ ଚିକିତ୍ସା କାର୍ଯ୍ୟରେ ଅନେକ ବାଧା ସୃଷ୍ଟି ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏ ନେଇ ଅଧକ୍ଷ ପ୍ରଫେସର ଡା. ଜୟଶ୍ରୀ ମହାନ୍ତି କହିଛନ୍ତି, ଜୁନିୟର ଡାକ୍ତରମାନେ ଚିଠି ଦେଇଛନ୍ତି। ଦାବିଗୁଡ଼ିକ ସମ୍ପର୍କରେ ଅଧୀକ୍ଷକଙ୍କ ସହ ଆଲୋଚନା କରାଯାଇଛି। ମଙ୍ଗଳବାର ଆବଶ୍ୟକ ସାମଗ୍ରୀଗୁଡ଼ିକ ଯୋଗାଇ ଦିଆଯିବା ଉପରେ ପଦକ୍ଷେପ ନିଆଯିବ।

# ଇଣ୍ଡୋନେସିଆରୁ ଫେରିଥିବା ଯୁବକଙ୍କୁ ଏସ୍‌ସିବି ଯିବାକୁ ପରାମର୍ଶ

**ବାରଙ୍ଗ,୧୬ା୩(ଡି.ଏନ୍.ଏ):** ଇଣ୍ଡୋନେସିଆରୁ ବୁଲିକି ଫେରିଥିବା ବାରଙ୍ଗ ଅଞ୍ଚଳର ଜଣେ ଯୁବକଙ୍କୁ କଟକ ବଡ ଡାକ୍ତରଖାନାରେ ସ୍ୱାସ୍ଥ୍ୟପରୀକ୍ଷା କରିବା ପାଇଁ ବାରଙ୍ଗ ସରକାରୀ ଡାକ୍ତରଖାନାର ଡାକ୍ତରମାନେ ସୋମବାର ପରାମର୍ଶ ଦେଇଥିବା ଜଣାପଡିଛି। ବାରଙ୍ଗ ଅଞ୍ଚଳର ଏହି ଯୁବକ ଜଣକ ଫେବ୍ରୁୟାରୀ ୨୮ତାରିଖରେ ଇଣ୍ଡୋନେସିଆକୁ ବୁଲିବାକୁ ଯାଇଥିଲେ। ମାର୍ଚ୍ଚ ୪ତାରିଖରେ ଭୁବନେଶ୍ୱର ଏୟାରପୋର୍ଟରେ ଓହ୍ଲାଇବାପରେ ସେଠାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏବେ ତାଙ୍କର କାଶ ହେବାରୁ ସେ ବାରଙ୍ଗ ସରକାରୀ ଡାକ୍ତରଖାନାକୁ ସୋମବାର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଇଥିଲେ। ଡାକ୍ତର ତାଙ୍କର ସ୍ୱାସ୍ଥ୍ୟାବସ୍ଥାକୁ ଅନୁଧାନ କରି ଔଷଧ ଲେଖିବାସହ କଟକ ବଡ଼ ଡାକ୍ତରଖାନାକୁ ଯାଇ ରକ୍ତପରୀକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି।

# ମାଟ୍ରିକ୍ ଖାତା ମୂଲ୍ୟାୟନବେଳେ ସତର୍କତା ଅବଲମ୍ୱନ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୬ା୩(ବ୍ୟୁରୋ)**

ଆସନ୍ତା ୧୯ ତାରିଖରୁ ମାଟ୍ରିକ୍ ଖାତା ଦେଖା ଆରମ୍ଭ ହୋଇ ଏପ୍ରିଲ ୧୦ଯାଏ ଚାଲିବ। ୧୮ ତାରିଖରେ ମୋଟ ୬୧ ମୂଲ୍ୟାୟନ କେନ୍ଦ୍ରରେ ମୂଲ୍ୟାୟନକାରୀ ପହଞ୍ଚିବେ। ତେବେ ମୂଲ୍ୟାୟନ ସମୟରେ କରୋନା ସତର୍କତା ଅବଲମ୍ୱନ କରାଯିବାକୁ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସବୁ ଡିଇଓ, ବିଇଓ ଓ ଚିଫ୍ ଏକ୍‌ଜାମିନରଙ୍କୁ ଭିଡିଓ କନଫରେନ୍ସି ଜରିଆରେ ନିର୍ଦ୍ଦେଶ ଦିଆଯାଇଛି। ଏଥର ପରୀକ୍ଷା କେନ୍ଦ୍ରରେ ଗହଳି ରୋକିବାକୁ ବିଷୟ ଅନୁସାରେ ସକାଳ ୮ଟା ୩୦ରୁ ଅପରାହ୍ଣ ୪ଟା ୩୦ ଯାଏ ତିନି ପର୍ଯ୍ୟାୟରେ ଖାତାଦେଖା ହେବ। ଖାତା ଦେଖିବାବେଳେ ଥଣ୍ଡା କାଶରେ ଆକ୍ରାନ୍ତ ହେଲେ ସେମାନଙ୍କୁ ବାରଣ କରାଯିବ। ସାନିଟାଇଜର ବ୍ୟବହାର ସହ ମୂଲ୍ୟାୟନକାରୀ ସ୍ୱାସ୍ଥ୍ୟ ବିଭାଗ ଗାଇଡ୍‌ଲାଇନ୍ ମୁତାବକ ନିଜ ଭିତରେ ଦୂରତା ରକ୍ଷା କରିବେ ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତି ରାମାଶିଷ ହାଜରା ଏହି ସୂଚନା ଦେଇଛନ୍ତି। ଓକାକ୍‌ଠାରେ ଆୟୋଜିତ ଏହି ଭିଡିଓ କନଫରେନ୍ସରେ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଚିତ୍ରା ଅରୁମୁଗମ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୁପିନ୍ଦର ପୁନିଆ, ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତି ରାମାଶିଷ ହାଜରା ପ୍ରମୁଖ ଉପସ୍ଥିତ ଥିଲେ।







# କଏଦୀଙ୍କୁ ବଣ୍ଟାଯିବ ସାନିଟାଇଜର, ମାସ୍କ

**ଭୁବନେଶ୍ୱର, ୧୬ା୩ (ବ୍ୟୁରୋ)**

- ନିର୍ଦ୍ଦେଶ ସତ୍ତ୍ୱେ ଭିଡିଓ କନ୍‌ଫରେନ୍ସରେ ହାଜର କରାଗଲାନି
- ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଭୁବନେଶ୍ୱର କୋର୍ଟ ବନ୍ଦ

କରୋନା ସଂକ୍ରମଣକୁ ରୋକିବା ପାଇଁ କଏଦୀମାନଙ୍କୁ ଭିଡିଓ କନ୍‌ଫରେନ୍ସରେ ହାଜର କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଏନେଇ ଏକ ଚିଠି କରାଯାଇ ଗାଇଡଲାଇନ୍ ଜାରି କରାଯାଇଥିଲା। ହେଲେ ସୋମବାର ଭୁବନେଶ୍ୱର କୋର୍ଟରେ ମାମଲାର ବିଚାର ପାଇଁ ଏକଦୀମାନଙ୍କୁ ବ୍ୟକ୍ତିଗତ ଭାବେ ହାଜର କରାଯାଇଥିଲା। ଭୁବନେଶ୍ୱର ବାର ଆସୋସିଏଶନର ପୂର୍ବତନ ସଭାପତି ଦୁର୍ଗାମାଧବ ମିଶ୍ର କହିଛନ୍ତି ଯେ, ସ୍ଥାନୀୟ କୋର୍ଟରେ ପ୍ରବଳ ଗହଳି ରହିଥିବାରୁ କଏଦୀମାନଙ୍କୁ ବ୍ୟକ୍ତିଗତ ହାଜର କରିବା ଠିକ୍ ନୁହେଁ। ସରକାରୀ ଗାଇଡ୍‌ଲାଇନକୁ ନ ମାନି କଏଦୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ଜେଲ ବିଭାଗ ବୋଲି ମିଶ୍ର କହିଛନ୍ତି। ଜେଲ ଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି, କୋର୍ଟରେ କଏଦୀଙ୍କୁ ବ୍ୟକ୍ତିଗତ ଭାବେ ନା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହାଜର କରାଯିବ ସେନେଇ ବିଚାରପତି ମାମଲାର ଗୁରୁତ୍ୱକୁ ଦେଖି ନିଷ୍ପତ୍ତି ନେବେ।

ଜେଲ ବିଭାଗ କଏଦୀଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇଛି। ରାଜ୍ୟର ୯୦ ଜେଲର କଏଦୀଙ୍କୁ ମାସ୍କ ଏବଂ ସାନିଟାଇଜର ବଣ୍ଟାଯିବ। ବର୍ତ୍ତମାନ ପ୍ରତି କଏଦୀଙ୍କୁ ସାବୁନ ଦିଆଯିବା ସହ ହାତ ଧୋଇବାକୁ କୁହାଯାଇଛି। ଯଦି କୌଣସି ରୋଗୀଙ୍କୁ କରୋନା ହୋଇଥିବା ନେଇ ସଙ୍କେତ ମିଳିବ, ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲ ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଯିବ ବୋଲି ଉପାଧ୍ୟାୟ ସୂଚନା ଦେଇଛନ୍ତି। ସୋମବାର ଭୁବନେଶ୍ୱର କୋର୍ଟରେ ଶତାଧିକ ଲୋକଙ୍କ ଗହଳି ହେବା ସହ ଓକିଲମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଫଳରେ କରୋନା ସଂକ୍ରମଣ ହେବା ଅଧିକ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ବାର ଆସୋସିଏଶନ ପକ୍ଷରୁ ଆସନ୍ତା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କୋର୍ଟକୁ ବନ୍ଦ କରାଯାଇଛି। ତେବେ ବିଚାରପତିଙ୍କ ନିର୍ଦ୍ଦେଶକ୍ରମେ ଜରୁରୀ ମାମଲାର ଶୁଣାଣି କରାଯିବ। ହେଲେ କେବଳ ଉଭୟ ପକ୍ଷ ଏବଂ ସେମାନଙ୍କ ଓକିଲ କୋର୍ଟ ଭିତରକୁ ଯାଇପାରିବେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁମାନଙ୍କ ବିଚାରବୁଦ୍ଧି ସବୁଠାରୁ କମ୍, ସେଇମାନେ ହିଁ ସବୁଠାରୁ ବେଶି କଥା କୁହନ୍ତି।

-ପ୍ଲାଟୋ

## ସଂକ୍ଷେପରେ

### ଅବକାରୀ ଚଢ଼ାଉ : ୩ ଗିରଫ

#### ୬୬ବୋତଲ ଦେଶୀ ମଦ ଜବତ

**ସାଲେପୁର, ୧୬।୩(ଡି.ଏନ୍.ଏ.):** ସାଲେପୁର ଅବକାରୀ ବିଭାଗ ପକ୍ଷରୁ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ସୋମବାର ଚଢ଼ଉ କରାଯାଇଛି। ଏହି ଅବସରରେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଗୀତାଞ୍ଜଳି ସାହୁ(୨୫), ସ୍ୱପ୍ନେଶ୍ୱର ବେହେରା(୪୦) ଓ ଗ୍ରାମର ସନ୍ତୋଷ ସାହୁ(୩୦)। ସେମାନଙ୍କ ଠାରୁ ଯଥାକ୍ରମେ ୨୨,୨୪ ଓ ୨୦ ବୋତଲ ଦେଶୀ ମଦ ଜବତ କରାଯାଇଥିଲା। ଏନେଇ ମାମଲା ନଂ. ୬୯,୭୬,୭୦/୨୦ରେ ୩ ମାମଲା ରୁଜୁ କରାଯାଇଛି। କଟକ ଅବକାରୀ ବିଭାଗର ସୁପରିଟେଣ୍ଡେଣ୍ଟ୍ ଅଶୋକ କୁମାର ଶତପଥୀଙ୍କ ନେତୃତ୍ୱରେ ସାଲେପୁର ଅବକାରୀ ଇନିସ୍ପେକ୍ଟର ଅନିତା ପ୍ରଧାନ, ସାଲେପୁର ଓଆଇସି ରାଜକିଶୋର ଜେନା, ଏଏସ୍ଆଇ ଶରତ ଚନ୍ଦ୍ର ଜେନା, କନେଷ୍ଟବଳ ସୁନିଲ କୁମାର ବଳ, ସନାତନ ବେହେରା, ମେନକା ସିଂହ ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍ କରି ଜପକୁଦ ଫାଣ୍ଡି ଅନ୍ତର୍ଗତ କଟରପା ଗ୍ରାମରେ ଚଢ଼ାଉ କରିଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

**ନିଶ୍ଚିନ୍ତକୋଇଲି,୧୬।୩(ସ୍ୱ.ପ୍ର):** ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ନିଶ୍ଚିନ୍ତକୋଇଲି ବ୍ଲକ ଶିର୍ଲୋ ପଞ୍ଚାୟତ ଅନ୍ତର୍ଗତ ସୁଦୁଖଣ୍ଡ ଗ୍ରାମର ପ୍ରଭାତ ଓଝା(୬୦)ଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ସକାଳୁ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଇଲେକ୍ଟ୍ରି ୱାରିଂ କାମ କରୁଥିଲେ। ଏହି ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ସେ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଉଥିବା ବେଳେ ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା।

### କରୋନା ସଚେତନତା ଅଭିଯାନ

**ବାଙ୍କୀ,୧୬।୩(ବି.ପ୍ର.):** ସମଗ୍ର ବିଶ୍ୱରେ କରୋନା ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ବାଙ୍କୀ ଡମପଡା ବ୍ଲକ ଅନ୍ତର୍ଗତ ହରିରାଜପୁର ପଞ୍ଚାୟତ ସରପଞ୍ଚ ଦେବସ୍ମିତା ସେଠୀ ଏବଂ କିଛି ଓାର୍ଡ ସଭ୍ୟ ସୋମବାର ଜୋରକୁଳ ଗ୍ରାମରେ ଏନେଇ ସଚେତନତା ସୃଷ୍ଟି କରିଥିଲେ। ଏହି ଅଭିଯାନରେ ସାମାଜିକ କର୍ମୀ ପରମାନନ୍ଦ ସେଠୀ, ପବିତ୍ର ସାହୁ, ନାଏବ ସରପଞ୍ଚ ରମେଶ ଚନ୍ଦ୍ର ପରିଡା, ଓାର୍ଡ ସଭ୍ୟ ଦିପକ ରଣା, ପ୍ରଶାନ୍ତ ସାହୁ, ନିର୍ମଳା ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ମଣ୍ଡିରେ ଧାନ ବିକ୍ରି ନ ପାରିବାରୁ ରାସ୍ତା ଅବରୋଧ

**ବାଙ୍କୀ,୧୬।୩(ବି.ପ୍ର.)**

ମଣ୍ଡିରେ ଧାନ ବିକ୍ରି କରି ନ ପାରିବାରୁ ବାଙ୍କୀ-ଡମପଡା ବ୍ଲକ ଅଧୀନ ପଦନପୁର ସେବା ସମବାୟ ସମିତିରେ ସୋମବାର ଚାଷୀ ତାଲା ପକାଇବା ସହ ଡମପଡା-ଖୋର୍ଦ୍ଧା ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଫଳରେ ସକାଳ ୯ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ମଧ୍ୟାହ୍ନରେ ବାଙ୍କୀ ସହକାରୀ ନିବନ୍ଧକ ସରୋଜକାନ୍ତ ଜେନା ଧାରଣାସ୍ଥଳରେ ପହଞ୍ଚି ସମସ୍ତ ଚାଷୀଙ୍କଠାରୁ ମାର୍ଚ୍ଚ ୩୧ ସୁଦ୍ଧା ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଧାରଣାରୁ ଓହରି ଯାଇଥିଲେ।

ସୂଚନାଯୋଗ୍ୟ, ଚଳିତ ଖରିଫ ଋତୁରେ ଏହି ମଣ୍ଡିରେ ଧାନ ବିକ୍ରି ପାଇଁ ୧୬୨ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଥିଲା। ସେଥିରୁ ୪୭ ଚାଷୀଙ୍କ ଟୋକନ ନ ଆସିବାରୁ ସେମାନେ ଧାନ ବିକ୍ରି କରି ପାରି ନ ଥିଲେ। ସେପଟେ ବହୁ ଚାଷୀ ଡବଲ୍ ଟୋକନ ପାଇ ଧାନ ବିକୁଥିବା ଏମାନେ ଜାଣିବାକୁ ପାଇଥିଲେ। ତେଣୁ ଏହି ସମସ୍ୟାର




ରାସ୍ତାରେ ଧାନ ରଖି ଚାଷୀ ଧାରଣାରେ ବସିଛନ୍ତି।

#### ସମବାୟ ସମିତିରେ ପକାଇଲେ ତାଲା

ସମାଧାନ ପାଇଁ ଚାଷୀ ପ୍ରସନ୍ନ ସାହୁ, ବସନ୍ତ ଦାସ, ସୂର୍ଯ୍ୟନାରାୟଣ ସ୍ୱାଇଁ, ବିମ୍ବାଧର ସ୍ୱାଇଁ, ପ୍ରଶାନ୍ତ ପ୍ରଧାନ, ସ୍ମିତକାନ୍ତ ରଥ, ପ୍ରଶାନ୍ତ ପ୍ରଧାନ, ନବକିଶୋର ପରିଡା, ପଦ୍ମନାଭ ମହାରଣା, କବିନ୍ଦ୍ର ସାହୁ, ସୁଦର୍ଶନ ବେହେରା, ରମେଶ ସାହୁ ପ୍ରମୁଖ ଗତ ୭ ତାରିଖରେ ଏକ ଦାବିପତ୍ର ବାଙ୍କୀ ସହକାରୀ ନିବନ୍ଧକଙ୍କୁ ଦେଇଥିଲେ। ଦାବିପତ୍ରରେ ୧୫ ତାରିଖ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ୧୬ରୁ ରାସ୍ତା ଅବରୋଧ ସହ ସମବାୟ ସମିତିରେ ତାଲା ପକାଯିବ ବୋଲି ଚେତାବନୀ ଦିଆଯାଇଥିଲା। ତେବେ ସହକାରୀ ନିବନ୍ଧକଙ୍କ ପକ୍ଷରୁ କୌଣସି ସମାଧାନ ନ ହେବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରି ସ୍ମିତକାନ୍ତଙ୍କ ନେତୃତ୍ୱରେ ରାସ୍ତା ଅବରୋଧ କରିବା ସହିତ ସେବା ସମବାୟ ସମିତିରେ ତାଲା ପକାଇ ଧାରଣା ଦେଇଥିଲେ।

## ଫନୀ ସହାୟତା ପ୍ରଦାନରେ ଅନିୟମିତତା
# ଉଚ୍ଚ ନ୍ୟାୟାଳୟଙ୍କ ପୁନଃ ତଦନ୍ତ ନିର୍ଦ୍ଦେଶ

**ସାଲେପୁର, ୧୬।୩(ଡି.ଏନ୍.ଏ.)**

ନରଦା ପଞ୍ଚାୟତରେ ଫନି ସହାୟତା ରାଶି ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ସମୟରେ ପ୍ରକୃତ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଥିବା ନେଇ କେତେଜଣ ହିତାଧିକାରୀ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଉଚ୍ଚ ନ୍ୟାୟାଳୟ ଏହି ମାମଲାର ବିଚାର କରି ଏହି ଘଟଣାର ପୁନଃତଦନ୍ତ କରିବାକୁ ମଙ୍ଗଳବାର କଟକ ଜିଲାପାଳ ଓ ସାଲେପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାଲେପୁର ବ୍ଲକ୍ ଅନ୍ତର୍ଗତ ନରଦା ପଞ୍ଚାୟତର ରୁଣପୁର, ନାନପୁର, ଗରଗରା, କୁକୁଡ଼ାଙ୍ଗ, କୁଆଁରପୁର ଆଦି ଗ୍ରାମରେ ଫନି ସହାୟତା ପ୍ରଦାନ ବ୍ୟାପକ ଅନିୟମିତତା ହୋଇଛି। ଏନେଇ କୋଠାଘର ଥିଲାବାଲାଙ୍କୁ ଘରଭଙ୍ଗା ସହାୟତା ପ୍ରଦାନ କରାଯାଇଥିବାବେଳେ ପ୍ରକୃତ ହିତାଧିକାରୀଙ୍କୁବାଦ୍‌ଦିଆଯାଇଛି।ଏନେଇ ନରଦା ପଞ୍ଚାୟତର ବହୁ ହିତାଧିକାରୀ ସାଲେପୁର ତହସିଲଦାର ଓ କଟକ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ସ୍ଥାନୀୟ ଅଞ୍ଚଳର କୁଆଁରପୁର ଗ୍ରାମର ରାମଚନ୍ଦ୍ର ମଲ୍ଲିକ, ଚିରଞ୍ଜନ ସାହୁ, ଶିବରାମ ମଲ୍ଲିକ, ଲକ୍ଷ୍ମୀଧର ଭୋଇ, ନାରପୁରର ମମତା କାଣ୍ଡି ପ୍ରମୁଖ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ।

# ଏନ୍‌ଏସିରେ ଖୋଲିଲା କରୋନା ସଚେତନତା କକ୍ଷ




କରୋନା ସଚେତନତା କକ୍ଷର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ବାଙ୍କୀ,୧୬।୩(ସ୍ୱ.ପ୍ର.)**

ବାଙ୍କୀ ଏନ୍‌ଏସିରେ ସୋମବାର କରୋନା ଭୂତାଣୁ ସଂକ୍ରମଣର ସଚେତନତା ପାଇଁ ଏକ ୨୪ ଘଣ୍ଟିଆ କେନ୍ଦ୍ର ଖୋଲାଯାଇଛି। ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୋଲାଯାଇଥିବା ଏହି କେନ୍ଦ୍ରରେ ଭୂତାଣୁ ସଂକ୍ରମଣ କିପରି ରୋକାଯାଇପାରିବ ସେସମ୍ପର୍କରେ ସୂଚନା ଦିଆଯାଉଛି। କେନ୍ଦ୍ରର ବିଜୟ କୁମାର ରାଜଙ୍କୁ ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଶ୍ରୀଚନ୍ଦନପୁର ସ୍କୁଲରେ ଏକ ଅତିରିକ୍ତ କରୋନା କେନ୍ଦ୍ର ଖୋଲାଯାଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି। ଏ ସମ୍ପର୍କରେ ବାଙ୍କୀ ଏନ୍‌ଏଏସି କାର୍ଯ୍ୟାଳୟରେ କରୋନା ଭୂତାଣୁର ମୁକାବିଲା ପାଇଁ ଆଲୋଚନା କରାଯାଇଥିଲା। ଏଥିରେ କର୍ମଚାରୀ ରୁଦ୍ରନାରାୟଣ ପତି, କୁବେର ମହାନ୍ତି, ଦିଲୀପ୍ କୁମାର ସ୍ୱାଇଁ, ଓ ସୀମାଞ୍ଚଳ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଡମପଡ଼ା ଅନାସ୍ଥା ପ୍ରସ୍ତାବର ଫଳାଫଳ ଘୋଷଣା
# ପଦ ହରାଇଲେ ବ୍ଲକ ଅଧ୍ୟକ୍ଷ

**ବାଙ୍କୀ, ୧୬।୩(ସ୍ୱ.ପ୍ର)**

ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ଡମପଡ଼ା ବ୍ଲକ ଅଧ୍ୟକ୍ଷ ଶଶାଙ୍କ ଶେଖର ସ୍ୱାଇଁଙ୍କ ବିରୋଧରେ ହୋଇଥିବା ଅନାସ୍ଥା ପ୍ରସ୍ତାବର ଫଳାଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ତାଙ୍କୁ ପଦ ହରାଇବାକୁ ପଡିଛି। ଏହାପରେ ବ୍ଲକ ଉପାଧ୍ୟକ୍ଷ ରେବତୀ ଜେନାଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ବ୍ଲକ ଅଧ୍ୟକ୍ଷ ଶଶାଙ୍କ ଶେଖରଙ୍କ ବିରୋଧରେ ୧।୧୦।୧୯ରେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇ ଭୋଟ ଗ୍ରହଣ ହୋଇଥିଲା। ଏଥିରେ ପଞ୍ଚାୟତ ସମିତିର ୩୫ ଜଣଙ୍କ ସଭ୍ୟଙ୍କ ମଧ୍ୟରୁ ୨୬ ଜଣ ଭୋଟ ଦେଇଥିବା ବେଳେ ୯ ଜଣ ଅନୁପସ୍ଥିତ ଥିଲେ। ଓଡ଼ିଶା ଉଚ୍ଚନ୍ୟାୟାଳୟଙ୍କ ଆଦେଶ ନଂ-୪/୩୦।୯।୧୯ ଓ ୧୩୫୨୧/୧୯(ଡବ୍ଲ୍ୟୁ ଇସିଓ),୧୮୧୦୫/୨୦୧୯ ଅନୁଯାୟୀ ଫଳାଫଳ ଘୋଷଣା କରାଯାଇ ନଥିଲା। ଏହାକୁ ଏକ ଜଉମୁଦ ବାକ୍ସ ଭିତରେ ବାଙ୍କୀ ସବ୍‌ଡିଭିଜନ୍ କାର୍ଯ୍ୟାଳୟରେ ରଖାଯାଇଥିଲା। ଫଳାଫଳର ଗଣତି ପାଇଁ୧୬।୩।୨୦ ତାରିଖ ଧାର୍ଯ୍ୟ ହୋଇଥିଲା। ଏହି ନିର୍ଦ୍ଦେଶ ଅନୁସାରେ



ନୂତନ ବ୍ଲକ ଅଧ୍ୟକ୍ଷ ରେବତୀ ଜେନା ଉପଜିଲାପାଳଙ୍କଠାରୁ ଆଦେଶନାମା ଗ୍ରହଣ କରୁଛନ୍ତି।

ନିର୍ବାଚନ ଅଧିକାରୀ ତଥା ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ ସୋମବାର ବ୍ଲକ କାର୍ଯ୍ୟାଳରେ ଜଉମୁଦ ବାକ୍ସଖୋଲିବାଲଟପେପରଗୁଡ଼ିକସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ଗଣତି କରିଥିଲେ। ଗଣତି ସମୟରେ ୨୬ ଭୋଟ ଅଧ୍ୟକ୍ଷ ସ୍ୱାଇଁଙ୍କ ବିରୋଧରେ ଯାଇଥିଲା। ଫଳରେ ତାଙ୍କୁ ପଦଚ୍ୟୁତ କରାଯାଇଛି।

ଏନେଇ ଆୟୋଜିତ ବୈଠକରେ ବିଧାୟକ ଓ ଏମ୍‌ପିଙ୍କ ବ୍ୟତୀତ ପଞ୍ଚାୟତ ସମିତିର ୨୪ଜଣ ସଭ୍ୟ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ପଦରୁ ସ୍ୱାଇଁ ପଦଚ୍ୟୁତ ହେବା ପରେ ଉପାଧ୍ୟକ୍ଷା ଜେନା ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବା ନିମନ୍ତେ ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କଠାରୁ ତାଙ୍କ କାର୍ଯ୍ୟାଳୟରୁ ଆଦେଶନାମା ଗ୍ରହଣ କରିଛନ୍ତି। ଏହି ଅବସରରେ ଜିଲା ପରିଷଦ ସଭ୍ୟ ପ୍ରଣବ କୁମାର ପଟେଲ , ତ୍ରିଲୋଚନ ରାଉତଙ୍କ ସମେତ ସମିତି ସଭ୍ୟ ଓ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ନୂତନ ଅଧ୍ୟକ୍ଷାଙ୍କୁ ଅଭିନନ୍ଦନ ଜଣାଇଥିଲେ। ବାଙ୍କୀ ଥାନା ଅଧିକାରୀ ସମୀର କୁମାର ପଣ୍ଡା ପୋଲିସ୍ ଫୋର୍ସ ସହ ଉପସ୍ଥିତ ରହି ଆଇନଶୃଙ୍ଖଳା ରକ୍ଷା କରିଥିଲେ। ସହକାରୀ ଜିଲାପାଳ ଦେବେନ୍ଦ୍ର ଖଟୁଆ, ପଞ୍ଚାୟତ ଅଧିକାରୀ ପୁଷ୍ପାଞ୍ଜଳି ନାୟକ ଉପସ୍ଥିତରହି ନିର୍ବାଚନ ଅଧିକାରୀଙ୍କୁ ସାହାଯ୍ୟ କରିଥିଲେ।

## ଗୋଷ୍ଠୀ ସଂଘର୍ଷ: ୪ ଗିରଫ

**ଭୁବନେଶ୍ୱର,୧୬।୩ (ବ୍ୟୁରୋ)**

ରାସ୍ତା ଉପରେ ପାଚେରି ତିଆରିକୁ ନେଇ ଗୋଷ୍ଠି ସଂଘର୍ଷ ଘଟଣାରେ ଖଣ୍ଡଗିରି ଥାନା ପୋଲିସ ୨ଟି ପୃଥକ ମାମଲା ରୁଜୁ କରି ଉଭୟ ପକ୍ଷରୁ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମହାଦେବ ସାମଲ ଏବଂ ନାରାୟଣ ସାମଲ ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ସାମଲ ସାହିରେ ରୁହନ୍ତି। ଯିବାଆସିବା ପାଇଁ ଉଭୟ ପରିବାର ଗୋଟିଏ ରାସ୍ତାକୁ ବ୍ୟବହାର କରୁଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ସଂଘର୍ଷ ହୋଇଥିଲା।

# ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ପ୍ରସ୍ତୁତି

**ଆଠଗଡ,୧୬।୩(ସ୍ୱ.ପ୍ର.)**

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଶେଷ ହୋଇଛି। ଏବେ ଏହି ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏହି ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ଗଢ଼ାଯାଇଥିବା କ୍ଲଷ୍ଟର ମଧ୍ୟରେ ଆଠଗଡସ୍ଥିତ ବିଶ୍ୱନାଥ ବିଦ୍ୟାପୀଠ ସ୍ଥାନ ପାଇଛି। ବୁଧବାରଠାରୁ ପରୀକ୍ଷାଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ଏହା ୨୦ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଏହି କେନ୍ଦ୍ରର ସୁପରଭାଇଜର ତଥା ପ୍ରଧାନ ଶିକ୍ଷକ ରୁଦ୍ରନାରାୟଣ ସାମଲ କହିଛନ୍ତି। ପ୍ରାୟ ୪୦୦ ଶିକ୍ଷକ ୧୬ ୟୁନିଟରେ ବିଭକ୍ତ ହୋଇ ପରୀକ୍ଷା ଖାତା ମୂଲ୍ୟାୟନ କରିବେ। ଏଥିପାଇଁ ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ, ୧୬ ଟେବୁଲରେ ଜଣେ ମୁଖ୍ୟ ପରୀକ୍ଷକ, ୨ ଉପପରୀକ୍ଷକ, ୨ ମୂଲ୍ୟାୟନକାରୀ (ସ୍କ୍ରୁଟିନାଇଜର) ଏବଂ ୨୦ ପରୀକ୍ଷକ ରହିବେ। ୨୦ ଦିନ ମଧ୍ୟରେ ଏହି କ୍ଲଷ୍ଟରରେ ୬୭୦୦୦ ପରୀକ୍ଷା ଖାତା ମୂଲ୍ୟାୟନ କରାଯିବ ବୋଲି ସାମଲ କହିଛନ୍ତି। ବୋର୍ଡ ପକ୍ଷରୁ ମଧ ୨ଜଣ ସ୍ୱତନ୍ତ୍ର ଅଧିକାରୀଙ୍କୁ ଏହି ମୂଲ୍ୟାୟନ କାର୍ଯ୍ୟକ୍ରମର ପରିଚାଳନା ପାଇଁ ନିୟୋଜିତ କରାଯାଇଛି।

# ୧୦୦ ଟଙ୍କାରେ ମିଳୁଛି ୪ କୁକୁଡ଼ା

**ସାଲେପୁର, ୧୬।୩(ଡି.ଏନ୍.ଏ.)**

ରାଜ୍ୟରେ ସୋମବାର ପ୍ରଥମ କରୋନା ରୋଗୀ ଚିହ୍ନଟ ହେବା ପରେ ସାଲେପୁରରେ ଭୟର ବାତାବରଣ ଖେଳିଯାଇଛି। ଅପରପକ୍ଷେ ଚିକେନ ଖାଇଲେ କରୋନା ବ୍ୟାପୁଥିବା ଗୁଜବ ଯୋଗୁ ଲୋକେ ଏହାକୁ ଖାଇବାକୁ ଇଚ୍ଛା କରୁନାହାନ୍ତି। ଫଳରେ ସାଲେପୁରରେ ଏବେ ବ୍ୟବସାୟୀମାନେ ୧୦୦ ଟଙ୍କାରେ ୪ କୁକୁଡା ବିକ୍ରି କରୁଛନ୍ତି। ଏହାସତ୍ତ୍ୱେ ଲୋକେ ଏହାକୁ କିଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଫଳରେ ବାଧ ହୋଇ ବ୍ୟବସାୟୀମାନେ ଅଧିକାଂଶ କୁକୁଡା ମାରି ମାଟିରେ ପୋତି ହେଉଛନ୍ତି। ବ୍ୟବସାୟୀ ଏଥିଯୋଗୁ ବହୁ କ୍ଷତି ସହୁଥିବାରୁ ସେମାନଙ୍କ ମଧ୍ୟରେ ହାହାକାର ଖେଳିଯାଇଛି। ସେହିପରି ସାଲେପୁର ଅଞ୍ଚଳର ଅଧିକାଂଶ ମେଡ଼ିସିନ୍ ଦୋକାନରେ ମାସ୍କ ଓ ସାନିଟାଇଜର ମିଳୁନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ କରୋନା ସମ୍ପର୍କିତ ସଚେତନତା ସୃଷ୍ଟି କରାଯିବା ସହ ଘରୋଇ କୋଚିଂ ସେଣ୍ଟର, ସ୍କୁଲ ଓ କଲେଜ ବନ୍ଦ କରିଦିଆଯାଇଛି।

# ସେମିଫାଇନାଲରେ ୟୁଥକ୍ଲବ କରଡ଼ାପଲ୍ଲୀ

**ଟିଗିରିଆ, ୧୬।୩ (ଡି.ଏନ୍.ଏ.)**

ଟିଗିରିଆ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀ ଖେଳ ପଡ଼ିଆରେ ୫ମ ୟୁବ ଅହମ୍ମଦିୟା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ବାପୁଜୀ କ୍ଲବ ଶଙ୍ଖମାରୀ, ବଡ଼ମ୍ବାକୁ ପରାସ୍ତ କରି ୟୁଥ କ୍ଲବ କରଡ଼ାପଲ୍ଲୀ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ କରଡ଼ାପଲ୍ଲୀର ୧୬ନଂ ଖେଳାଳି ଇଫେତେଖାର ଖାଁ ପ୍ରଥମ ଗୋଲସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ୬ନଂ ଖେଳାଳି ଡାଭିଡ଼ ଇସମାଇଲ ୨ୟ ଗୋଲସ୍କୋର କରିଥିଲେ। ଖେଳ ଶେଷ ପର୍ଯ୍ୟନ୍ତ ବାପୁଜୀ କ୍ଲବ କୌଣସି ଗୋଲସ୍କୋର କରିବାକୁ ସକ୍ଷମ ହୋଇ ନଥିଲା। ଫଳରେ କରଡ଼ାପଲ୍ଲୀ ୨-୦ ଗୋଲରେ ବିଜୟୀ ହୋଇଛି। ମ୍ୟାଚରେ ମୁଖ୍ୟଅତିଥି ଭାବେ ନିଜିଗଡ଼ ପଞ୍ଚାୟତର ସରପଞ୍ଚ ଭବାନୀ ପ୍ରସାଦ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଖେଳାଳୀ ଅନୱର ଖାଁ ଓ ତତାର ମହମ୍ମଦ ଯୋଗଦେଇ ଥିଲେ। ରେଫରି ଭାବେ ଆର୍ଶୀବାଦ କାନୁନଗୋ ଏହାକୁ ପରିଚାଳନା କରିଥିଲେ।

ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ




ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ଗରିବ ପିଲାଙ୍କୁ ଦେଉଛନ୍ତି ମାଗଣା ଟ୍ୟୁଶନ



ପ୍ରୟାସ ଗ୍ରୁପ୍ ପକ୍ଷରୁ ପିଲାଙ୍କୁ ଟ୍ୟୁଶନ କରାଯାଉଛି।

**ମନୋଜ କୁମାର ସ୍ୱାଇଁ**
**ନରାଜ,୧୬।୩ (ଡି.ଏନ୍.ଏ.)**

#### ବେଲଗଛିଆ ପଞ୍ଚାୟତ ଯୁବତୀଯୁବକଙ୍କ ନିଆରା ପ୍ରୟାସ

ଆଜିର ବ୍ୟସ୍ତବହୁଳ ଜୀବନରେ କାହାପାଖରେ ନିଜ ପାଇଁ ସମୟ ନ ଥିବା ବେଳେବାରଙ୍ଗ ବ୍ଲକ ଅନ୍ତର୍ଗତ ବେଲଗଛିଆ ପଞ୍ଚାୟତର କିଛି ଯୁବତୀଯୁବକ ଏକତ୍ରିତ ହୋଇ ଗରିବ ଓ ପଛୁଆ ବର୍ଗର ପିଲାଙ୍କୁ ଉନ୍ନତ ଶିକ୍ଷା ଦେବା ନିମନ୍ତେ ମାଗଣାରେ ଟିଉସନ ଦେଉଛନ୍ତି। ଏହି ପଞ୍ଚାୟତର ବେଲଗଛିଆ ଗ୍ରାମରେ ସେମାନେ ପ୍ରୟାସ ନାମରେ ଏକ ସଂଗଠନ ଗଢ଼ି ୩ୟ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଗରିବ ପିଲାଙ୍କୁ ଶିକ୍ଷାଦାନ ଦେଉଛନ୍ତି। ୨୦୧୮ରେ ଆରମ୍ଭ ହୋଇଥିବା ଏହି ସଂଗଠନର ମୁଖ୍ୟ ପୁରୋଧା ସାଜିଛନ୍ତି ୩୧ ବର୍ଷୀୟ ରୋହିତ ଜେନା ଓ ୨୬ ବର୍ଷୀୟ ମମତା ନାୟକ। ଉଭୟ ୨୦୧୫ରେ ଏକ ଟିଉଟୋରିଆଲ କରି ପିଲାମାନଙ୍କୁ ପାଠ ପଢାଉଥିଲେ। ଏହି ସମୟରେ ବହୁ ଗରିବ ପିଲାମାନେ ପଇସା ଅଭାବରୁ ପାଠ ପଢ଼ି ପାରୁ ନ ଥିବା ସେମାନେ ଅନୁଭବ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ରୋହିତ ଗରିବ ପିଲାଙ୍କୁ ମାଗଣାରେ ପାଠ ପଢ଼ାଇବାକୁ ଚିନ୍ତା କଲେ। ଏନେଇ ସେ ମମତାଙ୍କୁ ଜଣାଇଥିଲେ। ମମତା ଏଥିରେ ରାଜି ହେବା ପରେ କିଛି କଲେଜ ପିଲା ଓ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରୟାସ ନାମକ ସଂଗଠନ ଆରମ୍ଭ କରିଥିଲେ। ଶିକ୍ଷା ବ୍ୟବସ୍ଥାର କିଛି ପରିବର୍ତ୍ତନ କରି ନୂତନ ଶୈଳୀରେ ଗରିବ ପିଲାଙ୍କୁ ପାଠ ପଢାଇବା ପାଇଁ ସେମାନଙ୍କ ସହ ପ୍ରାୟ ୨୪ ଜଣ ଯୁବତୀଯୁବକ ଏକତ୍ରିତ ହୋଇଥିଲେ। ସେମାନେ ବିଦ୍ୟାଳୟରେ ପଢୁଥିବା ଗରିବ ପିଲାଙ୍କୁ ଖୋଜି ସେମାନଙ୍କ ମଧ୍ୟରେ ପାଠ ପଢ଼ା ପାଇଁ ଉତ୍ସାହ ଭରିବା ସହ ମାଗଣାରେ ପାଠ ପଢ଼ାଇବା ପାଇଁ ଉକ୍ତ ଛାତ୍ରୀଛାତ୍ରଙ୍କ ପରିବାର ସହ ଆଲୋଚନା କରିଥିଲେ। ଏହାପରେ ୨୦୧୮ ଏପ୍ରିଲରୁ ବେଲଗଛିଆଠାରେ ମାଗଣା ଟିଉସନ୍ ଆରମ୍ଭ ହୋଇଥିଲା। ଟିଉଟନ୍‌ରେ ଧୀରେ ଧୀରେ ପିଲାଙ୍କ ସଂଖ୍ୟା ବଢ଼ି ୫୦ ଛୁଇଁଥିବା ବେଳେ ୨୦୧୯ ଏପ୍ରିଲରୁ ଉକ୍ତ ପଞ୍ଚାୟତର ଜୟପୁର ଗ୍ରାମରେ ସଂଗଠନର ଏକ ନୂତନ ଶାଖା ଖୋଲି ସେଠାରେ ଟିଉସନ୍ ଦିଆଯାଉଛି। ଫଳରେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇ ୬୦ରୁ ଊର୍ଦ୍ଧ୍ୱ ହୋଇଛି। ଏଥିସହ ପିଲାଙ୍କୁ ପାଠପଢ଼ା ସହଯୋଗ କରିବା ପାଇଁ ଆଉ ୩ ସାଙ୍ଗ ମଧ୍ୟ ଆଗେଇ ଆସିଛନ୍ତି।

ପ୍ରୟାସ ଗ୍ରୁପ୍‌ରେ ଏବେ ୧୯ ଜଣ ଯୁବକ ଓ ୧୦ ଜଣ ଯୁବତୀ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରତିଦିନ ୨ଜଣ ଲେଖାଏ ଆସି ସକାଳୁ ୨ ଘଣ୍ଟା ପିଲାଙ୍କୁ ଟିଉସନ୍ କରୁଛନ୍ତି। ପାଠ ପଢାଇବା ବ୍ୟତୀତ ପିଲାମାନଙ୍କ ମନୋବଳ ସୁଦୃଢ କରିବା ପାଇଁ ଟିଉସନ୍‌ରେ ବିଭିନ୍ନ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଆବଶ୍ୟକ ସମୟରେ ପିଲାଙ୍କୁ ଦରକାରୀ ବହି,ଖାତା ଓ ପେନ ମଧ୍ୟ ଯୋଗାଇ ଦିଆଯାଉଛି।

#### ସେମାନେ କୁହନ୍ତି.....



ସବୁବେଳେ ମନଭିତରେ ଥିଲା କିଛି କରିବାର ଆଶା। କିନ୍ତୁ ସମ୍ବଳ ଅଭାବରୁ ଏହା ସମ୍ଭବ ହୋଇପାରୁ ନ ଥିଲା। ଶିକ୍ଷାକୁ ନିଜ ଭିତରେ ସୀମିତ ନ ରଖି ସମାଜ ପାଇଁ କିଛି କରିବା ଲାଗି ଥିବା ଇଚ୍ଛାକୁ ସାଥୀଙ୍କ ସହଯୋଗ ମିଳିଥିଲା। ଏହି ଉଦ୍ୟମ ଯୋଗୁ ସଂଗଠନ ନାମ ପ୍ରୟାସ ଦେବା ପାଇଁ ସ୍ଥିର କରିଥିଲି।

**ରୋହିତ ଜେନା, ପ୍ରୟାସ ଗ୍ରୁପ୍**



ମୋ ପରିବାର ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନ ଥିଲା। ଏହା ସତ୍ତ୍ୱେ ଗରିବ ପିଲାଙ୍କ ପାଇଁ କିଛି କରିବାକୁ ଆଶା ରଖି ମୁଁ ଆଗେଇ ଆସିଛି। ବିନା ପାରିଶ୍ରମିକରେ ଏଠାରେ ଟିଉସନ କରାଯାଉଥିଲେ ମଧ ପିଲାମାନେ କିପରି ଭଲ ରେଜଲ୍ଟ କରିବେ ସେନେଇ ସଂଗଠନ ପକ୍ଷରୁ ସବୁବେଳେ ପ୍ରୟାସ କରାଯାଉଛି।

**ମମତା ନାୟକ, ପ୍ରୟାସ ଗ୍ରୁପ୍**



ଆମେ ଗରିବ ଲୋକ। ମୋର ଝିଅ ପୁଅ ସ୍କୁଲରେ ମାଗଣାରେ ପଢୁଛନ୍ତି। ମାତ୍ର ଟଙ୍କା ଅଭାବରୁ ଟିଉସନ ଦେଇପାରୁ ନ ଥିଲୁ। ପ୍ରୟାସ ପକ୍ଷରୁ ମାଗଣାରେ ଟିଉସନ ଦିଆଯିବା ଯୋଗୁ ଏବେ ମୋ ପିଲା ଭଲ ପାଠ ପଢୁଛନ୍ତି।

**ସସ୍ମିତା ରାଉତ, ଅଭିଭାବିକା**



ମୋ ଝିଅ ଏଠାରେ ମାଗଣାରେ ପାଠ ପଢୁଛି। ସଂଗଠନ ପକ୍ଷରୁ ଏସମ୍ପର୍କରେ ଆମକୁ ଅବଗତ କରାଯିବା ପରେ ଆମେ ପିଲାଙ୍କୁ ଏଠାରେ ପାଠ ପଢ଼ାଉଛୁ। ଆବଶ୍ୟକ ସମୟରେ ଏହି ସଂଗଠନ ପକ୍ଷରୁ ମାଗଣାରେ ବହି, ଖାତା ଓ ପେନ ମଧ ପିଲାଙ୍କୁ ଯୋଗାଇ ଦିଆଯାଉଛି। ସଂଗଠନ ଏଭଳି ଅଭିନବ ପ୍ରୟାସ ଯୋଗୁ ଆମ ପିଲା ଭଲ ରେଜଲ୍ଟ ଆଣିବାରେ ସକ୍ଷମ ହେଉଛନ୍ତି।

**ଲକ୍ଷ୍ମୀପ୍ରିୟା ସାହୁ , ଅଭିଭାବିକା**

**ଜିଲା ପରିଷଦ ଉପନିର୍ବାଚନ ସ୍ଥଗିତ**

**କଟକ ସଦର,୧୬।୩(ଡି.ଏନ.ଏ):** କରୋନା ପ୍ରଭାବରେ କଟକ ଜିଲା ୭ନଂ. ଜୋନର ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା ବୋଲି ରାଜ୍ୟ ନିର୍ବାଚନ କମିଶନର ସୋମବାର ବିଜ୍ଞପ୍ତି ଜାରି କରିଛନ୍ତି। କରୋନା ଆତଙ୍କ ନେଇ ଏହି ନିର୍ବାଚନକୁ ସ୍ଥଗିତ କରାଯାଇଥିବାରୁ ସମସ୍ତ ପ୍ରସ୍ତୁତିକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ଉକ୍ତ ନିର୍ବାଚନ ପାଇଁ ମାର୍ଚ୍ଚ ୨୫ତାରିଖ ପର୍ଯ୍ୟନ୍ତ ଆଚରଣବିଧି ଲାଗୁ ହୋଇଥିବାବେଳେ ଏହାକୁ ମଧ ପ୍ରତ୍ୟାହର କରିଦିଆଯାଇଛି।

# ବିଦେଶ ଫେରନ୍ତାଙ୍କ ତଥ୍ୟ ସଂଗ୍ରହ ହେବ

**କରୋନା ଭୂତାଣୁ ନେଇ ଆର୍‌ଡିସିଙ୍କ ସମୀକ୍ଷା ବୈଠକ**

■ସଚେତନତା ସହ ସତର୍କ ରହିବାକୁ ଅନୁରୋଧ

■ସୁସ୍ଥ ଲୋକ ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ନ ଆସିବା ପାଇଁ ବାରଣ

**କଟକ ଅଫିସ,୧୬।୩**

କରୋନା ଭୂତାଣୁର ସଂକ୍ରମଣକୁ ପ୍ରତିହତ କରିବା ପାଇଁ କଟକ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ସୋମବାର ଏ ନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି)ଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରଡିସି ଅନିଲ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ଗତ ୧୪ ଦିନ ଭିତରେ ବିଦେଶରୁ ଫେରିଥିବା ଲୋକଙ୍କ ବିଷୟରେ ସ୍ଥାନୀୟ ସରପଞ୍ଚ ଏବଂ ଅଧିକାରୀମାନେ ତଥ୍ୟ ସଂଗ୍ରହ କରିବେ। ଏଥିସହ ଯଦି କେହି ଦୂରଦୂରାନ୍ତରୁ ଆସିଥିବେ କିମ୍ବା କରୋନା ଭୂତାଣୁ ଆକ୍ରାନ୍ତ ଅଞ୍ଚଳରୁ ଘରକୁ ଫେରିଥିବେ, ତେବେ ସେମାନଙ୍କ ସମ୍ପର୍କରେ ମଧ ତଥ୍ୟ ସଂଗ୍ରହ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

କରୋନା ପାଇଁ ଭୟଭୀତ ନ ହୋଇ ସତର୍କତା ଓ ସଚେତନତା ଅବଲମ୍ବନ କରିବାକୁ ଜନସାଧାରଣଙ୍କୁ ଆର୍‌ଡିସି ଅନୁରୋଧ କରିଛନ୍ତି। ଯଦି କେହି କରୋନାରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଏ ତେବେ ତାଙ୍କୁ ତୁରନ୍ତ ସରକାରୀ ହସ୍ପିଟାଲର ଆଇସୋଲେଶନ ୱାର୍ଡରେ ଚିକିତ୍ସା ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ଆରଡିସି ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଓ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସଫା ରଖାଯିବ। ଚିକିତ୍ସା ପାଇଁ ପ୍ରସ୍ତୁତ ସହ ଅନବରତ ବିଜୁଳି ଓ ପାଣି ଯୋଗାଇ ଦିଆଯିବ। ସୁସ୍ଥ ଲୋକ ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ନ ଆସିବା ପାଇଁ ବାରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା, ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ଜନସାଧାରଣ ସ୍ୱଚ୍ଛତା, ସତର୍କତା ଅବଲମ୍ବନ କରିବା ପାଇଁ ସଚେତନତା ଜାରି ରଖିବାକୁ ବିଭାଗୀୟ ଅଧିକାରୀ, ବ୍ଲକ ଏବଂ ପଞ୍ଚାୟତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନ, ହାଇକୋର୍ଟ, ବିଭିନ୍ନ ମନ୍ଦିର, ଜନଗହଳି ସ୍ଥାନରେ ଅଧିକ ସଂଖ୍ୟାରେ ଲୋକମାନେ ଏକତ୍ରିତ ନ ହେବା ଓ ଦୂରତା ରଖି ଯାତାୟାତ ପାଇଁ ସଚେତନ କରାଯାଇଛି । ଜିଲାରେ ସମସ୍ତ ସ୍କୁଲ, କଲେଜ, ସିନେମା ହଲ, ସୁଇମିଂପୁଲ, ଜିମ୍ ଆଦିକୁ ଚଳିତମାସ ଶେଷ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ବିଶେଷକରି କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଜନସାଧାରଣ ସ୍ୱଚ୍ଛତା ଓ ପରିଷ୍କାର ଉପରେ ଅଧିକ ଧ୍ୟାନ ଦେବା ପାଇଁ ପରାମର୍ଶ ଦିଆଯାଇଛି । ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ପିଡି ଡିଆରଡିଏ ମହମ୍ମଦ ଅବଦଲ ଅଖତର, ରାଜସ୍ୱ ଆୟୁକ୍ତଙ୍କ ସଚିବ ଧନଞ୍ଜୟ ହେମ୍ବ୍ରମ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ଏସ୍‌ସିବି ମେଡିକାଲ ଅଧୀକ୍ଷକ ଅନ୍ନଦା ପ୍ରସାଦ ପଟ୍ଟନାୟକ, ଏସ୍‌ସିବି ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା, ରାଜସ୍ୱ ଆୟୁକ୍ତଙ୍କ ଅତିରିକ୍ତ ସଚିବ ସଞ୍ଜିତା ଦାସ, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ଏମ୍.ଆର.ଖାନ୍, ଓରମାସର ଉପନିର୍ଦ୍ଦେଶକ ବିପିନ ରାଉତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ଆର୍‌ଡିସି ଅନିଲ କୁମାର ସାମଲଙ୍କ ସହ ଅନ୍ୟମାନେ।

## ସଂକ୍ଷେପରେ

### ଖମାରନୂଆଗାଁରେ ନିର୍ମାଣାଧୀନ କାରଖାନାକୁ ବିରୋଧ କଂଗ୍ରେସ-ଭାଜପାର ସମର୍ଥନ

**ଖୁଣ୍ଟୁଣୀ,୧୬।୩(ଡି.ଏନ.ଏ):** ଖୁଣ୍ଟୁଣୀ ଥାନା ଅଧୀନ ଖମାରନୂଆଗାଁ ଓ କୋଳଥପଙ୍ଗି ଗ୍ରାମରେ ନିର୍ମାଣ ହେବାକୁ ଯାଉଥିବା ଏକ ସିମେଣ୍ଟ କାରଖାନାକୁ ବିରୋଧ କରାଯାଉଛି। ସୋମବାର ଦୁଇ ଗ୍ରାମବାସୀଙ୍କ ଏହି ବିରୋଧରେ ସାମିଲ ହୋଇଛନ୍ତି କଂଗ୍ରେସ ଓ ଭାଜପା ଦଳ। ଖମାରନୂଆଗାଁରେ ରବିବାର ଅନୁଷ୍ଠିତ ବୈଠକରେ କଂଗ୍ରେସ ନେତା ଉମାବଲ୍ଲଭ ରଥ ଏବଂ ଭାଜପାର ବ୍ରଜେନ୍ଦ୍ର ରାୟ ଯୋଗଦେଇ ଗୋଟିଏ ମଞ୍ଚରେ ନିଜର ମତ ରଖିଥିଲେ। ଶଙ୍ଖପୋଇ ପରିବେଶ ଓ ଗୋଚର ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ ଏହି ବୈଠକରେ ଉଭୟ ଦଳର ନେତା କହିଥିଲେ, କାରଖାନାକୁ ଆମେ ବିରୋଧ କରୁ ନାହୁଁ କିନ୍ତୁ କାରଖାନା ନାମରେ ସରକାର ଓ ପ୍ରଶାସନ କମ୍ପାନୀର ସଖି କଣ୍ଢେଇ ସାଜି ଲୋକଙ୍କ ସ୍ୱାଧୀନତାକୁ ଦମନ କରି କାରଖାନା ନିର୍ମାଣ ପାଇଁ ଆସିଛନ୍ତି । ତାକୁ ପ୍ରତିହତ କରାଯିବ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ପୂର୍ବରୁ ଏଭଳି ବହୁ କାରଖାନା ନିଜ ସ୍ୱାର୍ଥ ପାଇଁ କରି ପରେ ବନ୍ଦ ହୋଇଥିବାବେଳେ ପୁନର୍ବାର କେଉଁ ଉଦ୍ଦେଶ୍ୟରେ କାରଖାନା ନିର୍ମାଣ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ବୈଠକରେ ଡ.ହରିହର ସାହୁ, ଆଇନଜୀବୀ ପ୍ରମୋଦ ଜେନା, ସୁରେନ୍ଦ୍ର ଜେନା, ସୁଦର୍ଶନ ସାହୁ, ନିଶିକାନ୍ତ ସ୍ୱାଇଁ, ସୁଶାନ୍ତ ଦଳେଇ, କୁଳମଣୀ ଷଣ୍ଢ, ମଞ୍ଚ ସଭାପତି ଅମରେନ୍ଦ୍ର ରାଉତ, ବିଜୟ ପରିଡ଼ା ଓ ପ୍ରତିମା ରାଉତ ଉପସ୍ଥିତ ରହି କଦାପି ଏଠାରେ କାରଖାନା ନିର୍ମାଣ କରିବାକୁ ଦେବୁ ନାହିଁ ବୋଲି କହିଥିଲେ। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

### କରୋନା ମୁକାବିଲା ପାଇଁ ପ୍ରସ୍ତୁତି

**କଟକ ସଦର,୧୬।୩(ଡି.ଏନ.ଏ):** ମହାମାରୀ କରୋନର ମୁକାବିଲା ପାଇଁ କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସୋମବାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପୃଥକୀକରଣ ୱାର୍ଡ ଖୋଲିବାର ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ରାଜ୍ୟ ବାହାରରୁ ଆସିଥିବା ଲୋକମାନଙ୍କ ସମ୍ବନ୍ଧରେ ସୂଚନା ଦେବା ପାଇଁ ଆଶାକର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଓ ରୋଗୀମାନଙ୍କୁ ମଧ ହାତଧୁଆ ସହ ମାସ୍କ ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ପଡ଼ିଲେ କରୋନା ଲକ୍ଷଣ ଥିବା ରୋଗୀମାନଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା କାର୍ଯ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଜଆଡୁ କରିବ ବୋଲି କହିଛି। ଏହି କାର୍ଯ୍ୟର ସମୀକ୍ଷା ପ୍ରତ୍ୟେକ ଦିନ କରାଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ଶୁଭାଶିଷ ଶତପଥୀ କହିଛନ୍ତି।


କରୋନା ଭୂତାଣୁ ସଂକ୍ରମଣ ନାଶ ପାଇଁ କଟକ ବକ୍ସିବଜାର ବଢ଼େଇସାହିସ୍ଥିତ ବାସ୍ତରୀମଠ ରାଧାକୃଷ୍ଣଙ୍କ ମନ୍ଦିରରେ ଅନୁଷ୍ଠିତ ହୋମଯଜ୍ଞ ।

# ପଦ ହରାଇଲେ ବ୍ଲକ ଅଧ୍ୟକ୍ଷ

**ବାଙ୍କୀ, ୧୬।୩(ସ୍ୱ.ପ୍ର)**

ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ଡମପଡ଼ା ବ୍ଲକ ଅଧ୍ୟକ୍ଷ ଶଶାଙ୍କ ଶେଖର ସ୍ୱାଇଁଙ୍କ ବିରୋଧରେ ହୋଇଥିବା ଅନାସ୍ଥା ପ୍ରସ୍ତାବର ଫଳାଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ତାଙ୍କୁ ପଦ ହରାଇବାକୁ ପଡିଛି। ଏହାପରେ ବ୍ଲକ ଉପାଧ୍ୟକ୍ଷ ରେବତୀ ଜେନାଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ଶଶାଙ୍କ ବିରୋଧରେ ୧୧।୧୦।୧୯ରେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ଏଥିରେ ପଞ୍ଚାୟତ ସମିତିର ୩୫ ଜଣଙ୍କ ସଭ୍ୟଙ୍କ ମଧ୍ୟରୁ ୨୬ ଜଣ ତାଙ୍କ ବିରୋଧରେ ଭୋଟ ଦେଇଥିଲେ।

# ଅପରାହ୍ନରୁ ବନ୍ଦ ରହିବ ପାର୍କ

■କରୋନା ମୁକାବିଲା ପାଇଁ ସିଏମ୍‌ସିର ନିର୍ଦ୍ଦେଶନାମା ଜାରି

■ଆଧାର ସଂଶୋଧନ କେନ୍ଦ୍ର ବନ୍ଦ ରହିବ

**କଟକ ଅଫିସ,୧୬।୩**

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି କଟକ ମହାନଗର ନିଗମ (ସିଏମ୍‌ସି)ପକ୍ଷରୁ ସୋମବାର ନିର୍ଦ୍ଦେଶନାମା ଜାରି କରାଯାଇଛି। ଲୋକମାନେ କରୋନାଠାରୁ କିପରି ଦୂରେଇ ରହିବେ ସେ ନେଇ ସତର୍କତା ଅବଲମ୍ବନ କରାଯାଇଛି। ବିଶେଷକରି ସିଏମ୍‌ସି ପକ୍ଷରୁ ସମସ୍ତ ୱାର୍ଡରେ ଲୋକମାନଙ୍କୁ ପୋଷ୍ଟର ମାଧ୍ୟମରେ ସଚେତନ କରାଯାଉଛି। ମାସ୍କ କଳାବଜାର ରୋକିବା ଲାଗି ବହୁ ଦୋକାନ ଉପରେ ସିଏମ୍‌ସି ପକ୍ଷରୁ ଚଢ଼ାଉ କରାଯାଇଛି। ତେବେ ସିଏମ୍‌ସି ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ମଙ୍ଗଳବାରଠାରୁ ସହରର ସମସ୍ତ ପାର୍କ ଓ ଆଧାର ସଂଶୋଧନ କେନ୍ଦ୍ର ବନ୍ଦ ରହିବ। କେବଳ ସକାଳ ସମୟରେ ଲୋକମାନେ ପାର୍କରେ ବୁଲାବୁଲି କରିପାରିବେ। ଅପରାହ୍ନ ୨ଟାଠାରୁ ପାର୍କଗୁଡିକୁ ବନ୍ଦ କରିଦିଆଯିବ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସହରରେ ଥିବା କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ବାତ୍ୟା ଆଶ୍ରୟସ୍ଥଳୀରେ ଅନବରତ ବିଦ୍ୟୁତ୍ ଏବଂ ପାନୀୟ ଜଳର ବ୍ୟବସ୍ଥା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଉକ୍ତ ସ୍ଥାନଗୁଡିକ ପରିଷ୍କାର ରଖିବାକୁ କୁହାଯାଇଛି। ସେହିପରି ଆଧାର ସଂଶୋଧନ କେନ୍ଦ୍ରରେ ଅନେକ ସମୟରେ ଗହଳି ଲାଗି ରହୁଥିବାରୁ ସତର୍କତା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଛି। ସେହିପରି ଲୋକମାନଙ୍କୁ ସଚେତନ କରାଇବା ଲାଗି ସିଏମ୍‌ସି ପକ୍ଷରୁ ସମସ୍ତ ୱାର୍ଡରେ ସଚେତନତା ଗାଡି ବୁଲିବ ବୋଲି ଜଣାପଡିଛି।


**ଆସୁଛି ଖରାଦିନ:** କଟକ ବାରବାଟୀ ଷ୍ଟାଡ଼ିୟମ ରାସ୍ତା ପାର୍ଶ୍ୱରେ ଟେରାକୋଟାରେ ପ୍ରସ୍ତୁତ ମାଠିଆଗୁଡ଼ିକୁ ବିକ୍ରି ପାଇଁ ଜଣେ ବ୍ୟବସାୟୀ ସଜ୍ଜିତ କରି ରଖୁଛନ୍ତି।

# କରୋନା ଭୟ ସତ୍ତ୍ୱେ କିଶୋରନଗର ହାଟ ସ୍ୱାଭାବିକ

**କଟକ ସଦର,୧୬।୩(ଡି.ଏନ.ଏ)**

କିଶନ ନଗର ତହସିଲ ଅନ୍ତର୍ଗତ କିଶୋର ନଗର ହାଟ ସୋମବାର ସକାଳେ ଯଥାରୀତି ଆରମ୍ଭ ହୋଇଥିଲା । କରୋନା ଭୟ ସତ୍ତ୍ୱେ ହାଟର ଜନସମାଗମ ଦେଖାଯାଇଥିଲା। କରୋନା ଯୋଗୁ ଚାରିଆଡେ ସବୁ ବନ୍ଦ ରହିବା ଖବର ଶୁଣି ବିଭିନ୍ନ ଅଞ୍ଚଳରେ ଲୋକେ ସାମଗ୍ରୀ କିଣିବା ପାଇଁ ଆସୁଥିଲେ । ଏବେ ଯେଭଳି ଭାବେ ସରକାର ବଜାର, ପାର୍କ, ମଲ ବନ୍ଦ ରହିବ ବୋଲି ଘୋଷଣା କରିଛନ୍ତି, ଏହାକୁ ଦୃଷ୍ଟିରେ ରଖି ସପ୍ତାହକ ପାଇଁ ପରିବା କିଣିବାକୁ ପଡ଼ିବ ବୋଲି ସୋମପୁର ଅଞ୍ଚଳର କୁଶିଆ ରାଉତ କୁହନ୍ତି । ଆଗାମୀ ଦିନରେ ହାଟ ଉପରେ କଟକଣା ଲାଗିବ ବୋଲି ପ୍ରଚାର ହେବା ପରେ ବଜାରରେ ଲୋକଙ୍କ ଭିଡ଼ ବଢ଼ିବାରେ ଲାଗିଛି। ଏହାବ୍ୟତୀତ ମାସ୍କ ମଧ ୨୦ଟଙ୍କାରେ ବିକିବା ପାଇଁ ଜଣେ ବ୍ୟବସାୟୀ ପ୍ରଥମଥର ଲାଗି ହାଟକୁ ଆସିଥିଲେ। ହାଟ ଉପରେ ନିୟନ୍ତ୍ରଣ ଲଗାଇବା ପାଇଁ ସରକାରୀ ନିର୍ଦ୍ଦେଶନାମା ଆସିଲେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି କିଶୋରନଗର ଥାନା ଅଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି।

# ୫ଦିନ ବନ୍ଦ ଗୁଜବ: ଛତ୍ର ବଜାରରେ ଭିଡ଼

**କଟକ ଅଫିସ,୧୬।୩**

କରୋନା ଭୂତାଣୁକୁ ନେଇ ଏବେ ସହରରେ ବିଭିନ୍ନ ଗୁଜବ ଉଠିବାରେ ଲାଗିଛି । ସହରର ପ୍ରମୁଖ ପରିବା ମାର୍କେଟ ଛତ୍ରବଜାର ୫ଦିନ ବନ୍ଦ ରହିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଥିଲା। ଯାହାକୁ ନେଇ ସୋମବାର ଛତ୍ରବଜାରରେ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଥିଲା। କୌଣସି ବିପର୍ଯ୍ୟୟ ଆସିବା ପୂର୍ବରୁ ଯେପରି ଖାଦ୍ୟ ସାମଗ୍ରୀ ଲୋକେ କିଣନ୍ତି, ସେହିଭଳି ଭାବେ ଲୋକମାନେ ଆବଶ୍ୟକତା ଠାରୁ ଅଧିକ ମାତ୍ରାରେ ପରିବା କିଣି ନେଇଥିଲେ । ତେବେ ଏହି ଗୁଜବକୁ ଖଣ୍ଡନ କରିଛନ୍ତି ଛତ୍ରବଜାର ପୂଜା କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ। ଛତ୍ରବଜାର ବନ୍ଦ ରହିବାର କୌଣସି ସୁଯୋଗନାହିଁ। ପରିବା ବିକ୍ରି ବନ୍ଦ ହେଲେ ସହରରେ ହାହାକାର ଖେଳିଯିବ। ଲୋକମାନେ ଏଭଳି ଗୁଜବରୁ ଦୂରେଇ ରହିବାକୁ କମିଟି ସଭାପତି ସାହୁ ନିବେଦନ କରିଛନ୍ତି।

**କୋରିଆ ଫେରନ୍ତାଙ୍କୁ କରୋନା ସନ୍ଦେହ**

# ନୂଆପଡ଼ାରେ ଉତ୍ତେଜନା

**କଟକ ଅଫିସ,୧୬।୩**

ଜଣେ ଦକ୍ଷିଣ କୋରିଆ ଫେରନ୍ତା ଯୁବକଙ୍କୁ ନେଇ ସୋମବାର ସନ୍ଧ୍ୟାରେ ନୂଆପଡ଼ା ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଯୁବକ ଜଣଙ୍କ ବିଦେଶରୁ ଫେରିଥିଲେ ସୁଦ୍ଧା ଡାକ୍ତରୀ ପରୀକ୍ଷା କରୁନାହାନ୍ତି ବୋଲି ସ୍ଥାନୀୟ ଲୋକ କହିଥିଲେ। ଏ ନେଇ ସେମାନେ ଜିଲାପାଳ ଓ ମଧୁପାଟଣା ଥାନାରେ ଖବର ଦେଇଥିଲେ। ପୋଲିସ ନୂଆପଡାସ୍ଥିତ ତାଙ୍କ ଘରେ ପହଞ୍ଚି ପଚରାଉଚରା କରି ଫେରିଥିବା ଜଣାପଡିଛି। ସୂଚନା ଯୋଗ୍ୟ, ଯୁବକ ଜଣଙ୍କ ଦକ୍ଷିଣ କୋରିଆରେ ଅଧ୍ୟାପକ ଭାବେ କାର୍ଯ୍ୟ କରନ୍ତି। ଗତ ୭ ତାରିଖରେ ସେ ଓଡ଼ିଶା ଫେରିଥିଲେ।

# ହଷ୍ଟେଲ ଛାଡ଼ିବାକୁ ଅନ୍ତେବାସୀଙ୍କୁ ନିର୍ଦ୍ଦେଶ

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

■କାର୍ଯ୍ୟରେ ଯୋଗଦେବେନି ଅଧ୍ୟାପକ, କର୍ମଚାରୀ



**କଟକ ଅଫିସ,୧୬।୩**

କରୋନା ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ହଷ୍ଟେଲ ଛାଡିବାକୁ ସୋମବାର ଅନ୍ତେବାସୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାରଠାରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ୧୩ଟି ହଷ୍ଟେଲ ବନ୍ଦ ରହିବ। ଫଳରେ ସୋମବାର ସନ୍ଧ୍ୟା ସୁଦ୍ଧା ଅନ୍ତେବାସୀମାନେ ହଷ୍ଟେଲ ଛାଡିଥିବା ଦେଖିବାକୁ ମିଳିଥିଲା । କେବେ ସେମାନେ ହଷ୍ଟେଲକୁ ଫେରିବେ ସେ ନେଇ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

କରୋନା ଭୂତାଣୁକୁ ନେଇ ବିଶ୍ୱବିଦ୍ୟାଳୟର ବିଭିନ୍ନ ହଷ୍ଟେଲ ଆତଙ୍କିତ ଅବସ୍ଥାରେ ରହୁଥିଲେ। ହଷ୍ଟେଲ ପରିସରକୁ ସ୍ୱଚ୍ଛ ରଖା ଯାଇ ନ ଥିବାବେଳେ ହାତ ଧୋଇବା ପାଇଁ ସାନିଟାଇଜର ବ୍ୟବସ୍ଥା କରାଯାଇ ନ ଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ କେବଳ ସଚେତନ ରହିବା ପାଇଁ କୁହାଯାଇଥିଲା। କରୋନା ଭୂତାଣୁ ପ୍ରତିହତ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ନେଇ ଅନ୍ତେବାସୀମାନେ କୁଳପତି ପ୍ରଫେସର ଇଶାନ କୁମାର ପାତ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ କୁଳପତି ଏକ ବୈଠକ ଡାକି ହଷ୍ଟେଲ ବନ୍ଦ ପାଇଁ ସୋମବାର ଅପରାହ୍ନରେ ନିର୍ଦ୍ଦେଶ ଦେଇଥିଲେ। ପରୀକ୍ଷା ଚାଲିଥିବାରୁ ହଷ୍ଟେଲଗୁଡିକ ଖୋଲା ରଖାଯାଇଥିଲା। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ହଷ୍ଟେଲ ବନ୍ଦ କରାଯାଇଥିବା କୁଳପତି ପ୍ରଫେସର ପାତ୍ର କହିଛନ୍ତି। ସ୍ନାତକ ଏବଂ ପିଜି ବିଭାଗରେ ଚାଲିଥିବା ସମସ୍ତ ଇଣ୍ଟରନାଲ ପରୀକ୍ଷାକୁ ବାତିଲ କରାଯାଇଛି। କେବେ ଏହି ପରୀକ୍ଷା ହେବ ସେ ନେଇ ବିଜ୍ଞପ୍ତି ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯିବ। ଏହାଛଡା ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ବାରଣ କରାଯାଇଛି। କୌଣସି ଜରୁରୀ ବୈଠକ କିମ୍ବା ଆବଶ୍ୟକ ସ୍ଥଳେ ସେମାନେ ଯୋଗଦେବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

**ପାଇଖାନା ଟାଙ୍କିରୁ ସ୍ତ୍ରୀଙ୍କ ମୃତଦେହ ମିଳିବା ମାମଲା**

# ସ୍ୱାମୀଙ୍କୁ ଆଜୀବନ ଜେଲ

**କଟକ ଅଫିସ,୧୬।୩**

ଯୌତୁକ ପାଇଁ ସ୍ତ୍ରୀ ସବିତାଙ୍କୁ ହତ୍ୟା କରିଥିବା ରାଧାକାନ୍ତ ପ୍ରଧାନଙ୍କୁ ଆଜୀବନ ଜେଲ୍ ଦଣ୍ଡ ହୋଇଛି। ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣବ କୁମାର ପାତ୍ର ସୋମବାର ଏହି ମାମଲାର ଶୁଣାଣି ବେଳେ ଏହି ଦଣ୍ଡାଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଯୋବ୍ରାର ସବିତାଙ୍କୁ ରାଧାକାନ୍ତ ୨୦୦୮ ଜାନୁୟାରୀ ୩୦ରେ ଚହଟା ରାମମନ୍ଦିରରେ ବିବାହ କରିଥିଲେ। ରାଧାକାନ୍ତ ଗୃହ ଉପକରଣ ବଦଳରେ ୩ ଲକ୍ଷ ଟଙ୍କା ଏବଂ ୧୫ ଭରି ସୁନା ଯୌତୁକ ବାବଦରେ ମାଗିଥିଲେ। ହେଲେ ସବିତାଙ୍କ ପରିବାର ପକ୍ଷରୁ ବିବାହ ସମୟରେ ଦେଢ଼ ଲକ୍ଷ ଟଙ୍କା ଏବଂ ୧୫ ଭରି ସୁନା ଏବଂ ପରେ ଆଉ ଦେଢ଼ ଲକ୍ଷ ଟଙ୍କା ଦେଇଥିଲେ। ବିବାହର କିଛି ମାସ ପରେ ସବିତାଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା। ପରେ ଅନ୍ତ୍ୟେଷ୍ଟିକ୍ରିୟାକୁ ଆସିଥିବା ରାଧାକାନ୍ତ ବ୍ୟବସାୟ କରିବା ପାଇଁ ସବିତାଙ୍କ ପରିବାର ଲୋକଙ୍କୁ ଆଉ ୨ ଲକ୍ଷ ଟଙ୍କା ମାଗିଥିଲେ। ପରେ ୨୦୧୧ରେ ରାଧାକାନ୍ତଙ୍କୁ ୨ ଲକ୍ଷ ଟଙ୍କା ଦିଆଯାଇଥିଲା। ସେ ଘର ଆଗରେ ଏକ ଅଟୋମୋବାଇଲ୍ ଦୋକାନ ଖୋଲିଥିଲେ। ୨୦୧୪ ନଭେମ୍ବର ୨୩ ତାରିଖ ଅପରାହ୍ନ ପ୍ରାୟ ସାଢେ ୧୨ଟା ବେଳେ ସବିତାଙ୍କ ମା' ତାଙ୍କୁ ଫୋନ୍ କରିଥିଲେ। କିନ୍ତୁ ସେ ବ୍ୟସ୍ତ ଅଛନ୍ତି, ପରେ ଫୋନ୍ କରିବେ କହି କାଟିଦେଇଥିଲେ। ଅପରାହ୍ନ ୪ଟା ଯାଏଁ ଆଉ ଫୋନ୍ କରି ନ ଥିଲେ। ପରେ ସବିତାଙ୍କ ମା' ପୁଣି ଫୋନ୍ କରିଥିଲେ ମଧ କେହି ଫୋନ୍ ଉଠାଇ ନ ଥିଲେ। ପରଦିନ ସବିତାଙ୍କ ମା, ଭାଇ, ଭାଉଜ ଘରକୁ ଆସି ରାଧାକାନ୍ତଙ୍କୁ ସବିତାଙ୍କ ସମ୍ପର୍କରେ ପଚାରିଥିଲେ। ହେଲେ ସବିତା ବାପଘରକୁ ଯାଉଥିବା କହି ଘରୁ ବାହାରିଥିଲେ, ଏହାପରେ କିଛି ଜାଣି ନାହାନ୍ତି ବୋଲି ରାଧାକାନ୍ତ ଉତ୍ତର ଦେଇଥିଲେ। ପୂର୍ବରୁ ଯୌତୁକ ପାଇଁ ସବିତାଙ୍କୁ ନିର୍ଯାତନା ଦିଆଯାଇଥିବା ଯୋଗୁ ସନ୍ଦେହରେ ପରିବାର ଲୋକେ କଟକ ମହିଳା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ମହିଳା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଡିସେମ୍ବର ୧ ତାରିଖରେ ରାଧାକାନ୍ତଙ୍କ ଘର ପାଇଖାନା ଟାଙ୍କିରୁ ଦୁର୍ଗନ୍ଧ ବାହାରୁଥିବା ନେଇ ମହିଳା ଥାନା ପୋଲିସକୁ ଖବର ଦିଆଯାଇଥିଲା। ପରେ ପୋଲିସ ପକ୍ଷରୁ ସବିତାଙ୍କ ବାପଘର ଲୋକଙ୍କୁ ସୂଚନା ଦିଆଯିବା ସହ ରାଧାକାନ୍ତଙ୍କ ଘରକୁ ଆସିବାକୁ କୁହାଯାଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପାଇଖାନା ଟାଙ୍କିରୁ ସବିତାଙ୍କ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବିତାଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ଓ ତାଙ୍କର ପଞ୍ଜରା ହାଡ ଭାଙ୍ଗିଯାଇଥିବା ଜଣାପଡିଥିଲା। ଏହି ଘଟଣାରେ ମହିଳା ଥାନା ପୋଲିସ ରାଧାକାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ଏହି ମାମଲାର ଶୁଣାଣି ବେଳେ ୧୬ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ହତ୍ୟା ଅଭିଯୋଗରେ ଆଜୀବନ କାରାଦଣ୍ଡ ସହିତ ୨୦ହଜାର ଟଙ୍କା ଜରିମାନା ପାଇଁ ଆଦେଶ ଦିଆଯାଇଥିଲା। ଜରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ପଡିବ। ସେହିପରି ହତ୍ୟା ପ୍ରମାଣ ନଷ୍ଟ ଅଭିଯୋଗରେ ୧ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦେୟ ଅଧିକ ୨ମାସ କାରାଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ କାରାଦଣ୍ଡ ସମକାଳୀନ ଲାଗୁ ହେବ। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଭାବେ ନିଯୁକ୍ତ ଆଇନ୍‌ଜୀବୀ ନିଳାମ୍ବର ଜେନା ମାମଲାର ପରିଚାଳନା କରିଥିଲେ।

### କରୋନା: ମା' କଟକଚଣ୍ଡୀ ମନ୍ଦିରରେ କଟକଣା

**କଟକ ଅଫିସ,୧୬।୩**

କରୋନା ପାଇଁ ମା'କଟକଚଣ୍ଡୀ ମନ୍ଦିରରେ କଟକଣା ଜାରି କରାଯାଇଛି। ମନ୍ଦିର ପରିସରରେ ଜନସମାଗମ ନ ହେବା, ଧାର୍ମିକ କାର୍ଯ୍ୟକ୍ରମ, ଭୋଜି ବୁକିଂକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ମା'ଙ୍କ ନୀତିକାନ୍ତି ଚାଲୁ ରହିବ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଏହାଛଡା ମନ୍ଦିର କର୍ମଚାରୀ, ଟହଲିଆ,ରୋଷେୟାଙ୍କୁ ସ୍ୱଚ୍ଛତା ଉପରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।



କରୋନା ପାଇଁ କଟକ ଦୁର୍ଗା ହଲ ରୋଡ଼ରେ ଥିବା ଶପିଙ୍ଗ ମଲ ବନ୍ଦ ରହିଛି।



**କରୋନା ଭୟ:** କଟକ କଲେଜ ଛକ ରାସ୍ତା ଓ ରେଲଷ୍ଟେଶନ ସମ୍ମୁଖ ଖାଁ ଖାଁ।



ଯେଉଁମାନଙ୍କ ବିଚାରବୁଦ୍ଧି ସବୁଠାରୁ କମ୍, ସେଇମାନେ ହିଁ ସବୁଠାରୁ ବେଶି କଥା କୁହନ୍ତି।

-ପ୍ଲାଟୋ



## ସଂକ୍ଷେପରେ

### ୨୦ ଲକ୍ଷ ବଟି ମାଗି ୬ ଗିରଫ

ଭୁବନେଶ୍ୱର,୧୬।୩ (ବ୍ୟୁରୋ)- ୨୦ ଲକ୍ଷ ଟଙ୍କା ଦାଦାବଟି ମାଗି ହଇରାଣ କରୁଥିବା ୬ ଜଣ ଅଭିଯୁକ୍ତଙ୍କୁ ଶହୀଦନଗର ଥାନା ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ କେସୁରା ଭୋଇ ସାହିର ସୁଶାନ୍ତ ଭୋଇ, ବିରଞ୍ଚି ଭୋଇ, ଶ୍ରୀଧର ଭୋଇ, କେଶବ ଭୋଇ, ନିରଞ୍ଜନ ଭୋଇ ଓ ସୁବାସ ଭୋଇ। ସୂଚନା ମୁତାବକ କୋରଡ଼କଣ୍ଟା ଅଞ୍ଚଳରେ ମହାନାୟକ ସୂର୍ଯ୍ୟନାରାୟଣ ଜେନା ଘର ତିଆରି କରୁଥିଲେ। ଘରକୁ ଯିବାପାଇଁ ରାସ୍ତା ନ ଥିବାରୁ ସରକାରୀ ଜମି ଉପରେ ରାସ୍ତା ତିଆରି କରୁଥିଲେ। ମାତ୍ର ୬ ଅଭିଯୁକ୍ତ ରାସ୍ତା ଛାଡ଼ିବାକୁ ମନା କରିଥିଲେ। ରାସ୍ତା ପାଇଁ ୨୦ ଲକ୍ଷ ଟଙ୍କା ଦାଦାବଟି ଦେବାକୁ ବାଧ କରିଥିଲେ। ନାନାଦି ହଇରାଣ ହରକତ କରିବା ପରେ ମହାନାୟକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୫୮/୨୦ନମ୍ବରରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ହୋମଗାର୍ଡଙ୍କୁ ମାଡ଼, ଅଟୋ ଚାଳକ ଗିରଫ

ଭୁବନେଶ୍ୱର,୧୬।୩ (ବ୍ୟୁରୋ)- ୟୁନିଟ ୧ ମାର୍କେଟରେ ବେଆଇନ ଅଟୋ ପାର୍କିଂକୁ ବାରଣ କରିବାରୁ କାର୍ଯ୍ୟରତ ହେମାଗାର୍ଡଙ୍କୁ ମାଡ଼ ମାରିଥିବା ଅଟୋ ଚାଳକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ନିମାପଡ଼ା ବଡମାଛପୁରର ଯଶୋବନ୍ତ ପ୍ରଧାନ। ସୂଚନା ମୁତାବକ ଗତ ୭ ତାରିଖ ଦିନ ୟୁନିଟ ୧ ମାର୍କେଟ ସ୍ଥିତ ଏକ ଘରୋଇ ସଂସ୍ଥା ଅଫିସ ସମ୍ମୁଖ ରାସ୍ତା ଉପରେ ଯଶୋବନ୍ତ ଅଟୋ ପାର୍କିଂ କରିଥିଲେ । କାର୍ଯ୍ୟରତ ହୋମଗାର୍ଡ ପ୍ରମୋଦ କୁମାର ଧଳ ପାର୍କିଂକୁ ବାରଣ କରିଥିଲେ। ଯଶୋବନ୍ତ ଗାଳି ଗୁଲଜ କରି ଜୋରଜବରଦସ୍ତ ଅଟୋ ରଖି ଚାଲିଯାଇଥିଲେ। ଟ୍ରାଫିକ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଟୋକୁ ଥାନାକୁ ନେଇଯାଇଥିଲେ। ଯଶୋବନ୍ତ ଫେରି ଏକଥା ଜାଣିବା ପରେ ପ୍ରମୋଦଙ୍କ ସହ ଯୁକ୍ତି କରି ମାଡ଼ ମାରିଥିଲେ। କ୍ୟାପିଟାଲ ଥାନାରେ ଅଭିଯୋଗ ହେବାପରେ ପୋଲିସ ୧୦୯/୧୯ନମ୍ବରରେ ମାମଲା ରୁଜୁ କରି ସୋମବାର ଯଶୋବନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

### ହୋଲ୍ଡିଂ ଟ୍ୟାକ୍ସ ପୈଠ ନ କଲେ ଗିରଫ

ଭୁବନେଶ୍ୱର, ୧୬।୩(ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଉତ୍ତର ମଣ୍ଡଳ ଡେପୁଟି କମିଶନର ତଥା ସ୍ପେଶିଆଲ୍ ସାର୍ଟିଫିକେଟ୍ ଅଫିସର ପ୍ରମୋଦ କୁମାର ପୃଷ୍ଟି ୧୮ ଜଣ ହୋଲ୍ଡିଂ ଟ୍ୟାକ୍ସ ଖିଲାପକାରୀଙ୍କୁ ସ୍ୱତନ୍ତ୍ର ନୋଟିସ୍ ଦେଇଛନ୍ତି। ଏହି ନୋଟିସ୍ ମ୍ୟୁନିସିପାଲ୍ ଆଇନ୍ ଭାଗ-୩୭ର ୧ ଏବଂ ୨ ଆଧାରରେ କରାଯାଇଛି। ନୋଟିସ୍ ପାଇବା ପରେ ଚଳିତ ମାର୍ଚ୍ଚ ୨୦ତାରିଖ ସୁଦ୍ଧା ବକେୟା ପୈଠ ନ କଲେ ସେମାନଙ୍କ ନାମରେ ୱାରେଣ୍ଟ୍ ଆରେଷ୍ଟ ନୋଟିସ୍ ଦିଆଯିବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୧୮ଜଣ ଖିଲାପକାରୀଙ୍କଠାରେ ୧୩କୋଟି ୬୭ ଲକ୍ଷ ୪ ହଜାର ୧୧ ଟଙ୍କାର ବକେୟା ହୋଲ୍ଡିଂ ଟ୍ୟାକ୍ସ ରହିଛି। ଯାହାପାଇଁ ସୋମବାର ବିଏମ୍‌ସି ଉତ୍ତର ଜୋନ ଅଧିକାରୀ ଏହି ନୋଟିସ୍ ଜାରି କରିଛନ୍ତି।

# ଖୋର୍ଦ୍ଧା ସବ୍‌ଡିଭିଜନ ଅଞ୍ଚଳରେ ୧୪୪ ଧାରା

- ଆବଶ୍ୟକ ନ ଥିଲେ ଘରୁ ବାହାରନ୍ତୁ ନାହିଁ
- ୨୩ ଔଷଧ ଦୋକାନରେ ଚଢ଼ାଉ
- ମଲ୍, କଲ୍ୟାଣ ମଣ୍ଡପ ବନ୍ଦ ନିର୍ଦ୍ଦେଶ

ଖୋର୍ଦ୍ଧାଅଫିସ,୧୬।୩:

କରୋନାକୁ ନେଇ ସବୁଆଡେ ଭୟର ବାତାରଣ ସୃଷ୍ଟି ହୋଇଛି। କୋଭିଡ୍ ୧୯ ଭାଇରସ୍ ସଂକ୍ରମଣ ଏଡ଼ାଇବା ପାଇଁ ସରକାରୀ ସ୍ତରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟ ସରକାର ଏହାକୁ ବିପର୍ଯ୍ୟୟ ଘୋଷଣା କରିଛନ୍ତି। ଏ ନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଖୋର୍ଦ୍ଧା ସବ୍‌ଡିଭିଜନ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ଆବଶ୍ୟକ ନ ଥିଲେ ଘରୁ ବାହାରନ୍ତୁ ନାହିଁ ଜିଲାପାଳ ସୀତାଂଶୁ କୁମାର ରାଉତ କହିଛନ୍ତି। ବଜାରକୁ କୌଣସି କାମରେ ଗଲେ ମାସ୍କ ବ୍ୟବହାର କରନ୍ତୁ। ଅନ୍ୟମାନଙ୍କ ଠାରୁ ଦୂରତା ରଖନ୍ତୁ। ସାଧାରଣତଃ କାଶ, ଛିଙ୍କିବା, ସ୍ପର୍ଶ ଦ୍ୱାରା ଏହା ବ୍ୟାପିଥାଏ। ଏଥିପ୍ରତି ସଚେତନ ହୁଅନ୍ତୁ। ପ୍ରଶାସନ ପକ୍ଷରୁ ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କୌଣସି ବ୍ୟକ୍ତି ଦୀର୍ଘଦିନ ଧରି ଥଣ୍ଡା, କାଶରେ ଆକ୍ରାନ୍ତ ଥିଲେ ତୁରନ୍ତ ଚିକିତ୍ସାଳୟରେ ଚିକିତ୍ସିତ ହେବାକୁ ଜିଲାପାଳ ରାଉତ ପରାମର୍ଶ ଦେଇଛନ୍ତି। କୌଣସି ସ୍ଥାନରେ ୫ରୁ ଅଧିକ ବ୍ୟକ୍ତି ଏକାଠି ରୁହନ୍ତୁ ନାହିଁ। କଲ୍ୟାଣ ମଣ୍ଡପରେ ଭୋଜି ଆୟୋଜନ, କମ୍ୟୁନିଟି ହଲ୍, ଧର୍ମଶାଳା, ହୋଟଲରେ ସଭା ସମିତି, ସମ୍ମିଳିତ ସାଧାରଣ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଉପରେ କଟକଣା ଜାରି କରାଯାଇଛି। ସମସ୍ତ ଶୋଭାଯାତ୍ରା ଉପରେ କଟକଣା ଜାରି ଜାରି କରିଛି ପ୍ରଶାସନ। କରୋନା ଭାଇରସ ସମ୍ପର୍କରେ କୌଣସି ଗୁଜବ, ସୋସିଆଲ ମିଡିଆରେ ପ୍ରଚାର କରାଗଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଲାପାଳ ରାଉତ କହିଛନ୍ତି। ଖୋର୍ଦ୍ଧା ସହରରେ ଥିବା ସମସ୍ତ ମଲ, କଲ୍ୟାଣ ମଣ୍ଡପ, ଜିମ ସେଣ୍ଟର ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପାର୍କ ଅପରାହ୍ନ ୨ଟା ଠାରୁ ବନ୍ଦ ରହିବ। ବିଭିନ୍ନ ସ୍ଥାନରେ କରୋନା ସଚେତନତା ନେଇ ପ୍ରଚାରପତ୍ର ବଣ୍ଟନ କରାଯାଇଛି। ସହରରେ ସ୍ୱଚ୍ଛତା, ପାନୀୟ ଜଳ ବିଶୁଦ୍ଧତା ଉପରେ ପୌରସଂସ୍ଥା ଗୁରୁତ୍ୱ ଦେଇଛି। ଜିଲାସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଉଛି। ମାସ୍କ, ସାନିଟାଇଜର କଳାବଜାର ନେଇ ଅଭିଯୋଗ ପରେ ଡ୍ରଗ୍ସ ବିଭାଗ ପକ୍ଷରୁ ସହରର ୨୩ଟି ଔଷଧ ଦୋକାନରେ ଚଡାଉ କରାଯାଇଛି। ନିର୍ଦ୍ଧାରିତ ଦର ଠାରୁ ଅଧିକ ଦରରେ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



କରୋନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଉଛି।



ଗେଡ଼ିଆପଲ୍ଲୀ ବଜାରରେ କରୋନା ସଚେତନତା ଶୋଭାଯାତ୍ରା।

## କରୋନାକୁ ନେଇ ସଚେତନତା

ବେଗୁନିଆ,୧୬।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଔଷଧୀୟ ସାମଗ୍ରୀ ମାସ୍କ, ହ୍ୟାଣ୍ଡ୍ ୱାଶ ବଣ୍ଟନ କରଯାଇଥିଲା। ସେହିପରି କରୋନା ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ବେଗୁନିଆ ଅଙ୍ଗନୱାଡି କେନ୍ଦ୍ର ପରିସରରେ ହାତ ସଫେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିପରି ଗେଡ଼ିଆପଲ୍ଲୀ ଗ୍ରାମର ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶାମୁକାପାଟଣା ଜନସେବା କେନ୍ଦ୍ର ଆନୁକୂଲ୍ୟରେ କରୋନା ସମ୍ବନ୍ଧୀୟ ସଚେତନତା ପ୍ଲାକାର୍ଡ ଧରି ଯୁବକମାନେ ଗ୍ରାମ ଓ ବଜାର ପରିକ୍ରମା କରିଥିଲେ। ଲୋକଙ୍କୁ ସଚେତନ କରାଇବା ସହ ଭୟଭୀତ ହେବାର କିଛି କାରଣ ନାହିଁ ବୋଲି ଜନ ଜାଗରଣ ସୃଷ୍ଟି କରିଥିଲେ। ଏଥିରେ ଜିତେନ୍ଦ୍ର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରିୟବ୍ରତ ପଣ୍ଡା, ସୌମ୍ୟରଞ୍ଜନ ମହାନ୍ତି, ଚିନ୍ମୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ୭ ସ୍ଥାନରେ ଆଇସୋଲେଶନ ସେଣ୍ଟର ଖୋଲିଲା

ଜଟଣୀ,୧୬।୩(ଡି.ଏନ୍.ଏ.)

କରୋନା ଭାଇରସ୍ ମୁକାବିଲା ପାଇଁ ଜଟଣୀ ପୌର ପରିଷଦ ପକ୍ଷରୁ ୭ଟି ସ୍ଥାନରେ ଆଇସୋଲେଶନ୍ ସେଣ୍ଟର ବ୍ୟବସ୍ଥା କରାଯାଇଛି। ଏ ନେଇ ସୋମବାର ଏକ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ସବ୍‌କଲେକ୍ଟର ଦେବବ୍ରତ ସାହୁ କହିଛନ୍ତି। ସ୍ଥାନୀୟ ଏନ୍‌ଡିଆର୍‌ସି ଉଚ୍ଚବିଦ୍ୟାଳୟ, ଏଡିଏସ୍ ପବ୍ଲିକ୍ ସ୍କୁଲ, ସୁଶୀଳାଦେବୀ ବିଦ୍ୟାଳୟ, ଷଣ୍ଢପୁର ପ୍ରାଥମିକ ବିଦ୍ୟାଳୟ, କୁଦିଆରୀ ନୋଡାଲ ଓ ଉଚ୍ଚବିଦ୍ୟାଳୟ ସମେତ ସ୍ଥାନୀୟ ବିକାଶନଗରସ୍ଥିତ ବାତ୍ୟା ଆଶ୍ରୟସ୍ଥଳରେ ଏହି କେନ୍ଦ୍ର କରାଯାଇଛି। ଏଠାରେ ଥିବା ଆହାର କେନ୍ଦ୍ରଗୁଡ଼ିକରେ ପରିମଳ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ସାନିଟାଇଜର ଆଦି ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ପରିଷଦ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଥିବା ପାର୍କଗୁଡ଼ିକୁ ଅପରାହ୍ନ ୨ଟା ପରେ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଶିକ୍ଷାନୁଷ୍ଠାନ ବନ୍ଦ କରାଯିବା ସହ ହଷ୍ଟେଲଗୁଡ଼ିକୁ ଖାଲି କରିବା ପାଇଁ ମଧ୍ୟ କୁହାଯାଉଛି। ବିବାହ, ବ୍ରତ ହେଉଥିବା କଲ୍ୟାଣ ମଣ୍ଡପ, ଟାଉନ୍‌ହଲ୍‌ଗୁଡ଼ିକୁ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଏପରିକି ଜିମ୍ ସେଣ୍ଟର, ଶପିଂ ମଲ୍, କୋଚିଂ ସେଣ୍ଟର ବନ୍ଦ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ଖାଦ୍ୟପଦାର୍ଥ ବିକ୍ରି କରୁଥିବା ହୋଟେଲଗୁଡ଼ିକରେ ପରିଷ୍କାର ପରିଚ୍ଛନ୍ନତା ଉପରେ ଦୃଷ୍ଟି ଦେବା ସହ ସଚେତନ କରାଯାଉଛି। ବିଦେଶ କିମ୍ବା ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କ ସୂଚନା ତୁରନ୍ତ ଦେବା ପାଇଁ ସଚେତନତା କରାଯାଉଛି। ଏଥିପାଇଁ ଗଠିତ ୨ଟି ଟିମ୍ ଏହାର ତଦାରଖ କରୁଥିବା ସବ୍‌କଲେକ୍ଟର ସାହୁ କହିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର, ତହସିଲଦାର ପ୍ରିୟାଂଶୁ ଚାନ୍ଦ, ମ୍ୟୁନିସିପାଲିଟି ଯନ୍ତ୍ରୀ ଅନୁରାଧା ପ୍ରଧାନ, ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ଟି ବେଡ୍ ଥିବା ଗୋଟିଏ ଆଇସୋଲେଶନ୍ କେନ୍ଦ୍ର କରାଯାଇଥିବା ମେଡିକାଲ ଅଫିସର ଜିତେନ୍ଦ୍ର କୁମାର ପଣ୍ଡା କହିଛନ୍ତି। ୨୪ ଘଣ୍ଟିଆ ବିଦ୍ୟୁତ୍, ପାନୀୟ ଓ ଅନ୍ୟାନ୍ୟ ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି। ଜଟଣୀ ବ୍ଲକ ପକ୍ଷରୁ ମଧ୍ୟ କରୋନା ଭାଇରସ୍ ସମ୍ପର୍କରେ ଡାକବାଜି ଯନ୍ତ୍ରରେ ସଚେତନ କରାଯିବା ସହ ପଞ୍ଚାୟତ ସ୍ତରରେ ଆଇସୋଲେସନ୍ ସେଣ୍ଟର କରାଯାଇଥିବା ବିଡିଓ ବାସୁଦେବ ମାହାରୀ କହିଛନ୍ତି।




ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ।

## ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ଜଟଣୀ,୧୬।୩(ଡି.ଏନ୍.ଏ.)

ଜଟଣୀ ମ୍ୟୁନିସିପାଲିଟି ଠିକା ସଫେଇ କର୍ମଚାରୀଙ୍କ ଚାଲିଥିବା ଆନ୍ଦୋଳନ ସୋମବାର ପ୍ରତ୍ୟାହୃତ ହୋଇଛି। ବିଭିନ୍ନ ଦାବିରେ ୫ ଦିନ ହେବ ସଫେଇ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ନିୟମିତ ବେତନ ପ୍ରଦାନ, ସୁରକ୍ଷା ସମ୍ବନ୍ଧିତ ଉପକରଣ ଯୋଗାଇବା, ପିଏଫ୍ ଓ ଇଏସ୍‌ଆଇ ବାବଦ ବେତନରୁ କଟୁଥିବା ଅର୍ଥ ସମ୍ପୃକ୍ତ କାର୍ଯ୍ୟାଳୟରେ ପୈଠ ଆଦି ଦାବିରେ ଏହି ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନ ଯୋଗୁ ସଫେଇ କାର୍ଯ୍ୟ ୫ଦିନ ବନ୍ଦ ରହିବାରୁ ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ଭାବେ ଅଳିଆ ଆବର୍ଜନା ପଡ଼ିରହି ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ଭୁବନେଶ୍ୱର ସବ୍‌କଲେକ୍ଟର ଦେବବ୍ରତ ସାହୁ, ନିର୍ବାହୀ ଅଧିକାରୀ ତପନ ମହାପାତ୍ର, ପୋଲିସ ପହଞ୍ଚି ଆନ୍ଦୋଳନରତ ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଆମ ପୋଲିସ କାର୍ଯ୍ୟକ୍ରମରେ କରୋନା ସଚେତନତା



ଧଳାପଥର ଫାଣ୍ଡି ପରିସରରେ ଆମ ପୋଲିସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ବୁଦ୍ଧିଜୀବୀ।

ବେଗୁନିଆ,୧୬।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଧଳାପଥର ଫାଣ୍ଡି ପରିସରରେ ସୋମବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଣ୍ଡି ଅଧିକାରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଥାନାଧିକାରୀ ରଶ୍ମିରଞ୍ଜନ ସାହୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କରୋନା ଭାଇରସ ସମ୍ପର୍କରେ ସଚେତନ କରାଯାଇଥିଲା। ଭୟଭୀତ ନ ହୋଇ ନିଜେ ସଚେତନ ହେଲେ ଏହି ରୋଗ ଦୂରୀଭୂତ ହୋଇପାରିବ । ବାରମ୍ବାର ହାତ ସଫା କରିବା ସହିତ ଜନଗହଳିପୂର୍ଣ୍ଣ ସ୍ଥାନକୁ ନ ଯିବା ଏବଂ ଥଣ୍ଡା ଜନିତ ଖାଦ୍ୟପଦାର୍ଥ ସେବନ ନ କରିବା ପାଇଁ ଉପସ୍ଥିତ ବ୍ୟକ୍ତିଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଥାନା ପକ୍ଷରୁ ମାସ୍କ ବଣ୍ଟନ କରାଯାଇଥିଲା। ଗେଡ଼ିଆପଲ୍ଲୀ, ମାଣିବନ୍ଧ ଓ ଧଳାପଥର ପଞ୍ଚାୟତର ପ୍ରାୟ ୭୦ଜଣ ବ୍ୟକ୍ତି ଯୋଗଦେଇଥିଲେ।

## ଜିଲାସ୍ତରୀୟ କ୍ରିକେଟ: ଭୁବନେଶ୍ୱର ଚାମ୍ପିୟନ

କୃଷ୍ଣପ୍ରସାଦ, ୧୬।୩(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଗୋମୁଣ୍ଡିଆ ପଞ୍ଚାୟତର ଭାଗବତ ଦେବ ସାଂସ୍କୃତିକ ଯୁବକସଂଘ ଟୁବୁକା ଆନୁକୂଲ୍ୟରେ ଚିଲିକାଗାନ୍ଧୀ ଉଦୟନାଥ ଷ୍ଟାଡିୟମଠାରେ ଚାଲିଥିବା ଜିଲାସ୍ତରୀୟ ୨୦ତମ ବାର୍ଷିକ ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଚାମୁଣ୍ଡା କ୍ରିକେଟ ଟିମ୍‌କୁ ହରାଇ ଭୁବନେଶ୍ୱର ସ୍ପୋର୍ଟିଂ କ୍ଲବ ଚାମ୍ପିୟନ ହୋଇଛି। ଚାମୁଣ୍ଡା କ୍ରିକେଟ ଟିମ୍ ବ୍ରାହ୍ମଣଦେଓ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୫୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଭୁବନେଶ୍ୱର ସ୍ପୋର୍ଟିଂ କ୍ଲବ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲ। ସୁରେନ୍ଦ୍ର କୁମାର ଜେନା, ସୁନୀଲ କୁମାର ଜେନା ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଗୋମୁଣ୍ଡିଆ ସରପଞ୍ଚଙ୍କ ପ୍ରତିନିଧି ତଥା ସମାଜିକ କର୍ମୀ କାଶୀନାଥ ଜେନା, ଚିଲିକା ନୂଆପଡା ପଞ୍ଚାୟତ ସମିତିସଭ୍ୟ ଉତ୍ତମ କୁମାର ତରେଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସଭାପତି ଚିନ୍ମୟ କୁମାର ଜେନା, ସମ୍ପାଦକ ପିଣ୍ଟୁ ଜେନା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ବିଜୟୀ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

## ଧାର ଟଙ୍କା ନ ଦେବାରୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୬।୩ (ବ୍ୟୁରୋ)

ଧାର ଟଙ୍କାକୁ କେନ୍ଦ୍ର କରି ଦୋକାନ ଭଙ୍ଗାରୁଜା ଓ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଖଣ୍ଡଗିରି ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କଳିଙ୍ଗ ନଗର ସେକ୍ଟର କେ୩ ଅଞ୍ଚଳର ରଭାଗିରଥି ଦାସ। ସୂଚନା ମୁତାବକ ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀରେ ଦୋକାନ କରିଥିବା ରୋଶନ କୁମାର ସାମଲ ଭାଗୀରଥିଙ୍କଠାରୁ ଆବଶ୍ୟକ ବେଳେ କିଛି ଟଙ୍କା ଧାର ନେଇଥିଲେ। ଠିକ୍ ସମୟରେ ଟଙ୍କା ଫେରସ୍ତ ନକରିବାରୁ ରବିବାର ସଂଧାରେ ଭାଗୀରଥି ଉତକ୍ଷିପ୍ତହୋଇ ଗାଳି ଗୁଲଜ କରିଥିଲେ। ଦୋକାନରେ ପଶି ଭଙ୍ଗା ରୁଜା କରିବା ସହ ମାଡ଼ ମାରି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ୧୯୭/୨୦ ନମ୍ବରରେ ମାମଲା ରୁଜୁ ହୋଇଥିଲା।

## ପିପିଲି ଟୋଲଗେଟ୍‌ରେ ଯାନବାହନ ଯାଞ୍ଚ

**କରୋନା ସତର୍କତା**

ପିପିଲି, ୧୬।୩(ସ୍ୱ.ପ୍ର.)

କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ସୋମବାର ଠାରୁ ପିପିଲି ଟୋଲଗେଟରେ ଯାନବାହନ ଯାଞ୍ଚ ଆରମ୍ଭ ହୋଇଛି। ପରିବହନ ବିଭାଗ, ପିପିଲି ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମିଳିତ ଭାବେ ଏହି ଯାଞ୍ଚ କରାଯାଉଛି। ପୁରୀର ପ୍ରବେଶ ପଥ ଭାବେ ପରିଚିତ ଏହି ରାସ୍ତା ଦେଇ ଯେପରି ବିଦେଶୀ ବା କୌଣସି ବାହାର ରାଜ୍ୟର ପର୍ଯ୍ୟଟକ ପୁରୀକୁ ନ ଯିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି। ଭୁବନେଶ୍ୱର ପଟୁ ପୁରୀ ଅଭିମୁଖେ ଆସୁଥିବା ସମସ୍ତ ଯାତ୍ରୀବାହୀ ବସ୍, ଚାରିଚକିଆ ଗାଡ଼ି, ଅଟୋ ସମେତ ସନ୍ଦେହ ହେଉଥିବା ବାଇକକୁ ମଧ୍ୟ ଯାଞ୍ଚ କରାଯାଇଛି। ୩୦ରୁ ଉର୍ଦ୍ଧ୍ୱ ବସ୍ ଓ ଚାରିଚକିଆ ଗାଡ଼ିକୁ ପୁରୀକୁ ପ୍ରବେଶ ଅନୁମତି ନ ଦେଇ ଫେରାଇ ଦିଆଯାଇଛି। ଏହି ଯାଞ୍ଚ ପ୍ରକ୍ରିୟା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପିପିଲି ତହସିଲଦାର ତଥା ମାଜିଷ୍ଟ୍ରେଟ୍ ସପନ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଯାଞ୍ଚ ପ୍ରକ୍ରିୟାରେ ଏମ୍‌ଭିଆଇ ଏସ୍.ଏନ୍. ଚୌଧୁରୀ, ପରିବହନ ଅଧିକାରୀ ସମୀର କୁମାର ଦଳାଇ, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜାନକୀ ଭୂଷଣ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

## ଆର୍ଯ୍ୟବିହାର କଲୋନୀରେ କରୋନା ଆତଙ୍କ

**ଦସ୍ତଖତ କରି ଛାଡ଼ିଲା କ୍ୟାପିଟାଲ ହସ୍ପିଟାଲ**

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

ଓଡ଼ିଶାରେ କରେନା ରୋଗୀ ଚିହ୍ନଟ ହେବା ପରେ ସମସ୍ତଙ୍କ ମନରେ ଭୟ ସୃଷ୍ଟି କରିଛି। ଉକ୍ତ ଯୁବକଙ୍କ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ଚାଲିଥିବାବେଳେ ଏବେ ଚନ୍ଦ୍ରଶେଖରପୁରସ୍ଥିତ ଆର୍ଯ୍ୟ ବିହାରରେ ଆଉ ଜଣେ କରୋନା ଆକ୍ରାନ୍ତ ଥିବା ନେଇ କଲୋନୀବାସୀ ଆତଙ୍କିତ ହୋଇଯାଇଛନ୍ତି। ଗତ ୧୩ ତାରିଖ ଦିନ କତାରରୁ ଜଣେ ଡାକ୍ତର ଆସି କଲୋନୀରେ ରହୁଥିବା ଜଣାପଡିଲା ପରେ ଭୟଭୀତ ହୋଇପଡ଼ିଛନ୍ତି। ଆଶ୍ଚର୍ଯ୍ୟର କଥା ଏହା ଯେ, ଏହି ଡାକ୍ତର ଜଣଙ୍କ କଲୋନୀ ବାସିନ୍ଦାଙ୍କ କଥାରେ ସୋମବାର କ୍ୟାପିଟାଲ ହସ୍ପିଟାଲକୁ ଯାଇଥିଲେ ବି ଡାକ୍ତର ତାଙ୍କୁ ନିୟମ ଅନୁଯାୟୀ ଅବଜରଭେଶନ ରୁମରେ ରଖିବା ବଦଳରେ ଛାଡିଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୧୩ତାରିଖରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଆର୍ଯ୍ୟବିହାର ପ୍ଲଟ ନଂ ଏମଆଇଜି-୫/୬ ରହୁଥିବା ବୈଦ୍ୟନାଥ ଦାସ କତାରରୁ ଫେରିଥିଲେ। ବୈଦ୍ୟନାଥଙ୍କ କହିବା ଅନୁଯାୟୀ ସେ କତାର ଓ ଦିଲ୍ଲୀରେ ତାଙ୍କ ଶରୀର ଯାଞ୍ଚ କରାଇଥିଲେ। କିନ୍ତୁ ସେ ବିଦେଶରୁ ଫେରିଥିବା ଜାଣି କଲୋନୀ ବାସିନ୍ଦା ଆତଙ୍କିତ ଅବସ୍ଥାରେ ନିଜ ଘରୁ ବାହାରି ନ ଥିଲେ। କଲୋନୀ ସଭାପତି ବସନ୍ତ ସ୍ୱାଇଁ ତାଙ୍କୁ ପୁନର୍ବାର କ୍ୟାପିଟାଲ ହସ୍ପିଟାଲରେ ଯାଞ୍ଚ ପାଇଁ ପରାମର୍ଶ ଦେଇଥିଲେ। ବୈଦ୍ୟନାଥ ହସ୍ପିଟାଲକୁ ଯାଇଥିଲେ ବି ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ କେବଳ ଏକ ଫର୍ମରେ ଦସ୍ତଖତ କରାଇ ଛାଡି ଦେଇଥିଲେ। ଯାହାକୁ ନେଇ କଲୋନୀ ବାସିନ୍ଦା ଅସନ୍ତୋଷ ବ୍ୟକ୍ତ କରିବା ସହ ବର୍ତ୍ତମାନ ସୁଦ୍ଧା ଆତଙ୍କିତ ଅବସ୍ଥାରେ ଥିବା ସେ କହିଛନ୍ତି। ତେବେ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଦେଶରୁ ଆସୁଥିବା ଲୋକଙ୍କୁ ସର୍ବନିମ୍ନ ୧୫ ଦିନ ଯାଞ୍ଚ କରାଯିବାର ପ୍ରାଧାନ୍ୟ ଥିବାବେଳେ ବୈଦ୍ୟନାଥଙ୍କୁ କାହିଁକି ଛାଡି ଦିଆଗଲା ସେନେଇ କଲୋନୀବାସୀ ପ୍ରଶ୍ନ କରିଛନ୍ତି।

# ଗୋଟିଏ ଦିନରେ ମାଉସୀମା’ ମନ୍ଦିରରେ ଲାଗିବ ରଥ

**ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଯାତ୍ରା**

**ମନ୍ଦିର ପ୍ରଶାସନର ନୀତି ନିର୍ଘଣ୍ଟ ପ୍ରସ୍ତୁତ**

ପୁରୁଣା ଭୁବନେଶ୍ୱର,୧୬।୩(ଡି.ଏନ୍.ଏ.)

ଅଶୋକାଷ୍ଟମୀରେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା। ଏ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ନବଦିନାତ୍ମକ ହୋଇଥିବାବେଳେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଞ୍ଚଦିନାତ୍ମକ ହୋଇଥାଏ। କାଳକ୍ରମେ ଠାକୁରଙ୍କ ଏହି ରଥଯାତ୍ରା ମାଉସୀ ମା’ମନ୍ଦିରରେ ପହଞ୍ଚିବା ଏବଂ ବାହୁଡ଼ାଯାତ୍ରା ସମାପନ ପାଇଁ ଏବେ ୭ଦିନ ଲାଗିଯାଉଛି। କରୋନା ପାଇଁ କେତେଜଣ ସେବାୟତ ଓ ବୁଦ୍ଧିଜୀବୀ ବିରୋଧ କରୁଛନ୍ତି। ଚଳିତବର୍ଷ ମନ୍ଦିର ପ୍ରଶାସନ ଏହି ବ୍ୟତିକ୍ରମରେ ସୁଧାର ଆଣିବା ପାଇଁ ରଥଯାତ୍ରା ଓ ବାହୁଡ଼ା ପୂର୍ବଭଳି ୫ଦିନରେ ସୀମିତ ରଖିବାପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ନିଷ୍ପତ୍ତି ହୋଇଛି। ଗୋଟିଏ ଦିନରେ ମାଉସୀ ମା’ ମନ୍ଦିରରେ ରଥ ପହଞ୍ଚିବା ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଚେଷ୍ଟା କରାଯିବ। ଏହାକୁ କେତେଜଣ ସେବାୟତ କରୋନା ପାଇଁ ସ୍ୱାଗତ କରୁଥିବା ବେଳେ କେତେଜଣ ବିରୋଧ କରୁଛନ୍ତି। ଅପରାହ୍ନ ୩ଟା ୩୦ରେ ରଥ ଟଣା ଆରମ୍ଭ ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ଭୋର ୫ଟାରୁ ୫ଟା ୩୦ପର୍ଯ୍ୟନ୍ତ ମଙ୍ଗଳ ଆଳତି ଅବକାଶ, ୫ଟା ୩୦ରୁ ୬ଟା ୩୦ ସାହାଣ ମେଲା ଦର୍ଶନ କରାଯାଇ ୬ଟା ୩୦ରୁ ୭ଟା ମଧ୍ୟରେ ଛାମୁ ପରିଷ୍କାର କରାଯିବ। ଶ୍ରୀ ଜୀଉଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବା ସହ ସକାଳ ୯ଟା ୪୫ରୁ ୧୦ଟା ୪୫ ଭୋଗ ମଣ୍ଡପ ଓ ଅନ୍ୟାନ୍ୟ ନୀତି ହୋଇ ମଧ୍ୟାହ୍ନ ୧୨ଟାରୁ ୧୨ଟା ୩୦ପର୍ଯ୍ୟନ୍ତ ଯାତ୍ରା ପୂଜା ହେବ। ୧୨ଟା ୩୦ରୁ ୧ଟା ୩୦ ମଧ୍ୟରେ ରଥାରୂଢ଼ ହେବା ସହ ୧ଟା ୩୦ରେ ରଥରେ ପୂଜାପାଇଁ ସମୟ ନିର୍ଘଣ୍ଟ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ନୀତି ନିର୍ଘଣ୍ଟକୁ ବିଭିନ୍ନ ନିଯୋଗ ପ୍ରମୁଖ ଏବଂ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯିବ। ସମସ୍ତଙ୍କ ସହମତି କ୍ରମେ ଚଳିତବର୍ଷ ୩.୩୦ରେ ରଥଟଣା କାର୍ଯ୍ୟ ଆରମ୍ଭ କରିବାପାଇଁ ଏକ ବୃହତ୍ ପଦକ୍ଷେପ ମନ୍ଦିର ପ୍ରଶାସନ ନେଇପାରିବ ବୋଲି କୁହାଯାଇଛି।

### ଏମାନେ କୁହନ୍ତି...

“ରଥ ଟଣା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ସମୟ ପାଇଁ ସମସ୍ତେ ତତ୍ପରତା ପ୍ରକାଶ କରିବା ଦରକାର। ରଥରେ ୧୪ ଭୋଗ ରହିଛି। ତେଣୁ ଦିଅଁ ବିଜେ ନୀତି ଶୀଘ୍ର ହେବା ଦରକାର। ଏହା ସହିତ ରଥରେ ପୂଜା କାର୍ଯ୍ୟ ଶୀଘ୍ର ହେବା ଦରକାର। ସେବାୟତ ଏବଂ ପ୍ରଶାସନର ତତ୍ପରତା ସହ ସହଯୋଗର ଆବଶ୍ୟକତା ରହିଛି। ଅପରାହ୍ନ ୩ଟା ୩୦ରେ ଖରା ଯୋଗୁ ଶ୍ରଦ୍ଧାଳୁ ରଥ ଟାଣି ପାରିବେ ନାହିଁ । କେବଳ ପୋଲିସ ପ୍ରଶାସନ ଅଧିକାରୀମାନେ ରଥ ଟାଣିବେ।

**– ନରସିଂହ ଖୁଣ୍ଟିଆ, ବରିଷ୍ଠ ସେବାୟତ**

“ରଥରେ ୧୧ପୂଜା ରହିଛି। ପ୍ରତ୍ୟେକ ପୂଜାପାଇଁ ୧୫ମିନିଟ୍ ଲେଖାଏ ଲାଗିବ। ସେହପରି ମଠ ପୂଜା ରହିଛି ପ୍ରତ୍ୟେକ ପୂଜା ୨୦ମନିଟ୍ ଲେଖାଏ ସମୟ ନେବ। ତେବେ ଅପରାହ୍ନ ୩ଟା ୩୦ରେ ରଥଟଣା କାର୍ଯ୍ୟ ହୋଇପାରିବ ନାହିଁ। ଶିବରାତ୍ରି କଥା ଅଲଗା ଥିବାରୁ ତାହା ନର୍ଦ୍ଧାରିତ ସମୟ ପୂର୍ବରୁ ଅନୁଷ୍ଠିତ ହୋଇପାରିଥିଲା।

**–କାଶୀନାଥ ପୂଜାପଣ୍ଡା, ପୂଜାପଣ୍ଡା ନିଯୋଗର ସଭାପତି**

“ମନ୍ଦିର ପ୍ରଶାସନ ପକ୍ଷରୁ ଅପରାହ୍ନ ୩ଟା ୩୦ରେ ଧାର୍ଯ୍ୟ ସମୟ ବିରୋଧରେ ଆମର କିଛି ଆପତ୍ତି ନାହିଁ। କରୋନା ପାଇଁ ୭ଦିନ ଧରି ରଥଦାଣ୍ଡରେ ଭିଡ଼ କମେଇବାକୁ ଆଶା ରଖିଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସମୟ ସାରଣୀକୁ ସ୍ୱାଗତ କରୁଛୁ। ଅନୁରୂପଭାବେ ବାହୁଡ଼ା ଦିନ ମଧ୍ୟ ଓଲଟା ରଥଟଣା କାର୍ଯ୍ୟ ୩ଟା ୩୦ ପରିବର୍ତ୍ତେ ସଅଳ କରିପାରିଲେ ଗୋଟିଏ ଦିନରେ ରଥ ଶ୍ରୀ ଲିଙ୍ଗରାଜ ମନ୍ଦିରେ ଲାଗିପାରିବ।

**–କମଳାକାନ୍ତ ବଡୁ, ବଡୁ ନିଯୋଗ ସମ୍ପାଦକ**

“ରଥଯାତ୍ରାର ପୂର୍ବଦିନ ଅର୍ଥାତ୍ ରଥ ପ୍ରତିଷ୍ଠା, ନେତ୍ର ଉତ୍ସବ, ନୀତିକାନ୍ତି ସଅଳ ଏବଂ ଯଥାରୀତି ସମ୍ପନ୍ନ ହୋଇପାରିବ ତେବେ ରଥଟଣା ପାଇଁ ଧାର୍ଯ୍ୟ ନୀତି ନିର୍ଘଣ୍ଟରେ ରଥଟଣା ହୋଇପାରିବ। ଏଥିରେ କୌଣସି ଆମର ଆପତ୍ତି ନାହିଁ।

**–ବିରଞ୍ଚି ନାରାୟଣ ପତି, ବ୍ରାହ୍ମଣ ନିଯୋଗ ସମ୍ପାଦକ**



ଯେଉଁମାନଙ୍କ ବିଚାରବୁଦ୍ଧି ସବୁଠାରୁ କମ୍, ସେଇମାନେ ହିଁ ସବୁଠାରୁ ବେଶି କଥା କୁହନ୍ତି। -ପ୍ଲାଟୋ



## ସଂକ୍ଷେପରେ

### ୩ ରିଟେଲର ନିଲମ୍ବିତ
### ବିନା ବାୟୋମେଟ୍ରିକ୍‌ରେ ରାଶନ ସାମଗ୍ରୀ ବଣ୍ଟନ

**ଗୋପ, ୧୬।୩(ଡି.ଏନ୍.ଏ):** ଯୋଗାଣ ସାମଗ୍ରୀ ବଣ୍ଟନରେ ସ୍ୱଚ୍ଛତା ଆଣିବା ଲାଗି ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ବିଭିନ୍ନ ସମୟରେ ଏଗୁଡ଼ିକୁ ରିଟେଲର ମାନୁ ନ ଥିବା ଅଭିଯୋଗ ହେଉଛି। ଠିକ୍ ଭାବେ ଯୋଗାଣ ସାମଗ୍ରୀ ବଣ୍ଟନ ପାଇଁ ନିକଟରେ ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ମେଶିନ୍‌ରେ ବାୟୋମେଟ୍ରିକ୍ ତଥ୍ୟ ଦେଇ ରାଶନ ସାମଗ୍ରୀ ଉଠାଇବା ଲାଗି ସରକାରୀ ନିର୍ଦ୍ଦେଶ ରହିଛି। ମାତ୍ର ନିୟମକୁ ଉଲ୍ଲଂଘନ କରି ଖାଉଟି ସାମଗ୍ରୀ ବଣ୍ଟନ କରିଥିବା ଅଭିଯୋଗରେ ଖାଉଟି କମିଶନର ୩ଜଣ ରିଟେଲରଙ୍କୁ ନିଲମ୍ବିତ କରିଛନ୍ତି। ରାଜ୍ୟରେ ୨୩୨ ଜଣ ରିଟେଲର ନିଲମ୍ବିତ ହୋଇଥିବାବେଳେ ଗୋପ ବ୍ଲକ୍ ବଣିଆସାହି ପଞ୍ଚାୟତର ବୈଷ୍ଣବ ମୁରୁଡ଼ି, ନାଗପୁର ପଞ୍ଚାୟତର ଗୋଲକ ବଳବନ୍ତରାୟ, ବୀରତୁଙ୍ଗ ପଞ୍ଚାୟତର ହରିହର ନାୟକଙ୍କୁ ନିଲମ୍ବିତ କରାଯାଇଛି। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ରଶ୍ମିତା ସାହୁ କହିଛନ୍ତି, ୩ଜଣ ରିଟେଲର ନିଲମ୍ବିତ ହୋଇଥିବା ସରକାରୀ ଭାବେ ଜଣାପଡିଛି। କେଉଁ କାରଣରୁ ନିଲମ୍ବନ କରାଯାଇଛି ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ।

### ସମୁଦ୍ରରେ ବୁଡ଼ି ଯିବା ବେଳେ ବୃଦ୍ଧା ଉଦ୍ଧାର

**ପୁରୀ ଅଫିସ, ୧୬।୩:** କରୋନା ପାଇଁ ପୁରୀ ବେଳାଭୂମିରେ କଟକଣା ଲଗାଇଛି ପ୍ରଶାସନ। କୌଣସି ପର୍ଯ୍ୟଟକ ବେଳାଭୂମି କିମ୍ବା ସମୁଦ୍ରରେ ସ୍ନାନ ନ କରିବାକୁ ପରାମର୍ଶ ଦିଆଯାଉଛି। ତେବେ ସୋମବାର ଜଣେ ବୃଦ୍ଧା ସମୁଦ୍ରରେ ବୁଡ଼ି ଯାଉଥିବାବେଳେ ତାଙ୍କୁ ଲାଇଫଗାର୍ଡ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତାଙ୍କର କୌଣସି ପରିଚୟ ମିଳିପାରି ନ ଥିବାବେଳେ ସେ ବି କିଛି କହିପାରୁ ନାହାନ୍ତି। ସନ୍ଧ୍ୟା ପ୍ରାୟ ୬ଟାରେ ଭିକ୍ଟୋରିଆ ହୋଟେଲ ସମ୍ମୁଖ ବେଳାଭୂମିରେ ବୃଦ୍ଧା ଜଣଙ୍କ ଏକୁଟିଆ ଠିଆ ହୋଇଥିଲେ। ହଠାତ୍ ଦୌଡ଼ିଯାଇ ସମୁଦ୍ର ପାଣିରେ ପଡ଼ିଯାଇଥିଲେ। ତାଙ୍କୁ ସମୁଦ୍ର ଟାଣି ନେଉଥିବା ଦେଖି ସେଠାରେ ଉପସ୍ଥିତ ଥିବା ଲାଇଫଗାର୍ଡ କେ. ଅଜିତ୍, ଜି. ଦାସ ରାଓ ତାଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ଅଗ୍ନିଶମ ବିଭାଗ ଆମ୍ବୁଲାନ୍ସରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଏ ସମ୍ପର୍କରେ ଲାଇଫଗାର୍ଡ ଅଧିକାରୀ ଧନଞ୍ଜୟ ମଲ୍ଲିକ କହିଛନ୍ତି, କେତେଜଣ ଲାଇଫଗାର୍ଡଙ୍କ ସହ ସେ ବେଳାଭୂମିରେ ଛିଡ଼ା ହୋଇଥିଲେ। ସମ୍ଭବତା ବୃଦ୍ଧା ତାଙ୍କ ପାଖାପାଖି ଛିଡ଼ା ହୋଇଥିବା ବେଳେ ହଠାତ୍ ଦୌଡ଼ିଯାଇ ସମୁଦ୍ରରେ ପଡ଼ିଯାଇଥିଲେ। ତେବେ କ'ଣ ପାଇଁ ସେ ଏମିତି କଲେ ତାଙ୍କୁ ପଚାରିଲେ ମଧ୍ୟ କିଛି କହି ନ ଥିଲେ।

### ସାପ୍ତାହିକ ହାଟ ବନ୍ଦ କଲା ପ୍ରଶାସନ

ପିପିଲି, ୧୬।୩(ସ୍ୱ.ପ୍ର.): କରୋନାକୁ ଦୃଷ୍ଟିରେ ରଖି ପିପିଲି ଏନ୍‌ଏସିର ସାପ୍ତାହିକ ହାଟକୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରଶାସନ ବନ୍ଦ କରିଦେଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳକଣ୍ଠ ବେହେରା ଓ ତହସିଲଦାର ସପନ କୁମାର ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଡାକବାଜି ଯନ୍ତ୍ର ଯୋଗେ ଏହି ସୂଚନା ଦିଆଯାଇଛି। ତେବେ ବ୍ୟବସାୟୀମାନଙ୍କୁ ହାଟ ବନ୍ଦ କରିବାକୁ ସ୍ୱଳ୍ପ ସମୟ ଦିଆଯାଇଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କିଣା ଦାମ୍‌ଠାରୁ କମ୍ ମୂଲ୍ୟରେ ପନିପରିବା ବିକି ଅନେକ ବ୍ୟବସାୟୀ ହତାଶ ହୋଇଥିଲେ।

### ତରାକାଜ ପାଖରେ କୁଢକୁଢ ମଲା କୁକୁଡ଼ା



**ପିପିଲି, ୧୬।୩ (ସ୍ୱ.ପ୍ର.):** କୁକୁଡ଼ାରୁ କରୋନା ବ୍ୟାପୁଥିବା ଅପପ୍ରଚାର ହେବା ପରେ ପିପିଲି ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଫଳରେ ଗାଁ ଗାଁରେ କୁକୁଡ଼ା ଚାଷୀ ଓ ବ୍ୟବସାୟୀମାନେ କୁକୁଡ଼ା ମାରି ପକାଉଛନ୍ତି। ଦାନା ମିଳୁ ନ ଥିବାରୁ ବ୍ୟବସାୟୀମାନେ ତାଙ୍କ ଫାର୍ମକୁ ଖୋଲି ଦେବା ଫଳରେ କୁକୁଡ଼ା ଏଣେତେଣେ ବୁଲି ମରି ପଡୁଛନ୍ତି। ପିପିଲି ତରାକାଜଠାରେ କୁଢକୁଢ ମଲା କୁକୁଡ଼ା ପଡ଼ିଥିବା ସୋମବାର ଦେଖିବାକୁ ମିଳିଛି। କେହି ଆଣି ଏଠାରେ ମଲା କୁକୁଡ଼ାକୁ ଫିଙ୍ଗି ଦେଇଯାଇଥିବା ସନ୍ଦେହ କରାଯାଉଛି। ଗନ୍ଧରେ ନାକ ଫାଟି ପଡୁଥିବା ବେଳେ ଏନଏସି ପକ୍ଷରୁ ଏହାକୁ ସଫା କରିବା ପାଇଁ ଲୋକେ ଅନୁରୋଧ କରିଛନ୍ତି।

# ମୁହଁ ଢାଙ୍କିଲେ, ମନ୍ଦିର ଗଲେ

**ପୁରୀ ଅଫିସ, ୧୬।୩**

■ କଡ଼ାକଡ଼ି ହେଲା କରୋନା କଟକଣା

■ ପ୍ରବେଶ ପୂର୍ବରୁ ହାତ ସଫା କଲେ ଭକ୍ତ



କରୋନା ମୁକାବିଲା ପାଇଁ ପୁରୀ ଜିଲା ପ୍ରଶାସନ, ଶ୍ରୀମନ୍ଦିର ଏବଂ ପୋଲିସ ପକ୍ଷରୁ ଅନେକ କଟକଣା ଜାରି ହୋଇଛି। ସୋମବାରଠାରୁ କଟକଣାକୁ କଡ଼ାକଡ଼ି ଭାବେ ଲାଗୁ କରାଯାଇଛି। ଏଥିଲାଗି ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି ଜିଲାପାଳ ବଲୱନ୍ତ ସିଂ ଏବଂ ଏସ୍‌ପି ଉମାଶଙ୍କର ଦାଶ। ସମସ୍ତେ ଯଦି ସଚେତନ ହୋଇ ସତର୍କତା ଅବଲମ୍ବନ କରିବେ ତେବେ କରୋନାକୁ ଆମେ ମୁକାବିଲା କରିବାରେ ସଫଳ ହେବା ବୋଲି ଏହି ବରିଷ୍ଠ ଅଧିକାରୀ ଦ୍ୱୟ କହିଛନ୍ତି। ପୁରୀ ପ୍ରବେଶ ପଥରୁ ହିଁ କଟକଣା କଡ଼ାକଡ଼ି କରାଯାଇଛି। ଜରୁରୀ ନ ଥିଲେ ପୁରୀକୁ ନ ଆସିବାକୁ ଜିଲା ପ୍ରଶାସନ ନିବେଦନ କରିଥିବାବେଳେ ସୋମବାର ସକାଳେ ପିପିଲି ଟୋଲଗେଟ୍‌ରେ ସମସ୍ତ ଗାଡ଼ି ଏବଂ ପର୍ଯ୍ୟଟକଙ୍କୁ ଯାଞ୍ଚ କରାଯାଇଥିଲା। ସେହିପରି ଶ୍ରୀମନ୍ଦିରକୁ ଆସିଥିବା ଦର୍ଶନାର୍ଥୀଙ୍କ ପାଇଁ ମାସ୍କ କଡ଼ାକଡ଼ି କରାଯାଇଥିବା ବେଳେ ଅନେକ ବିନା ମାସ୍କରେ ଆସିଥିଲେ। ପ୍ରବେଶ ପଥରେ ସେମାନଙ୍କୁ ଅଟକାଇ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ କେହି କେହି ରୁମାଲରେ ମୁହଁ ଢାଙ୍କିଥିବାବେଳେ କେତେଜଣ ମହିଳା ଓ ଯୁବତୀ ସ୍କାର୍ଫକୁ ମାସ୍କ ଭାବେ ବ୍ୟବହାର କରିଥିଲେ। ସମସ୍ତେ ମୁହଁ ଢାଙ୍କି ମନ୍ଦିରକୁ ପ୍ରବେଶ କରିଥିଲେ। ପ୍ରବେଶ ପୂର୍ବରୁ ସିଂହଦ୍ୱାର ଚକଡ଼ାରେ ଆଶାକର୍ମୀମାନେ ସେମାନଙ୍କୁ ସାନିଟାଇଜର ଦେଇଥିଲେ। ଶ୍ରଦ୍ଧାଳୁମାନେ ହାତ ସଫା କରି ଭିତରକୁ ଯାଇଥିଲେ। କେବଳ ସିଂହଦ୍ୱାରରେ ଭକ୍ତ ପ୍ରବେଶ କରୁଥିଲେ। ଅନ୍ୟ ଦ୍ୱାରରେ ଛଡ଼ାଯାଉ ନ ଥିଲା।

**ବ୍ୟାରିକେଡିଂରେ ଅରୁଣ ସ୍ତମ୍ଭ ଓ ଗରୁଡ଼ ସ୍ତମ୍ଭ**

ଶ୍ରଦ୍ଧାଳୁମାନେ ଯେପରି ଅରୁଣ ସ୍ତମ୍ଭ ଏବଂ ଗରୁଡ଼ ସ୍ତମ୍ଭ ଛୁଇଁ ନ ପାରିବେ ସେଥିଲାଗି ଏହାକୁ ବ୍ୟାରିକେଡିଂ କରାଯାଇଛି। ସେହିପରି ଛତିଶା ନିଯୋଗରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ମନ୍ଦିର ଭିତରେ ଯେପରି ଭକ୍ତମାନେ କେଉଁଠି ବସିପାରିବେ ନାହିଁ ଏବଂ ଅନ୍ୟ କୌଣସି ଜାଗାକୁ ସ୍ପର୍ଶ ନ କରନ୍ତି ସେଥିଲାଗି ପଦକ୍ଷେପ ନିଆଯାଇଛି। ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରେ ଲାଗିଥିବା ସ୍ପିକର ମାଧ୍ୟମରେ କରୋନା ସଚେତନତାର ବାର୍ତ୍ତା ଦିଆଯାଉଛି।

**ବୁଲିଲା ସଚେତନତା ଗାଡ଼ି**

ଜନସାଧାରଣଙ୍କୁ ସଚେତନ କରିବା ଲାଗି ବିଭିନ୍ନ ପଦକ୍ଷେପ ନେଇଛି ଜିଲା ପ୍ରଶାସନ। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଚାର ଗାଡ଼ି ସହରରେ ବୁଲୁଥିବା ବେଳେ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କୁ କ'ଣ କରିବା ଏବଂ ନ କରିବା ଦରକାର ତାହା ଡାକବାଜି ଯନ୍ତ୍ର ଦ୍ୱାରା କୁହାଯାଉଛି। ସେହିପରି ରେଳଷ୍ଟେଶନରେ ଆଶାକର୍ମୀମାନେ ଯାତ୍ରୀଙ୍କୁ ଲିଫଲେଟ୍ ବଣ୍ଟନ କରୁଛନ୍ତି।

**ବନ୍ଦ କରାଗଲା ଲାଉଡ୍ ସ୍ପିକର ଅନୁମତି**

କରୋନା ଭାଇରସ୍‌ର ଭୟାବହତାକୁ ଦେଖି ରାଜ୍ୟ ସରକାର କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଶେଷକରି ଗୋଟିଏ ଜାଗାରେ ଲୋକଙ୍କ ଗହଳିକୁ ବାରଣ କରାଯାଇଛି। ଏଥିପାଇଁ ସଭାସମିତି, କର୍ମଶାଳା ଆଦି ବନ୍ଦ କରାଯାଇଥିବା ବେଳେ ବିବାହ, ସାମାଜିକ ଓ ଧାର୍ମିକ ସଭା ଉପରେ ମଧ୍ୟ କଟକଣା ଲଗାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଉଥିବା ଲାଉଡ୍ ସ୍ପିକର ଅନୁମତିକୁ ବନ୍ଦ କରାଯାଇଛି। ଉପଜିଲାପାଳ ଭବତାରଣ ସାହୁ ଏ ନେଇ ଜିଲାର ସମସ୍ତ ତହସିଲଦାର, ବିଡିଓ, ଏସ୍‌ଡିପିଓ, ଆଇଆଇସିଙ୍କ ସମେତ ପୌରସଂସ୍ଥା ଏବଂ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

**ଜନଶୁଣାଣି ବାତିଲ**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ଜିଲାପାଳଙ୍କ ଜନଶୁଣାଣିକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବାତିଲ କରିଛନ୍ତି। ଜିଲା ମୁଖ୍ୟ କାର୍ଯ୍ୟାଳୟଠାରେ କିମ୍ବା ବ୍ଲକ ମୁଖ୍ୟାଳୟରେ ଜନଶୁଣାଣି ହେବ ନାହିଁ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମିଳିବା ପରେ ପୁଣି ଜିଲାପାଳଙ୍କ ଜନଶୁଣାଣି ହେବ ବୋଲି ସୂଚନା ଦିଆଯାଇଛି।

**ଔଷଧ ଦୋକାନରେ ଚଢ଼ାଉ**

ବଜାରରେ ମାସ୍କ, ସାନିଟାଇଜର ପ୍ରାୟତଃ ମିଳୁନାହିଁ। କିନ୍ତୁ ଯାହା ପାଖରେ ଅଳ୍ପ କିଛି ରହିଛି ସେମାନେ ଚଡ଼ା ଦରରେ ବିକ୍ରି କରୁଛନ୍ତି। ଏ ନେଇ ସୋମବାର ସହରର ବିଭିନ୍ନ ଔଷଧ ଦୋକାନରେ ଚଢ଼ାଉ କରାଯାଇଥିଲା। ଏଥିପାଇଁ ସ୍ୱତନ୍ତ୍ର ଭାବେ ଟିମ୍ ଗଠନ କରାଯାଇଛି। ଲାଇଫ୍ ଔଷଧ ଷ୍ଟୋରରେ ଚଢ଼ାଉ ବେଳେ ନନ୍ ସର୍ଜିକାଲ ମାସ୍କ ଅଧିକ ଦାମ୍‌ରେ ବିକ୍ରି ହେଉଥିଲା, ଯାହାକି ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନର ଉଲ୍ଲଂଘନ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହି ଔଷଧ ଦୋକାନରୁ ୩ ପ୍ୟାକେଟ ମାସ୍କ ଜବତ ହୋଇଥିବା ବେଳେ ୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।ଜଣାପଡ଼ିଛି।

### ୨ ସଡ଼କ ଦୁର୍ଘଟଣା: ଜଣେ ମୃତ, ୩ ଗୁରୁତର

**ପିପିଲି, ୧୬।୩(ଡି.ଏନ.ଏ)**

ପିପିଲି ବଜାର ଟ୍ରାଫିକ ଛକରେ ସୋମବାର ବସ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିପିଲି ବ୍ଲକ ଶ୍ରୀକଣ୍ଠପୁର (ଆଛୁଆସାହି)ର ଉଦୟନାଥ ପରିଡ଼ାଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା ପରିଡ଼ା(୫୦)। ତାଙ୍କ ଦିଅର ଦେବରାଜ ପରିଡ଼ାଙ୍କ ସହିତ ବାଇକ ଯୋଗେ ପୂର୍ବାହ୍ନ ୧୧ରେ ହରିରାଜପୁର ମେଳଣ ଦେଖି ଘରକୁ ଫେରୁଥିଲେ। ଏହି ସମୟରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଯାତ୍ରୀବାହୀ ବସ୍ (ନଂ. ଓ.ଆର ୨୨ ଇ ୫୭୮୨) ହାଟ ଛକ ନିକଟରେ ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ସ୍ୱର୍ଣ୍ଣଲତା ଗାଡ଼ିରୁ ଖସି ବସ ଚକା ତଳେ ପଡ଼ିଯାଇଥିଲେ। ଚକାରେ ଚାପି ହୋଇ ତାଙ୍କ ଜୀବନ ଯାଇଥିଲା। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହେବା ସହ କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତା ଅବରୋଧ କରାଯାଇଥିଲା। ପିପିଲି ଥାନା ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟି ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଅବରୋଧ ହଟାଇଥିଲେ। ସେହିପରି ଦାଣ୍ଡମୁକୁନ୍ଦପୁର ନିକଟ ବରାଗଡ ଛକଠାରେ ମଧ୍ୟାହ୍ନ ୧୨ଟାରେ ବାଇକ୍ ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ପିପିଲି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଆହତ ଦ୍ୱୟ ହେଲେ ପିପିଲି ମାଧିପୁର ଗ୍ରାମର ସୂର୍ଯ୍ୟ ନାରାୟଣ ନାୟକ ଏବଂ ଭୁବନେଶ୍ୱରର ସାଗର ବେହେରା। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ବ୍ୟକ୍ତି ରାଇଗିରିପୁର ଗ୍ରାମର ସୁଶାନ୍ତ ସାହୁ ବୋଲି ଜଣାପଡିଛି।

## ହୋଟେଲିୟରଙ୍କୁ ପରାମର୍ଶ: ନୂଆ ବୁକିଂ ରଖନି



ବୈଠକରେ ପ୍ରଶାସନିକ ଅଧିକାରୀ ଏବଂ ହୋଟେଲ ମାଲିକମାନେ।

**ପୁରୀ ଅଫିସ, ୧୬।୩**

କରୋନା ବିଶ୍ୱବାସୀଙ୍କ ଚିନ୍ତାର କାରଣ ପାଲଟିଛି। ତେଣୁ ଆମକୁ ଏବେଠାରୁ ସତର୍କ ଓ ସଚେତନ ହେବାକୁ ପଡ଼ିବ। ବ୍ୟକ୍ତିଗତ ସ୍ୱାର୍ଥକୁ ଭୁଲି ସାମୂହିକ ସ୍ୱାର୍ଥ ପାଇଁ କିଛିଦିନ କଷ୍ଟର ସମ୍ମୁଖୀନ ହେବାକୁ ହେବ। ଏଭଳି ସ୍ଥିତିରେ ମିଳିତ ସହଯୋଗ ରହିଲେ କରୋନା ମୁକାବିଲା କ୍ଷେତ୍ରରେ ଆମେ ସଫଳ ହୋଇପାରିବା ବୋଲି କହିଛନ୍ତି ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା। ସୋମବାର ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ପୁରୀ ହୋଟେଲ ମାଲିକମାନଙ୍କ ସହ ପ୍ରଶାସନିକ ଆଲୋଚନା ହୋଇଥିଲା। ଏଥିରେ ଏଡିଏମ୍‌ଓ (ପରିବାର କଲ୍ୟାଣ) ଦେବୀ ପ୍ରସାଦ ମହାପାତ୍ର ଯୋଗଦେଇ କରୋନାର ଭୟାବହତା ଏବଂ ବର୍ତ୍ତମାନ ଦେଶ ଓ ରାଜ୍ୟରେ ଏହାର ସ୍ଥିତି ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ପରେ ହୋଟେଲିୟରମାନଙ୍କୁ କେତେକ ପରାମର୍ଶ ଦିଆଯାଇଥିଲା।

ଯେଉଁ ପର୍ଯ୍ୟଟକ ପୁରୀ ଆସିବାକୁ ବୁକିଂ କରିବାକୁ ଚାହୁଁଛନ୍ତି ତାହାକୁ ବାତିଲ କରନ୍ତୁ। ଏଥିସହ ବିଭିନ୍ନ ହୋଟେଲ, ଲଜିଂ ଆଦିରେ ଥିବା ପର୍ଯ୍ୟଟକଙ୍କୁ ପୁରୀ ଛାଡ଼ିବା ପାଇଁ କାରଣ ସହ ବୁଝାନ୍ତୁ। ବର୍ତ୍ତମାନ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବନ୍ଦ କରିଦିଆଯାଇଛି। ତେଣୁ କେବଳ ହୋଟେଲରେ ରହିବା ଅପେକ୍ଷା ସେମାନେ ଫେରିଯିବା ଠିକ୍ ହେବ ବୋଲି ବୁଝାଇବା ଲାଗି ହୋଟେଲିୟରଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ହୋଟେଲ କର୍ମଚାରୀ ଅବା କୌଣସି ପର୍ଯ୍ୟଟକ ଯଦି କାହାକୁ ଥଣ୍ଡା, କାଶ ବା ଜ୍ୱର ହୋଇଥାଏ ତେବେ ତୁରନ୍ତ ଜିଲା ପ୍ରଶାସନକୁ ଖବର ଦେବାକୁ ମାଲିକମାନଙ୍କୁ କୁହାଯାଇଛି। ଏଥିପାଇଁ ସେମାନଙ୍କୁ କ୍ଷତି ସହିବାକୁ ପଡ଼ିବ ବୋଲି କେତେଜଣ ହୋଟେଲ ମାଲିକ କହିଥିଲେ ମଧ୍ୟ କରୋନା ମୁକାବିଲା ପାଇଁ ପ୍ରଶାସନକୁ ସହଯୋଗ କରିବେ ବୋଲି ସହମତି ପ୍ରକାଶ କରିଥିଲେ। ବୈଠକରେ ପୁରୀ ହୋଟେଲ ସଂଘ ସଭାପତି ରାମକୃଷ୍ଣ ଦାସମହାପାତ୍ର, ସମ୍ପାଦକ ରାଜକିଶୋର ମହାପାତ୍ରଙ୍କ ସମେତ ବହୁ ହୋଟେଲ ମାଲିକ ଉପସ୍ଥିତ ଥିଲେ।

### ଡକାୟତି ଯୋଜନା ପଣ୍ଡ, ୪ ଗିରଫ
### ବୋମା, ମାରଣାସ୍ତ୍ର ଜବତ

**ପୁରୀ ଅଫିସ, ୧୬।୩**

ଏକ ବଡ଼ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି ବାସେଳିସାହି ଥାନା ପୋଲିସ। ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କଠାରୁ ୪ଟି ବୋମା, ଖଣ୍ଡା, ଲୁହାରଡ଼ ଏବଂ ବାଇକ୍ ଜବତ କରିଛି। ଏଏସ୍‌ଆଇ ଧରଣୀଧର ବେହେରାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା ରୁଜୁ ହେବା ସହ ସୋମବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ରବିବାର ରାତିରେ ଲୋକନାଥ ରୋଡର ଝିଲୁ ମାଣିଆ, ଗୋଖାସାହିର ଚନ୍ଦନ ମଙ୍ଗରାଜ, ସୁକାନ୍ତ ବେହେରା ଓ ମୁନା ବେହେରା ଲୋକନାଥ ମନ୍ଦିର ପଛ କାଜୁ ଜଙ୍ଗଲରେ ବସି ଡକାୟତି ଯୋଜନା କରୁଥିଲେ। ବାସେଳିସାହି ଥାନା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ସେମାନଙ୍କୁ ଦେଖି ମାଡ଼ି ବସିଥିଲା। ଏଥିସହ ସେମାନଙ୍କଠାରୁ ବୋମା, ଖଣ୍ଡା, ବାଇକ୍ ଜବତ କରିଥିଲା। ପଚରାଉଚରା ବେଳେ ଏକ ଡକାୟତି କରିବା ଲାଗି ସେମାନେ ବସି ଯୋଜନା କରୁଥିବା କହିଥିଲେ। ପୋଲିସ ସମସ୍ତଙ୍କୁ ଗିରଫ କରିଥିଲା।

## ମାସ୍କ ବାଣ୍ଟି ସଚେତନ କଲେ କିନ୍ନର



କିନ୍ନରମାନେ ସଚେତନତା ସୃଷ୍ଟି କରୁଛନ୍ତି।

**ପୁରୀ ଅଫିସ, ୧୬।୩**

ପୁରୀ ଜିଲା କିନ୍ନର ସଂଘକୁ ବି ଘାରିଛି କରୋନା ଚିନ୍ତା। ତେଣୁ ଜନସାଧାରଣଙ୍କୁ ସଚେତନ କରିବା ଲାଗି କିନ୍ନରମାନେ ସୋମବାର ରାସ୍ତାକୁ ଆସିଛନ୍ତି। ବିଭିନ୍ନ ପ୍ରକାର ସଚେତନତାମୂଳକ ବାର୍ତ୍ତା ଲେଖାଥିବା ପ୍ଲାକାର୍ଡ ଧରି ମେଡିକାଲ ଛକରେ ଠିଆ ହେବା ସହ ଲୋକଙ୍କୁ ମାସ୍କ ବାଣ୍ଟିଛନ୍ତି। ଯେଉଁମାନେ ମାସ୍କ ପିନ୍ଧି ନ ଥିଲେ ସେମାନଙ୍କ ମୁହଁରେ ମାସ୍କ ପିନ୍ଧାଇଥିଲେ କିନ୍ନର। ଏମିତି ଏକ ନିଷ୍ପତ୍ତି କାହିଁକି ମନକୁ ଆସିଲା ପ୍ରଶ୍ନରେ ଜିଲା କିନ୍ନର ସଂଘର ମା ଦେବକୀ କିନ୍ନର କହିଛନ୍ତି, ବର୍ତ୍ତମାନ କରୋନା ଭୂତାଣୁ ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି। ପ୍ରତିଦିନ ନୂଆ ନୂଆ ଦେଶକୁ ଏହି ଭାଇରସ୍ ଡେଉଁଛି। ଓଡ଼ିଶାରେ ବି ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା କିପରି ନ ବ୍ୟାପିବ ସେଥିଲାଗି ସଚେତନତାର ଆବଶ୍ୟକତା ରହିଛି। ଜନସାଧାରଣଙ୍କୁ ସଚେତନ କରିବା ଲାଗି ଆମେ ରାସ୍ତାକୁ ଆସିଛୁ। ଲୋକଙ୍କୁ ମାସ୍କ ବାଣ୍ଟି କରୋନା ଭୂତାଣୁ ପାଇଁ କ'ଣ କ'ଣ ପ୍ରତିଷେଧକ ବ୍ୟବସ୍ଥା ଆପଣାଇବାକୁ ପଡ଼ିବ ତାହା ବୁଝାଉଛୁ। ସଚେତନ ହେଲେ କରୋନାକୁ ଆମେ ସଫଳତାର ସହ ମୁକାବିଲା କରିପାରିବା ବୋଲି ଦେବକୀ କିନ୍ନର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସଂଘ ସଭାନେତ୍ରୀ ପ୍ରିୟାଂଶୀ ଦାସ, ପିଙ୍କି କିନ୍ନର, ଆଲିୟା କିନ୍ନର, ରିମ୍‌ଝିମ କିନ୍ନର, ସୁକାନ୍ତି କିନ୍ନର ପ୍ରମୁଖ ସାମିଲ ଥିଲେ।

### ମଙ୍ଗଳା ଯାତ୍ରାରେ ଆବଶ୍ୟକସ୍ଥଳେ ମନ୍ଦିର ଆସିବାକୁ ନିର୍ଦ୍ଦେଶ

**କାକଟପୁର, ୧୬।୩ (ଡି.ଏନ.ଏ)**

ମା'ମଙ୍ଗଳାଙ୍କ ଚୈତ୍ରମାସ ମଙ୍ଗଳବାର ଦ୍ୱିତୀୟ ପାଳି ଯାତ୍ରାରେ ଜନ ସମାଗମକୁ ଲକ୍ଷ୍ୟ ରଖି ମନ୍ଦିର ପ୍ରଶାସନ ଶ୍ରଦ୍ଧାଳୁଙ୍କ ମନ୍ଦିର ପ୍ରବେଶ ଉପରେ ନୋଟିସ ଜାରି କରିଛି। ଜରୁରୀ ଆବଶ୍ୟକତା ନ ଥିଲେ ମନ୍ଦିରକୁ ନ ଆସିବାକୁ କୁହାଯାଇଛି। ଯଦି ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନରେ ଆସନ୍ତି ପରସ୍ପରକୁ ୨ମିଟର ଛାଡି ଧାଡିରେ ଠିଆ ହୋଇ ଦର୍ଶନ କରିବେ। ମନ୍ଦିରର ଟ୍ରଷ୍ଟି ତଥା ତହସିଲଦାର ରୋଜିନା ଦାସଙ୍କ ଦସ୍ତଖତରେ କରୋନା ସମ୍ପର୍କିତ ସଚେତନତା ଭିତ୍ତିକ ନୋଟିସ ପ୍ରଶାସନ ଲଗାଯାଇଛି।

## ପିପିଲି ଟୋଲଗେଟ୍‌ରେ ଗାଡ଼ି ଯାଞ୍ଚ୍

**ପିପିଲି, ୧୬।୩(ସ୍ୱ.ପ୍ର.)**

କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ସୋମବାର ଠାରୁ ପିପିଲି ଟୋଲଗେଟରେ ଯାନବାହନ ଯାଞ୍ଚ ଆରମ୍ଭ ହୋଇଛି। ପରିବହନ ବିଭାଗ, ପିପିଲି ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମିଳିତ ଭାବେ ଏହି ଯାଞ୍ଚ କରାଯାଉଛି। ଏହି ରାସ୍ତା ଦେଇ ଯେପରି ବିଦେଶୀ ବା ବାହାର ରାଜ୍ୟର ପର୍ଯ୍ୟଟକ ପୁରୀକୁ ନ ଯିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି। ଭୁବନେଶ୍ୱର ପଟୁ ପୁରୀ ଆସୁଥିବା ସମସ୍ତ ଯାତ୍ରୀବାହୀ ବସ୍, ଚାରିଚକିଆ ଗାଡ଼ି, ସମେତ ବାଇକକୁ ମଧ୍ୟ ଯାଞ୍ଚ କରାଯାଇଛି। ୩୦୦ରୁ ଊର୍ଦ୍ଧ୍ୱ ଗାଡ଼ିକୁ ପୁରୀକୁ ପ୍ରବେଶ ଅନୁମତି ନ ଦେଇ ଫେରାଇ ଦିଆଯାଇଛି। ଏହି ଯାଞ୍ଚ ପ୍ରକ୍ରିୟା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ। ପିପିଲି ତହସିଲଦାର ତଥା ମାଜିଷ୍ଟ୍ରେଟ୍ ସପନ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଯାଞ୍ଚ ପ୍ରକ୍ରିୟାରେ ଏମ୍‌ଭିଆଇ ଏସ୍.ଏନ୍. ଚୌଧୁରୀ, ପରିବହନ ଅଧିକାରୀ ସମୀର କୁମାର ଦଳାଇ, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ପ୍ରମୁଖ ସାମିଲ ଥିଲେ।

**ବସ୍‌ରୁ ଡେଇଁ ଦୌଡ଼ିଲେ ବିଦେଶୀ ନାଗରିକ**

ଯାଞ୍ଚ ଚାଲିଥିବାବେଳେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏକ ଯାତ୍ରୀବାହୀ ବସ୍‌ରେ ଭୁବନେଶ୍ୱରରୁ ପୁରୀ ଯାଉଥିବା ଜଣେ ବିଦେଶୀ ପର୍ଯ୍ୟଟକ ହଠାତ୍ ବସ୍‌ରୁ ଓହ୍ଲାଇ ରାସ୍ତାରେ ଦୌଡିଥିଲେ। ତାଙ୍କୁ କାବୁ କରିବା ପାଇଁ ସେଠାରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ତାଙ୍କୁ ଧରାଯିବା ପରେ ସେ ପର୍ତ୍ତୁଗାଲ୍‌ର ନାଗରିକ ବୋଲି ଜଣାପଡ଼ିଥିଲା। ତେବେ ସେ ପୁରୀ ଯିବାକୁ ଜିଦ୍ ଧରିଥିଲେ। ଏପରି କି ପିପିଲି ତହସିଲଦାର ତଥା ମାଜିଷ୍ଟ୍ରେଟ୍ ସପନ କୁମାର ନନ୍ଦ ତାଙ୍କୁ ବୁଝାଶୁଝା କରୁଥିବା ବେଳେ ପୋଲିସ ଓ ସ୍ୱେଚ୍ଛାସେବୀଙ୍କୁ ସେ ଆକ୍ରମଣ କରିଥିଲେ। ବହୁ କଷ୍ଟରେ ତାଙ୍କୁ ବୁଝାଶୁଝା କରି ଭୁବନେଶ୍ୱରକୁ ପଠାଇ ଦିଆଯାଇଥିଲା।

# ପ୍ରଥମେ ଜୀବନ, ପରେ ଜୀବିକା

**ପୁରୀ ଅଫିସ, ୧୬।୩**



ପୁରୀ ବେଳାଭୂମିରେ ଉଠାଦୋକାନଗୁଡିକ ବନ୍ଦ ରହିଛି।

ଓଡ଼ିଶାରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଏବେ ସବୁଠି ଏହାର ଚର୍ଚ୍ଚା। ପାନ ଦୋକାନରୁ ପାର୍କ ପୁଣି ସରକାରୀ କାର୍ଯ୍ୟାଳୟରୁ ବେସରକାରୀ ଅନୁଷ୍ଠାନ ସବୁଠି ପ୍ରାଣଘାତୀ କରୋନା ଭୂତାଣୁର ଭୟାବହତାକୁ ନେଇ ଚାଲିଛି ଆଲୋଚନା। ପୂର୍ବରୁ ଭାରତର ବିଭିନ୍ନ ରାଜ୍ୟରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ମଧ୍ୟ ଓଡ଼ିଶା ଏଥିରୁ ବାଦ୍ ଥିଲା। ମାତ୍ର ରବିବାର ରାଜ୍ୟରେ କରୋନା ଆକ୍ରାନ୍ତ ଚିହ୍ନଟ ପରେ ରାଜ୍ୟବାସୀ ଚିନ୍ତିତ ହୋଇପଡ଼ିଛନ୍ତି। ତେବେ କରୋନାର ପ୍ରଭାବ ବି ବିଭିନ୍ନ କ୍ଷେତ୍ରରେ ଦେଖିବାକୁ ମିଳିଛି। ପୁରୀରେ ଦୋକାନ, ବଜାର ଉପରେ ଏହାର ପ୍ରଭାବ ପଡ଼ିବା ଆରମ୍ଭ ହୋଇଗଲାଣି। ବେପାର କମୁଥିବାବେଳେ ଅନେକ ବ୍ୟବସାୟୀ ଦୋକାନ ଖୋଲୁନାହାନ୍ତି। ହୋଟେଲ ଶିଳ୍ପରେ ବି କରୋନାର ପ୍ରଭାବ ପରିଲକ୍ଷିତ ହୋଇଛି। ପ୍ରଶାସନିକ ନିବେଦନକୁ ସମ୍ମାନ ଜଣାଇ ହେଉ ଅବା ଜନସାଧାରଣଙ୍କ ମଧ୍ୟରେ ସଚେତନତା ହେଉ ଏଥିପାଇଁ ପୁରୀକୁ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଛି। ତେବେ ଏହାକୁ ଅନେକ ସକାରାତ୍ମକ ଢଙ୍ଗରେ ନେଇ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ବ୍ୟକ୍ତିଗତ ସ୍ୱାର୍ଥକୁ ପଛକୁ ଠେଲିଦେଇଛନ୍ତି। ବହୁ ବ୍ୟବସାୟୀ ଏବଂ ଲୋକଙ୍କ ମୁହଁରୁ ପ୍ରଥମେ ଜୀବନ ଓ ପରେ ଜୀବିକା ବୋଲି ଶୁଣିବାକୁ ମିଳୁଛି।

ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରତ୍ୟହ ଏଠାକୁ ଦେଶ ବିଦେଶର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିଥାନ୍ତି। ଶ୍ରୀମନ୍ଦିର, ବେଳାଭୂମି ସାଙ୍ଗକୁ ଏହାର ଆଖପାଖରେ ବହୁ ଦର୍ଶନୀୟ ସ୍ଥାନ ରହିଛି। ତେଣୁ ପୁରୀରେ ରହିବାକୁ ପର୍ଯ୍ୟଟକମାନେ ସାଧାରଣତଃ ପସନ୍ଦ କରିଥାନ୍ତି। ଏଥିଲାଗି ସହରରେ ପ୍ରାୟ ୧,୦୦୦ରୁ ଊର୍ଦ୍ଧ୍ୱ ହୋଟେଲ, ଲଜିଂ, ହଲିଡେ ହୋମ୍ ଆଦି ରହିଛି। କିନ୍ତୁ କରୋନା ପାଇଁ ପୁରୀକୁ ପର୍ଯ୍ୟଟକଙ୍କ ସଂଖ୍ୟା କମିଛି। ଏହାଦ୍ୱାରା ହୋଟେଲ ଶିଳ୍ପ, ଟୁର୍ ଅପରେଟର, ଟ୍ରାଭେଲ ଏଜେନ୍ସି ଏବଂ ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭର କରୁଥିବା ଛୋଟ ଛୋଟ ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଛି। ଧୀରେ ଧୀରେ ହୋଟେଲ, ଲଜିଂ ଫାଙ୍କା ହେବାରେ ଲାଗିଛି। ଦୋକାନ ବଜାର ଆଉ ଆଗଭଳି ଚଳଚଞ୍ଚଳ ଜଣାପଡୁ ନାହିଁ।

ତେବେ ଏଭଳି ସ୍ଥିତିରେ ପ୍ରଶାସନିକ ନିଷ୍ପତ୍ତିକୁ ପ୍ରାୟ ସମସ୍ତେ ସ୍ୱାଗତ କରୁଛନ୍ତି। କ୍ଷୁଦ୍ର ବ୍ୟବସାୟୀ ହୁଅନ୍ତୁ ବା ବଡ଼ ବଡ଼ ହୋଟେଲ, ଲଜ୍ ମାଲିକ ସେମାନେ ବି କରୋନାର ଭୟାବହତାକୁ ଦେଖି ଗମ୍ଭୀର ରହୁଛନ୍ତି। କଟକଣାର ଆବଶ୍ୟକତା ରହିଥିବା ସେମାନେ ସ୍ୱୀକାର କରୁଛନ୍ତି। ଏ ସମ୍ପର୍କରେ ପୁରୀ ହୋଟେଲ ସଂଘ ସମ୍ପାଦକ ତଥା ହାରୋର ଉପାଧ୍ୟକ୍ଷ ରାଜକିଶୋର ପାତ୍ର କହିଛନ୍ତି, କରୋନା ଓଡ଼ିଶାରେ ତା'ର ଉପସ୍ଥିତି ଜାହିର କରିସାରିଲାଣି। ତେଣୁ ଏହାର ପ୍ରଭାବ ଧୀରେ ଧୀରେ ହୋଟେଲ ଶିଳ୍ପ ଉପରେ ପରିଲକ୍ଷିତ ହେଉଛି। ତଥାପି ଆଗ ଜୀବନ, ପରେ ଜୀବିକା ଏଭଳି ମାନସିକତାକୁ ଆମକୁ ଆପଣାଇବାକୁ ହେବ। ପର୍ଯ୍ୟଟକ ନ ଆସିଲେ ଏହା ଉପରେ ନିର୍ଭର କରୁଥିବା ସମସ୍ତ ବ୍ୟବସାୟୀ ନିଶ୍ଚିତ ପ୍ରଭାବିତ ହେବେ। ବିଶେଷକରି ହୋଟେଲ ଶିଳ୍ପରେ ନିୟୋଜିତ କର୍ମଚାରୀମାନେ ମାଲିକମାନଙ୍କୁ ସହଯୋଗ କରିବା ଦରକାର। କାମ ନାହିଁ ତ ଦରମା ନାହିଁ ନୀତିକୁ ଆପଣାଇବା ଛଡ଼ା ଆମ ପାଖରେ କୌଣସି ବିକଳ୍ପ ନାହିଁ। ସରକାରୀ ନିର୍ଦ୍ଦେଶନାମାକୁ ଆମକୁ ମାନିବାକୁ ପଡ଼ିବ ବୋଲି ପାତ୍ର କହିଛନ୍ତି। ସେହିପରି ଟୁର୍ ଅପରେଟର ସଂଘ ସମ୍ପାଦକ ଯୁଗବ୍ରତ କର କହିଛନ୍ତି, ଏମିତି ଏକ ଘଡ଼ିସନ୍ଧି ମୁହୂର୍ତ୍ତକୁ ସମ୍ମୁଖୀନ ହେବା ନିଶ୍ଚିତ ସମସ୍ତଙ୍କ ପାଇଁ ଏକ ଚ୍ୟାଲେଞ୍ଜ। ଅନେକଙ୍କୁ ଏଥିଲାଗି କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପର୍ଯ୍ୟଟକଙ୍କ ଆଗମନ ଉପରେ ନିର୍ଭର କରି ପୁରୀରେ ଅନେକ ଲୋକ ପରିବାର ଚଳାଇଥାନ୍ତି। ହେଲେ ବର୍ତ୍ତମାନ ଆମକୁ ସଚେତନ ହେବାକୁ ପଡ଼ିବ ଏବଂ ସରକାରଙ୍କ ଦ୍ୱାରା ଜାରି ସତର୍କତା ଅବଲମ୍ବନ କରିବାକୁ ହେବ। ଜୀବିକାକୁ ଆଗକୁ ନେବାକୁ ହେଲେ ପ୍ରଥମେ ଜୀବନ ସୁରକ୍ଷିତ ରହିବା ଦରକାର ବୋଲି କର ପ୍ରକାଶ କରିଛନ୍ତି। ସୂଚନାଥାଉ କି, କରୋନା ଭୂତାଣୁର ଭୟାବହତାକୁ ଦେଖି ଜିଲା ପ୍ରଶାସନ ପକ୍ଷରୁ ଏକାଧିକ ପଦକ୍ଷେପ ଏବଂ କଟକଣା ଜାରି କରାଯାଇଛି। ଜରୁରୀ ନ ଥିଲେ ପୁରୀକୁ ନ ଆସିବାକୁ ଜିଲା ପ୍ରଶାସନ ନିବେଦନ କରିଥିବା ବେଳେ ସୋମବରଠାରୁ ଜିଲା ପ୍ରବେଶ ପଥ ପିପିଲି ଟୋଲ୍‌ଗେଟ ନିକଟରେ ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଇ ଛଡ଼ାଯାଇଛି।